# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, September 19/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 295 | ମୂଲ୍ୟ ₹୭/-






INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *As per cumulative dispatch numbers till August 2025. T&C Apply.

CALL TOLL-FREE 1800 266 0018

Authorized Dealers: Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, , Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800 Associate Dealers: Deogarh:Jindal Motors-9437056659, Brajrajnagar:Bina Motors-9861078290 Belpahar:Varsha Motors-9437058417 Bamra:Choudhury Motors-9938274720 ,Junagarh:Shree Bimala Motors-9668287479 Rajakhariar:Jagdamba Auto Combines-9937002262 Boudh:Bansal Auto-9437062948 Nuapada:Maruti Auto-9178014999 Padampur:Debesh Motors-9437253970 Barpalli:Durga Motors-9861265979 Titlagarh:Sneha Motors-9853925879 JAGDALPUR:KIRAN SALES-9827654949 Kesinga:Annapurna Automobile-7978787287, M.Rampur:Aruna Automobiles-8114331356

SAATCHI & SAATCHI

## ସଂକ୍ଷେପରେ

### ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଟିଟିଲାଗଡ଼,୧୮।୯(ସନ୍ତୋଷ ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଟିଟିଲାଗଡ ପୋଲିସ ଭାଗ ନେଇ ବୃକ୍ଷରୋପଣ କରିଛି। ଏହି ପରିପ୍ରେକ୍ଷୀରେ ଟିଟିଲାଗଡ ପୋଲିସ ପକ୍ଷରୁ ନାରେନ ଉଚ୍ଚ ବିଦ୍ୟାଳୟ, ଖୋଲାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହିଳା ଯୁକ୍ତ ଦୁଇ ବିଦ୍ୟାଳୟ ଓ ଯୁକ୍ତ ତିନି ମହିଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ନେଇ ବୃକ୍ଷରୋପଣ କରାଯାଇଛି। ଏହି ଅବସରରେ ଟିଟିଲାଗଡ ଏସଡିପିଓ ଯଶୋବନ୍ତ ପ୍ରଧାନୀ ଓ ଆଇଆଇସି କଲ୍ୟାଣୀ ବେହେରା ଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

### ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଟିଟିଲାଗଡ଼,୧୮।୯(ସନ୍ତୋଷ ପଟ୍ଟନାୟକ)

ବୁଧବାର ଦିନ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ସଂଯୋଜକ ଗୋପାଳ ସିଂହ ସୁନାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ଓ କୋଦଣ୍ଡ ଭୋଇ ୧୪ଟି ବିଦ୍ୟାଳୟକୁ ଯାଇ ଚାରାରୋପଣ କରିଥିଲେ। ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

### ମାହେଶ୍ୱରୀ ଆଇଟିଆଇରେ ବିଶ୍ୱକର୍ମା ପୂଜା

ଟିଟିଲାଗଡ଼,୧୮।୯(ଶରତ ମିଶ୍ର)

ଟିଟିଲାଗଡ଼ ବାନ୍ଧୁପଲାସ୍ଥିତ ମାହେଶ୍ୱରୀ ଆଇଟି ଆଇରେ ଚଳିତବର୍ଷ ବହୁ ଆଡ଼ମ୍ବର ସହକାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଇଂ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଦେବବ୍ରତ ଛତର ଓ ସହଧର୍ମିଣୀ ଚିନ୍ମୟୀ ଛତର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିଲେ। ରିଙ୍କୁ ଯୋଶୀ ପୂଜକ ଭାବରେ ଦାୟିତ୍ୱ ତୁଲାଇ ଥିଲେ। ଅନୁଷ୍ଠାନର ଉଭୟ ଇଲେକ୍ଟ୍ରିସିଆନ ଓ ଫିଟର ଟ୍ରେଡ଼ର ସମସ୍ତ ଛାତ୍ରୀଛାତ୍ର ପୂଜାରେ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୃଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ମାହେଶ୍ୱରୀ ଜିଏନଏମ ଅଧ୍ୟକ୍ଷ ପିଙ୍କୁ ସାହୁ, ଗୋବିନ୍ଦ ସାହୁ, ପ୍ରୀତମ ନାଗ, ଗୋବିନ୍ଦ ପଟେଲ, ଅନିଲ ବେହେରା, ସୋମ୍ୟ ରଞ୍ଜନ ସାହୁ, ଆଶାଲତା ଭୋଇ, ଗ୍ଲୋରି ଲୁହାର, ଜୟ ବାଗ, ଗଜରା ରାଣୀ ସେଠ, ଶ୍ରୀକାନ୍ତ ରାଉତ, ଅନୁପ ଭୋଇଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ରଜନୀରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଯୁବରାଜ ସାହୁଙ୍କ ପରଲୋକ

ବଲାଙ୍ଗୀର,୧୮।୯(ବୀରେନ୍ଦ୍ର କୁମାର ଝାଙ୍କର)



ଲୋୟର ସୁକ୍ତେଲ ବୁଡି ଅଞ୍ଚଳର ଗଡଶଙ୍କର-ଡୁଙ୍ଗୁରିପାଲି ନିବାସୀ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଯୁବରାଜ ସାହୁ (୮୫)ଙ୍କ ଗୁରୁବାର ପରଲୋକ ହୋଇଛି। ଗ୍ରାମୀଣ ପୋଷ୍ଟମାଷ୍ଟର ଭାବେ ସେ ଦୀର୍ଘବର୍ଷ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ବେଲପଡା ବ୍ଲକ ଅନ୍ତର୍ଗତ ବନମାଳ ଗାଁରେ କିଛି ବର୍ଷ ହେଲା ସେ ରହୁଥିଲେ। ସେଠାରେ ସକାଳେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ ,ଝିଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ କିଶୋର ଗଡତ୍ୟା ଓ ତପସ୍ୱିନୀ ଗଡତ୍ୟା ଶୋକପ୍ରକାଶ କରିଛନ୍ତି। ଅନ୍ତିମ ସଂସ୍କାର ବେଳେ ବଡପୁଅ ବିଷ୍ଣୁ ସାହୁ ମୁଖାଗ୍ନି ଦେଇଥିଲେ।

# ଜାଲ୍ ସାର୍ଟିଫିକେଟ୍ ମାମଲା, ଖୋଳତାଡ଼ କଲା କ୍ରାଇମବ୍ରାଞ୍ଚ

ବଲାଙ୍ଗୀର,୧୮।୯(ବୀରେନ୍ଦ୍ର କୁମାର ଝାଙ୍କର)

**■କେସିଙ୍ଗାରୁ ଜଣେ ଗିରଫ**

**■ତଦନ୍ତକାରୀ ଅଧିକାରୀ କହିଲେ ଜାରି ରହିବ ତଦନ୍ତ**

୨୦୨୩ରେ ଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ୍ ସ୍କାମ୍‌ର ପୁନଃ ଖୋଳତାଡ଼ କରିଛି କ୍ରାଇମବ୍ରାଞ୍ଚ ଟିମ୍। କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ କୁଣ୍ଡାବନ୍ଧ ଗାଁରୁ ଜଣେ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ମଳୟ କୁମାର ଭୋଇ (୩୭)। ଅଭିଯୁକ୍ତ ଯୁବକ ଜାଲ୍ ସାର୍ଟିଫିକେଟ୍ ହାସଲ କରି ଗ୍ରାମୀଣ ଡାକ ସେବକ ପଦବୀ ପାଇଁ ଆବେଦନ କରିଥିଲେ। କିଛି ମାସର ବ୍ୟବଧାନ ପରେ ପୁଣି ଥରେ ଜାଲ୍ ସାର୍ଟିଫିକେଟ୍ ମାମଲାର ତଦନ୍ତ ଚର୍ଚ୍ଚାରେ ରହିଛି। କ୍ରାଇମବ୍ରାଞ୍ଚର ତିନିଜଣିଆ ଟିମ୍ ବଲାଙ୍ଗୀର ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ଆଡିଶନାଲ ଏସ୍‌ପି ବିକାଶ ବେହୁରାଙ୍କ ନେତୃତ୍ୱରେ ଏହି ଟିମ୍ ବୁଧବାର ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ କାଗଜପତ୍ର ଯାଞ୍ଚ କରିଥିଲେ। ଏହାପରେ ଗୋପନୀୟ ଭାବେ ବେଲପଡା ଯାଇ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲେ। ତେବେ ସେହି ବ୍ୟକ୍ତି ଜଣକ ସେଠାରେ ନ ଥିଲେ। ସେଠାରୁ ଫେରି କ୍ରାଇମବ୍ରାଞ୍ଚ ଟିମ୍ କେସିଙ୍ଗା ନିକଟସ୍ଥ କୁଣ୍ଡାବନ୍ଧ ଗାଁରେ ଚଢ଼ାଉ କରି ମଳୟ କୁମାରଙ୍କୁ ଗିରଫ କରିଥିଲେ। ସେଠାରୁ ତାଙ୍କୁ ବଲାଙ୍ଗୀର ଟାଉନ୍ ଥାନାକୁ ଆଣି ପଚରାଉଚରା କରିଥିଲେ। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।



କ୍ରାଇମବ୍ରାଞ୍ଚ ଟିମ୍ ଗିରଫ ଅଭିଯୁକ୍ତ ମଳୟ କୁମାର ଭୋଇଙ୍କୁ କୋର୍ଟଚାଲାଣ କରୁଛନ୍ତି।

ମିଳିଥିବା ସୂଚନା ମୁତାବକ ମଳୟ କୁମାର ବଲାଙ୍ଗୀରରୁ ଏକ ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ କିଣିଥିଲେ। ଉକ୍ତ ସାର୍ଟିଫିକେଟରେ ତାଙ୍କର ୯୦ ପ୍ରତିଶତରୁ ଅଧିକ ମାର୍କ ଥିବା ଉଲ୍ଲେଖ କରାଯାଇଥିଲା। ସେହି ସାର୍ଟିଫିକେଟ୍ ବଳରେ ସେ ୨୦୨୩ରେ ବଲାଙ୍ଗୀର ଡାକ ମଣ୍ଡଳରେ ବାହାରିଥିବା ଗ୍ରାମୀଣ ଡାକସେବକ ପଦବୀ ପାଇଁ ଆବେଦନ କରିଥିଲେ। ଅଧିକ ମାର୍କ ଥିବାରୁ ସେ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ୨୦୨୩ ମାର୍ଚ୍ଚ ୨୩ ତାରିଖ ଦିନ ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକସେବକ (ଜିଡିଏସ୍) ପଦ ପାଇଁ ସାର୍ଟିଫିକେଟ ଭେରିଫିକେଶନ ବେଳେ ଜାଲ୍ ସାଟିଫିକେଟ ଧରାପଡି ଯାଇଥିଲା। ତତ୍କାଳୀନ ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ କିଛି ସାର୍ଟିଫିକେଟ ଜାଲ୍ ସନ୍ଦେହ କରି ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ଏହାପରେ ବଲାଙ୍ଗୀରର ତତ୍କାଳୀନ ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶରେ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଜାଲ୍ ସାର୍ଟିଫିକେଟର ଚେର ଦେଶର ବିଭିନ୍ନ ପ୍ରାନ୍ତକୁ ଲମ୍ବିଥିବା ଜଣାପଡ଼ିବା ପରେ ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଇତିମଧ୍ୟରେ ଏହି ଜାଲ୍ ସାର୍ଟିଫିକେଟ ମାମଲାର ତଦନ୍ତ କରି ୨୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି। ଆହୁରି କେତେଜଣ ବ୍ୟକ୍ତିଙ୍କ ନାଁରେ ମାମଲା ରହିଛି। ସେମାନଙ୍କୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଟିମ୍ ସୂଚନା ଦେଇଛନ୍ତି। ସେତେବେଳେ ୩୭ ଜଣ ଯୁବତୀ, ଯୁବକ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ପାଇଁ ଆବେଦନ କରିଥିଲେ। ଏହି ସାର୍ଟିଫିକେଟ୍ ମାମଲାର ତଦନ୍ତ ଜାରି ରହିଥିବାରୁ ଅନେକ ନୂଆ ତଥ୍ୟ ମିଳୁଛି ଏବଂ ଏହି ତଥ୍ୟକୁ ଆଧାର କରି ଅଭିଯୁକ୍ତଙ୍କୁ ଗିରଫ କରାଯିବା ଅଭିଯାନ ଜାରି ରହିଛି ବୋଲି ତଦନ୍ତକାରୀ ଟିମ୍ କହିଛନ୍ତି। ଆଗକୁ ଆଉ କିଛିଦିନ ତଦନ୍ତ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚ ସହ ଏହି ଜାଲ୍ ସାର୍ଟିଫିକେଟ ମାମଲାକୁ ସିବିଆଇ ପକ୍ଷରୁ ମଧ୍ୟ ତଦନ୍ତ କରାଯାଉଛି। ସିବିଆଇ ପକ୍ଷରୁ ତଦନ୍ତ ଆରମ୍ଭ କରାଯିବା ପରେ ଜିଡିଏସ୍ ନିଯୁକ୍ତି ପ୍ରକ୍ରିୟା ସମୟରେ କେତେଜଣ ପ୍ରାର୍ଥୀ ଚାକିରି ପାଇବା ପାଇଁ ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ଦାଖଲ କରିଥିଲେ। ଏହି ମାମଲାର ତଦନ୍ତ ପରେ ଓଡ଼ିଶାର ଭୁବନେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଏବଂ କେନ୍ଦୁଝର ଜିଲାରେ ସିବିଆଇ ସର୍ଚ୍ଚ ଅପରେଶନ୍ କରିଥିଲେ। ଏହି ମାମଲାରେ ସିବିଆଇ ମଧ୍ୟ ପୂର୍ବରୁ ୫୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି।

### ଲୋକ କଳାକାର ଦାମୋଦର ପଟ୍ଟନାୟକଙ୍କ ପରଲୋକ

ବଲାଙ୍ଗୀର,୧୮।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଧାରାଣୀପଡାର ଲୋକ କଳାକାର ଦାମୋଦର ପଟ୍ଟନାୟକ (୮୦)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଛି। ରାଧାରାଣୀ ସଂକୀର୍ତ୍ତନ



ମଣ୍ଡଳୀର ମୃଦଙ୍ଗ ବାଦକ ଓ ଜଣାଶୁଣା ଗାୟକ ଭାବେ ସେ ରାଜ୍ୟରେ ପରିଚିତ ଥିଲେ। ବସନ୍ତ ବିଳାସ ସାହିତ୍ୟ ସମିତି ଗଠନରେ ତାଙ୍କର ଭୂମିକା ଥିଲା। ଜଣେ ଧର୍ମପ୍ରାଣ, ମେଳାପି ବ୍ୟକ୍ତି ଭାବେ ସେ ଜଣାଶୁଣା ଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ସେ ପ୍ରାୟ ଏକ ମାସ ହେବ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ବାଳକୃଷ୍ଣ, ସାନପୁଅ ରାମକୃଷ୍ଣ ଓ ତିନି ଝିଅ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ ପୁଅ ବାଳକୃଷ୍ଣ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ବସନ୍ତ ବିଳାସ ସାହିତ୍ୟ ସମିତି, ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି, କରଣ ସମାଜ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ବ୍ଲକସ୍ତରୀୟ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅଧିକାରୀ।

ଲୋଇସିଂହା,୧୮।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଅନ୍ତର୍ଗତ ବୁର୍ଡା ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ବ୍ଲକସ୍ତରୀୟ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜ୍ୟୋତିପ୍ରକାଶ ସାହୁଙ୍କ ସଂଯୋଜନା ଓ ବିଡିଓ ଅକ୍ଷୟପାଣି ଉଦ୍ଧୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା, ଏବିଡିଓ କିଶୋର ମାନସିଂ, ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ, ଲୋଇସିଂହା କଲେଜ ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏହାଛଡା ବିଭିନ୍ନ ଗ୍ରାମର ସ୍କୁଲ, କଲେଜ ଛାତ୍ରୀଛାତ୍ର ,ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଏମବିକେ, ସିଆରପି , ସ୍ୱୟଂସହାୟିକା ଗୋଷ୍ଠୀ , ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଜନତା ସାମିଲ ହୋଇଥିବା ବେଳେ ଖେଳପଡିଆ ବାଉଣ୍ଡରୀ ଚତୁଃପାର୍ଶ୍ୱରେ ୫ ଶହ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ବୁର୍ଡା ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ଗଛ ଉପହାର ଦେବା ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।

### ସର୍ବନିମ୍ନ ଦରମା, ସାମାଜିକ ସୁରକ୍ଷା ଦାବି କଲେ କୃଷକସାଥୀ

ଲୋଇସିଂହା,୧୮।୯(ସୁଶାନ୍ତ ବାରିକ)

ରାଜ୍ୟର ୧୩ ହଜାର ୬ଶହ କୃଷକ ସାଥୀ ଗ୍ରାମ ପଞ୍ଚାୟତଗୁଡିକରେ କାମ କରୁଛନ୍ତି। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବିବିଧ କାର୍ଯ୍ୟକ୍ରମରେ ସାମିଲ ହୋଇ କୃଷି ଓ କୃଷକଙ୍କ ପାଇଁ ବର୍ଷ ତମାମ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ମିଳୁଥିବା ମାସିକ ପ୍ରୋତ୍ସାହନ ରାଶିକୁ ନେଇ ସେମାନେ ସନ୍ତୁଷ୍ଟ ନୁହନ୍ତି । ମାସିକ ସର୍ବନିମ୍ନ ଦରମା ସାଙ୍ଗକୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ବୁଧବାର ବଲାଙ୍ଗୀର ଗସ୍ତରେ ଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ବଲାଙ୍ଗୀର ଜିଲା କୃଷକ ସାଥୀ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଛି। ୨୦୦୬-୦୭ ଆର୍ଥିକ ବର୍ଷରେ ୬ହଜାର ୮୦୦ ଓ ୨୦୧୩-୧୪ ଆର୍ଥିକ ବର୍ଷରେ ୬ ହଜାର ୮୦୦ ଏପରି ୨ଟି ପର୍ଯ୍ୟାୟରେ ରାଜ୍ୟରେ ମୋଟ ୧୩ ହଜାର ୬ ଶହ କୃଷକ ସାଥୀ ନିଯୁକ୍ତି ହୋଇଛନ୍ତି। ସେମାନେ ବ୍ଲକ କୃଷି ବିଭାଗ ସହିତ ଜଡିତ ରହି ପଞ୍ଚାୟତ ସ୍ତରରେ କୃଷି ବିଭାଗର ସମସ୍ତ କାର୍ଯ୍ୟକୁ ସମ୍ପାଦନ କରୁଛନ୍ତି। ମାସକୁ ମାତ୍ର ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ତାହା ପ୍ରତିମାସରେ ଦିଆ ନ ଯାଇ ୩ ମାସରେ ଥରେ ଦିଆଯାଉଛି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସଂଘ ପକ୍ଷରୁ ଦର୍ଶାଯାଇଛି।

# ପେଣ୍ଡାଲ ଚଢ଼ିବା ପରେ ଅସୁସ୍ଥ ହୋଇ ପଡ଼ିଲେ

ଦେଓଗାଁ,୧୮।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ରାମଲୀଳା ପରିବେଷଣ ସମୟରେ ଅଭାବନୀୟ ଘଟଣା**

**■୧୦ ମହିଳା କଳାକାର ଭୀମ ଭୋଇ ମେଡିକାଲରେ ଭର୍ତ୍ତି**

**■ଅଧାରୁ ରାମଲୀଳା ବନ୍ଦ**

**■ଗୁଣିଗାରେଡ଼ି ସନ୍ଦେହ**

ସୁବର୍ଣ୍ଣପୁର ଜିଲାର ତରଭା ଥାନା ଅଞ୍ଚଳରେ ରାମଲୀଳା ନାଟକ ପରିବେଷଣ କରିବାକୁ ଯାଇଥିବା ଦେଓଗାଁର ୧୦ ଜଣ ମହିଳା କଳାକାର ହଠାତ୍ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁଣିଗାରେଡ଼ି ପ୍ରଭାବରେ ଏପରି ଅଭାବନୀୟ ଘଟଣା ଘଟି ଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଗାଁ ତଳିପଡ଼ାର ୧୦ ଜଣ ଯୁବତୀ ରାମଲୀଳା ନାଟକ ପରିବେଷଣ ପାଇଁ ତରଭା ଥାନା ଅନ୍ତର୍ଗତ ଖଇରଭାଡି ଗାଁକୁ ଯାଇଥିଲେ । ଉପରଝର ଗାଁର ଜଗନ୍ନାଥ ମହିଳା କଳା ପରିଷଦ ପକ୍ଷରୁ ଏହି କଳାକାରମାନେ ଯାଇଥିଲେ । କିନ୍ତୁ ସେଠାରେ ବୁଧବାର ରାତି ପ୍ରାୟ ୨ଟାରେ ରାମଲୀଳା ନାଟକ ପରିବେଷଣ ସମୟରେ ଅଭିନୟ କରିବାକୁ ପେଣ୍ଡାଲ ଉପରେ ଚଢିବା ପରେ ଏହି କଳାକାରମାନେ କୌଣସି କାରଣରୁ ଅସୁସ୍ଥ ହୋଇପଡିଥିଲେ । ଏହି କଳାକାରମାନଙ୍କ ସହିତ ସେଠାକୁ ଯାଇଥିବା ଉପରଝର ଗାଁର ଗଙ୍ଗା ପଧାନଙ୍କ କହିବା ଅନୁଯାୟୀ, ଯୁବତୀ ଓ ମହିଳା କଳାକାରମାନେ ବିଭିନ୍ନ ଭୂମିକାରେ ସୁସଜ୍ଜିତ ହୋଇ ନାଟ ପେଣ୍ଡାଲକୁ ଯିବାର କିଛି ସମୟ ପରେ ଜଣକ ପରେ ଜଣେ ଅସୁସ୍ଥ ହୋଇ ପଡିଥିଲେ। ପ୍ରଥମେ ୫ଜଣ କଳାକାର ଅସୁସ୍ଥ ହୋଇ ପଡିଥିଲେ । ସେମାନଙ୍କୁ ନିକଟସ୍ଥ ଚାରଭଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଙ୍ଗେ ସଙ୍ଗେ ନିଆଯାଇ ଚିକିତ୍ସା କରାଯାଇଥିବା ବେଳେ ଅନ୍ୟ ୫ଜଣ ମଧ୍ୟ ଅସୁସ୍ଥ ହୋଇପଡିଥିଲେ। ପରେ ରାମଲୀଳା ନାଟକକୁ ଅଧାରୁ ବନ୍ଦ କରି ଦେଇ ସମସ୍ତ କଳାକାରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ଖବର ଲେଖାହେବା ବେଳକୁ ୫ଜଣ ଯୁବତୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ବେଳେ ଅନ୍ୟ ୫ଜଣ ସାମାନ୍ୟ ସୁସ୍ଥ ଅନୁଭବ କରୁଥିବା ପରିବାର ଲୋକଙ୍କ ଠାରୁ ଜଣାଯାଇଛି । ଘଟଣା ସମ୍ପର୍କରେ ଖବରପାଇ ଦେଓଗାଁ ପୋଲିସ ଉପରଝର ଗାଁକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କଣ୍ଟାବାଞ୍ଜି,୧୮।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ତୁରେକେଲା ବ୍ଲକ ଶିକ୍ଷାଧିକାରୀ ଗୌତମ ପଟେଲଙ୍କୁ ଦିଆଯାଇଥିବା ଏହି ଦାବିପତ୍ରରେ ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କ ୬ବର୍ଷର କାର୍ଯ୍ୟକାଳକୁ ୬ଟି ଇନକ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରିବା, ସମସ୍ତ ଲେବୁଲ-ଭି(ଏ) ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ୩୫,୪୦୦ ଟଙ୍କା ଦରମା ପ୍ରଦାନ, ଶିକ୍ଷକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ କରିବା, ପୁରୁଣା ପେନ୍‌ସନ ନୀତିକୁ ପୁନଃ ପ୍ରଚଳନ ଆଦି ଦାବି ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ବ୍ରଜମୋହନ ମିଶ୍ର ଓ ସମ୍ପାଦକ ଅମରେନ୍ଦ୍ର ବାଗଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ ।

# ସାର କଳାବଜାର ପ୍ରତିବାଦରେ ବିଜେଡିର କୃଷି ଭବନ ଘେରାଉ

ବଲାଙ୍ଗୀର,୧୮।୯(ବୀରେନ୍ଦ୍ର କୁମାର ଝାଙ୍କର)

ଜିଲାରେ ସାର କଳାବଜାର ପ୍ରସଙ୍ଗକୁ ନେଇ ଗୁରୁବାର ବିଜେଡି ପକ୍ଷରୁ ସ୍ଥାନୀୟ କୃଷି ଭବନ ଘେରାଉ କରାଯାଇଥିଲା। କୃଷି ଭବନ ସମ୍ମୁଖରେ ପ୍ରଥମେ ବିଜେଡି ନେତା ଓ କର୍ମୀମାନେ ଚାଷୀଙ୍କ ଗହଣରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରିଥିଲେ। ସଦର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ଗୋଲାପ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା ମହିଳା ବିଜେଡି ସଭାନେତ୍ରୀ ଦମୟନ୍ତୀ ବାଘ, ନଗର ସଭାପତି ଶମ୍ଭୁ ନାଗ, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ର, କୈଳାଶ ମହାନ୍ତି, ବିଧୁଭୂଷଣ ତ୍ରିପାଠୀଙ୍କ ସମେତ ଚାଷୀମାନେ ଯୋଗଦେଇ ଭାଜପା ସରକାରକୁ ତୀବ୍ର ସମାଲୋଚନା କରିଥିଲେ। କଳାବଜାରୀଙ୍କ ସହ ମିଶି ସାର କଳାବଜାର କରି ଚାଷୀକୁ ଶୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଠିକଣା ସମୟରେ ସାର ନ ପାଇବାରୁ ଚାଷୀ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଚଢ଼ା ଦରରେ ସାର କିଣି ହନ୍ତସନ୍ତ ହେଉଛନ୍ତି ବୋଲି କହିଥିଲେ। ବୁଧବାର କୃଷି ଭବନ ଉଦ୍‌ଘାଟନକୁ କଡା ଭାଷାରେ ସମାଲୋଚନା କରିଥିଲେ। ପୁରୁଣା କୋଠାରେ ରଙ୍ଗ ମାରି କୃଷି ଭବନ ନାଁରେ ଉଦ୍‌ଘାଟନ କରାଯାଉଛି ବୋଲି ସମାଲୋଚନା କରିଥିଲେ। ଉଦ୍‌ଘାଟନୀ ଫଳକରେ କେଉଁ କାରଣରୁ ସ୍ଥାନୀୟ ବିଧାୟକ କଲିକେଶ ନାରାୟଣ ସିଂଦେଓଙ୍କ ନାଁ ଲେଖାଯାଇ ନାହିଁ ବୋଲି ପ୍ରଶ୍ନ କରିଥିଲେ। ସଭା ପରେ ଦାବିପତ୍ର ଦେବାକୁ କୃଷି ଭବନ ଭିତରକୁ ଧସେଇ ପଶିଥିଲେ। ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ବିଜେଡି ନେତା, କର୍ମୀମାନେ ଠେଲାପେଲା କରି କୃଷି ଭବନ ପରିସରକୁ ପଶିଥିଲେ। ସେଠାରେ ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଉଦ୍‌ଘାଟିତ କୃଷି ଭବନ ଫଳକରେ ଜିଲା ପରିଷଦ ସଭାପତି ଦେବକୀ ସାହୁ ବାର୍ଣ୍ଣିସ ରଙ୍ଗ ମାରି ଉପମୁଖ୍ୟମନ୍ତ୍ରୀ ଓ ଲୋକସଭା ଏମ୍‌ପିଙ୍କ ନାମକୁ ଲିଭାଇ ଦେଇଥିଲେ। ସେଠାରେ ମଧ୍ୟ ଠେଲାପେଲା ହୋଇଥିଲା। ଫଳକ ନିକଟସ୍ଥ ଷ୍ଟାଣ୍ଡକୁ ମଧ୍ୟ ବିକ୍ଷୋଭକାରୀମାନେ ଭାଙ୍ଗି ଦେଇଥିଲେ। ଅଫିସ ଭିତରକୁ ପଶି ସିଡିଏଓ ଧୀରେନ୍ ସିଂ ବରିହାଙ୍କୁ ସାର କଳା ବଜାର ଓ ଉଦ୍‌ଘାଟନୀ ଫଳକରେ ସ୍ଥାନୀୟ ବିଧାୟକଙ୍କ ନାଁ କାହିଁକି ଲେଖାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଆଗକୁ ଏଭଳି ହେଲେ ଏହାର କଡା ଜବାବ ଦିଆଯିବ ବୋଲି ଧମକ ଦେଇ ଦାବିପତ୍ର ଦେଇଥିଲେ। ଏହାପୂର୍ବରୁ ସିଡିଏଓ ବରିହା ଗଣମାଧ୍ୟମକୁ ସୂଚନା ଦେଇ ଜିଲାରେ ଆଦୌ ସାର ଅଭାବ ନାହିଁ। ଲୋକେ ୟୁରିଆ ସାର ବଦଳରେ ନାନୋ ୟୁରିଆ ବ୍ୟବହାର କରନ୍ତୁ ବୋଲି କହିଥିଲେ।



ବିଜେଡି କର୍ମୀ ଓ ନେତାମାନେ ସିଡିଏଓ ଧୀରେନ୍ ସିଂ ବରିହାଙ୍କୁ ଦାବିପତ୍ର ଦେଉଛନ୍ତି।

**■ପୋଲିସ ସହ ଧସ୍ତାଧସ୍ତି, କୃଷି ଭବନ ଫଳକରେ ବାର୍ଣ୍ଣିସ ବୋଳିଲେ, ଷ୍ଟାଣ୍ଡ ଭାଙ୍ଗିଲେ**

**■ଫଳକରେ ବିଧାୟକଙ୍କ ନାଁ ନ ଥିବାରୁ ସିଡିଏଓଙ୍କୁ ତାଗିଦ୍ କଲେ**

# ପଶ୍ଚିମ ଓଡ଼ିଶା

## ସଂକ୍ଷେପରେ

### ତମାଖୁ, ଗୁଟ୍‌ଖା ଜବତ

ବାଉଁଶୁଣୀ,୧୮।୯(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବାଉଁଶୁଣୀ ନିକଟରେ ଗୁରୁବାର ମଧାହ୍ନ ସାଢେ ୧୨ଟାରେ ପୋଲିସ ପକ୍ଷରୁ ଦୁଇଟି ଦୋକାନରେ ଚଢାଉ କରି ବହୁ ପରିମାଣର ତମାଖୁ ଓ ଗୁଟଖା ଜବତ କରାଯାଇଛି। ଡିମିରିପାଲି ବିଦ୍ୟାଳୟ ନିକଟ ଅଞ୍ଚଳର ଉକ୍ତ ଦୋକାନରେ ତମାଖୁ ଓ ଗୁଟଖା ସାମଗ୍ରୀ ବିକ୍ରି ହେଉଥିବା ସୂଚନା ପାଇ ଏହି ଚଢାଉ କରାଯାଇଥିଲା। ଏ ନେଇ ମାମଲା ରୁଜୁ କରାଯାଇଥିବା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଶଙ୍କରାରେ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ

ବିନିକା,୧୮।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମ ପଞ୍ଚାୟତରେ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଶୋକ ପୃଷ୍ଟିଙ୍କ ତତ୍ତ୍ୱାଧାନରେ ୫୦୦ଚାରା ରୋପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିନିକା ତହସିଲଦାର ରସନା ଭୋଇ, ରାଜସ୍ୱ ନିରୀକ୍ଷକ ବୁଲୁ ମେହେର, ପିଇଓ ବବିତା ଭୋଇ, ଡା.ସନ୍ତୋଷ ବିଭାର, ଡାକ୍ତର ଗୀତାଞ୍ଜଳି ମିଶ୍ର, ବ୍ରଜବିହାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବାଶିଷ ମହାରଣା, ବରିଷ୍ଠ ନେତା ବାସୁ ମେଲି, ଯଦୁ କର୍ଣ୍ଣ, ଦମ୍ୱୋଦର ପଧାନଙ୍କ ସମେତ ସିଆରପି, ଏମ୍‌ବିକେ ଓ ଶତାଧିକ ଭାଜପା କର୍ମୀ ସାମିଲ ଥିଲେ।

### ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ

ଅମରପାଲି,୧୮।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲିରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ସୁସ୍ଥ ନାରୀ ସଶକ୍ତ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସସ୍ମିତା ଦୀପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଗିରିଧାରୀ ସାହୁ, ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସରସ୍ୱତୀ ନାଗ, ଶିବପ୍ରିୟା ମିଶ୍ର, ସିଏଚ୍‌ଓ ଅଞ୍ଜଳି ବାଘ, ଏମବିକେ ଗୀତାଞ୍ଜଳି ଜେନା, ସମାଜ ସେବୀ ପ୍ରଦୀପ ଦୀପ, ସ୍ଥାନୀୟ ପଞ୍ଚାୟତ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସମସ୍ତ ସିଆରପି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

### ଗାଡ଼ି ଚାଳକ ସଂଘ ବିଶ୍ୱକର୍ମା ପୂଜା, ସୁନ୍ଦରକାଣ୍ଡ ପାରାୟଣ



ସୁନ୍ଦରକାଣ୍ଡ ପାରାୟଣରେ ସମବେତ ଶ୍ରଦ୍ଧାଳୁମାନେ।

ବୀରମହାରାଜପୁର,୧୮।୯(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗାଡ଼ି ଚାଳକ ସଂଘ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅବସରରେ ଗୁରୁବାର ଅନୁଷ୍ଠାନ ତରଫରୁ ରାମାୟଣର ସୁନ୍ଦର କାଣ୍ଡ ପାରାୟଣ ଦୋଳ ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ବର୍ଷାରାଣୀ ତ୍ରିପାଠୀ ପୁରାଣ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସାମିଲ ହୋଇଥିଲେ। ପାରାୟଣ ମଧ୍ୟରେ ହନୁମାନଙ୍କ ମାତା ସୀତାଙ୍କୁ ଠାବ ଓ କଥୋପକଥନ ହୃଦୟସ୍ପର୍ଶ ଥିଲା। ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜାରେ ପଣ୍ଡିତ ସୁଶାନ୍ତ କୁମାର ପୁରୋହିତ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ କୃଷ୍ଣଚନ୍ଦ୍ର ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ପଣ୍ଡା, କୋଷାଧ୍ୟକ୍ଷ ଗଙ୍ଗାଧର ସାହୁଙ୍କ ସମେତ ସମସ୍ତ ଡ୍ରାଇଭର ଉପସ୍ଥିତ ଥିଲେ।

# ଆଜି ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ

## ରାଜସ୍ୱ ଉପଖଣ୍ଡ, ଏନ୍‌ଏସି ଗଠନ ଓ ସବ୍‌ଜେଲ ସ୍ଥାପନ ଦାବି

ଘଣ୍ଟାପଡ଼ା,୧୮।୯(ପ୍ରଭାତ କୁମାର ସାହୁ)



ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ବୌଦ୍ଧ ଜିଲା କଣ୍ଟାମାଳକୁ ସବ୍‌ଡିଭିଜନ, ଏନ୍‌ଏସି ମାନ୍ୟତା ସହ ଏକ ସବ୍‌ଜେଲ ପ୍ରତିଷ୍ଠା ଦାବିରେ କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ ଡାକରା ଦିଆଯାଇଛି। ଉକ୍ତ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ ବୋଲି କଣ୍ଟାମାଳ ଓକିଲ ସଂଘ ସଭାପତି ଦୃତିଆ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ କଣ୍ଟାମାଳ ବାର ଆସୋସିଏସନଠାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଓକିଲ ସଂଘ, ବଣିକ ସଂଘ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମେତ ଅଞ୍ଚଳର ସଚେତନ ନାଗରିକ ଏବଂ ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗ ଦେଇଥିଲେ। ବୌଦ୍ଧ ଜିଲାର ସର୍ବାଧିକ ପଞ୍ଚାୟତ ଓ ଲୋକସଂଖ୍ୟା ଥିବା କଣ୍ଟାମାଳକୁ ସବ୍‌ଡିଭିଜନ ଓ ଏନ୍‌ଏସି ମାନ୍ୟତା ସହ ଏକ ସବ୍‌ଜେଲ ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ସମସ୍ତ ପାରିପାର୍ଶ୍ୱିକ ଦୃଷ୍ଟିରୁ ସବ୍‌ଡିଭିଜନ, ନୂତନ ଏନ୍‌ଏସି ଓ ସବ୍‌ଜେଲ ପାଇଁ ଜିଲାର କଣ୍ଟାମାଳ ହିଁ ଏକମାତ୍ର ଦାବିଦାର ରହିଆସିଛି। ନୂତନ ଏନ୍‌ଏସି ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି କଣ୍ଟାମାଳ ଓକିଲ ସଂଘ ଓ ଜନସାଧାରଣ ବିଭିନ୍ନ ସମୟରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ରଖି ଆସିଛନ୍ତି। ରାଜ୍ୟରେ ନୂଆ ଏନ୍‌ଏସି ପାଇଁ ଗତ ଅଗଷ୍ଟ ୩୧ତାରିଖରେ ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଥିଲା। ଏଥିରେ ୧୦ ଜିଲାରେ ୧୬ ଏନ୍‌ଏସି ଓ ୩ ଜିଲାରେ ୭ଟି ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ହେଲେ ଏହି ବିଜ୍ଞପ୍ତିରେ କଣ୍ଟାମାଳର ନାମ ନ ଥିଲା। ଏହାକୁ ନେଇ କଣ୍ଟାମାଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେପ୍ଟେମ୍ବର ୪ତାରିଖରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ସମ୍ପର୍କରେ ସରକାରଙ୍କ ଟାଳଟୁଳ ନୀତି ଯୋଗୁ କଣ୍ଟାମାଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ କଣ୍ଟାମାଳ ବନ୍ଦ ଡାକରା ଦିଆଯାଇଛି ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ସେବା ସପ୍ତାହରେ ରକ୍ତଦାନ ଶିବିର

ବୀରମହାରାଜପୁର,୧୮।୯(ଯୁଗଳ କିଶୋର ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ବୁଧବାରଠାରୁ ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ କରାଯାଉଛି। ଏହିକ୍ରମରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସେବା ସପ୍ତାହ ପାଳନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏହା ସହ ବ୍ୟାପକ ରକ୍ତଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶିବିରରେ ୬୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସୁବର୍ଣ୍ଣପୁର ରକ୍ତ ଭଣ୍ଡାର ଡାକ୍ତର ପ୍ରକାଶ କୁମାର ମହାପାତ୍ର, ରକ୍ତଭଣ୍ଡାର କର୍ମଚାରୀ ଜଗତର ଦରୁଆନ, ଟିଟୁ ଭୋଇ, ଯୁଧିଷ୍ଠିର ନାଏକ, ସୁଶାନ୍ତ ନାଏକ ରକ୍ତ ସଂଗ୍ରହ କରିଥିଲେ। ପରେ କଲ୍ୟାଣ ମଣ୍ଡପ ପରିସରରେ ଏକ ପେଡ ମା' କେ ନାମ ଅଭିଯାନରେ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବେଣୁଧର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଉଷା କୁମାରୀ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ରାଧାକାନ୍ତ ମହାକୁଡ଼, ବରିଷ୍ଠ ଭାଜପା ନେତା ବିଶ୍ୱମ୍ଭର ମିଶ୍ର, ପୂର୍ବତନ ଭାଜପା ଜିଲା ସଭାପତି ବିଜୟ ମହାକୁଡ଼, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ମଣ୍ଡଳ ସଭାପତି ସୁମନ୍ତ ଜଗଦଲା, ଅଶୋକ ସାହୁ, ମୁକୁରୁ ବାଗ, ଶରତ ମିଶ୍ର, ବିପିନ ପଣ୍ଡା, ରମେଶ ପଣ୍ଡା,ବଳରାମ ସୁନା, ଜିତେନ୍ଦ୍ରିୟ ଦାସ, ଯୁବମୋର୍ଚ୍ଚାର ରୋହିତ ହୋତା, ବିପିନ ଭୋଇ, ଅନନ୍ତ ନାରାୟଣ ପୁରୋହିତ, ବିଶ୍ୱନାଥ ଥନାପତି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।



ରକ୍ତଦାନ ଶିବିରେ ଅତିଥିଗଣ।

# ଅମରପାଲି ହାଇସ୍କୁଲରେ ବିଜ୍ଞାନ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ବିଦ୍ୟାର୍ଥୀମାନେ।

ଅମରପାଲି,୧୮।୯(ପୀତାମ୍ବର ସାହୁ)

**ରୋଶନ ଧଳ ବ୍ଲକସ୍ତରୀୟ ସେମିନାରକୁ ଚୟନ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଗୁରୁବାର ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ସମ୍ବିତ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଶ୍ୟାମ ସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ବିଜ୍ଞାନ ଆଲୋଚନାଚକ୍ରର ବିଷୟ ଶୀର୍ଷକ କ୍ୱାଣ୍ଟମ ଯୁଗ ଆରମ୍ଭ, ସମ୍ଭାବନା ଓ ଆହ୍ୱାନ' ହୋଇଥିବା ବେଳେ ଏଥିରେ ସ୍କୁଲର ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ଶିକ୍ଷକ ପଦ୍ମନାଭ ପ୍ରଧାନ ଓ ସମ୍ବିତ ପ୍ରଧାନ ବିଚାରକଭାବେ ପ୍ରତିଯୋଗୀଙ୍କୁ ମୂଲ୍ୟାଙ୍କନ କରିଥିଲେ। ଏଥିରେ ରୋଶନ ଧଳ ପ୍ରଥମ, ସମ୍ବିତ ପ୍ରଧାନ ଦ୍ୱିତୀୟ ଓ ଚନ୍ଦନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହା ସହିତ ଆସନ୍ତା ୨୦ ତାରିଖରେ ପିତାମହୁଲ ହାଇସ୍କୁଲରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିବା ପାଇଁ ଏମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ରୋଶନ ଧଳଙ୍କୁ ଚୟନ କରାଯାଇଛି।

# ବୌଦ୍ଧରୁ ଗଲେ ୫୫ ତୀର୍ଥଯାତ୍ରୀ

ବୌଦ୍ଧ,୧୮।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରୁ ଗୁରୁବାର ୫୫ ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା, ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଦୁଇଟି ବସ୍ ଯୋଗେ ବ୍ରହ୍ମପୁର ଯାଇ ସେଠାରୁ ଟ୍ରେନ ଯୋଗେ ଗନ୍ତବ୍ୟସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୧୯ ଜଣ ମହିଳା ଓ ୩୬ ଜଣ ପୁରୁଷ ରହିଛନ୍ତି। ଜିଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ ଅଧ୍ୟ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ମୁଖ୍ୟ କୃଷି ଅଧିକାରୀ ପି. ଭେଙ୍କଟ ରମଣ ରାଓ, ଜିଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଜିଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀଙ୍କ ସାଙ୍ଗରେ ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର, ଜିଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ଏବଂ ସେକ୍ସନ ଅଫିସର ମାନସ କୁମାର ସେଠୀ ଯାଇଛନ୍ତି। ଆସନ୍ତା ୨୪ ତାରିଖରେ ତୀର୍ଥଯାତ୍ରୀମାନେ ବୌଦ୍ଧ ଫେରିବା କାର୍ଯ୍ୟକ୍ରମ ରହିଛି।

# ଭାରତ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ

ସୋନପୁର,୧୮।୯(ମୃତ୍ୟୁଞ୍ଜୟ ଶତପଥୀ)

ଭାରତ ବିକାଶ ପରିଷଦ ସୋନପୁର ଶାଖା ତରଫରୁ ଏକକାଳୀନ ତିନୋଟି ଅନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦ ଶାଖା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମେ ସୋନପୁର ବ୍ଲକ ଲଛିପୁର ଗ୍ରାମ ପଞ୍ଚାୟତର ଉଚ୍ଚତର ବିଦ୍ୟାଳୟଠାରେ ସାମୂହିକ ଚାରାରୋପଣ କରାଯାଇଥିଲା। ପରିଷଦର ପର୍ଯ୍ୟାବରଣ ପ୍ରମୁଖ ସୁଶୀଲ କୁମାର ପରଧିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜ୍ୟୋର୍ତିମୟୀ ମିଶ୍ର ଓ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ପ୍ରସହଯୋଗ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ଷଡଙ୍ଗୀ ଓ ଅର୍ଥନୀତି ବିଭାଗ ଅଧାପକ ରମାକାନ୍ତ କର ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ ଉଲୁଣ୍ଡା ବ୍ଲକ ଧର୍ମଶାଳା ମହାବିଦ୍ୟାଳୟରେ ପରିଷଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନନ୍ଦା ସାହୁ, ପଦ୍ମଲୋଚନ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ଡ଼ ସୌରଭ ରଞ୍ଜନ ଖମାରୀ ଓ ଡ଼ ରାଜେନ୍ଦ୍ର କୁମାର ରଣା ସହଯୋଗ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୌମିତ୍ରୀ ପଧାନ, ଅଧାପିକା ଅଧାପକ ତଥା ସମସ୍ତ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ। ସେହିପରି ସୋନପୁର ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ପରିଷଦର ସଦସ୍ୟ ଶିବପ୍ରସାଦ ପାତ୍ର, ହରିଶଙ୍କର ମିଶ୍ର, କ୍ଷୀରୋଦ କୁମାର ମେହେର, ଡ଼ ପ୍ରତିମା ରଥ, କବିତା ପଧାନ, ଡ଼ କଳ୍ପନା ମିଶ୍ର, ଗୀତାଞ୍ଜଳି ମିଶ୍ର ଉପସ୍ଥିତ ଥିଲେ । ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ର ସମସ୍ତ ଗୁରୁମା ଗୁରୁଜି ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ପରିଷଦ କର୍ମକର୍ତ୍ତା ଚାରାରୋପଣ କରୁଛନ୍ତି।

# ଚେରୁପାଲି ଗ୍ରୀଡ୍ ସବ୍ ଷ୍ଟେଶନରେ ବିଶ୍ୱକର୍ମା ପୂଜା

ଡୁଙ୍ଗୁରିପାଲି,୧୮।୯(ଦୀନବନ୍ଧୁ ସୁନା)



ଗ୍ରୀଡ୍ ସବ୍‌ଷ୍ଟେଶନ ପୂଜାରେ ସାମିଲ ହୋଇଥିବା ଅଧିକାରୀ ଓ କର୍ମଚାରୀ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଚେରୁପାଲି ଗ୍ରୀଡସବ୍‌ଷ୍ଟେଶନରେ ବିଶ୍ୱକର୍ମା ପୂଜା ସେକ୍ସନ ଅଧିକାରୀ ଯନ୍ତ୍ରୀ ସଙ୍କେତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। କର୍ତ୍ତାଭାବେ ଅନିବେଶ ସରାଫ ଓ ତାଙ୍କ ସ୍ତ୍ରୀ ରୋବିନା ସରାଫ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜାପରେ ସାମୂହିକ ଭାବେ ଯାନଗୁଡିକୁ ଏବଂ ଗ୍ରୀଡ ବ୍ୟବହାର ହେଉଥିବା ଟାସଫର୍ମରକୁ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ବିସର୍ଜନ ଭସାଣି ଉତ୍ସବ ହେବ ବୋଲି ଯନ୍ତ୍ରୀ ଦାସ କହିଛନ୍ତି। ସେହିପରି ଡୁଙ୍ଗୁରିପାଲି ଫଟାମୁଣ୍ଡା ଛକସ୍ଥିତ ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯନ୍ତ୍ରୀ ହିମାଦ୍ରୀ ପଧାନଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ଡୁଙ୍ଗୁରିପାଲିସ୍ଥିତ ଏସ୍‌ସିଏସଟି ଷ୍ଟଲ ପରିସରରେ ସୁରେନ୍ଦ୍ର ହରିପାଲଙ୍କ ନେତୃତ୍ୱରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି।

# ଜିଲାସ୍ତରୀୟ କ୍ରୀଡ଼ାରେ ଛାତ୍ରୀଛାତ୍ରଙ୍କ ସଫଳତା

ବଘିଆପଡା,୧୮।୯(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମେଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ର ଦିବ୍ୟସେନ ଝାଙ୍କର ଓ ଛାତ୍ରୀ ଅଷ୍ଟମୀ କହଁର, ସନ୍ତୋଷିନୀ ମଲିକ, ଶିବାନୀ ଭୋକ୍ତା, ପ୍ରାଞ୍ଜଳି ଘଣ୍ଟାଲ, ସୁବାସିନୀ ମଲିକ ସଫଳତା ହାସଲ କରିଛନ୍ତି। ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ବାଉଁଶୁଣୀ,୧୮।୯(ଦେବାଶିଷ ନେପାକ)

କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅଧୀନ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅନ୍ତର୍ଯାମୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ସରପଞ୍ଚ ଅଇଁଠୁ ମହାଲିକ, ମାଁ ମାହେଶ୍ୱରୀ ଜୁନିଅର କଲେଜ ଅଧାପକ ମାନଭଞ୍ଜନ ତ୍ରିପାଠୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀମାନେ ଉପସ୍ଥିତ ଥିଲେ।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ତହସିଲଦାରଙ୍କୁ ମହିଳାଙ୍କ ଦାବିପତ୍ର

**ହାତିଲିମୁଣ୍ଡା ଅଞ୍ଚଳରେ ବେଧଡକ ଗଛକଟା ଅଭିଯୋଗ**

ଅମରପାଲି,୧୮।୯(ପୀତାମ୍ବର ସାହୁ)



ମହିଳାମାନେ ଦାବିପତ୍ର ଦେବାକୁ ତହସିଲ କାର୍ଯ୍ୟାଳୟ ଆସିଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମଠାରୁ ହାତିଲିମୁଣ୍ଡା ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱ ଓ ସଂରକ୍ଷିତ ଜଙ୍ଗଲରେ କିଛି ବର୍ଷ ଆଗରୁ ଜଙ୍ଗଲ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଥିଲା। ବୃକ୍ଷଗୁଡ଼ିକ ବଡ ହେବାପରେ ଏବେ ଏହା ଉପରେ କାଠଚୋରଙ୍କ ନଜର ପଡ଼ିଥିବା ଅଭିଯୋଗ ହୋଇଛି। ଗୁରୁବାର ବୀରମହାରାଜପୁର ତହସିଲ ଅନ୍ତର୍ଗତ ହାତିଲିମୁଣ୍ଡା ଗ୍ରାମରୁ ଶତାଧିକ ସଂଖ୍ୟାରେ ମହିଳା ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଆସି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଅଭିଯୋଗମତେ କେତେକ ବ୍ୟକ୍ତି ଶାଳ, ପିଆଶାଳ, ଶିଶୁ, ସାବୁନ, ଲିମ୍ବ ଓ ବାଉଁଶ ଆଦି ମୂଲ୍ୟବାନ ଗଛଗୁଡ଼ିକ କାଟି ନେଉଛନ୍ତି। ଏଣୁ ଏହାର ବିହିତ ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରି ବୃକ୍ଷଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଜେମାଦେଇ ଛତ୍ରିଆ, କର୍ପୁର ପଧାନ, କମଳା ଭୋଇଙ୍କ ସମେତ ଗ୍ରାମର ଶତାଧିକ ମହିଳା ନିବେଦନ କରିଛନ୍ତି। ମହିଳାମାନେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସୁବର୍ଣ୍ଣପୁର ଜିଲାପାଳ ଓ ଡିଏଫଓଙ୍କୁ ମଧ୍ୟ ପତ୍ର ପ୍ରେରଣ କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ବଡ଼ଗାଁ,୧୮।୯(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅବକାରୀ ବିଭାଗ କର୍ମଚାରୀ ଗୁରୁବାର ମଧ୍ୟାହ୍ନରେ ବଡ଼ଗାଁ ବସ୍ତିର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି ୩ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ଜୟରାମ ପୃଷେଟ୍। ସୂଚନା ଅନୁଯାୟୀ, ଗଞ୍ଜେଇ ବ୍ୟବସାୟ କରିଆସୁଥିବା ଜୟରାମଙ୍କ ଘରେ ଗଞ୍ଜେଇ ଥିବା ସୂଚନାପାଇ ଅବକାରୀ କର୍ମଚାରୀମାନେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୩ କେଜି ୪ ଶହ ୭୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ବଡ଼ଗାଁ ଅବକାରୀ ଅଧିକାରୀ ବିଜୟ କୁମାର ଜେନା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢ଼ାଉ କରିଥିଲେ।

### ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପରଲୋକ

ସୁନ୍ଦରଗଡ଼,୧୮।୯(ଜୟ ନାରାୟଣ ମେଣ୍ଢୁଲି): ସୁନ୍ଦରଗଡ଼ ସହର ଶଙ୍କରାର ସୁନାମଧନ୍ୟ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ ଶଙ୍କର୍ଷଣ



ପଟେଲ(୮୧)ଙ୍କ ଗତ୧୫ତାରିଖରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ଶଙ୍କର୍ଷଣ କୁଣ୍ଡୁକେଲା ସ୍ଥିତ ଶିକ୍ଷକ ତାଲିମ ପ୍ରତିଷ୍ଠାନ, ବିଦ୍ୟାଳୟ ଉପ ନିରୀକ୍ଷକ, ଶିକ୍ଷା ଜିଲା ଉପ ନିରୀକ୍ଷକ ଭାବରେ କାର୍ଯ୍ୟ ତୁଲାଇ ସୁନାମ ଅର୍ଜନ କରିଛନ୍ତି। ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ବେଶ ସୁପରିଚିତ । ତାଙ୍କ ବିୟୋଗରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ତରଫରୁ ଗଭୀର ଶୋକ ପ୍ରକାଶ ପାଇବା ସହିତ ପରିବାର ବର୍ଗ ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

### ସମରା ଓରାମ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ

ଲହୁଣୀପଡ଼ା,୧୮।୯(ଦାଶରଥି ପଣ୍ଡା): ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡିହି ସ୍ଥିତ ସମରା ଓରାମ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ "ବିକଶିତ ଆତ୍ମ ନିର୍ଭର ଭାରତ ଗଠନରେ ମାନନୀୟ ମୋଦି ଜି ଙ୍କ ଭୂମିକା" ଶୀର୍ଷକ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର ବିଚାରକଭାବେ ବାବା ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଜାତା ଦାସ, ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଝରଣା ପ୍ରଧାନ, ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା କଲ୍ୟାଣୀ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥିଭାବେ ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ସମ୍ମାନିତ ଅତିଥି କଲେଇପୋଷ ପଞ୍ଚାୟତ ସରପଞ୍ଚ ଶାନ୍ତି ଓରାମ, ବରିଷ୍ଠ ସମାଜସେବୀ ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ ଓ ଟ୍ରଷ୍ଟି ଗୁରୁ ଚରଣ ଓରାମ, ଇନ୍ଦୁମତି ଓରାମ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ଅଂଶ ଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଜୟିନୀ କିସପଟ୍ଟା ଓ ଅଭିରାମ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଓରାମ, ହଳଧର ମାହାନ୍ତ, ଲୁଥାର ଓରାମ, ଭୁବନେଶ୍ୱର ବେହେରା, ରଶ୍ମିରଞ୍ଜନ ମିଶ୍ର, ଶୁଭଜିତ ହାତୀ, ପଦ୍ମିନୀ ନାୟକ, ଭୋଳେଶ୍ୱର ମାହାନ୍ତ, କଳାକାର ମାହାନ୍ତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିବା ଜଣାପଡିଛି। ପରେ ଏକ୍ ପେଡ୍ ମା କେ ନାମ କାର୍ଯ୍ୟକ୍ରମରେ ସାମୂହିକ ଚାରା ରୋପଣ କରାଯାଇଥିଲା।



ଚାରାରୋପଣ କାର୍ଯ୍ୟକ୍ରମରେ ଅଧିକାରୀ ଓ ଗ୍ରାମବାସୀ।

# ୧୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କଲା ଗ୍ରୀନ୍ ମେମୋରି କ୍ୟାମ୍ପେନ୍

ସୁନ୍ଦରଗଡ,୧୮।୯ (ଜୟ ନାରାୟଣ ମେଣ୍ଢୁଲି)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରୀନ ମେମୋରି କ୍ୟାମ୍ପେନ ତରଫରୁ ଗୋଟିଏ ଦିନରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ଦେବଗଡ ଓ କେନ୍ଦୁଝର ଜିଲାର ୪୪୭ଟି ସ୍ଥାନରେ ୧୫,୭୦୫ ଚାରା ରୋପଣ କରାଯାଇଛି। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ସେବକ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି, କୃଷକ ସଙ୍ଗଠନ, ଉତ୍ପାଦକ ଗୋଷ୍ଠୀ, ଗ୍ରାମ୍ୟ ସ୍ତରୀୟ ସଙ୍ଗଠନ, ଛାତ୍ରୀଛାତ୍ର ତଥା ସେବକର କର୍ମକର୍ତ୍ତାମାନେ ଚାରା ରୋପଣ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ଶପଥ ପାଠ କରିଥିଲେ। ଗ୍ରୀନ ମେମୋରୀ କ୍ୟାମ୍ପେନର ସ୍ୱେଚ୍ଛାସେବୀ ତଥା ସେବକ କର୍ମକର୍ତ୍ତାଙ୍କ ନିରନ୍ତର ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ଏହି ସଫଳତା ହାସଲ କରିପାରିଛୁ ବୋଲି କହିଛନ୍ତି ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ। ଗ୍ରୀନ ମେମୋରି କ୍ୟାମ୍ପେନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗମ୍ବର ଉପାଧ୍ୟାୟ କହିଛନ୍ତି, ଆମର ଜନ୍ମଦାତ୍ରୀ ସଙ୍ଗେ ସଙ୍ଗେ ଧରିତ୍ରୀ ମା'ଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ କେବଳ ଚାରା ରୋପଣରେ ସୀମିତ ହୋଇନାହିଁ। ଏହା ଆମର ଭାବାବେଗ ସାଙ୍ଗେ ଜଡିତ ହେବା ସହ ଆମକୁ କର୍ତ୍ତବ୍ୟବୋଧତା ପାଇଁ ଶିକ୍ଷା ଦେଉଛି। ଆମର ଲକ୍ଷ୍ୟ କେବଳ ଚାରାରୋପଣ ନୁହେଁ, ବରଂ ଏହାକୁ ଆଜୀବନ ସୁରକ୍ଷା ଦେବାର ଦାୟିତ୍ୱ ନିର୍ବାହ କରିବା ସଙ୍ଗେ ସଙ୍ଗେ ଆଗାମୀ ପିଢୀକୁ ଏଥି ନିମନ୍ତେ ସଚେତନ କରିବା।

# ବନ ବିଭାଗ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ଚାରାରୋପଣ କରୁଛନ୍ତି।

ଟେନସା,୧୮।୯(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା ବରସୁଆଁ ବନବିଭାଗ ପକ୍ଷରୁ ଟେନ୍‌ସା ପ୍ରକୃତି ନିବାସ ପରିସର ମଧ୍ୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବରସୁଆଁ ରେଞ୍ଜର ଧରଣୀଧର ସାହୁ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଟେନ୍‌ସା ସରପଞ୍ଚ ଅନିତା ପୂର୍ତ୍ତି, ଟେନସା ପୋଲିସ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଟେନସା ଇସ୍ପାତ ବିଦ୍ୟାଳୟର ଛାତ୍ରୀଛାତ୍ର, ଟେନସା ଗ୍ରାମପଞ୍ଚାୟତର କର୍ମଚାରୀ, ବରସୁଆଁ ରେଞ୍ଜର ଧରଣୀଧର ସାହୁଙ୍କ ସମେତ ଟେନସା ଫରେଷ୍ଟ, ବନ କର୍ମଚାରୀ ମିଶି ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇବା ସହିତ ମିଠା ବଣ୍ଟନ କରାଯାଇଥିଲା। ଆହୁରି ମଧ୍ୟ ବ୍ୟାପକ ମାତ୍ରରେ ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଇ. ବି. ଏମଙ୍କ ନିର୍ଦ୍ଦେଶରେ ଏବଂ ଓରାଘାଟ ଲୌହ ଖଣିର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଣିର ସମସ୍ତ ବିଭାଗୀୟ ଓ ଠିକା ଶ୍ରମିକଙ୍କ ଦ୍ୱାରା ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା। ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନ ଶପଥ ପାଠ କରାଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଖଣି ପରିଚାଳକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କରାଯାଇଛି। ସିଏସଆର ବିଭାଗର ମୁଖ୍ୟ ଡ. ଅଞ୍ଜନ କୁମାର ଲେଙ୍କା ଗଛ ଲଗାଇବାର ମହତ୍ୱ ଓ ସ୍ୱଚ୍ଛତା ହିଁ ସେବା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ନିକଟସ୍ଥ ବିଦ୍ୟାଳୟ ଗୁଡିକରେ ସ୍ୱଚ୍ଛତା ସମ୍ବନ୍ଧିତ ପ୍ରବନ୍ଧ, କୁଇଜ, ଡିବେଟେ, ଚିତ୍ରାଙ୍କନ ଆଦି କରାଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ଓ ପୁରସ୍କାର ପ୍ରଦାନ କରାଯିବ। ଖଣିର ସମସ୍ତ ଜାଗାରେ ସଫେଇ କାର୍ଯ୍ୟକୁ ବ୍ୟାପକ କରାଯାଇ ହାଇ ଜିନିକ କିଟ ବଣ୍ଟନ କରାଯିବ। କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ପୁରସ୍କାର ବିତରଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକର୍ମରେ ଓରାଘାଟ ଖଣି ତରଫରୁ ପ୍ରକାଶ କୁମାର, ରଞ୍ଜନ କୁମାର ପାଣି, ବିଦ୍ୟାଧର ସାହୁ, ସତ୍ୟଜିତ ମହାପାତ୍ର, ବିଶ୍ୱରଞ୍ଜନ ବେହେରା, ସମୀରଞ୍ଜନ ଦାସ, ଡି. ଏସ. ଦିନକର, ବନମାଳୀ ମହାନ୍ତ, ରାମେଶ୍ୱର ପାଇକରାୟ, ବି.ଏନ. ପଣ୍ଡା, ବିଶ୍ୱଜିତ ଚକ୍ରବର୍ତ୍ତି, ନିତ୍ୟାନନ୍ଦ ଭାସ୍କର, ବସନ୍ତ କୁମାର ମହାପାତ୍ର, ଲିଟୁନ କୁମାର ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଭାଜପାର ଦୀପ ଦାନ

ବନ୍ଧମୁଣ୍ଡା,୧୮।୯(ସୁବ୍ରତ ଦେ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଭାରତୀୟ ଜନତା ପାର୍ଟିର ବନ୍ଧମୁଣ୍ଡା ଶାଖାର କର୍ମୀମାନେ ବନ୍ଧମୁଣ୍ଡା ଡିଜେଲ କଲୋନି ଜଗନ୍ନାଥ ମନ୍ଦିରରେ ଗୁରୁବାର ୭୫ଟି ଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମର ସଫଳତା ସୁନିଶ୍ଚିତ କରିବା ପାଇଁ ବନ୍ଧମୁଣ୍ଡା ମଣ୍ଡଳରେ ଏକ ଜନସମ୍ପର୍କ ଅଭିଯାନ କର୍ମଶାଳା ଆୟୋଜନ କରାଯାଇଥିଲା। ଭାଜପା ବନ୍ଧମୁଣ୍ଡା ମଣ୍ଡଳ ଅଧ୍ୟକ୍ଷ ଲଖନ ଲୋହାର ପାର୍ଟିର କର୍ମୀମାନଙ୍କୁ ମନ୍ଦିରଗୁଡ଼ିକୁ ସଫା କରିବା ଏବଂ ୭୫ଟି ଦୀପ ପ୍ରଜ୍ୱଳନ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ହରି ଡୋରା, ଗାୟତ୍ରୀ ଜେନା, ରୀନା କୌର, ପୁନମ ବାଗ, ପ୍ରହ୍ଲାଦ ତନ୍ତୀ, ବିକାଶ ଚକ୍ରବର୍ତ୍ତୀ, ଦୁଃଖୀ ନାଥ ଚୌଧୁରୀ ଏବଂ କେଭି ରାଉଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

### ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

କୁଆଁରମୁଣ୍ଡା,୧୮।୯(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ପଦମପୁର ବାଲି ଘାଟରୁ ବେଆଇନ ଭାବେ ବାଲି ନେଉଥିବା ୩ ଟ୍ରାକ୍ଟରକୁ ଗୁରୁବାର ତହସିଲଦାର ଚନ୍ଦ୍ରଜିତ ବେହେରା ଜବତ କରିଛନ୍ତି। ଏହି ସମୟରେ ଚାଳକମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଉକ୍ତ ୩ ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜବତ କରାଯାଇ କୁଆଁରମୁଣ୍ଡା ଫାଣ୍ଡିରେ ରଖାଯାଇଛି।

# ସ୍ୱଚ୍ଛ କୁଆଁରମୁଣ୍ଡା, ସୁସ୍ଥ କୁଆଁରମୁଣ୍ଡା ଅଭିଯାନରେ ରାଜପଥ ପାର୍ଶ୍ୱ ସଫେଇ

କୁଆଁରମୁଣ୍ଡା,୧୮।୯(ମହେନ୍ଦ୍ର କୁମାର ସାହୁ)

ସ୍ୱଚ୍ଛ କୁଆଁରମୁଣ୍ଡା,ସୁସ୍ଥ କୁଆଁରମୁଣ୍ଡା ଅଭିଯାନକୁ ଗୁରୁବାର ଜୋରଦାର କରିଛି କୁଆଁରମୁଣ୍ଡା ବ୍ଲକ ପ୍ରଶାସନ। ଏଥିରେ ମଧ୍ୟ ସାମିଲ ହୋଇଛି ତହସିଲ ପ୍ରଶାସନ। କୁଆଁରମୁଣ୍ଡା ବ୍ଲକର ସ୍ୱଚ୍ଛ ସାଥୀ ଓ କର୍ମଚାରୀଙ୍କୁ ନେଇ ବିଡ଼ିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ ଗୁରୁବାର ସକାଳ ସାଢ଼େ ୮ ଟାରୁ ୧୪୩ ନମ୍ବର ଜାତୀୟ ରାଜପଥର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିକଟରୁ କୁଆଁରମୁଣ୍ଡା ବଜରଙ୍ଗ ଛକ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱକୁ ସଫେଇ କରିବା ସହ ପ୍ଲାଷ୍ଟିକ ଅବର୍ଜନଗୁଡ଼ିକୁ ମଧ୍ୟ ସଂଗ୍ରହ କରିଛନ୍ତି। ବିଡ଼ିଓ ଡା. ମହାନନ୍ଦ ନିଜେ ଝାଡୁ ଧରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଫେଇ କରିଥିବା ବେଳେ ତାଙ୍କ ସହିତ କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରା,ଏଇଇ ଚୈତନ୍ୟ ହେମ୍ବ୍ରମ ମଧ୍ୟ ସାମିଲ ହୋଇଥିଲେ। ସ୍ୱଚ୍ଛ ସାଥୀ ମହିଳାଙ୍କ ସହ ଉଭୟ ବ୍ଲକ ଓ ତହସିଲ କର୍ମଚାରୀମାନେ ଏଥିରେ ସାମିଲ ହୋଇ ରାଜପଥର ପାୟ ୨ କି.ମି. ରାସ୍ତା ସଫେଇ କରିଛନ୍ତି। ପ୍ରାରମ୍ଭରେ ଏହି ଅଭିଯାନରେ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ଭାଜପା ନେତା ଶଙ୍କର ପୁଝାରୀ, ବୁଲୁ ଚାନ୍ଦ ଓ ଅନ୍ୟମାନେ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। କୁଆଁରମୁଣ୍ଡା ବଜାର, ତହସିଲ ନିକଟସ୍ଥ ବଜାର, ବଜରଙ୍ଗ ଛକ ଓ ସାପ୍ତାହିକ ବଜାରର ଗଳିକନ୍ଦି ସଫେଇ କରାଯାଇଛି। କୁଆଁରମୁଣ୍ଡା ବଜାରର ଦୋକାନୀମାନେ ସେମାନଙ୍କ ଦୋକାନର ଅଳିଆକୁ ଏଣେତେଣେ ନ ଫିଙ୍ଗି ଡଷ୍ଟବିନ ବ୍ୟବହାର କରିବାକୁ ବିଡିଓ ଡ. ମହାନନ୍ଦ ସେମାନଙ୍କୁ ସଚେତନ ମଧ୍ୟ କରିଛନ୍ତି। ଏହି ଅଭିଯାନରେ ଏପିଓ ଶ୍ରବଣ ସାହୁ, ଡବ୍ଲୁଓ ରଞ୍ଜନ ରାମ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ସ୍ୱଚ୍ଛତା ରକ୍ଷା ଉପରେ ସଚେତନ କରାଇଛନ୍ତି।



କୁଆଁରମୁଣ୍ଡା ରାଜପଥ ପାର୍ଶ୍ୱ ସଫେଇ କରୁଛନ୍ତି ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ ଓ ଅନ୍ୟମାନେ।

# ଅବକାରୀ ଚଢ଼ାଉ: ମହୁଲ ପୋଚ ନଷ୍ଟ

ସୁନ୍ଦରଗଡ,୧୮।୯(ଜୟ ନାରାୟଣ ମେଣ୍ଢୁଲି)

ଆଗକୁ ପାର୍ବଣ ଋତୁ ଆରମ୍ଭ ହେବାକୁ ଥିବା ବେଳେ ସୁନ୍ଦରଗଡ ଧରୁଆଡିହି ଥାନା ପୋଲିସ ପକ୍ଷରୁ ଚୋରା ମଦ କାରବାର ଉପରେ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଛି। ଏହି ଥାନା ଅନ୍ତର୍ଗତ ବିଭିନ୍ନ ଜଙ୍ଗଲ ଭିତରେ ହେଉଥିବା ଦେଶୀ ମହୁଲି ପ୍ରସ୍ତୁତି ଉପରେ ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗତ ଏକ ସପ୍ତାହ ମଧ୍ୟରେ ଲକ୍ଷାଧିକ ଟଙ୍କା ମୂଲ୍ୟର ମହୁଲ ପୋଚ ନଷ୍ଟ କରାଯାଇଛି। ଗୁରୁବାର ମାନମୁଣ୍ଡା, ଅଲଙ୍ଗପାନି, ଚମ୍ପାପଡା ଓ ଘଣ୍ଟିବୁଡ ଆଦି ସ୍ଥାନରେ ପୋଲିସର ସ୍ୱତନ୍ତ୍ର ଟିମ ଚଢ଼ାଉ କରି ୧୬ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରିଛି। ସେହିପରି ଗତ ଶୁକ୍ରବାର ୧୫କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଚୋରା ମଦ ବେପାରୀ ମାନେ ଜଙ୍ଗଲ ଭିତରେ ମାଟି ଖୋଳି ମହୁଲ ପୋଚ ରଖିଥିବା ନେଇ ପୋଲିସ ସୂଚନା ପାଇ ଏହି ଚଢାଉ କରିଥିବା ନେଇ ଧରୁଆଡିହି ଥାନା ଆଇଆଇସି ସୌଦାମିନୀ ନାଗ ସୂଚନା ଦେଇଛନ୍ତି।

# ମହିଳା ପାଇଲେ ସିଲେଇ ତାଲିମ




ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

ବନ୍ଧମୁଣ୍ଡା,୧୮।୯( ସୁବ୍ରତ ଦେ)

ବିଶ୍ରା ବ୍ଲକ ଜରାଇକେଲା ପଞ୍ଚାୟତର ମାଓବାଦୀ ପ୍ରଭାବିତ ଜମାଲ ଅଞ୍ଚଳର ମହିଳାଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଓଡ଼ିଶା ଖଣିଜ ବୟରିଂ କ୍ଷେତ୍ର ବିକାଶ ନିଗମ ଏହାର ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଅଂଶ ଭାବରେ ଏକ ମାସିଆ ସିଲେଇ ତାଲିମ ଶିବିର ଆୟୋଜନ କରିଥିଲା। ଅଞ୍ଚଳର ୨୮ ଜଣ ମହିଳା ଏହି ତାଲିମ ଶିବିରରେ ଅଂଶଗ୍ରହଣ କରି ବିଭିନ୍ନ ସିଲେଇ କୌଶଳ ଶିଖିଛନ୍ତି। କୈରା ହେମ୍ବ୍ରମ ତାଲିମ କର୍ମଶାଳା ପରିଚାଳନା କରିଥିଲେ। ଗୁରୁବାର ଶିବିରର ଶେଷ ଦିନରେ ସମସ୍ତ ଅଂଶଗ୍ରହଣକାରୀ ମହିଳାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଯୋଜକ ଧୀରେନ କୁମାର ରାଣା, ପ୍ରତିମା ମାହାତୋ, ବେଣୁଧର ସିଂହ ଏବଂ ସମିତି ସଦସ୍ୟ ସୋମନାଥ ରାହା ଅତିଥି ଭାବରେ ଉପସ୍ଥିତ ଥିଲେ। ସୋମନାଥ ରାହା କହିଥିଲେ, ରାଜ୍ୟ ସରକାରଙ୍କ ଏଭଳି ତାଲିମ ଦ୍ୱାରା ଗ୍ରାମାଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହେବେ ତଥା ନିଯୁକ୍ତି ପାଇପାରିବେ। ସେ ଆଶା ପ୍ରକାଶ କରିଥିଲେ ଯେ, ଏପରି ତାଲିମ ମହିଳାଙ୍କୁ ନିଶ୍ଚିତ ଭାବରେ ଆର୍ଥିକ ଭାବରେ ସଶକ୍ତ କରିବ ଏବଂ ସମାଜରେ ସ୍ୱାବଲମ୍ବନର ଉଦାହରଣ ସୃଷ୍ଟି କରିବ।

# ଗଛ ଲଗାଇ ସୁନ୍ଦର ପରିବେଶ ସୃଷ୍ଟି କରିବାକୁ ଶପଥ ନେଲେ

ସୁନ୍ଦରଗଡ,୧୮।୯(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ଜିଲା କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଏକ୍ ପେଡ୍ ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜନ୍ମ ଦାତ୍ରୀ ମା'ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ଲଗାଇବା ସହ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ର ମାନେ ଶପଥ ନେଇଥିଲେ।



ଏହି ପ୍ରତିଯୋଗିତାରେ ଏକାଦଶ ଶ୍ରେଣୀର ଛାତ୍ରୀ ରିଆ ନାଏକ, ନବମ ଶ୍ରେଣୀର ଛାତ୍ରୀ ଫାଲଗୁନୀ ଉରମାଲ ଓ ମିଲି ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିଙ୍କ ସହିତ ବିଭିନ୍ନ ଚାରା ରୋପଣ କରିଥିଲେ। ଏଥି ନିମନ୍ତେ ବିଦ୍ୟାଳୟ ଆଲୁମିନି ଧର୍ମପଦ ନାଏକ, ଦେବେନ୍ଦ୍ର ଖଣ୍ଡା, ସରପଞ୍ଚ ସୁସ୍ମିତା କୁଜୁରଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିତା ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ ଉଆସରେ ପାର୍ବଣ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୧୮।୯(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ରାଜ ଉଆସରେ ରାଜା ସମରେନ୍ଦ୍ର ଶେଖର ଦେଓଙ୍କ ଅଧ୍ୟକ୍ଷତାରେ ଆସନ୍ତା ଶାରଦୀୟ ପାର୍ବଣ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦଶହରା ପୂଜାରେ ରାଜା ରାଜୁଡ଼ା ଅମଳରୁ ପ୍ରଚଳିତ ଖଣ୍ଡା ପୂଜାକୁ ପ୍ରାଧାନ୍ୟ ଦେଇ ରାଜପୁତ କ୍ଷତ୍ରିୟ ସମାଜର ପ୍ରତ୍ୟେକ ସଦସ୍ୟମାନେ ନିଜ ଘରେ ପୂଜା ପାଉଥିବା ଖଣ୍ଡା ଆଣି ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ପୂଜାରେ ସାମିଲ ହେବାକୁ କହିଥିଲେ। ଏହି ଦଶହରା ପୂଜାରେ ସମସ୍ତ ଅଧିଷ୍ଠାତ୍ରୀ ଦେବୀଙ୍କ ପୂଜାରେ ପୂର୍ବ ପୁରୁଷଙ୍କ ଅମଳରୁ ପ୍ରଚଳିତ ରୀତିନୀତି ଅନୁସାରେ ପୂଜା ସମାପନ କରିବା ପାଇଁ ରାଜ ପୁରୋହିତଙ୍କ ସମେତ ଉଜ୍ଜୈନରୁ ସ୍ୱତନ୍ତ୍ର ବ୍ରାହ୍ମଣ ଆସି ପୂଜା କରିବେ। ଏହି ବୈଠକରେ ରାଜପୁତ କ୍ଷତ୍ରିୟ ସମାଜର ସଭାପତି ରାଜୁ ଠାକୁର, ଦେବେନ୍ଦ୍ର ଶେଖର ଦେଓ, ରାଜେଶ ପ୍ରତାପ ଶେଖର ଦେଓ, ନିରଞ୍ଜନ ବାବୁ, ପ୍ରଣବ ସିଂ, ଦୀପକ ସିଂ, ବିନୋଦ ବିହାରୀ ସିଂ ଦେଓ, ଅନିଲ ସିଂ, ସୁନିଲ ସିଂ ସାଧୀନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ରାଜା ସମରେନ୍ଦ୍ର ଶେଖରଦେଓଙ୍କ ସହ ରାଜପୁତ କ୍ଷତ୍ରିୟ ସମାଜର ସଦସ୍ୟ

# ରୁଙ୍ଗଟା ମହୁଲଶୁଖା ଲୌହ, ମାଙ୍ଗାନିଜ ଖଣି ପକ୍ଷରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ

ଟେନ୍‌ସା,୧୮।୯(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ଅନ୍ତର୍ଗତ ମହୁଲଶୁଖା ଲୌହ ଏବଂ ମାଙ୍ଗାନିଜ ଖଣି ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ତରଫରୁ ବୁଧବାର ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସ୍ୱଚ୍ଛତା ଶପଥ ଗ୍ରହଣପୂର୍ବକ " ମା ପାଇଁ ଗଛଟିଏ " କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଖଣିର ଭୂତତ୍ତ୍ୱବିତ ଦିଲ୍ଲୀପ କୁମାର ନାଏକ, ନିହାର ରଞ୍ଜନ ରାଉତ, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ସହଯୋଗରେ ଖଣି ଅଞ୍ଚଳରେ ଚାରା ରୋପଣ କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ଏବଂ ଅନ୍ୟମାନେ।

୧୪ଦିନ ଧରି ଆୟୋଜିତ ହେବାକୁ ଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପ୍ରତିଦିନ ଖଣିର ବିଭିନ୍ନ ବିଭାଗର କର୍ମଚାରୀଙ୍କ ସ୍ୱେଚ୍ଛାକୃତ ଶ୍ରମଦାନରେ ସମସ୍ତ ବିଭାଗ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଆଗ୍ରହ ଏବଂ ଉତ୍ସାହର ସହ ଶପଥ ପାଠ କରିଛନ୍ତି। ପ୍ରତିଦିନ ପାରିପାର୍ଶ୍ୱିକ ଅଞ୍ଚଳରେ ସଫେଇ କରାଯିବା ସହିତ ବିଭିନ୍ନ ଚାରା ରୋପଣ କରାଯିବ ବୋଲି ଖଣି ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ମୁଖ୍ୟ ଅଜୟ କୁମାର କର ପ୍ରକାଶ କରିଛନ୍ତି। ଖଣିର ବରିଷ୍ଠ ମହାପ୍ରବନ୍ଧକ ଭାବଗ୍ରାହୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆମେ ନିଜ ପରିବାର, ସାହି, ସମାଜ,ଗାଁ, ଗଣ୍ଡା ଆମ ରାଜ୍ୟ ଓ ସାରା ଦେଶରେ ସ୍ୱଚ୍ଛତା କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇବାକୁ ପଡିବ ବୋଲି ସେ କହିଛନ୍ତି। ଅକ୍ଟୋବର ୨ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

## ସଂକ୍ଷେପରେ

### ମହାଳୟାରେ ନନ୍ଦପଡ଼ା ଘାଟରେ ସାମୂହିକ ତିଳତର୍ପଣ

ସମ୍ବଲପୁର,୧୮।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ନନ୍ଦପଡାସ୍ଥିତ ମହାନଦୀ ଘାଟରେ ଆସନ୍ତା ରବିବାର ମହାଳୟା ତିଥିରେ ପିତୃପୁରୁଷଙ୍କ ନିମନ୍ତେ ତିଳ ତର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହେବ। ନନ୍ଦପଡା ବ୍ରାହ୍ମଣ ସମାଜର ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସକାଳ ୭ଟାରେ ନନ୍ଦପଡା ବାଲୁଙ୍କେଶ୍ୱର ଘାଟରେ ହେବ। ଏହି କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନନ୍ଦପଡା ବ୍ରାହ୍ମଣ ସମାଜ କର୍ମକର୍ତ୍ତାମାନଙ୍କ ସହିତ ଯୋଗାଯୋଗ କରି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

### ଡଙ୍ଗାପାଳରେ ୩ ଦିନ ପାଇପ ଜଳଯୋଗାଣ ବନ୍ଦ

ସମ୍ବଲପୁର,୧୬।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଡଙ୍ଗାପାଳ ଗ୍ରାମକୁ ୩ ଦିନ ହେବ ପାଇପ ଜଳଯୋଗାଣ ବନ୍ଦ ରହିଛି । ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୨୦୦ ପରିବାର ରହୁଥିବା ଡଙ୍ଗାପାଳ ଗ୍ରାମରେ ଲୋକେ ପୂର୍ବରୁ ଦୈନିକ ୨ଥର ପାଇପ ଯୋଗେ ପାନୀୟ ଜଳ ଯୋଗାଣର ସୁବିଧା ପାଉଥିଲେ। ଏନେଇ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କୌଣସି ସନ୍ତୋଷ ଜନକ ଉତ୍ତର ଦେଉନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଝୁଝୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ କହିଛନ୍ତି, ପାନୀୟ ଜଳ ପ୍ରକଳ୍ପରେ ଲାଗିଥିବା ମୋଟର ପୋଡି ଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି । ତେବେ ବିଶ୍ୱକର୍ମା ପୂଜା ଥିବାରୁ ଦୁଇ ଦିନ ହେବ କୌଣସି ମେକାନିକ ସଜାଡିବାକୁ ଆସି ନ ଥିଲେ। ଶୁକ୍ରବାର ମେକାନିକ ଆସିବା ପରେ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି।

# ନିଲାମ ରଦ୍ଦ ଦାବିରେ ବିଡିଓଙ୍କୁ ଫେରାଦ

## ପୋଖରୀ ନିଲାମକୁ ଗ୍ରାମବାସୀଙ୍କ ବିରୋଧ

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)



ବୁଢ଼ିବନ୍ଧ ନିଲାମ ରଦ୍ଦ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କନଖିଣ୍ଡା ଗ୍ରାମରେ ଏକ ପୋଖରୀର ନିଲାମକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏହାକୁ ଏନଇ ସେମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅନୀଲ କୁମାର କୁଲୁଙ୍କୁ ସାକ୍ଷାତ କରି ନିଲାମକୁ ରଦ୍ଦ କରିବାକୁ ଦାବିପତ୍ର ଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ କନଖିଣ୍ଡା ଗ୍ରାମବାସୀ ସେମାନଙ୍କ ଜଳର ଆବଶ୍ୟକତା ଓ ନିତ୍ୟ ବ୍ୟବହାର ପାଇଁ ଗ୍ରାମରେ ଥିବା ବୁଢ଼ିବନ୍ଧ(ପୋଖରୀ) ଉପରେ ନିର୍ଭର କରନ୍ତି। ତେଣୁ ଗ୍ରାମବାସୀ ନିୟମିତ ଭାବେ ଏହାର ସଫେଇ ସହିତ ଦୀର୍ଘ ଦିନରୁ ଯତ୍ନ ନେଇ ଆସୁଛନ୍ତି। କିଛିଦିନ ତଳେ କନଖିଣ୍ଡା ପଞ୍ଚାୟତ ସମିତି ଏହି ପୋଖରୀକୁ ମାଛଚାଷ ପାଇଁ ନିଲାମ କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇ ଗତ ୨୦୨୫ ଜୁନରେ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ଦେଖି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହାସହ ସେମାନେ ପଞ୍ଚାୟତ ସମିତି ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ଏହି ନିଲାମ ପ୍ରକ୍ରିୟା ବନ୍ଦ କରିବାକୁ ଲିଖିତ ଦାବି କରିଥିଲେ। ଫଳରେ ନିଲାମକୁ ସ୍ଥଗିତ ରଖା ଯାଇଥିଲା। ତେବେ ବର୍ତ୍ତମାନ ଏହି ପୋଖରୀର ନିଲାମ ପ୍ରକ୍ରିୟା ଶେଷ ହୋଇ ମାଛ ଚାଷ ପାଇଁ ଏକ ମହିଳା ଏସ୍‌ଏଚ୍‌ଜିକୁ ହସ୍ତାନ୍ତର କରାଯାଇଥିବା ଗ୍ରାମବାସୀ ଜାଣିବାକୁ ପାଇଛନ୍ତି। ଗତ ୧୫ତାରିଖରେ ସମ୍ପୃକ୍ତ ଏସ୍‌ଏଚ୍‌ଜି ପକ୍ଷରୁ ଏହାର ସଦସ୍ୟଙ୍କ ଉପସ୍ଥିତିରେ ଉକ୍ତ ପୋଖରୀରେ ମାଛ ଜାଆଁଳ ଛଡ଼ାଯିବାରୁ ପୋଖରୀ ନିଲାମ କଥା ଜଣା ପଡ଼ିଥିଲା। ଏହା ଜଣା ପଡ଼ିବା ପରେ ଶୁଭ୍ରାଂଶୁ ସାହୁ, ଶିବନାରାୟଣ ବାରିକ, ଶର୍ମା ମାକର, ଜିତେନ୍ଦ୍ର ସାହୁ, କିରାଜ ସାହୁ ବିନୋଦ ସହୁ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଗ୍ରାମବାସୀ ବିଡିଓଙ୍କୁ ଭେଟି ଉକ୍ତ ପୋଖରୀ ନିଲାମକୁ ରଦ୍ଦ କରିବାକୁ ଲିଖିତ ଦାବି କରିଛନ୍ତି। ତେବେ ଏହା ଗ୍ରାମପଞ୍ଚାୟତ ସ୍ତରୀୟ ମାମଲା ହୋଇଥିଲେ ମଧ୍ୟ ଅଭିଯୋଗର ଆବଶ୍ୟକ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ କୁଲୁ ପ୍ରତିଶ୍ରୁତି ଦେଇଛନ୍ତି।

# ଚଢ଼ାଉ: ୧୯ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ




ଅଧିକାରୀମାନେ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ କରୁଛନ୍ତି।

କୁଚିଣ୍ଡା, ୧୮।୯(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡାରେ ଗୁରୁବାର ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବାରୁ ବେଆଇନ ଭାବେ ବ୍ୟବହୃତ ୧୯ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। କୁଚିଣ୍ଡା ସହରରେ ଦୀର୍ଘ ଦିନରୁ ଘରୋଇ ଇନ୍ଧନ ପାଇଁ ବ୍ୟବହାର ହେଉଥିବା ଗ୍ୟାସ ସିଲିଣ୍ଡରର କଳାବଜାର ହେଉଥିବା ନେଇ ପ୍ରଶାସନ ପାଖରେ ଅଭିଯୋଗ ହୋଇଆସୁଥିଲା। କୁଚିଣ୍ଡା ଉପଜିଲାପାଳ ସରୱନନ ସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ଲୋଚନ ଶବର, ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ, କୁଚିଣ୍ଡା ଏମଆଇ ସୁଧିର କୁମାର ପାତ୍ର, ଜମନକିରା ଏମଆଇ ବିଜୟ କୁଲୁ ମିଳିତ ଭାବେ ଚଢାଉ କରିଥିଲେ। କୁଚିଣ୍ଡା ସହରରେ ଥିବା ୨ଟି ହୋଟେଲ ୧୭ଟି ଏବଂ ଜାତୀୟ ରାଜପଥ ବାଇପାସ ରୋଡସ୍ଥିତ ଏକ ଢ଼ାବାରୁ ୨ ଗୋଟି ଏଭଳି ୧୯ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଅଧିକାରୀ ମାନଙ୍କ ଯାଞ୍ଚ ସମୟରେ ସିଲିଣ୍ଡରର କୌଣସି କାଗଜ ପତ୍ର ନଥିଲା। ଯୋଗାଣ ବିଭାଗ ବେଆଇନ ଭାବେ ବ୍ୟବହୃତ ଗ୍ୟାସ ସିଲିଣ୍ଡର ଜବତ କରି ତଦନ୍ତ କରୁଥିବା ଉପଖଣ୍ଡ ଯୋଗାଣ ଅଧିକାରୀ ସ୍ୱାଇଁ କହିଛନ୍ତି।

# ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ




ଅଧିକାରୀ ଓ କର୍ମଚାରୀମାନେ ଚାରାରୋପଣ ପାଇଁ ପ୍ରସ୍ତୁତ ହେଉଛନ୍ତି।

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ସମ୍ବଲପୁର ଗୋଶାଳାସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ(ସିଆର୍‌ପିଏଫ୍) ଗ୍ରୁପ୍ କେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଗ୍ରୁପ୍‌କେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି ଇନ୍ସପେକ୍ଟର ଜେନରାଲ(ଆଇଜି) ସଞ୍ଜୟ କୁମାର ସିଂ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ, ବରଂ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଥିଲେ। ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଅଭିଯାନର ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ସ୍ୱଚ୍ଛତାଧର୍ମୀ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ମୁଖ୍ୟତଃ ମାରାଥନ ଦୌଡ଼ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଅତିଥିମାନଙ୍କ ସହିତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ସ୍ୱଚ୍ଛତାର ସପଥ ପାଠ କରିଥିଲେ। ଏହାବାଦ ଗ୍ରୁପ କେନ୍ଦ୍ର ପରିସରରେ ଏକ ସ୍ୱଚ୍ଛତା ରାଲି ଅନୁଷ୍ଠିତ ହୋଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ମା ପାଇଁ ଗଛଟିଏ ଅଭିଯାନ ଅନ୍ତର୍ଗତ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଏନ୍‌ଏସ୍‌ସିବି କଲେଜରେ ୪ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ

## ପ୍ରତି ବୃକ୍ଷରେ ଛାତ୍ରୀଛାତ୍ର ମା'ଙ୍କ ନାମ ଫଳକ

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ଏକ ଚାରା ରୋପଣ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରଜାତିର ୪ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଉମା ଶଙ୍କର ଦାଶ ମୁଖ୍ୟଅତିଥିଭବେ ଯୋଗଦେଇଥିଲେ। ବରିଷ୍ଠ ଅଧ୍ୟାପକ ଡ. ଆଦିତ୍ୟ ମେହେର, ଡ. ଶ୍ୟାମ ଭୋଇ, ଡ. ରଘୁମଣି ନାୟକ, ଅଧ୍ୟାପକ ହରିହର ମଲ୍ଲିକ, ଡ. ପ୍ରଶାନ୍ତ ପଣ୍ଡା ଚାରାରୋପଣ କରି ବୃକ୍ଷ ବିଁ ଜୀବନର ଏକ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏ ଚାରା ରୋପଣ କରିଥିଲେ। ପ୍ରତ୍ୟେକ ଗଛ ସହିତ ଛାତ୍ରୀଛାତ୍ରଙ୍କ ମା'ଙ୍କ ନାମ ଉଲ୍ଲିଖିତ ଫଳକ ଲଗାଯାଇଥିଲା। ଛାତ୍ରୀଛାତ୍ରମାନେ ଲଗାଇଥିବା ଚାରାଗୁଡ଼ିକର ଯତ୍ନ ନେବାକୁ ସାମୂହିକ ଭାବେ ଶପଥ ନେଇଥିଲେ। ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା କାର୍ଯକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ଓ ଇକୋ କ୍ଲବ ଅଧିକାରୀ ଅଧ୍ୟାପିକା ମିନତୀ ଛତ୍ରିଆ, ରେଡକ୍ରସ ଅଧିକାରୀ ଅଧ୍ୟାପିକା ମିଲି ସାହୁ, ସନ୍ଧ୍ୟାରାଣୀ କୁଁଅର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୪୦୦ଟି ଚାରାରୋପଣ କରାଯାଇଥିଲା।

# ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ



ଝାଡ଼େଶ୍ୱରୀ କନିଷ୍ଠ କଲେଜରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଓ କର୍ମଚାରୀ ଚାରା ରୋପଣ କରୁଛନ୍ତି।

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧମାସ୍ଥିତ ମା' ଝାଡେଶ୍ୱରୀ କନିଷ୍ଠ କଲେଜରେ ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ କଲେଜ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ସମେତ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକମାନେ ଶହେରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଏହି ଅବସରରେ ଏଠାରେ ଉକ୍ତ କାର୍ଯ୍ୟକ୍ରମ ଆଧାରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ବୁଧବାର ପୂର୍ବାହ୍ନରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସ୍ଥାନୀୟ ସରପଞ୍ଚ ଲଳିତା ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ସୁସ୍ଥ ଜୀବନ ଧାରଣ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଏବଂ ଜଙ୍ଗଲ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁର ସଭା ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଶପଥ ଗ୍ରହଣ

ସମ୍ବଲପୁର,୧୮।୯(ବି.ଶଙ୍କର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଆୟୋଜକମାନେ।

ଜାତୀୟ ସେବା ଯୋଜନାର (ଏନ୍‌ଏସଏସ) ନବ ପଞ୍ଜିକରଣ ହେଇଥିବା ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଗୁରୁବାର ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଏକ ପ୍ରଶିକ୍ଷଣ ଶିବିର ମଧ ହୋଇଛି । ଜାତୀୟ ସେବା ଯୋଜନାର ସମ୍ବଲପୁର ଜିଲା ସଂଯୋଜକ ଶାନ୍ତନୁ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସମାଜ ପାଇଁ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଭୂମିକା, ସମାଜକୁ ବୁଝିବା ଓ ସମାଜ ସହ ଜଡିତ ହୋଇ ନାଗରିକ ଦାୟିତ୍ୱବୋଧ ବିକଶିତ କରିବା ପାଇଁ ପ୍ରେରଣା ଦେଇଥିଲେ। ଜାତିର ପିତା ମାହାତ୍ମା ଗାନ୍ଧୀଙ୍କ ଜନ୍ମଶତ ବାର୍ଷିକୀ ଅବସରରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ରମାନଙ୍କୁ ସମାଜ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱ ବିକାଶ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟବକ୍ତା ପ୍ରଧାନ କରିଥିଲେ। ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରାଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ୟକ୍ତିତ୍ୱ ବିକାଶରେ ହିଁ ଦେଶ ବିକଶିତ ହେବ ଏବଂ ଏନ୍‌ଏସ୍‌ଏସ୍ ହିଁ ଏକ ଉପଯୁକ୍ତ ମାଧ୍ୟମ। ତେଣୁ ଛାତ୍ରୀଛାତ୍ରମାନଙ୍କୁ ସୁନାରିକ ହେବାକୁ ପ୍ରେରଣା ଦେଇଥାଏ ବୋଲି ସିଇଓ ବାବୁ ମତବ୍ୟକ୍ତ କରିଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହନ୍ତ ଅତିଥି ପରିଚୟ ପ୍ରଦାନ, ଏନଏସଏସ ସଂଯୋଜକ ମନୋରଞ୍ଜନ ମିଶ୍ର ବିଗତ ବର୍ଷରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଜି ଭାସ୍କର ରାଓ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ପ୍ରଫେସର ଇଶ୍ୱର ନାଗ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ନନ୍ଦିନୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

କୁଚିଣ୍ଡା,୧୮।୯(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ଈଶରଚନ୍ଦ୍ର ମୁଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ଏଡିପିଏଚ୍‌ଓ ପରିବାର କଲ୍ୟାଣ ଡ଼ା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଯୋଗେଶ ଚନ୍ଦ୍ର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭାରତ ସରକାରଙ୍କ ସେବାପକ୍ଷ ଅଭିଯାନ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମରେ ମହିଳାମାନଙ୍କ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିକିତ୍ସା ପାଇଁ ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଏହି ଚିକିତ୍ସା ସେବା ଯୋଗେଇ ଦିଆଯିବ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମକୁ ପିଏଚ୍‌ଇଓ ହଳଧର ନାଏକ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଭିମସାର ବୁର୍ଲା ମେଡ଼ିକାଲର ଡ଼ା. ସନ୍ତୋଷ ଦୋରା, କୁଚିଣ୍ଡା ଏସ୍‌ଡିଏଚ ଡ଼ା.ସତ୍ୟପ୍ରକାଶ ଦୋରା, ଭିମସାର ବୁର୍ଲା ମେଡ଼ିକାଲର ଡ଼ା. ପ୍ରଗତି ପ୍ରସାଦ ମିଶ୍ର, କୁଚିଣ୍ଡା ସୁନୈନା ଚକ୍ଷୁ ହସ୍ପିଟାଲର ଡ଼ା. ଅମିତ ମିଶ୍ର ଓ ବିଜୟ ଜଗଦଲା ପ୍ରମୁଖ ବିଶେଷଜ୍ଞ ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।



ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଗଛ ଲଗାଇ ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହୁଅ

କୁଚିଣ୍ଡା,୧୮।୯(ବିରଞ୍ଚି ଦର୍କା)




ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଉଛି।

## ଲଇଡାଗୁଣାରେ ଚାରା ରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର ଲଇଡାଗୁଣାଠାରେ ବାମରା ବନ୍ୟପ୍ରାଣୀ ଡ଼ିଭିଜନ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାମରା ବନ୍ୟପ୍ରାଣୀ ଡିଏଫଓ ବିକ୍ରମଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସେ ତାଙ୍କ ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ଧରିତ୍ରୀକୁ ମା' ଭାବେ ପୂଜା କରାଯାଏ। ସେଥିପାଇଁ ଗଛ ଲଗାଇବା କେବଳ ଏକ ପ୍ରତିକାତ୍ମକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ସଂସ୍କୃତି, କର୍ତ୍ତବ୍ୟ ଓ ସୁନ୍ଦର ଭବିଷ୍ୟତକୁ ଗଢ଼ିବାର ଲକ୍ଷ୍ୟ। ତେଣୁ ସମସ୍ତେ ଗଛ ଲଗାଇ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବନବିଭାଗ ସମ୍ବଲପୁର ଆରସିସିଏଫ ଟି.ଅଶୋକ କୁମାର, କୁଚିଣ୍ଡା ଉପଜିଲାପାଳ ସରୱନନ ସ, କୁଚିଣ୍ଡା କେନ୍ଦୁପତ୍ର ଡିଏଫଓ ତେଜରାଜ ନାଏକ,ଏମ୍‌ପି ପ୍ରତିନିଧି ଶୁଶିଳ କର, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ବିଡ଼ିଓ ଜୟନ୍ତ ସାହୁ, ଏସିଏଫ ଆଲୋକ କୁମାର ଷଡଙ୍ଗୀ ଓ ରେମା ଲାକ୍ରା, କୁଚିଣ୍ଡା କଲେଜ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ସରପଞ୍ଚ ପ୍ରମୋଦ କିଷାନ, ସମିତିସଭ୍ୟା ସ୍ୱର୍ଣ୍ଣଲତା ଅଡା, ଲଇଡାଗୁଣା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ।ଏହି ଅବସରରେ ବିଭିନ୍ନ ପ୍ରଜାତିର ୧୫ଶହ ଚାରା ରୋପଣ କରାଯାଇଥିଲା। କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମ ପରିଚାଳନାରେ ଫରେଷ୍ଟର ଚୂଡାମଣି ନାଏକ, ଟିକମଚାନ୍ଦ ଚୌଧୂରୀ, ରଜନୀକାନ୍ତ ପଟେଲ, ବିଶାଳ ନାଏକ, ଫରେଷ୍ଟଗାର୍ଡ ଝରଣା ମୟର, ତ୍ରିବେଣୀ ସେଠୀ ସହଯୋଗ କରିଥିଲେ। ପରିମଳ ପଣ୍ଡା ସଭାପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୯/୨୦୨୫ | Bhubaneswar, Friday, September 19/2025 | ପୃଷ୍ଠା-୧




# ଅନାସ୍ଥା ଆଣିଲା କଂଗ୍ରେସ

## ଜଗତେ କେବଳ ଜଣେ ହସିବେ: ଭାଜପା

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୂର୍ବରୁ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବ ବୋଲି ଯେଉଁ କହିଆସୁଥିଲା ତାହା ଗୁରୁବାର କରି ଦେଖାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ୧୫ଜଣ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରସ୍ତାବ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି। ପ୍ରସ୍ତାବରେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ମଧ୍ୟ ସମର୍ଥନ ରହିଛି। କାଡାମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ଭେଟି ଅନାସ୍ଥାକୁ ସମର୍ଥନ ସପକ୍ଷରେ ଆଲୋଚନା କରିଛନ୍ତି। ହେଲେ ଏନେଇ ବିଜେଡି ତା'ର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରିନାହିଁ।

ଗୁରୁବାର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସ୍ୱର୍ଗତ ସଦସ୍ୟମାନଙ୍କ ସମ୍ମାନାର୍ଥେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରକୋଷ୍ଠରେ କିଛିସମୟ ଧରିଅନାସ୍ଥା ସମ୍ପର୍କରେ ଦଳର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ପରେ ୧୫ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ଚିଠି ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ଏହାପରେ କାଡାମଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ୍ ଏକ୍କା, ☞ପୃଷ୍ଠା–୨



ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଦଳର ନେତା ତାରାପ୍ରସାଦ ବାହିନୀପତି, ସିଏସ୍ ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ ଗୁରୁବାର ୧୫ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା ପ୍ରସ୍ତାବ ପ୍ରଦାନ କରୁଛନ୍ତି।

# ବିଜେଡି ତଣ୍ଟିରେ ଅନାସ୍ଥା କଣ୍ଟା

ଭୁବନେଶ୍ୱର,୧୮।୯(ସୁନିତ୍ ମିଶ୍ର)

- ଅନାସ୍ଥାକୁ ସମର୍ଥନ କରିବନି ଦଳ
- ଆଇଏଏସ୍‌ଙ୍କ ପରେ ଜଣେ ଓଏଏସ୍ ଅଫିସରଙ୍କୁ ଭେଟିବାକୁ ଧାଉଁଛନ୍ତି

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଚଳିତ ଅଧିବେଶନରେ ଅନାସ୍ଥା ଆଣିବ ବୋଲି କଂଗ୍ରେସ ପକ୍ଷରୁ ବହୁ ଆଗରୁ ବାରମ୍ବାର କୁହାଯାଇଥିଲା। ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା, ବେରୋଜଗାରି ବୃଦ୍ଧି ପାଉଥିବା ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା କହିଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନଦେବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ବିଜେଡିର ସହଯୋଗ ଲୋଡ଼ିଛନ୍ତି। ଏହାପରେ ବିଜେଡି ବିଧାୟକ ପ୍ରତାପ ଦେବ ବିଜେଡି ପକ୍ଷରୁ ଗଠିତ ଫ୍ଲୋର ମ୍ୟାନେଜମେଣ୍ଟ କମିଟି ସହ ଦ୍ୱିପ୍ରହର ସମୟରେ ଏକ ବୈଠକ କରିଥିଲେ। କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜ କିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। ଦଳ ପକ୍ଷରୁ ଅନାସ୍ଥାକୁ ସମର୍ଥନ ନ ଦେବା ନେଇ ଏକ ପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହ ନ ଚଳାଇ ଦେବାକୁ ସ୍ଥିର କରାଯାଇଛି। ଏହାକୁ ବିଜେଡିର ବହୁ ବିଧାୟକ ଗ୍ରହଣ କରିନାହାନ୍ତି। ଭାଜପା ଏବଂ ବିଜେଡି ମଧ୍ୟରେ ଭଲ ସମ୍ପର୍କ ରହିଥିବା କଥା ଦୀର୍ଘଦିନରୁ ଚର୍ଚ୍ଚା ହୋଇଆସୁଛି। ସେଥିପାଇଁ ବିଜେଡିର ଅନେକ ନେତା ଏହାକୁ ବିରୋଧ ମଧ୍ୟ କରିଆସୁଛନ୍ତି। ଏବେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ନ କରିବା ଅର୍ଥ ପରୋକ୍ଷରେ ଭାଜପା ସହ ବିଜେଡିର ବୁଝାମଣା କଥା ପୁଣି ଥରେ ତଳସ୍ତରକୁ ଯିବ ବୋଲି ଦଳର ବହୁ ବିଧାୟକ ଯୁକ୍ତି ରଖୁଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ଯଦି ବିଜେଡି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରାଯାଉଛି ତେବେ ଅନାସ୍ଥାକୁ ସମର୍ଥନ ଦେବାରେ ଅସୁବିଧା କେଉଁଠି ବୋଲି ଦଳର ବିଧାୟକମାନେ ହିଁ କୁହାକୁହି ହେଲେଣି। ଏଭଳି ସ୍ଥିତିରେ ବିଜେଡି ତଣ୍ଟିରେ ☞ପୃଷ୍ଠା–୨

# ଆକ୍ରମଣର ମିଳିତ ମୁକାବିଲା କରିବେ ପାକିସ୍ତାନ-ସାଉଦି ଆରବ

ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣକ୍ରମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ବୁଧବାର ରିୟାଧ ଗସ୍ତ କରି ତାଙ୍କ ସହ ଏକ ବିସ୍ତୃତ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। 'ଷ୍ଟ୍ରାଟେଜିକ୍ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ' ଶୀର୍ଷକ ଏହି ଐତିହାସିକ ଚୁକ୍ତି ସମ୍ପନ୍ନ ହେବା ଫଳରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣକୁ ଉଭୟ ଦେଶ ଉପରେ ଅତିକ୍ରମଣ ବୋଲି ଇସ୍‌ଲାମାବାଦ ଓ ରିୟାଧ ବିବେଚନା କରି ମିଳିତ ଭାବେ ଏହାର ମୁକାବିଲା କରିବେ। ପାକିସ୍ତାନ ହେଉଛି ଏକମାତ୍ର ଆଣବିକ ଅସ୍ତ୍ରସମ୍ପନ୍ନ ମୁସଲମାନ ବହୁଳ ରାଷ୍ଟ୍ର। ଏହା ନିକଟରେ ଇସ୍‌ଲାମିକ୍ ଦୁନିଆର ସର୍ବବୃହତ୍ ସେନା ରହିଛି। ପଡ଼ୋଶୀ ଭାରତ ପଟୁ କୌଣସି ପ୍ରକାର ଚ୍ୟାଲେଞ୍ଜ ଆସିଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା ଇସ୍‌ଲାମାବାଦ କହିଆସୁଥିବାବେଳେ ସାଉଦି ଆରବ ସହ ସଦ୍ୟ ପ୍ରତିରକ୍ଷା ଚୁକ୍ତି ପାକିସ୍ତାନର ସାମରିକ ବଳ ବୃଦ୍ଧି ଘଟାଇପାରେ। ସେହିପରି ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକୁ ନେଇ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଅନୁରୂପ ଏକ ସାମରିକ ମହାମେଣ୍ଟ ପ୍ରତିଷ୍ଠା କରିବାକୁ ପାକିସ୍ତାନ ଚାହୁଁଥିଲା। ଉପରୋକ୍ତ ଚୁକ୍ତି ଇସ୍‌ଲାମିକ୍ ସାମରିକ ମହାମେଣ୍ଟ ପାଇଁ ମୂଳଦୁଆ ପକାଇଥିବା କୁହାଯାଉଛି। ତେଣୁ ଏହାକୁ ଭାରତ ପାଇଁ ଚିନ୍ତାଜନକ ମନେକରାଯାଉଛି।

ଇସ୍‌ଲାମାବାଦ/ରିୟାଧ/ନୂଆଦିଲ୍ଲୀ, ୧୮।୯(ପି.ଟି./ରଏଟର୍ସ)

ପାକିସ୍ତାନ ଓ ସାଉଦି ଆରବ ଏକ 'ରଣନୈତିକ ପାରସ୍ପରିକ ପ୍ରତିରକ୍ଷା' ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣ ହେଲେ ତାକୁ ଉଭୟ ଦେଶ ବିରୋଧରେ ଅତିକ୍ରମଣ ରୂପେ ବିବେଚନା କରାଯିବ ବୋଲି ଏକ ମିଳିତ ଘୋଷଣାନାମାରେ କୁହାଯାଇଛି। ଉପସାଗରୀୟ ରାଷ୍ଟ୍ରର ରାଜଧାନୀ ରିୟାଧକୁ ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଗସ୍ତ ☞ପୃଷ୍ଠା–୨

## ଭାରତ ପାଇଁ ଚିନ୍ତାଜନକ ପ୍ରତିରକ୍ଷା ଚୁକ୍ତି



ରିୟାଧରେ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍। **(ଫଟୋ ସୌଜନ୍ୟ: ରଏଟର୍ସ)**

# ନ୍ୟାଶନାଲ ଜିଓଗ୍ରାଫିକ୍‌ର କଭର ପେଜ୍‌ରେ ଶିମିଳିପାଳ କଳାବାଘ

ନୂଆଦିଲ୍ଲୀ,୧୮।୯(ପି.ଟି.)

ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନରେ ଭାରତୀୟ ଫଟୋଗ୍ରାଫର ପ୍ରସନ୍‌ଜିତ ଯାଦବଙ୍କ ଦ୍ୱାରା ନିଆଯାଇଥିବା ଏକ ଦୁର୍ଲଭ କଳାବାଘର ଫଟୋ ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର ଆଗାମୀ ଅକ୍ଟୋବର ମାସର ସଂସ୍କରଣ ପାଇଁ କଭର ପେଜ୍ ଭାବେ ସ୍ଥାନିତ ହୋଇଛି। ଉକ୍ତ କଭର ପେଜ୍ ଫଟୋ ପାଇଁ ପ୍ରସନ୍‌ଜିତଙ୍କୁ ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ଅନେକ ମାସ ଧରି ବାଘଗୁଡ଼ିକଙ୍କ ଉପରେ ନଜର ରଖିବାକୁ ପଡ଼ିଥିଲା। କଭର ପେଜ୍‌ରେ ସ୍ଥାନିତ ହୋଇଥିବା ବାଘଟି ସ୍ୟୁଡୋ ମେଲାନିଷ୍ଟିକ୍ ଟାଇଗର ପ୍ରଜାତିର ହୋଇଥିବା ବେଳେ ଏହା ବିଶ୍ୱର ସବୁଠାରୁ ଦୁର୍ଲଭ ବାଘ ମଧ୍ୟରୁ ଅନ୍ୟତମ। ☞ପୃଷ୍ଠା–୨




# ଦୁର୍ଘଟଣା ପରେ ସମ୍ପର୍କ ତୁଟିଲା

ବାରିପଦା, ୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୋଳାଗଡ଼ିଆ ଗ୍ରାମର ଜଣେ ମହିଳା ଏବେ ବେସାହାରା ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯିବା ପରେ ସାତଜନ୍ମର ସାଥୀ ହୋଇ ଜୀବନ ବିତାଇବାକୁ ଶପଥ ନେଇଥିବା ସିଆର୍‌ପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ସ୍ୱାମୀ ହାତ ଛାଡ଼ିଦେଇଛନ୍ତି। ଚିକିତ୍ସା ନିମନ୍ତେ ଔଷଧ କିମ୍ବା ଭରଣପୋଷଣ ପାଇଁ ସହଯୋଗ କରୁ ନ ଥିବାରୁ ଦିବ୍ୟାଙ୍ଗ ସାଜିଥିବା ମହିଳା ଜଣକ ଏବେ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି।



ସୀତା ମାରାଣ୍ଡି

ସେନା ଅଧିକାରୀଙ୍କଠାରୁ ଆରମ୍ଭକରି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାପଘର ଲୋକେ ଝିଅକୁ ନ୍ୟାୟ ଦେବାପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ

**ସ୍ତ୍ରୀ ହରାଇଲେ ଦୃଷ୍ଟିଶକ୍ତି, ହାତ ଛାଡ଼ିଦେଲେ ସ୍ୱାମୀ**

ଏକ ଦାବିପତ୍ର ଉପଜିଲାପାଳ ନେତାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଭୋଳାଗଡ଼ିଆ ଗ୍ରାମର ଲକ୍ଷ୍ମଣ ମାରାଣ୍ଡିଙ୍କ ଝିଅ ସୀତାଙ୍କୁ ବଡ଼ହାଲିଆ ଗ୍ରାମର ଗୁମୁଦା ହାଁସଦା ୨୦୧୮ ନଭେମ୍ବର ୨୫ରେ ପ୍ରେମ ବିବାହ କରିଥିଲେ। ଗୁମୁଦା ଜଣେ ସିଆର୍‌ପିଏଫ୍ ଯବାନ ହୋଇଥିବା ବେଳେ ଏବେ ସେ ବିହାର ରେଜିମେଣ୍ଟ ୨୦୫ କୋବ୍ରା ବାଟାଲିୟନରେ ☞ପୃଷ୍ଠା–୨

# ୧୩୫ ଶିଳ୍ପ ସଂସ୍ଥା ଉପରେ ଗଡ଼ୁଛି ୩୭୯୭ କୋଟିର ଜଳକର

ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)

ରାଜ୍ୟରେ ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଅନେକ ହଜାର କୋଟି ଟଙ୍କାର ଜଳକର ବକେୟା ଗଡ଼ୁଛି। ସମ୍ପୃକ୍ତ ଶିଳ୍ପସଂସ୍ଥା ରାଜ୍ୟର ପ୍ରମୁଖ ୧୧ଟି ନଦୀରୁ ଜଳ ଟାଣୁଥିଲେ ହେଁ ସମୟ ଭିତରେ ରାଜ୍ୟ ସରକାରଙ୍କୁ ଜଳକର ଦେଉନାହାନ୍ତି। ଫଳରେ ୧୩୫ଟି ପ୍ରମୁଖ ଶିଳ୍ପସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କାର ଜଳକର ୨୦୨୫ ମାର୍ଚ୍ଚ ସୁଦ୍ଧା ବକେୟା ଗଡ଼ୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦର୍ଶାଇଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳପ୍ରବାହରେ ଅନିୟମିତତା ପରିଲକ୍ଷିତ ହୋଇଛି। ଓଡ଼ିଶାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ନାଗାବଳୀ, କୋଲାବ, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବାହୁଦାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଜଳ ନେଉଛନ୍ତି। ୧୩୫ଟି ଶିଳ୍ପ ସଂସ୍ଥା ୧୧ଟି ନଦୀରୁ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

## ପଡ଼ୋଶୀରେ ଅସ୍ଥିରତା



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ବୁଣାକାର ମହାସଂଘ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶିଳାଶ୍ରୀ ସାହିତ୍ୟ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର (ସଂସ୍କୃତି ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା), ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଭାରତ ସରକାରଙ୍କ ଇନ୍‌ଟାକ୍ ପକ୍ଷରୁ ଜନତା ରଙ୍ଗମଞ୍ଚକୁ ଐତିହାସିକ ସାଂସ୍କୃତିକ ଅନୁଷ୍ଠାନ ମାନ୍ୟତା ଫଳକ ଉନ୍ମୋଚନ ଉତ୍ସବ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜାଗା ମିଶନ ଯୋଜନା ପୁନଃ ପ୍ରଚଳନ ନିମନ୍ତେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ତୃତୀୟ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

**ଭଦ୍ରକ**
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଡିହିଡ଼ି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ୩ୟ ଶ୍ରାଦ୍ଧବାର୍ଷିକ ପାଳନ, ସ୍ଥାନ: ପାନ୍ଥନିବାସ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକରେ ଗୀତା ଯଜ୍ଞ ଓ ସ୍ମୃତିସଭା, ସ୍ଥାନ: ବୈତରଣୀ ନଦୀ ଉତ୍ତରବାହିନୀ ଘାଟ, ଆନନ୍ଦପୁର, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କାଲୁଆ ଯାତ୍ରା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷାଣୀନୂଆଗାଁ ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ମହକ, ସ୍ଥାନ: ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବ୍ୟାଙ୍କ ପରାମର୍ଶ କମିଟି ବୈଠକ,ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଫୁଡ୍ ଲଭର୍ସ ପକ୍ଷରୁ ଫୁଡ୍ ଫେଷ୍ଟା, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪ର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ବଡ଼ପଡ଼ିଆ ବ୍ୟାଙ୍କ ଛକ, ପାରାଦୀପ, ସମୟ: ସକାଳ ୭ ଟା।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଟ ସଫେଇ ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ତଟରକ୍ଷକ ବାହିନୀର ନୂତନ ପାଟ୍ରୋଲିଂ ଜାହାଜ 'ଅଦମ୍ୟ'ର ଲୋକାର୍ପଣ ଉତ୍ସବ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ତୋରଣ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାଙ୍କ ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ଟା।

**କେନ୍ଦ୍ରାପଡ଼ା**
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ମା' ବିରଜାଙ୍କ ଷୋଡ଼ଶ ପୂଜା, ସ୍ଥାନ: ବ୍ୟାସନଗର ବିରଜା ନଗର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୨୦।

**ନୟାଗଡ଼**
- ନାରାୟଣୀଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୩ୟ ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକର ଗୋହିରିମେଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ବିମଳାଙ୍କ ଷୋଡ଼ଶ ପୂଜାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜୀବନ ପାଇଁ ଖାଦ୍ୟ ହେକାଥନ- ୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ସକାଳ ୯ଟା।

**ନବରଙ୍ଗପୁର**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ୬ଟି ଷ୍ଟଲ ସିଲ୍ କରାଯିବ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅବିଭକ୍ତ କୋରାପୁଟ ଜିଲାକୁ ନେଇ ରାଜ୍ୟ ଗଠନ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ସ୍ୱାର୍କ-୨୦୨୫, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମେସିଙ୍ଗପୁଟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଖେଳକୁଦ ଚୟନ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁସ୍ଥ ନାରୀ ସଶକ୍ତ ଅଭିଯାନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲମତାପୁଟ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ରେଳ ନଗର, ସମୟ: ସକାଳ ୭ଟା।
- ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ଅର୍ନ୍ତଗତ ନିଶାନଭଙ୍ଗା ଜଙ୍ଗଲ, ସମୟ : ସକାଳ ୯ଟା ୩୦।
- ଓଡ଼ିଶା କେନ୍ଦୁପତ୍ର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ୩୦।
- ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା୬ଟା।
- ରାବଣ ବଧ ଉତ୍ସବର ପ୍ରସ୍ତୁତି ଓ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା

**ରାଉରକେଲା**
- ଷ୍ଟିଲ୍ ଏମ୍ପ୍ଲଇଜ୍ ଟ୍ରେଡ୍ ୟୁନିଅନ ଓ ସାଥୀ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୭ଟା ୩୦।
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବାସନ୍ତୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଭାବକ ବୈଠକ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ ପାଠାଗାର ସତ୍ୟବାଦୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- କ୍ୟାନସର ଚିହ୍ନଟ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ପ୍ରଶିକ୍ଷଣ ଶିବିର-'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସେବାପକ୍ଷ ଅବସରରେ କର୍ମଶାଳା, ସ୍ଥାନ:ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

**କଳାହାଣ୍ଡି**
- ସେବାପକ୍ଷ ଉପଲକ୍ଷେ ଭାଜପାର ରକ୍ତଦାନ ଶିବିର, ସ୍ଥାନ: ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ସୁପର ଡ୍ୟାନ୍ସର କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ସ୍ୱାସ୍ଥ୍ୟ ନାରୀ ଶକ୍ତି ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସର୍ବସାଧାରଣଙ୍କ ଜନଶୁଣାଣି ଶିବିର, ସ୍ଥାନ: ଗୁଦୁଲିଆ ମାର୍କେଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ତରଭାରେ ବିଶ୍ୱକର୍ମାଙ୍କ ଭସାଣି ଶୋଭାଯାତ୍ରା, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପରାୟଣର ଦ୍ୱିତୀୟ ଦିବସ, ସ୍ଥାନ: କର୍ଣ୍ଣପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସେବାପକ୍ଷ ପାଳନ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଗଡଗଡବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ମୂର୍ତ୍ତି ବିସର୍ଜନ, ସ୍ଥାନ: ଆମ୍ବେଡକର ଛକ ନିକଟ ବାରିକ ଗ୍ୟାରେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ପ୍ରଥମ ପୃଷ୍ଠାରୁ...

## ଆକ୍ରମଣର ମିଳିତ...

ସମୟରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ସେ ଉକ୍ତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଗଲ୍ଫ ରିଜିଅନ୍‌ରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଆସିଥିବା କାତାର ରାଜଧାନୀ ଦୋହାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ହମାସ୍‌ର ଶୀର୍ଷ ରାଜନେତାମାନଙ୍କୁ ହତ୍ୟା ପାଇଁ ଇସ୍ରାଏଲ୍ ଟାର୍ଗେଟ କରିବାର କିଛିଦିନ ପରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି। ପ୍ରତିରକ୍ଷା ଚୁକ୍ତିର ଦିନକ ପରେ ଗୁରୁବାର ନୂଆଦିଲ୍ଲୀ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୂଟନୈତିକ ବିଫଳତା ବୋଲି ସମାଲୋଚନା କରିଛି।

ପାକିସ୍ତାନ-ସାଉଦି ଆରବ ମିଳିତ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି, ଏହି ପ୍ରତିରକ୍ଷା ଚୁକ୍ତି ସମ୍ପୃକ୍ତ କ୍ଷେତ୍ରରେ ନିରାପତ୍ତା ଓ ଶାନ୍ତିକୁ ସୁନିଶ୍ଚିତ କରିବା ଲାଗି ଉଭୟ ଦେଶର ସୁରକ୍ଷାକୁ ତ୍ୱରାନ୍ୱିତ କରିବା ଉପରେ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ୨ ଦେଶ ମଧ୍ୟରୁ କାହା ଉପରେ ବି ଆକ୍ରମଣ ହେଲେ ତାକୁ ଉଭୟେ ନିଜ ଉପରେ ଅତିକ୍ରମଣ ବିବେଚନା କରି ଏହାର ମିଳିତ ମୁକାବିଲା କରିବେ। ପାକିସ୍ତାନ ଓ ସାଉଦି ଆରବର ୮ ଦଶନ୍ଧି ପୁରୁଣା ଐତିହାସିକ ସହଭାଗିତାକୁ ଆଗକୁ ଆହୁରି ମଜଭୁତ କରିବା ଦିଗରେ ଏହା ସହାୟକ ହେବ। ଭ୍ରାତୃତ୍ୱ ଓ ଇସ୍‌ଲାମିକ୍ ଏକତା ଆଧାରିତ ତଥା ଘନିଷ୍ଠ ପ୍ରତିରକ୍ଷା ସହଯୋଗକୁ ଭିତ୍ତିକରି ୨ ଦେଶ ଉପରୋକ୍ତ ସହମତି ପ୍ରକାଶ କରିଛନ୍ତି। ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ କ୍ଷେତ୍ରୀୟ ଆହ୍ୱାନ ଓ ଦ୍ୱିପାକ୍ଷିକ ସହଯୋଗିତା ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି।

କ୍ରାଉନ୍ ପ୍ରିନ୍ସଙ୍କ ନିରନ୍ତର ସମର୍ଥନ, ସାଉଦି ନିବେଶ ଓ ଦୁଇଦେଶର ବାଣିଜ୍ୟ ତଥା ବ୍ୟବସାୟ ବୃଦ୍ଧିକୁ ସେ ସମ୍ମାନ ଦିଅନ୍ତି। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ରକୁ ଶେହବାଜଙ୍କ ଗସ୍ତ ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଉଭୟ ରାଷ୍ଟ୍ରର ସ୍ୱାର୍ଥ ସମ୍ବଳିତ ଏକ ଐତିହାସିକ ସୁଯୋଗ ବୋଲି ଅଭିହିତ କରିଥିଲା। ସପ୍ତାହେ ଭିତରେ ଉପସାଗରୀୟ ଅଞ୍ଚଳକୁ ଏହା ହେଉଛି ଶେହବାଜଙ୍କ ତୃତୀୟ ଗସ୍ତ। ଏହା ପୂର୍ବରୁ ଶେହବାଜ କାତାରକୁ ୨ ଥର (ଗୁରୁବାର ଓ ସୋମବାର) ଗସ୍ତ କରିଥିଲେ। ସେପ୍ଟେମ୍ବର ୯ରେ କାତାରରେ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ଦୋହାକୁ ସମର୍ଥନ କରିବା ଥିଲା ତାଙ୍କ ଗସ୍ତର ଉଦ୍ଦେଶ୍ୟ। ଶେହବାଜଙ୍କ ସଦ୍ୟ ରିୟାଧ ଗସ୍ତବେଳେ ତାଙ୍କ ସହ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର, ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର୍, ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍, ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ୍, ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର, ପରିବେଶ ମନ୍ତ୍ରୀ ମୁସାଦିକ୍ ମଲିକ୍ ଏବଂ ସ୍ୱତନ୍ତ୍ର ସହଯୋଗୀ ତାରିକ୍ ଫତେମି ଯାଇଥିଲେ।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନ ଧରି ସାମରିକ ସଂଘର୍ଷ ଲାଗିରହିବାର ୪ ମାସ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସମ୍ପନ୍ନ ହୋଇଛି। ଏହା ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଜାତୀୟ ସୁରକ୍ଷା ସହ ଆଞ୍ଚଳିକ ଓ ବୈଶ୍ୱିକ ସ୍ଥିରତା ଉପରେ ଏହି ଚୁକ୍ତିର କି ପ୍ରଭାବ ପଡ଼ିବ, ନୂଆଦିଲ୍ଲୀ ତାହା ଅନୁଧ୍ୟାନ କରିବ। ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ସବୁ କ୍ଷେତ୍ରରେ ବ୍ୟାପକ ଜାତୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ହେଉଛି ନୂଆଦିଲ୍ଲୀର ପ୍ରାଥମିକତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଣ୍ଡା ପିଠା ଗୋଟି ଅଇଁଠା କଲି**
**କଷା କିଏ ମିଶାଇଲା**
**ଗଲା କଥା ଆଉ ଲେଉଟି ଆସେ କି**
**ଯେତେ ଆଶା କଲେ ଭଲା ?**

ଗତସ୍ୟ ଶୋଚନା ନାସ୍ତି। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ। ସେହିପରି ଯାହା ବିତିଯାଇଛି ତାହା ଆଉ ଫେରି ଆସି ନ ଥାଏ। ଅତୀତ ସବୁବେଳେ ଅଫେରା। ତେଣୁ ପଛ କଥା ଚିନ୍ତା କରି ଅଯଥାରେ ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମାଗିଖିଆ ଲାଗି ଖାଏ ନାହିଁ**
**କି ଲାଗିଖିଆ ମାଗି ଖାଏ ନାହିଁ।**

ଯିଏ ଭିକ ମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା କରି ନ ଥାଏ। ସେହିପରି ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତ ପାତିବାକୁ ସଙ୍କୋଚ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନାସ୍ଥା ଆଣିଲା...

ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠରେ ଅନାସ୍ଥା ପ୍ରସ୍ତାବ ପାଇଁ ସହଯୋଗ ଲୋଡ଼ିବାକୁ ପହଞ୍ଚିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ ଅନ୍ୟ ସଦସ୍ୟମାନଙ୍କ ସହ ଏନେଇ ଆଲୋଚନା ହୋଇଥିଲା। ଏହି ଅବସରରେ କାଡାମ କହିଛନ୍ତି, କଂଗ୍ରେସ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛି। ରାଜ୍ୟରେ ଯେଉଁଭଳି ଭାବେ ନାରୀ ନିର୍ଯାତନା ବଢ଼ିଚାଲିଛି ଏବଂ ମହିଳାମାନେ ତ୍ରାହି ତ୍ରାହି ଡାକୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ରାଜ୍ୟରେ ଚାଷୀଙ୍କଠାରୁ ଆରମ୍ଭ କରି ବେକାର ଯୁବତୀଯୁବକ ଏବଂ ଆଦିବାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ସମସ୍ୟା ଦେଇ ଗତି କରୁଛନ୍ତି। ଏହାକୁ ନେଇ କଂଗ୍ରେସ ଅନାସ୍ଥା ଆଗତ କରିଛି। ଆଶା କରୁଛୁ ରାଜ୍ୟବାସୀଙ୍କ ହିତ ପାଇଁ ବିଜେଡି ଆମକୁ ସମର୍ଥନ ଦେବ।

ଅପରପକ୍ଷେ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ଓ କଂଗ୍ରେସ ଭିତରେ 'ସିଲ୍‌ଭର ମେଡାଲ' ପାଇଁ ଲଢ଼େଇ ଚାଲିଛି। ଅନାସ୍ଥାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ ଏବଂ 'ଜଗତେ କେବଳ ଜନେ ହସିବେ'। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନ ଥାଇ କଂଗ୍ରେସ ଅନାସ୍ଥା ଆଣିବା କେବଳ ସସ୍ତା ବଞ୍ଚାଇବାକୁ ଉଦ୍ୟମ ଛଡ଼ା ଆଉ କିଛି ନୁହେଁ ବୋଲି ସେ କହିଛନ୍ତି।

## ବିଜେଡି ତଣ୍ଟିରେ...

ଅନାସ୍ଥା ଏକ କଣ୍ଟା ଭଳି ଲାଗିବାକୁ ଯାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଆସିଛି। ଅନାସ୍ଥାକୁ ବାଚସ୍ପତି ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ତେଣୁ ନଈ ନ ଦେଖୁଣୁ ଲଙ୍ଗଳା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମଦୂରତା ନୀତି ବିଷୟରେ କହିବା ପରେ ବିଜେଡି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ନାହିଁ ବୋଲି ପରୋକ୍ଷରେ ଇଙ୍ଗିତ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଦଳ ଭିତରେ ବର୍ତ୍ତମାନ ଆଉ ଏକ ନୂଆ କଥା ଚର୍ଚ୍ଚାକୁ ଆସିଛି। ଦଳର ବହୁ ବରିଷ୍ଠ ନେତା ପୂର୍ବରୁ ଜଣେ ଆଇଏଏସ୍‌ଙ୍କ ପଛରେ ଯେମିତି ଦୌଡ଼ୁଥିଲେ ବର୍ତ୍ତମାନ ସେହିଭଳି ଆଉ ଜଣେ ଓଏଏସ୍ ଅଫିସରଙ୍କ ପାଖରେ ନିଜର ଓଜନ ଖସାଇବାକୁ ବସିଲେଣି ବୋଲି ଶୁଣିବାକୁ ମିଳୁଛି। ନବୀନ ନିବାସରେ ଅଧିକାଂଶ ବିଷୟ ବୁଝାବୁଝି କରୁଥିବା ଜଣେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଦେଖା ହେବାକୁ ଦଳର ବରିଷ୍ଠ ନେତାମାନେ କୁଆଡ଼େ ସମୟ ମାଗୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେହି ଓଏଏସ୍ ଅଫିସର ଜଣଙ୍କ ଭି.କେ. ପାଣ୍ଡିଆନ୍‌ଙ୍କ ଏକାନ୍ତ ଅନୁଗତ ବୋଲି ସମସ୍ତେ ଜାଣନ୍ତି। ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ରାଜନୀତି ବିଷୟରେ ଚର୍ଚ୍ଚା ଆଉ ଆଲୋଚନା କରିବାକୁ ଅଧିକାଂଶ ନେତା ନବୀନ ନିବାସ ଯାଇ ସେହି ଓଏଏସ୍ ଅଧିକାରୀଙ୍କୁ ଭେଟିଥିବା ଜଣାପଡ଼ିଛି, ଯେତେବେଳେ କି ବିଜେଡି ସଭାପତି ନବୀନ ପଟ୍ଟନାୟକ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି।

## ନ୍ୟାଶନାଲ ଜିଓଗ୍ରାଫିକ୍‌ର...

ଏହି ପ୍ରକାରର କଳାବାଘ କେବଳ ଶିମିଳିପାଳରେ ଦେଖାଯାଆନ୍ତି ବୋଲି ପ୍ରସନ୍ନଜିତ କହିଛନ୍ତି। ସେ କହିଛନ୍ତି, ଜଣେ ଏକ୍ସପ୍ଲୋରର ଏବଂ ନ୍ୟାଶନାଲ ଜିଓଗ୍ରାଫିକ୍‌ର ଫଟୋଗ୍ରାଫର ଭାବେ ଦୀର୍ଘ ମାସ ଧରି ଶିମିଳିପାଳ ଜଙ୍ଗଲରେ ବୁଲିବା ତାଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। ଏହି ଅବସରରେ ଦୁର୍ଲଭ ବାଘମାନଙ୍କ ସୁରକ୍ଷା ଦିଗରେ ଓଡ଼ିଶା ବନ ବିଭାଗର ଉତ୍ସର୍ଗୀକୃତ ପରିଚାଳନା ଓ ଅଧିକାରୀମାନଙ୍କ ପ୍ରତିବଦ୍ଧତାକୁ ସେ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ। ଅନେକ ମାସର ଧୈର୍ଯ୍ୟ ଓ ପରିଶ୍ରମ ପରେ ବ୍ୟାଘ୍ର ଗବେଷକଙ୍କ ମଧ୍ୟରେ ଟି୧୨ ଭାବେ ପରିଚିତ ଥିବା ବାଘର ଏକ ଉତ୍କୃଷ୍ଟ ଫଟୋ ନେବା ତାଙ୍କ ପାଇଁ ଆନନ୍ଦଦାୟକ ମୁହୂର୍ତ୍ତ ଥିଲା। ତାଙ୍କ ଦ୍ୱାରା ନିଆଯାଇଥିବା ଏହି ଫଟୋ ଏବଂ ଷ୍ଟୋରି ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନର କଭର ପେଜ୍‌ରେ ସ୍ଥାନିତ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରସନ୍ନଜିତ କହିଛନ୍ତି। ଉକ୍ତ କଭର ଫଟୋର ଷ୍ଟୋରିରେ ବ୍ୟାଘ୍ର ସଂରକ୍ଷଣର ଜଟିଳ ବାସ୍ତବତା ଏବଂ ସ୍ୟୁଡୋ ମେଲାନିଷ୍ଟିକ୍ ପ୍ରଜାତିର ବାଘଙ୍କ ବିରଳ ଜେନେଟିକ ମ୍ୟୁଟେଶନ ସମ୍ପର୍କିତ ବୈଶିଷ୍ଟ୍ୟ ବିଷୟରେ ଲୋକଙ୍କ ପାଇଁ ବିସ୍ତୃତ ସୂଚନା ରହିଥିବା ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର ମୁଖ୍ୟ ସମ୍ପାଦକ ନାଥନ ଲମ୍ବ୍ କହିଛନ୍ତି।

## ଦୁର୍ଘଟଣା ପରେ...

କାର୍ଯ୍ୟରତ ଅଛନ୍ତି। ତେବେ ବିବାହର କିଛି ବର୍ଷ ହସଖୁସିରେ କଟିବା ପରେ ୨୦୨୪ ସେପ୍ଟେମ୍ବର ୪ରେ ସ୍ତ୍ରୀ ଓ ସ୍ୱାମୀ ଉଦଳାରୁ ଘରକୁ ଫେରୁଥିବା ବେଳେ ବାରିପଦା-ଉଦଳା ରାସ୍ତାର ନାହୁଆ ଛକ ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କାଦେଇଥିଲା। ଏଥିରେ ଉଭୟେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ। ଗୁମୁଦାଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା ବେଳେ ସୀତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାମୀ ସୁସ୍ଥ ହୋଇ ଚାକିରିରେ ଯୋଗଦେଇଥିବା ବେଳେ ୨ମାସ ଧରି ଆଇସିୟୁରେ ରହିବା ପରେ ସୀତା ଶାଶୁଘରକୁ ଫେରିଥିଲେ। ମାତ୍ର ଦୁର୍ଘଟଣାରେ ଦୁଇଟି ଆଖି ସମ୍ପୂର୍ଣ୍ଣ ନଷ୍ଟହୋଇଥିବାରୁ ଶାଶୁଘର ଲୋକେ ସୀତାଙ୍କ ସେବାଯତ୍ନ କରିବାକୁ ଅମଙ୍ଗ ହୋଇ ନଭେମ୍ବରରେ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ। ସେହିଦିନଠାରୁ ସୀତା ବାପଘରେ ରହି ଆସୁଛନ୍ତି। ଗୋଟିଏ ପଟେ ଆଖି ହରାଇଥିବା ଓ ଅନ୍ୟପଟେ ସ୍ୱାମୀ ହାତ ଛାଡ଼ିଦେବାରୁ ସେ ଅସହାୟ ହୋଇପଡ଼ିଛନ୍ତି। ଇତିମଧ୍ୟରେ ଗୁମୁଦା ଦ୍ୱିତୀୟ ବିବାହ ପାଇଁ ସଜବାଜ ହେଉଥିବା ବେଳେ ସୀତା ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଆର୍ଥିକ ସହାୟତା ପାଇଁ ସୀତା ସିଆର୍‌ପିଏଫ୍ ମୁଖ୍ୟାଳୟ ଦିଲ୍ଲୀ ଏବଂ ବିହାରରେ ନିବେଦନ କରିଛନ୍ତି। ଦିବ୍ୟାଙ୍ଗ ସୀତାଙ୍କୁ ନ୍ୟାୟ ପ୍ରଦାନ ସହ ସରକାରୀ ସୁବିଧା ଯୋଗାଇଦେବାକୁ ତାଙ୍କ ବାପଘର ଲୋକେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଗୁମୁଦାଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ୧୩୫ ଶିଳ୍ପ ସଂସ୍ଥା...

୧,୧୬୧.୭୧ କ୍ୟୁସେକ୍ ଜଳ ଟାଣୁଥିବାବେଳେ ୧,୦୩୭.୪୧ ମିଲିୟନ କ୍ୟୁବିକ୍ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର କରୁଛନ୍ତି। ଏବାବଦକୁ ପ୍ରମୁଖ ୧୩୫ଟି ଶିଳ୍ପ ସଂସ୍ଥା ଉପରେ ୩,୭୯୭.୧୪କୋଟି ଟଙ୍କା ବକେୟା ରହିଛି। ସେଥିମଧ୍ୟରେ କଟକ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ଲି. ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୫୮.୩୬୮କୋଟି ଟଙ୍କା ବକେୟା ଗଡୁଥିବାବେଳେ ପାରାଦ୍ୱୀପସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଉପରେ ୧୦୮.୯୮୧କୋଟି, ସମ୍ବଲପୁରସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲି. ଉପରେ ୨୪୪.୧୦୯ କୋଟି, ପାରାଦୀପ ଫସ୍‌ଫେଟ୍‌ସ ଉପରେ ୪୫.୫୧୩ କୋଟି, ବିରଜା ଷ୍ଟିଲ୍ ଆଣ୍ଡ୍ ଏନର୍ଜି ଉପରେ ୯୮କୋଟିରୁ ଅଧିକ ଟଙ୍କା ବକେୟା ରହିଛି। ସେହିପରି ଢେଙ୍କାନାଳସ୍ଥିତ ଭୂଷଣ ଷ୍ଟିଲ ଆଣ୍ଡ ଷ୍ଟ୍ରିପ ଉପରେ ୧୮୫କୋଟି, ଶ୍ରୀ ମହାବୀର ଫେରୋ ଆଲୟଜ ଉପରେ ୨୫.୭୪୦କୋଟି, ଜୟପୁରସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲି. ଉପରେ ୧୯୫.୮୩୯କୋଟିଟଙ୍କା ବକେୟା ଗଡୁଛି।

ଏହି ୧୧ଟି ନଦୀରୁ ଚାଷ ପାଇଁ ୨୪,୧୫୪.୯୭ ଏମ୍‌ସିଏମ୍ ଜଳ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଥିମଧ୍ୟରେ ମହାନଦୀରୁ ୧୨,୭୧୦.୫୯ ଏମ୍‌ସିଏମ୍, ବ୍ରାହ୍ମଣୀରୁ ୩୩,୨୫.୪୮, ବୈତରଣୀରୁ ୧,୯୪୩.୬୫, ଋଷିକୁଲ୍ୟାରୁ ୧,୪୦୨.୪୭, ବଂଶଧାରାରୁ ୭୧୯.୭୪, ନାଗାବଳୀରୁ ୧୭୦.୮୯, କୋଲାବରୁ ୧,୪୦୨.୬୩, ଇନ୍ଦ୍ରାବତୀରୁ ୧,୫୮୦.୨୧, ସୁବର୍ଣ୍ଣରେଖାରୁ ୩୯୪,୮୦, ବାହୁଦାରୁ ୧୭୦,୧୬ ଏବଂ ଜମ୍ଭୀରୁ ୬୬.୩୫ ଏମ୍‌ସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଦୀର୍ଘଦିନର ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆନୁଷଙ୍ଗିକ ସାହାଯ୍ୟରୁ ନିର୍ମାଣାଧୀନ କାମର ପ୍ରତିବନ୍ଧକ ଦୂର ହେବ। ଶୁକ୍ରଙ୍କ ପ୍ରଭାବରୁ ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ କେତେକାଂଶରେ ସାଧାରଣ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ** – ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭରୁ କାର୍ଯ୍ୟ ହାସଲ କରିବେ। ମନୋବଳ ଟାଣ ରହିବ ଓ ଅଟକିଥିବା କାମକୁ ଶେଷ କରିପାରିବେ। ପାରିବାରିକ ସମସ୍ୟା ଭିତରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। ଆଧାତ୍ମିକ ଗ୍ରହ ଶନିଙ୍କ କୃପାରୁ ବନ୍ଧୁଙ୍କ ଗହଣରେ ତୀର୍ଥାଟନର ସୁଯୋଗ ଲାଭ କରି ଖୁସୀ ଅନୁଭବ କରିପାରନ୍ତି।

**ମିଥୁନ** – ପରିବାର ସ୍ଥାନରେ ବୁଧ ହେତୁ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ ସମସ୍ୟା ବଡ ଆକାର ଧାରଣ କରିପାରେ। ଆନୁଷ୍ଠାନିକ କାମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** – ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବେ। ବିନୟ ବଚନ ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି।

**ସିଂହ** – ନୀଚାରୋହୀ କର୍ମାଧିପତି ପାପଗ୍ରହ ଯୁକ୍ତ କାରଣରୁ କାମର ଚାପ ବୃଦ୍ଧିଜନିତ ମାନସିକ ସ୍ଥିରତା ରହିବ ନାହିଁ। ପରିସ୍ଥିତିରେ ପଡି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ଗତକାଲି ପରି ଆଜି ମଧ୍ୟ ପାରିବାରିକ ପରିସ୍ଥିତି ଅପରିବର୍ତ୍ତିତ ରହିବ। ବନ୍ଧୁ ପରିଜନଙ୍କ ସହିତ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି।

**କନ୍ୟା** – ଏକାଦଶ ସ୍ଥାନରେ ବୃହସ୍ପତି ଅବସ୍ଥାନ କରିଥିବାରୁ କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା** – କର୍ମଭାବସ୍ଥ ଚନ୍ଦ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ , ପରିବହନ ଏବଂ ଦୂରଯାତ୍ରା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କର ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** – ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁ ସାମୟିକ କାମଟିକୁ ଅଟକାଇ ଦେଇପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବାର ସୂଚନା ରହିଛି।

**ଧନୁ** – ନିଜ ଗୃହକୁ ରାଶ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରୁ ଆରୋଗ୍ୟଲାଭ କରିବା ସହ ନୂତନ ଯୋଜନାରେ ସଫଳତା ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କଳହର ସୂତ୍ରପାତ ହେବ। ସ୍ଥଗିତ କାମକୁ ପୂରା କରିବା ସହ ଆଲୋଚନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମକର** – କର୍ମଭାବରେ ମଙ୍ଗଳଗ୍ରହ ଅମଙ୍ଗଳ ବିନାଶ ପୂର୍ବକ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଉପର ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ବିବାଦୀୟ ପରିସ୍ଥିତି ବଦଳି ଯାଇପାରେ। ଦୂରଯାତ୍ରା କ୍ଷେତ୍ରରେ କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିଯିବ।

**କୁମ୍ଭ** – ରାହୁଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିରେ କୌଶଳ ପ୍ରୟୋଗକରି କାମ ହାସଲ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ମତାମନ୍ତବ୍ୟ ଦେବା ଠିକ୍ ହେବନାହିଁ। ପ୍ରତିବାଦୀଙ୍କ ଅନୁପସ୍ଥିତିଜନିତ କଚେରି ମାମଲାରେ ବାଧା ହୋଇପାରେ। ଆଜିର ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଏବଂ ବନ୍ଧୁସମ୍ପର୍କ ପ୍ରାୟତଃ ଭଲ ରହିବ।

**ମୀନ** – ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ ସମସ୍ୟା ସମାଧାନର ମାର୍ଗଦର୍ଶକ ସାଜିବ। ଚନ୍ଦ୍ର ଓ ବୁଧଙ୍କ ଶୁଭସଂସ୍ଥାନ ହେତୁ ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ସଫଳତା ପାଇବେ।

ଆଜି ସେପ୍ଟେମ୍ବର ୧୯ ତାରିଖ, ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ସକାଳ ଘ. ୦୭।୦୬ ମି. ଗତେ, ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୩୮ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୦୯ ଗତେ, ଘ.୧୧।୪୦ ମଧ୍ୟେ ରାହୁକାଳ।




# ୬୦ ବର୍ଷୀୟ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ବାର୍ଦ୍ଧକ୍ୟ ପେନ୍‌ସନ

**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)**

- **ସୁଭଦ୍ରା ଲାଭ ଏଯାଏଁ ପାଇଥିଲେ ବି ସେମାନଙ୍କୁ ଭତ୍ତା ଦିଆଯିବ**
- **ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁ ହେବ**

ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ବୟସ ହେବା ପରେ ପେନ୍‌ସନ ପାଇଁ ଆବେଦନ କରିପାରିବେ। ସୁଭଦ୍ରା ଉପରେ ପ୍ରଥମ ରାଜ୍ୟସ୍ତରୀୟ ପରିଚାଳନା ଏବଂ ତଦାରଖ କମିଟି ବୈଠକର ସମୀକ୍ଷା ପରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ପ୍ରଦାନ କରାଯାଇଛି। ଏଥିସହ ମଧୁବାବୁ ପେନ୍‌ସନ ଯୋଜନା (ଏମ୍‌ବିପିୱାଇ) କିମ୍ବା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି)ରେ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଚିଠି ଜାରି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଏନେଇ ମହିଳା ଓ ଶିଶୁ ସୁରକ୍ଷା ବିଭାଗକୁ ଚିଠି ଲେଖାଯାଇଥିବା ସୂଚନା ଦିଆଯାଇଛି । ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ୬୦ ବର୍ଷ ହେବା ପରେ ସୁଭଦ୍ରା ହିତାଧିକାରୀ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ଯେକୌଣସି ସାମାଜିକ ସୁରକ୍ଷା ପେନ୍‌ସନ ପାଇଁ ଆବେଦନ କରିପାରିବେ। କିନ୍ତୁ ପେନ୍‌ସନ ମଞ୍ଜୁରୀ ସମ୍ପୃକ୍ତ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଜରୁରୀ।

ଏହା ସହ ଏହି ବ୍ୟବସ୍ଥା ଉପଲବ୍ଧତା ଉପରେ ନିର୍ଭରକରିବ। ରାଜ୍ୟ ସରକାର ନିଜର ଆର୍ଥିକ କ୍ଷମତା ଏବଂ ବିକାଶର ସୀମା ମଧ୍ୟରେ ତଥା ପର୍ଯ୍ୟାପ୍ତ ସମ୍ବଳ ଆଧାରରେ ଦୁର୍ବଳ ଜନସଂଖ୍ୟାକୁ ସାମାଜିକ ସୁରକ୍ଷା ପେନ୍‌ସନ ସୁନିଶ୍ଚିତ କରାଇବେ। ବୃଦ୍ଧାବସ୍ଥା, ଅକ୍ଷମତା, ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ, ବିଧବାଙ୍କ କ୍ଷେତ୍ରରେ ଏହା ଲାଗୁହେବ। ଯଦିଓ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀମାନେ ପୂର୍ବରୁ ସରକାରଙ୍କ ଠାରୁ ଲାଭପାଇ ସାରିଛନ୍ତି କିନ୍ତୁ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଏବଂ ଉଭୟ ଅନ୍ତର୍ଗତ ଅପେକ୍ଷାରେ ରହିଥିବା ତାଲିକାଭୁକ୍ତ ଆବେଦନକାରୀ ତଥା ଏପର୍ଯ୍ୟନ୍ତ ଏପରି କୌଣସି ଲାଭ ପାଇ ନ ଥିବା କିମ୍ବା ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କ ତୁଳନାରେ ଅଧିକ ବୟସ୍କ/ଅଧିକ ଆବଶ୍ୟକତା ଥିବା ଆଦେନକାରୀଙ୍କୁ ପ୍ରାଥମିକତା ପ୍ରଦାନ ଦିଆଯିବ। ଏମ୍‌ବିପିୱାଇ/ଏନ୍‌ଏସ୍‌ଏପି ଅନ୍ତର୍ଗତ ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀଙ୍କୁ ପେନ୍‌ସନ ମଞ୍ଜୁର କରିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା/ଛାଡ଼ ଆବଶ୍ୟକତା ନାହିଁ। ତଥାପି ସେମାନେ ନିଜ ଅନୁଯାୟୀ, ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀମାନେ ସୁଭଦ୍ରା ହିତାଧିକାରୀଙ୍କୁ ଆବେଦନ କରିବାରେ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସୁଭଦ୍ରା ଯୋଜନାର ପୂର୍ବତନ ହିତାଧିକାରୀ ସିଧାସଳଖ ଏମ୍‌ବିପିୱାଇ/ଏନ୍‌ଏସ୍‌ଏପିରେ ଆସିବେ ନାହିଁ। ସେମାନଙ୍କୁ ସେଥିପାଇଁ ୬୦ ବର୍ଷ ବୟସ ହେବା ପରେ ଆବେଦନ କରିବାକୁ ପଡ଼ିବ। ପ୍ରଥମେ ଅଧିକ ବୟସ୍କ/ଦୁର୍ବଳ ଏବଂ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପ୍ରାଥମିକତା ମିଳିବ ବୋଲି ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

# ସୁନା ଚୋରି ପ୍ରସଙ୍ଗ ଉଠାଇଲା କଂଗ୍ରେସ

**ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)**

**ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ**

ବିଧାନସଭାର ବଜେଟ ଅଧିବେଶନ ସମୟରେ କଂଗ୍ରେସ ସଦସ୍ୟଙ୍କ ଚୋରି ଜିନିଷକୁ ଉଦ୍ଧାର କରିବା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗୁରୁବାର ମଧ୍ୟାହ୍ନରେ କାଡାମ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏକ ଚିଠି ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ଅଧିବେଶନକାଳରେ ନାରୀ ନିର୍ଯାତନା ନେଇ କଂଗ୍ରେସ ବିଧାୟକମାନେ ଗୃହ ତଦନ୍ତ କମିଟି ଗଠନ ଦାବି କରିବା ଯୋଗୁ ବିଧାନସଭାରୁ ନିଲମ୍ବିତ ହୋଇଥିଲେ। ସେତେବେଳେ ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଅଗଣତାନ୍ତ୍ରିକ ବୋଲି କହି କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଏହା ପରଦିନ ମାର୍ଚ୍ଚ ୨୬ରେ ବିଧାନସଭା ଗୃହ ମଧ୍ୟକୁ ସଦସ୍ୟମାନେ ପ୍ରବେଶ କରିବାବେଳେ ବିଧାନସଭାର ସୁରକ୍ଷା କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେହି ସମୟରେ କିଛି ଅସାମାଜିକ ତତ୍ତ୍ୱ ବିଧାୟକମାନଙ୍କ ଘଣ୍ଟା, ସୁନା ଚେନ ଓ ବ୍ୟାଗରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପ୍ୟାଣ୍ଟ ଶାର୍ଟ ମଧ ଚୋରି କରିନେଇଥିଲେ। ଉକ୍ତ ଜିନିଷକୁ ତୁରନ୍ତ ଉଦ୍ଧାର କରି ଫେରାଇବାକୁ ବାଚସ୍ପତିଙ୍କୁ ପତ୍ର ଲେଖିଛି ବୋଲି କାଡାମ କହିଛନ୍ତି।

# ପ୍ରାଚୀନ ଦୁର୍ଗାମେଢ଼କୁ ଅନୁଦାନ ଦେବେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୮।୯(ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଧାର୍ମିକ ଭାବଧାରାକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଆଉଏକ ନିଷ୍ପତ୍ତି ନେଇଛନ୍ତି। ଏବେ ପ୍ରାଚୀନ ଦୁର୍ଗାମେଢ଼କୁ ସରକାର ଦେବେ ଆର୍ଥିକ ଅନୁଦାନ। ଏନେଇ ଓଡିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଏନେଇ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ମେଢ଼ଗୁଡ଼ିକର ବର୍ଷ ଅନୁସାରେ ବିବରଣୀ ପ୍ରସ୍ତୁତ କରାଯିବ। ଆଗାମୀ ୨ ଦିନ ଭିତରେ ଏହାର ତାଲିକା କରାଯିବ। ଏଥିପାଇଁ ରହିଥିବା ଫର୍ମରେ ଜିଲା ହିସାବରେ ବର୍ଗୀକରଣ କରାଯାଇଛି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'କ' ବର୍ଗରେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'ଖ' ବର୍ଗରେ ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ମେଢକୁ 'ଗ' ବର୍ଗରେ ସ୍ଥାନ ଦିଆଯାଇଛି। ଯେଉଁ ଜିଲ୍ଲାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମେଢ଼ ନ ଥିବ, ସେଠାରେ ସବୁଠାରୁ ୨ଟି ପୁରାତନ ମେଢ଼ର ବିବରଣୀ ଦେବାକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶ ଦେଇଛି।




# ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪କୁ ବୃଦ୍ଧି

**ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)**

ଓଡ଼ିଶାରେ ମେଡିକାଲ ଶିକ୍ଷା ଓ ତାଲିମ ବିକାଶ ନିମନ୍ତେ ରାଜ୍ୟ ସରକାର ଲଗାତର ପ୍ରଚେଷ୍ଟା କରି ଆସୁଛନ୍ତି। ରାଜ୍ୟରେ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସଂଖ୍ୟା ୧୨ରୁ ୧୪କୁ ବୃଦ୍ଧି ପାଇଛି। ଏଥିସହ ବ୍ୟାପକ ନୂଆ ନିଯୁକ୍ତି ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଚଳିତ ବର୍ଷ ଫୁଲବାଣୀଠାରେ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ତାଳଚେରଠାରେ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ୨୦୨୪ରେ ଯାଜପୁରଠାରେ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିଲା। ଏହାଛଡା ୨ଟି ସ୍ନାତକୋତ୍ତର ମେଡିକାଲ ପ୍ରତିଷ୍ଠାନ ଯଥା ପିଜିଆଇଏମ୍‌ଇଆର୍ ଭୁବନେଶ୍ୱର ଏବଂ ଏଏଚ୍‌ପିଜିଆଇସି କଟକରେ ନୂଆ ପ୍ରଫେସର ନିଯୁକ୍ତି ଦିଆଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ଜିଲାରେ ଥିବା ମେଡିକାଲଗୁଡିକରେ ୯୧ଜଣ ଆସୋସିଏଟ୍ ପ୍ରଫେସର (୨୩ଟି ବିଶେଷଜ୍ଞ ବିଭାଗରେ) ଏବଂ ୭ଜଣ ଆସୋସିଏଟ୍ ପ୍ରଫେସର (୬ଟି ସୁପରସ୍ପେଶାଲିଟି ବିଭାଗରେ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଏସସିବି ମେଡିକାଲ କଲେଜରେ ୧୫ଜଣ ସ୍ପେଶାଲିଷ୍ଟ ଓ ୪ଜଣ ସୁପର ସ୍ପେଶାଲିଷ୍ଟ, ଏମ୍‌କେସିଜି ବ୍ରହ୍ମପୁରରେ ୧୯ଜଣ ସ୍ପେଶାଲିଷ୍ଟ ଓ ୩ଜଣ ସୁପର ସ୍ପେଶାଲିଷ୍ଟ, ପିଆର୍‌ଏମ୍ ମେଡିକାଲ କଲେଜ ବାରିପଦାରେ ୬ଜଣ, ଏସ୍‌ଏଲ୍‌ଏନ ମେଡିକାଲ କଲେଜ କୋରାପୁଟରେ ୧୦ଜଣ, ଏଫ୍‌ଏମ୍ ମେଡିକାଲ କଲେଜ ବାଲେଶ୍ୱରରେ ୬ଜଣ, ବିବି ମେଡିକାଲ କଲେଜ ବଲାଙ୍ଗୀରରେ ଜଣେ, ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ପୁରୀରେ ୨ଜଣ, ସରକାରୀ ମେଡିକାଲ କଲେଜ ସୁନ୍ଦରଗଡ଼ରେ ୬ଜଣ, ଡିଡି ମେଡିକାଲ କଲେଜ କେନ୍ଦୁଝରରେ ୫ଜଣ, ଏସ୍‌ଆର୍‌ଏମ ମେଡିକାଲ କଲେଜ ଭବାନୀପାଟଣାରେ ୭ଜଣ, ଏମ୍‌ଜିକେ ମେଡିକାଲ କଲେଜ ଯାଜପୁରରେ ୨ଜଣ, ପିଏମ୍‌ପି ମେଡିକାଲ କଲେଜ ତାଳଚେରରେ ୮ଜଣ, ସରକାରୀ ମେଡିକାଲ କଲେଜ ଫୁଲବାଣୀରେ ୫ଜଣ, ପିଜିଆଇଏମ୍‌ଇଆର୍ କ୍ୟାପିଟାଲ ହସ୍ପିଟାଲରେ ୮ଜଣ ଆସୋସିଏଟ ପ୍ରଫେସରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି।

ଏହାବାଦ୍ ବିଭିନ୍ନ ମେଡିକାଲ କଲେଜରେ ୩୮ ପ୍ରଫେସର ଏବଂ ୨୭ ଆସୋସିଏଟ ପ୍ରଫେସର ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି। କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍‌ସର ପ୍ରତିଷ୍ଠାନରେ ନୂଆ ୧୦ଜଣ ସୁପର ସ୍ପେଶାଲିଷ୍ଟ ଆସୋସିଏଟ୍ ପ୍ରଫେସର ନିଯୁକ୍ତି ସହ ଶିକ୍ଷା ଓ ଚିକିତ୍ସା ସୁବିଧା ପରିସର ବୃଦ୍ଧି କରାଯାଇଛି। ସେହିପରି ଗୋଟିଏ ପ୍ରଫେସର ଏବଂ ୨ଟି ଆସୋସିଏଟ ପ୍ରଫେସର୍ ପଦବୀକୁ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି ବୋଲି ବିଭାଗୀୟ ତଥ୍ୟରୁ ଜଣାପଡିଛି।

# ସୀତାରାମ ୟେଚୁରୀ ସାମ୍ପ୍ରଦାୟିକତା ବିରୋଧରେ ସାଲିସ ନ କରି ଲଢ଼ିଥିଲେ



ସୀତାରାମ ୟେଚୁରୀଙ୍କ ୭୪ତମ ଜୟନ୍ତୀ ସ୍ମାରକୀ ବକ୍ତୃତାମାଳାରେ ଉଦ୍‌ବୋଧନ ଦେଉଛନ୍ତି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍।

**ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)**

ବିଶିଷ୍ଟ ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଭାରତର ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଭାବନାକୁ ମଜବୁତ୍ କରିଥିଲେ। ସେ କେବେ ସାମ୍ପ୍ରଦାୟିକତା ବିରୋଧରେ କୌଣସି ସାଲିସ ନ କରି ଲଢ଼ିଥିଲେ। ୟେଚୁରୀ ତାଙ୍କ ରାଜନୈତିକ ଯାତ୍ରାରେ ସର୍ବଦା ଭାରତୀୟ ସମ୍ବିଧାନର ମୂଳ ନୀତିଗୁଡ଼ିକୁ ତୋଳି ଧରିଥିଲେ ଏବଂ ଏଗୁଡ଼ିକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିବା ଶକ୍ତିମାନଙ୍କ ବିରୋଧରେ ଲଢ଼ିଥିଲେ ବୋଲି ସିପିଆଇ(ଏମ୍) ନେତା ପ୍ରକାଶ କାରାତ୍ କହିଛନ୍ତି। ଗୁରୁବାର ବୁଦ୍ଧ ମନ୍ଦିରରେ ଆୟୋଜିତ ସୀତାରାମ ୟେଚୁରୀ ସ୍ମାରକୀ ବକ୍ତୃତା 'ସୀତାରାମ ୟେଚୁରୀ: ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଭାରତବାସୀଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କାରାତ୍ ଯୋଗଦେଇ, ୟେଚୁରୀଙ୍କ ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଲୋକଙ୍କ ମୁକ୍ତିର ମୂଲ୍ୟବୋଧ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥଲେ। ସର୍ବଦା ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକଙ୍କ ଐକ୍ୟକୁ ପ୍ରୋତ୍ସାହିତ କରିଥିଲେ। ଏଥିସହ ସମାଜକୁ ବିଭକ୍ତ କରୁଥିବା ଘୃଣାର ରାଜନୀତିରୁ ସାବଧାନ କରିଥିଲେ। ସେ ଜରୁରୀକାଳରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଏକଛତ୍ରବାଦୀ ପ୍ରବୃତ୍ତି ବିରୋଧରେ ଲଢିଥିଲେ। ସର୍ବଦା ସାମାଜିକ ନ୍ୟାୟ, ସମାନ ବିକାଶ ଏବଂ ଗରିବଙ୍କ କଲ୍ୟାଣ ପାଇଁ ଏବଂ ଲୋକାଭିମୁଖୀ ଭାରତର ଦୃଷ୍ଟିକୋଣକୁ ତାଙ୍କ ରାଜନୀତିର କେନ୍ଦ୍ରବିନ୍ଦୁ କରିଥିଲେ ବୋଲି କାରାତ୍ ମତ ରଖିଥିଲେ।

ସୀତାରାମ ୟେଚୁରୀ ସ୍ମୃତି କମିଟିର ଅଧ୍ୟକ୍ଷ ଅଳି କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସୁରେଶ ଚନ୍ଦ୍ର ପଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରିଷ୍ଠ ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇଏମ୍‌ଏଲ ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଭମିତ୍ରାଙ୍କୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

**ଭୁବନେଶ୍ୱର,୧୮।୯(ରବିନାରାୟଣ ଜେନା)**

ହତ୍ୟାର ଶିକାର ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ହାତରେ କ୍ୟାଣ୍ଡେଲ ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୃତକ ଶୁଭମିତ୍ରାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ପାତ୍ର, ସିଲି ସେଠୀ, ବିଶ୍ୱକଲ୍ୟାଣୀ କର, ଅମିତା ବିଶ୍ୱାଳ, ସୁନୀତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ହେଲେ ଏମ୍‌ପି ଭର୍ତ୍ତୃହରି ମହତାବ

**କଟକ,୧୮।୯(କାର୍ତ୍ତିକ ସାହୁ)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ୨୦ରେ ଅନୁଷ୍ଠିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ଆକ୍ଟ-୨୦୨୪ ର ଧାରା ୯-(୧) ଅନୁଯାୟୀ ଏମ୍‌ପି ମହତାବ ଆଗାମୀ ୩ ବର୍ଷ ଯାଏ ସିନେଟ ସଦସ୍ୟ ଭାବେ ରହିବେ। ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ପକ୍ଷରୁ ଗୁରୁବାର ଏନେଇ ଏମ୍‌ପି ମହତାବଙ୍କୁ ପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି।




**ଭାଜପା ବିଧାୟକ ଦଳ ବୈଠକ**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।

ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। –ଶ୍ରୀମା



# ପଡ଼ୋଶୀରେ ଅସ୍ଥିରତା



ନିରୁପମା ରାଓ

ଦକ୍ଷିଣ ଓ ଦକ୍ଷିଣ–ପୂର୍ବ ଏସିଆରେ ଦେଖାଯାଉଥିବା ଅସ୍ଥିରତା ଉଭୟ ଭାରତ ଓ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପାଇଁ ଅଧିକ ବିପଜ୍ଜନକ ହୋଇଛି। ନିକଟରେ ନେପାଳର ହିଂସାତ୍ମକ ବିଦ୍ରୋହରେ ଏହା ପ୍ରତିଫଳିତ ହୋଇଛି। ଭାରତର ପୂର୍ବଭାଗରେ ଥିବା ବାଂଲାଦେଶରେ ୨୦୨୪ରେ ମଧ ସମାନ ପ୍ରକାର ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ସେଠାକାର ସରକାର କ୍ଷମତାଚ୍ୟୁତ ହୋଇଥିଲେ। ଏହା ସହ ଦକ୍ଷିଣ–ପୂର୍ବରେ, କୋର୍ଟ ନିର୍ଦ୍ଦେଶରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦିଆଯିବା ଏବଂ ସୀମାରେ କାମ୍ବୋଡ଼ିଆ ସହ ଏହାର ସଂଘର୍ଷ ଭଳି ଘଟଣା ସାମ୍ନାକୁ ଆସିଛି। ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ୍ ଇଭେଣ୍ଟ ଡେଟା ପ୍ରୋଜେକ୍ଟର ତଥ୍ୟ ଅନୁଯାୟୀ, ମ୍ୟାନ୍‌ମାରରେ ଆଙ୍ଗ୍ ସାନ୍ ସୁକିଙ୍କ ଗଣତାନ୍ତ୍ରିକ ସରକାରର ପତନ ଘଟାଇ ମିଲିଟାରି ଶାସନ ପ୍ରତିଷ୍ଠା ହେବା ପରଠାରୁ ଗୃହଯୁଦ୍ଧରେ ୨୦୨୧ରୁ ଏଯାବତ୍ ଅତିକମ୍‌ରେ ୮୦ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତର ପଶ୍ଚିମରେ ପାକିସ୍ତାନରେ ଇସ୍‌ଲାମିକ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ ହେବା ସହ ସେଠାରେ ଅର୍ଥନୀତି ଭୁଶୁଡ଼ି ପଡ଼ିବା ଶାସକୀୟ ପ୍ରଦର୍ଶନରେ ଦୁର୍ବଳତା ଦର୍ଶାଇଛି। ଦକ୍ଷିଣରେ, ଶ୍ରୀଲଙ୍କାରେ ୩ ବର୍ଷ ପୂର୍ବେ ଏହାର ପ୍ରଧାନମନ୍ତ୍ରୀ ବିତାଡ଼ିତ ହେବା ପରେ କିଛିଟା ସ୍ଥିରତା ଆସିଥାଇପାରେ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥାର ପୁନର୍ଗଠନର ସଙ୍କେତ ଦେଖାଯାଇନି। ଏହା ବ୍ୟତୀତ ଭାରତର ଉତ୍ତରରେ, ଆଞ୍ଚଳିକ କ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇଁ ଚାଇନାର ଆକାଂକ୍ଷା ଅସ୍ଥିରତାର ଆଉ ଏକ ଉତ୍ସ ବୋଲି କୁହାଯାଇପାରେ।

ବାଂଲାଦେଶରୁ ଆସୁଥିବା ଅଧିକ ଶରଣାର୍ଥୀ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି କରୁଛନ୍ତି। ଏହାବ୍ୟତୀତ ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦ ଯୋଗୁ ଚଳିତବର୍ଷ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ଏବେ ନେପାଳର ଅସ୍ଥିର ରାଜନୀତି ଚାଇନାକୁ ପୁନର୍ବାର ହସ୍ତକ୍ଷେପ କରିବାର ସୁଯୋଗ ଦେଇଛି। ଏଭଳି ଅସ୍ଥିରତାକୁ ଭାରତ କିଭଳି ଅନୁଧ୍ୟାନ କରି ହ୍ରାସ କରିବ ଏବଂ କିପରି ଆଞ୍ଚଳିକ ସ୍ଥିରତା ଆଣିବ ତାହାହିଁ ବଡ଼ ପ୍ରଶ୍ନ। ଏବେ ନେପାଳରୁ ଆରମ୍ଭ କରିବା। ଏହା ଏକ ମହତ୍ତ୍ୱାକାଂକ୍ଷୀ ସମ୍ବିଧାନ ଦ୍ୱାରା ତିଷ୍ଠି ରହିବାକୁ ସଂଗ୍ରାମ କରିଆସିଛି, ଯାହା ଦୁଇ ଦଶନ୍ଧି ପୂର୍ବେ ଏକ ଦୀର୍ଘ ମାଓ ବିଦ୍ରୋହକୁ ଶେଷ କରିବାକୁ ଗଢ଼ାଯାଇଥିଲା। ନେପାଳର ସରକାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ରହିଛନ୍ତି ଓ ବାଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଚ୍ଛିନ୍ନତାବାଦ, ଦୁର୍ନୀତି ତଥା ଏକ ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ଆଣିବାରେ ରାଜନୈତିକ ନେତାମାନଙ୍କ ଅକ୍ଷମତା ଯୋଗୁ ସ୍ଥିରତାର ଆଶା ବାରମ୍ବାର ଧୂଳିସାତ୍ ହୋଇଯାଇଛି। ଏହିସବୁ ଗମ୍ଭୀର ତ୍ରୁଟି ଯୋଗୁ ନିକଟରେ ସେଠାରେ ହିଂସା ଉପୁଜିଛି। ନେପାଳ ସହିତ ଆମର ଦୀର୍ଘ ତଥା ଖୋଲା ସୀମା ରହିଛି। ଏଣୁ ସେଠାରୁ ଅତ୍ୟଧିକ ଶରଣାର୍ଥୀ ଆଗମନ ଓ ସୀମାପାର



ଅପରାଧର ଆଶଙ୍କା ଅଛି। ତଥାପି ଭାରତ ସହ ଥିବା ଦୃଢ଼ ସାଂସ୍କୃତିକ, ଜାତିଗତ, ଧାର୍ମିକ ଓ ଆର୍ଥିକ ସମ୍ପର୍କ କିଭଳି ନଷ୍ଟ ନ ହେବ, ସେଥିପାଇଁ ନେପାଳ ସରକାର ସବୁବେଳେ ସତର୍କ ରହିବ। ତେବେ ନେପାଳର ଘରୋଇ ରାଜନୀତିରେ ବଢୁଥିବା ଚାଇନାର ପ୍ରଭାବକୁ ଅଣଦେଖା କରାଯିବା ଉଚିତ ନୁହେଁ, ଯାହା ରଣନୀତିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ଚିନ୍ତାର କାରଣ ହେବ। ବାଂଲାଦେଶରେ, ଶେଖ୍ ହାସିନାଙ୍କୁ ବିତାଡ଼ିତ କରାଯିବା ପରଠାରୁ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଚାଲିଛି। ହେଲେ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା କିମ୍ବା ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହି ସରକାର ବିଫଳ ହୋଇଛି। କିଛି ଦଶନ୍ଧି ପୂର୍ବରୁ ଥିବା ତାହାର ଏକ ସମୃଦ୍ଧ ଅର୍ଥ ବ୍ୟବସ୍ଥା ଏବେ ଘରୋଇ ରାଜନୈତିକ ଅସ୍ଥିରତା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଚାପଗ୍ରସ୍ତ ହୋଇପଡ଼ିଛି। ରାଜନୈତିକ ଉତ୍ତେଜନାର ପରିବେଶ ଯୋଗୁ ଦେଶର ସଂଖ୍ୟାଲଘୁମାନେ ଅତ୍ୟଧିକ ଅସୁରକ୍ଷିତ ମଣୁଛନ୍ତି। ତେବେ ସୀମାରେ ପ୍ରବାଶନ ଓ ଆତଙ୍କବାଦ ହେଲେ ଢାକାରେ ବ୍ୟବସ୍ଥିତ ଶାସନ ଦରକାର। କିନ୍ତୁ ଏବକାର ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ବିଫଳତାକୁ ଦେଖିଲେ ଭାରତ ପ୍ରତି ଅଧିକ ବିପଦ ରହିଛି ବୋଲି କୁହାଯାଇପାରେ।

ପ୍ରଥମ ଥର ପାଇଁ ଥାଇଲାଣ୍ଡର ବିପର୍ଯ୍ୟୟ ଓ କାମ୍ବୋଡ଼ିଆ ସହ ସୀମା ବିବାଦକୁ ଗୁରୁତ୍ୱ ଦିଆ ନ ଯାଇପାରେ, କିନ୍ତୁ ଭାରତ ତାହାର ଆକ୍ଟ ଇଷ୍ଟ ପଲିସିରେ ଦକ୍ଷିଣ–ପୂର୍ବ ଏସୀୟ ଦେଶ ସଂଗଠନର ୧୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏକ ଗଭୀର ଆର୍ଥିକ ଓ ରଣନୀତିକ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଛି। ସେହି ସଂଗଠନରେ କୌଣସି ଅସ୍ଥିରତା ସୃଷ୍ଟିହେଲେ ଏଭଳି ପଦକ୍ଷେପ ବିଗିଡ଼ିଯିବ। ଦୀର୍ଘଦିନରୁ ଦକ୍ଷିଣ ଓ ଦକ୍ଷିଣ–ପୂର୍ବ ଏସିଆ ମଧ୍ୟରେ ଥାଇଲାଣ୍ଡ ଏକ ସମ୍ପର୍କର ସେତୁ ଭାବେ ରହିଆସିଛି। ଯଦି ଏହାର ବ୍ୟବସ୍ଥା ଦୁର୍ବଳ ହୋଇଯାଏ ଏବଂ କାମ୍ବୋଡ଼ିଆ ସହ ସୀମା ଉତ୍ତେଜନା ବୃଦ୍ଧିପାଏ, ତେବେ ଭାରତର ଏକ ପରସ୍ପର ସମ୍ବନ୍ଧିତ ତଥା ସୁରକ୍ଷିତ ପ୍ରଶାନ୍ତ ମହାସାଗରୀୟ କରିଡର ସମ୍ଭବ ହୋଇପାରିବ ନାହିଁ।

ପାକିସ୍ତାନରେ ଦୀର୍ଘ ସମୟରୁ ସମସ୍ୟା ଲାଗି ରହିଛି। ୨୦୨୨ରେ ମିଲିଟାରି ସମର୍ଥନରେ ଇମ୍ରାନ୍ ଖାନ୍‌ଙ୍କ ନିର୍ବାଚିତ ସରକାରକୁ ବିଦା କରାଯିବା ପରେ ଦେଶର ସିଭିଲିଆନ୍ ଅଥରିଟିଗୁଡ଼ିକୁ ଲଗାତର ଅଣଦେଖା କରାଯାଇଆସୁଛି। ରକ୍ତାକ୍ତ ରାଜନୀତିରେ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ସକ୍ରିୟ ହୋଇଯାଇଛନ୍ତି ଏବଂ ପାକିସ୍ତାନର ଦୁର୍ବଳ ଅର୍ଥ ବ୍ୟବସ୍ଥା ଏହାର ଗତିଶୀଳତାକୁ ଆହୁରି ବଢ଼ାଇଦେଇଛି। ଭାରତର ଦୃଷ୍ଟିକୋଣକୁ ଦେଖିଲେ ଏହାର ଆଭ୍ୟନ୍ତରୀଣ ସମସ୍ୟାଠାରୁ ପାକିସ୍ତାନର ସମସ୍ୟାଗୁଡ଼ିକ ଅଧିକ ଗୁରୁତ୍ୱ ରଖେ, କାରଣ ସେମାନେ ନିୟମିତ ଭାବେ କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି)ରେ ଅଧିକ ବିପଦ ସୃଷ୍ଟି କରିବା ସହ ଆତଙ୍କବାଦକୁ ପ୍ରୋତ୍ସାହିତ କରି ଆଞ୍ଚଳିକ ଶାନ୍ତିର ଆଶାକୁ ଭାଙ୍ଗି ଦେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ ଆଣବିକ ବିପର୍ଯ୍ୟୟର ସଙ୍କଟ ସୃଷ୍ଟି କରୁଛନ୍ତି। ପାକିସ୍ତାନ– ଚାଇନାର ସମ୍ପର୍କ ବର୍ତ୍ତମାନର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗଣତନ୍ତ୍ରର ଅଧୋଗତି ହେବା ଲକ୍ଷ୍ୟ କରାଯାଉଛି। ସମ୍ବିଧାନର ପୁନର୍ଲିଖନ ହେଉଛି ଓ ନ୍ୟାୟାଳୟଗୁଡ଼ିକର ରାଜନୀତିକରଣ କରାଯାଉଛି। ଦୁର୍ବଳତାକୁ ଦେଖି ଅନେକ ସେନାଧ୍ୟକ୍ଷ ଖୋଲାଖୋଲି ଭାବେ ଗଣତନ୍ତ୍ରରେ ବାଧା ସୃଷ୍ଟି କରିବା ସହ ରାଜନେତାଙ୍କୁ ଜେଲ୍‌ରେ ରଖୁଛନ୍ତି କିମ୍ବା ନିର୍ବାସିତ କରୁଛନ୍ତି। ଏହି ଧାରାକୁ ପ୍ରତିହତ କରିବା ପାଇଁ ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ପାଇଁ ଏକ ଅଧିକ ଦୃଢ଼ ଆଞ୍ଚଳିକ ରଣନୀତି ଆପଣାଇବାକୁ ପଡ଼ିବ। ଅବଶ୍ୟ ପାକିସ୍ତାନ ବ୍ୟତୀତ ଅଧିକାଂଶ ଦକ୍ଷିଣ ଏସିଆ ଦେଶ ଯେତେବେଳେ ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତ ପ୍ରଥମେ ପଦକ୍ଷେପ ନେଇଥାଏ। କିନ୍ତୁ ଭାରତର ପଡ଼ୋଶୀମାନେ ଏହାର ସାହାଯ୍ୟ ଦରକାର ନାହିଁ ବୋଲି ଭାବି ସେମାନଙ୍କ ସୁରକ୍ଷା ବିଷୟକୁ ଅଣଦେଖା କରୁଛନ୍ତି। ତେବେ ଭାରତର ପଡ଼ୋଶୀ ଦେଶଗୁଡ଼ିକ ଅଧିକ ବିପଜ୍ଜନକ ସ୍ଥିତିରେ ନ ଥିଲେ ମଧ ବିଶ୍ୱର ଅନେକ ଦେଶ ଏହାକୁ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଉଛନ୍ତି। ଏହି ଅଞ୍ଚଳରେ ଟ୍ରମ୍ପଙ୍କ ଏକଚାଟିଆ ନୀତିକୁ ଛୋଟ ଦେଶଗୁଡ଼ିକ ପ୍ରତ୍ୟାଖ୍ୟାନ କରୁଛନ୍ତି। ଜାପାନ ଓ ଦକ୍ଷିଣ କୋରିଆ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେବାକୁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ଯାହାକୁ ନେଇ ବିତର୍କ ଚାଲିଛି।

ଝଡ଼ ସାମ୍ନାରେ ଭାରତ ମଜଭୁତ ଭାବେ ଠିଆ ହୋଇଥିଲେ ମଧ ଆଞ୍ଚଳିକ ଓ ଟ୍ରମ୍ପଙ୍କ ପ୍ରେରିତ ଅସ୍ଥିରତା ଯୋଗୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ୱାଧୀନତା ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏବେ ଆମେରିକା ସହ ସମ୍ପର୍କ ଦୃଢ଼ କରିବାର ସମୟ ନୁହେଁ, ବରଂ ଆମେରିକାର ନୀତିରେ ହଠାତ୍ ହୋଇଥିବା ପରିବର୍ତ୍ତନକୁ ବିରୋଧ କରାଯିବା ସହ ରଣନୀତିକ, ପ୍ରଯୁକ୍ତିଗତ ତଥା ଆର୍ଥିକ କ୍ଷେତ୍ରରେ ଆଞ୍ଚଳିକ ଭାଗୀଦାରି ଜାରି ରଖିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ତାହାର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁନାହିଁ। ବରଂ ଏହାର ଲକ୍ଷ୍ୟ ହେଉଛି ଏକ ସମ୍ମିଳିତ, ନିୟମ ଆଧାରିତ ଏବଂ ପରସ୍ପର ସମ୍ବନ୍ଧିତ ଆଞ୍ଚଳିକ କ୍ଷେତ୍ର ଗଢ଼ିବା, ଯଦ୍ୱାରା ବାରମ୍ବାର ଦେଖାଯାଉଥିବା ସଙ୍କଟର ଏକ ଇତିହାସରେ ପରିବର୍ତ୍ତନ ଆସିବା ଓ ଭବିଷ୍ୟତରେ ଏକ ସ୍ଥାୟୀ ସ୍ଥିରତା ପ୍ରତିଷ୍ଠା ହୋଇପାରିବ।

**ଭାରତର ପୂର୍ବତନ ବୈଦେଶିକ ସଚିବ**

# ଅପରିବର୍ତ୍ତିତ ଭ୍ରଷ୍ଟାଚାର ସ୍ୱର



ଯଚିଦାନନ୍ଦ ଦାଶ

ଓଡ଼ିଆରେ ଏକ ପ୍ରବାଦ ଅଛି, 'ଯେତେ ମାଠିବୁ ମାଠେ, ମୁଁ ସେଇ ଦରପୋଡ଼ା କାଠେ।' ଏହି ପ୍ରବାଦର ଆଉ ଏ ଅନୁରୂପ ପ୍ରବାଦ ଉଲ୍ଲେଖ କରାଯାଇପାରେ ଯଥା – ''ଅଙ୍ଗାର ଶତ ଧୌତେନଂ, ମଳିନଂ ନ ଜାୟତେ'' ଅର୍ଥାତ୍ ଅଙ୍ଗାରକୁ ଯେତେ ଧୋଇଲେ ମଧ ତା' ଠାରୁ କଳା ମଇଳା ଅଂଶ କେବେହେଲେ ଛାଡ଼ି ଯିବନାହିଁ। ପ୍ରବାଦ ଦୁଇଟିର ମାଧ୍ୟମରେ ଅବଗତ କହିବାର ଉଦ୍ଦେଶ୍ୟ ହେଉଛି , ଆଜିର ଏଇ କଳୁଷିତ ସମାଜରେ କିପରି ଅପରିବର୍ତ୍ତିତ ଭ୍ରଷ୍ଟାଚାର ତଥା ଜଘନ୍ୟ ଓ ଘୃଣ୍ୟ ନ୍ୟୁନତମ କାର୍ଯ୍ୟକଳାପର ସ୍ରୋତ ବହିଚାଲିଛି, ଯାହାର କିଛି ପ୍ରତିବନ୍ଧକ ନାହିଁ କହିଲେ ଚଳେ।

ଆଜିର ଯୁଗରେ ଗଣବଳାତ୍କାର, ଶିଶୁ ବଳାତ୍କାର, ଚୋରି, ଶତ୍ରୁତାଜନିତ ହତ୍ୟାକାଣ୍ଡ ଇତ୍ୟାଦି, ନିତିଦିନିଆ କାରବାରରେ ପରିଣତ ହୋଇଯାଇଛି। ଆଜି ଗୋଟିଏ ଘଟଣା ଘଟିଲା ପରେ ମଧ ସମତୁଲ୍ୟ ଘଟଣା ସପ୍ତାହକ ପରେ ଘଟିଚାଲିଛି।। ପ୍ରକୃତରେ ଆମେ ଜନତା ଦିନକୁ ଦିନ ବିଶୃଙ୍ଖଳିତ ହୋଇଯାଉଛେ ନା ପ୍ରଶାସନ ଠିକ୍ ପଦକ୍ଷେପ ନେବାକୁ ଅକ୍ଷମ ବା ପ୍ରଶାସନର ନିୟନ୍ତ୍ରଣରେ କିଛି ଭୁଲ୍ ରହୁଛି। ଆସନ୍ତୁ ଉପରୋକ୍ତ କାରଣଗୁଡ଼ିକ ଉପରେ କିଞ୍ଚିତ୍ ଆଲୋଚନା କରିବା। ଏଥିରେ ଦୁଇଟି ଉପାଦାନ ସମ୍ପୃକ୍ତ ରହିଛି। ଗୋଟିଏ ହେଲା ଜନତା। ଦ୍ୱିତୀୟରେ ପ୍ରଶାସନର ଦକ୍ଷତା ଓ ବୁଦ୍ଧିମତ୍ତାର ସହିତ କାର୍ଯ୍ୟାନୋୟନର ସଫଳତା। ପ୍ରଥମେ ଜନତାଙ୍କ କଥାକୁ ବିଚାରକୁ ନେବା। ସାଧାରଣତଃ ଆମ ଲୋକମାନେ ସ୍ୱୟଂଶୃଙ୍ଖଳିତ ନୁହନ୍ତି ଏବଂ ସ୍ୱୟଂଶାସିତ ବା ସ୍ୱୟଂ ନିୟନ୍ତ୍ରିତ ହେବାର ଇଚ୍ଛାଶକ୍ତି ନାହିଁ। ଖୁବ୍ କମ ସଚେତନ ଲୋକ ସ୍ୱୟଂଶୃଙ୍ଖଳିତ ହେବା ଦେଖାଯାଉଛି। ଆମର ଉତ୍ତେଜିତ ଓ କୋଳାହଳ ପରିବେଶ ମଣିଷକୁ ଦୁର୍ନୀତିଗ୍ରସ୍ତ, ହିଂସାପ୍ରଣୋଦିତ, ବ୍ୟଭିଚାରିତ କରିଦେଉଛି। ପ୍ରଶ୍ନ ଆସେ, ଆମ ଲୋକମାନେ କେତେ ନକାରାତ୍ମକ। ଯଦିଓ ଆମ ପାଖରେ ସକାରାତ୍ମକ ଓ ନକାରାତ୍ମକ ଲୋକଙ୍କର ଏକ ପରିସଂଖ୍ୟାନ ନାହିଁ ତଥାପି ଏକ କାଳ୍ପନିକ ଆକଳନ ଅନୁଯାୟୀ, ନକାରାତ୍ମକ ମନୋବୃତ୍ତିର ଜନତାଙ୍କ ପ୍ରତିଶତ ଅଧିକ ଏବଂ ସକାରାତ୍ମକ ମନୋବୃତ୍ତିର ଲୋକ ଖୁବ୍ କମ୍ ଦେଖାଯିବ। ବାସ୍ତବରେ ଉପରୋକ୍ତ ବିଶ୍ଳେଷଣ ଅନୁଯାୟୀ ଆମ ଦେଶରେ ଅପରାଧ ପ୍ରତିଶତ ଅଧିକ। ଯଦି ୨୦୨୪ର ସୁଖୀ ସୂଚକାଙ୍କକୁ ବିଚାରକୁ ନିଆଯାଏ, ଭାରତ ୧୪୭ଟି ଦେଶ ମଧ୍ୟରେ ୧୦୮ ତମ ର୍ୟାଙ୍କିଙ୍ଗରେ ଅଛି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଓ ଅନୁଶୀଳନରୁ ସିଦ୍ଧାନ୍ତ ନିଆଯାଇପାରେ ଯେ, ଆମ ଦେଶର ଭ୍ରଷ୍ଟାଚାର ଓ ବ୍ୟାଭିଚାର ପାଇଁ ଜନତା ବେଶି ଦାୟୀ।

ପ୍ରଶାସନ ମଧ ସମାଜର ଅଧୋଗତି ପାଇଁ କିଛି ଅଂଶରେ ଦାୟୀ। ପ୍ରଶାସନର ପୁରୋଧା କହିଲେ ନିର୍ବାଚିତ ରାଜନେତା, ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ବୁଝାଏ। ଶାସନ ଚାଲିବାରେ ମୁଖ୍ୟ ଭୂମିକା ରହେ ରାଜନେତାଙ୍କର। ରାଜନୀତିର ଊର୍ଦ୍ଧ୍ୱରେ ରହି ପ୍ରଶାସନର ଯୋଜନା ଓ ଆଇନ ପ୍ରଣୟନ, କାର୍ଯ୍ୟାନ୍ୱୟନ, ଅର୍ଥର ସୁପରିବଣ୍ଟନ ବିନିଯୋଗ ଓ ନିଯୁକ୍ତି ଇତ୍ୟାଦିରେ ଠିକ୍ ଭାବରେ ନିଜକୁ ନିୟୋଜିତ କରିବା ଉଚିତ। ମାତ୍ର ଏବେ ପ୍ରଶାସନିକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବିଶୃଙ୍ଖଳିତ ଜନତା ପ୍ରଶାସନକୁ ଠିକ୍ ବାଟରେ ଚାଲିବାକୁ ଦିଅନ୍ତି ନାହିଁ। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ପୋଲିସ ଷ୍ଟେଶନ ଖୋଲିବା ଓ ଅଧିକ ପୋଲିସ ପଦମାନ ସୃଷ୍ଟି କରାଯିବା ଉଚିତ। ହାରାହାରି ପୋଲିସ ଓ ଜନସଂଖ୍ୟାର ଅନୁପାତ ଭାରତରେ ଏକ ଲକ୍ଷ ଲୋକରେ ୧୫୩ ଜଣ ପୋଲିସ କର୍ମଚରୀ। ମାତ୍ର ଜାତିସଂଘ ଦ୍ୱାରା ପ୍ରଯୋଜିତ ଅନୁଯାୟୀ ଅନୁପାତ ଏକ ଲକ୍ଷ ଲୋକଙ୍କୁ ନେଇ ୨୨୨ଟି ପୋଲିସ ରହିବା ଉଚିତ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିଶୃଙ୍ଖଳିତ ଜନତା ଓ ତ୍ରୁଟିପୂର୍ଣ୍ଣ ପ୍ରଶାସନ ଯୋଗୁ ଦେଶରେ ଭ୍ରଷ୍ଟାଚାର ନିଆଁ କୁହୁଳିବାରେ ଲାଗିଛି ; ଯାହା ଏକ ଅପରିବର୍ତ୍ତିତ ସ୍ୱର ରୂପେ ସମାଜରେ ଉଚ୍ଚାରିତ ହେବାକୁ ଲାଗିଲାଣି। ଆସନ୍ତୁ ଏକ ପରିବର୍ତ୍ତନଶୀଳ ଦୁନିଆ ତଥା ସମାଜ ଗଢ଼ି ତୋଳିବାକୁ ସମ୍ମିଳିତ ସ୍ୱରରେ ଆପ୍ରାଣ ଉଦ୍ୟମ କରିବା ନତୁବା ଆମ ସାମାଜିକ ଜୀବନ ଅସହ୍ୟ ହୋଇ ଉଠିବ।

**ସିଡିଏ, କଟକ**
**ମୋ :୭୦୦୮୬୫୦୬୯**

## ଏଇ ଭାରତରେ

ରାଜସ୍ଥାନର ୱାଇଲ୍ଡ ଲାଇଫ ଫଟୋଗ୍ରାଫର ଶ୍ରବଣ ପଟେଲ ତଳ ଛାପରା ସଂରକ୍ଷିତ ଜଙ୍ଗଲର ପ୍ରାଣୀଙ୍କ ପାଇଁ ଛୋଟ ଜଳାଶୟ ନିର୍ମାଣ କରୁଛନ୍ତି। ଫଳରେ ଜଙ୍ଗଲୀ ପ୍ରାଣୀମାନେ ସବୁ ସମୟରେ ପାଣି ପିଇପାରୁଛନ୍ତି। ୨୦୨୨ରେ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ପାଇଁ ସେହି ସଂରକ୍ଷିତ ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ଜଳାଭାବ ସ୍ଥିତିକୁ ଲକ୍ଷ୍ୟ କରି ସେ ଜଳାଶୟ ନିର୍ମାଣ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୩୦ଟି ପୋଖରୀ କରିସାରିଲେଣି। ଏଭଳି ପୋଖରୀକୁ ସ୍ଥାନୀୟ ଅଞ୍ଚଳରେ ଖୈଲି କୁହାଯାଏ । ପ୍ରତ୍ୟେକଟି ପାଇଁ ୩୦,୦୦୦ରୁ ୪୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ସେ ପ୍ରଥମେ ଗୋଟିଏ ପୋଖରୀ କରି ତାହାକୁ ସୋସିଆଲ ମିଡ଼ିଆରେ ଶେୟାର କରିବା ପରେ ଏହାକୁ ଅନେକ ସମର୍ଥନ କରିଥିଲେ। ପରେ ସେ ' ୱାନ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ କଞ୍ଜରଭେସନ୍' ହ୍ୱାଟ୍ସଆପ ଗ୍ରୁପ ଖୋଲିଥିଲେ । ଏବେ ଏଥିରେ ୧୦୦୦ ସଭ୍ୟ ଯୋଡ଼ି ହୋଇଛନ୍ତି ଓ ବର୍ଷକୁ ୩୬୫ ଟଙ୍କା ଦେଉଛନ୍ତି। ଏହା ବ୍ୟତୀତ ଅନ୍ୟ ଉତ୍ସରୁ ମଧ ଅନୁଦାନ ଆକାରରେ ଅର୍ଥ ମିଳୁଛି। ଏହି ଟଙ୍କାରେ ଶ୍ରବଣ ଓ ତାଙ୍କ ଟିମ୍ ଶତାଧିକ ଛୋଟ ଜଳାଶୟ ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୭୬

- ବିଶ୍ୱ ଚା'ବାଣିଜ୍ୟର ଶତକଡ଼ା ୭୫ ଭାଗ ବହନ କରୁଥିବା ଭାରତ ସମେତ ଅନ୍ୟ ୧୫ଟି ରାଷ୍ଟ୍ର ଏହି ବାଣିଜ୍ୟ କାରବାର ବୃଦ୍ଧି ନିମନ୍ତେ ଏକ ସଂଘ ପ୍ରତିଷ୍ଠା ପାଇଁ ରାଜି ହୋଇଛନ୍ତି।
- ମାଟିକଠାରେ ଥିବା ଏକ କୋଇଲା ଖଣି ଭୁଶୁଡ଼ି ପଡ଼ିବା ଫଳରେ ୧୭୦ ଜଣ ଖଣି ଶ୍ରମିକଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 9 | | | | | | |
| 7 | | | | | | | | |
| 1 | | | | 5 | | 8 | | 4 |
| | | | 7 | 4 | | | 1 | |
| 2 | 6 | | | | | | | |
| | | | 1 | 3 | | | | 2 |
| 6 | | | 4 | | | 1 | | |
| | 5 | | | 2 | | | 3 | 6 |
| | | | | 7 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 9 | 2 | 5 | 4 | 6 | 8 |
| 9 | 4 | 6 | 8 | 7 | 1 | 3 | 2 | 5 |
| 2 | 5 | 8 | 3 | 6 | 4 | 7 | 1 | 9 |
| 7 | 1 | 5 | 4 | 9 | 2 | 6 | 8 | 3 |
| 8 | 2 | 4 | 1 | 3 | 6 | 9 | 5 | 7 |
| 6 | 3 | 9 | 5 | 8 | 7 | 1 | 4 | 2 |
| 4 | 8 | 7 | 6 | 5 | 3 | 2 | 9 | 1 |
| 5 | 6 | 2 | 7 | 1 | 9 | 8 | 3 | 4 |
| 3 | 9 | 1 | 2 | 4 | 8 | 5 | 7 | 6 |

ଗତକାଲିର ଉତ୍ତର

# ଏ ଭାଗ ସରିବ ତ



ଡ. ସତ୍ୟନାରାୟଣ ମିଶ୍ର

ଧରାପୃଷ୍ଠରେ ମଣିଷ ପ୍ରଥମେ ଯେତେବେଳେ କେବଳ ଖାଦ୍ୟ ଅନ୍ୱେଷଣ କରୁଥିଲା, ସେତେବେଳେ କେବଳ ତାହାକୁ ଭାଗ କରୁଥିଲା ଓ ସେଥିରେ ଉପଯୁକ୍ତ ଭାଗ ହୋଇନଥିଲେ ମଧ କାହାର ଆପତ୍ତି ନ ଥିଲା। ମାତ୍ର ସମୟକ୍ରମେ ଯେତେବେଳେ ମଣିଷର କ୍ରମବିକାଶ ହେଲା, ସେତେବେଳେ ସେ ଭାଗ ଅଧିକାର ଓ ଦାବିକୁ ପ୍ରଥମେ ଏକ ପ୍ରମୁଖ ସମ୍ପତ୍ତି ଭାବରେ ନିର୍ଣ୍ଣୟକଲା। ତେଣୁ ଭାଗ ବା ଦାବି ଅଧିକାର ଧୀରେ ଧୀରେ ବ୍ୟକ୍ତିଠାରୁ ସମାଜ ଓ ତତ୍ପରେ ରାଜ୍ୟ ତଥା ଦେଶ ମଧ୍ୟରେ ବିସ୍ତାରିତ ହେଲା। ଉକ୍ତ ଭାଗ ବା ଅଧିକାର ଦାବିର କ୍ଷୁଣ୍ଣ ହେଲେ ସେଥିପାଇଁ ନ୍ୟାୟାଳୟ ମଧ ବିଚାରକରିବା ପାଇଁ ଗଠନହୋଇ ନ୍ୟାୟ ପ୍ରଦାନକଲା। ତେବେ ବ୍ୟକ୍ତିଗତ ଭାଗରେ ତ୍ରୁଟି ହେଲେ ମଣିଷ ନିଜ ନିଜ ମଧ୍ୟରେ ସଂଶୋଧନ କରିଥାନ୍ତି। ମାତ୍ର ଅନେକ ସମୟରେ ସମାଜ ଉକ୍ତ ଭାଗ ଦ୍ୱାରା ଆକ୍ରାନ୍ତ ଓ ଜର୍ଜରିତ ହୋଇ ଜୀବନ ଦୁର୍ବିସହ ହୋଇପଡୁଛି ପରିମାଣର ଅଂଶୀଦାରକୁ ଆଧାରକରି। ମଣିଷ ସମ୍ପ୍ରତି ପ୍ରାୟ ସମସ୍ତ ବ୍ୟବସ୍ଥାରେ ନିଜର ଭାଗକୁ ସାବ୍ୟସ୍ତ କରିବା ପାଇଁ ଲଢ଼େଇ କରୁଛି।

ବର୍ତ୍ତମାନର ସମାଜରେ ଏକ ବିଡ଼ମ୍ବନା ପରିଲକ୍ଷିତ ହୁଏ ଯେ ମଣିଷ କର୍ତ୍ତବ୍ୟ ପ୍ରତି ଯେତିକି ଯତ୍ନଶୀଳ ନୁହେଁ, ତା'ଠାରୁ ଅନେକ ଗୁଣରୁ ଅଧିକ ନିଜର ଅଧିକାର ବା ଭାଗକୁ ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯଦି ଆମର ସଂସ୍କୃତି ପରମ୍ପରା ବା ପୁରାଣ ଗ୍ରନ୍ଥକୁ ଅବଲୋକନ କରିବା ତେବେ ସେଥିରୁ ଅନେକ କିଛି ଶିକ୍ଷା କରିବା, କାରଣ ଅତୀତ ସବୁବେଳେ ଶିକ୍ଷା ଦେଇଥାଏ କେଉଁଟା କରିବା ଉଚିତ ବା କେଉଁଟା କରିବା ଅନୁଚିତ। ମଣିଷ ଶରୀରରେ ଯେଉଁ ବିବେକ ଥାଏ ତାହା ହେଉଛି ଉକ୍ତ କରଣୀୟ ଓ ଅକରଣୀୟର ସିଦ୍ଧାନ୍ତକର୍ତ୍ତା। ତେଣୁ ସେ ଦୃଷ୍ଟିରୁ ବିଚାରକଲେ ଦୃଶ୍ୟମାନ ହୋଇଥାଏ ଯେ ଆଜି ପ୍ରତ୍ୟେକ ସମାଜରେ ମହାଭାରତ ଏକ ଉଦାହରଣ ହୋଇ ଶିକ୍ଷା ପ୍ରଦାନ କରିଥାଏ। ସେଥିରୁ ଗୋଟିଏ ଶିକ୍ଷା ସର୍ବାଗ୍ରେ ରହେ ଯେ ମହାଭାରତର ଉତ୍ପତ୍ତି ହୋଇଥାଏ କେବଳ ଭାଗର କଳଙ୍କିତ ଦୃଷ୍ଟିକୋଣରୁ। ଏଠାରେ କେବଳ ପାର୍ଥିବ ବସ୍ତୁର ଇନ୍ଦ୍ରିୟ ଲୋଭ ଓ ଜିଦ୍ ତଥା ଅହଙ୍କାର ପାଇଁ ଭାଗର ଆବିର୍ଭାବ ଓ ପରିଣାମ ହୋଇଥିଲା ଧ୍ୱଂସର ଇତିହାସ। ମାତ୍ର ରାମାୟଣର ତ୍ୟାଗ ଓ ସମର୍ପଣକୁ ମଣିଷ ନିଜର ଦୈନନ୍ଦିନ ଜୀବନ ଚର୍ଚ୍ଚାରେ କାର୍ଯ୍ୟକାରୀ ନ କରି ସେହି ଭାଗର ଅଦୃଶ୍ୟ ଛାଇ ପଛରେ ଏବେ ଧାବମାନ।

ଭାରତ ସ୍ୱାଧୀନ ହେବା ପରେ ଦୁଇ ଭାଗ ହୋଇଗଲା। ସମ୍ପ୍ରତି ସମାଜରେ ଧର୍ମର ମଧ ଭାଗ ହୋଇ ସାମ୍ପ୍ରଦାୟିକ ହିଂସାରେ ମଣିଷ ଆତଯାତ ହେଉଛି। ଏପରିକି ଗୋଟିଏ ଧର୍ମରେ ମଧ ଅନେକ ଭାଗହୋଇ ଧାର୍ମିକ ଦୃଷ୍ଟିକୋଣକୁ ଅଧିକ ଆଘାତ ଦେଉଛି। ସ୍ୱାଧୀନତା ପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ଯେତେବେଳେ ମଣିଷ ପାରିବାରିକ ସମ୍ପତ୍ତିର ଅଧିକାର ପାଇବାରେ ସାମର୍ଥ୍ୟ ପାଇଲା, ତତ୍ପରେ ପାରିବାରିକ ସମ୍ପର୍କରେ ଅନେକ ହିଂସା ବୃଦ୍ଧି ହେବାରେ ଲାଗିଲା, ତାହା ସମ୍ପତ୍ତିର ଭାଗ ପାଇଁ। ଏପରିକି ଭାଇ–ଭାଇ, ଭାଇ–ଭଉଣୀ ଓ ଅନ୍ୟ ସମ୍ପର୍କୀୟମାନଙ୍କ ମଧ୍ୟରେ ଭାଗକୁ କେନ୍ଦ୍ରକରି ସମ୍ପର୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଏଠାରେ ଭାଗ ଏକ ସହଯୋଗର ସରଳରେଖା ପରିବର୍ତ୍ତେ ସମ୍ପର୍କରେ ଏକ ପାଚେରି ଦଣ୍ଡାୟମାନ କରିଥାଏ। ଭାରତ–ପାକିସ୍ତାନ ସୀମା ଭାଗକୁ ନେଇ ଅମାନବୀୟ ଘଟଣା ଘଟୁଛି ଏବଂ ସେଥିରୁ ପ୍ରତୀୟମାନ ହୁଏ ଯେ ସମାଜରେ ଭାଗ କ'ଣ ଏତେ ଜରୁରୀ, ଯାହା ପାଇଁ ବ୍ୟକ୍ତି ସମାଜର ଅମୂଲ୍ୟ ସମ୍ପଦ କେତେ ଧନ ଜୀବନ ନଷ୍ଟ ହେଉଛି। ସେଥିପାଇଁ ମହାତ୍ମା ଗାନ୍ଧୀ ଭାରତ ଓ ପାକିସ୍ତାନର ବିଭାଜନକୁ ରୋକିବାକୁ ସକ୍ରିୟ ଭାବରେ ଚେଷ୍ଟା କରିଥିଲେ ଯେଉଁଥିରେ ସେ ଫଳପ୍ରସୂ ହୋଇପାରି ନ ଥିଲେ। ଭାରତ ପାକିସ୍ତାନ ଭାଗ ହୋଇଗଲା ଓ ପରବର୍ତ୍ତୀ ସମୟରେ ପୁଣି ବାଂଲାଦେଶ ଭାଗହୋଇ ଭୌଗୋଳିକ ଇତିହାସ ପରିବର୍ତ୍ତନ ହେଲା। ଦେଶକୁ ଧାର୍ମିକ ଦୃଷ୍ଟିକୋଣରେ ଭାଗ କରିବାର ଧାରଣାକୁ ଗାନ୍ଧୀ ପ୍ରତ୍ୟାଖ୍ୟାନ ଓ ବିରୋଧ ମଧ କରିଥିଲେ। ପରବର୍ତ୍ତୀ ସମୟରେ ଭାଗ ହେତୁ ସଂଘର୍ଷ, ହିଂସା ହେଉଥିବା ସ୍ଥାନକୁ ଯାଇ ତାହାର ନିରାକରଣ କରିବା ସହ ଉପବାସ ମାଧ୍ୟମରେ ଶାନ୍ତି ଫେରାଇ ଆଣିବାକୁ ସେ ଚେଷ୍ଟା କରିଥିଲେ।



ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ବ୍ୟକ୍ତି ରାଜନୀତିର ଆଧାର ମଧ୍ୟରେ ଭାଗ ପାଇଁ ନିମଜ୍ଜିତ ରହୁଛନ୍ତି। ଦେଶ ମଧ୍ୟରେ ଅନେକ ଗୋଷ୍ଠୀ ଆବିର୍ଭାବ ହୋଇ ଭିନ୍ନ ରାଜ୍ୟ, ଦେଶ, ଜିଲା ଇତ୍ୟାଦି କରି ଗଣତନ୍ତ୍ରରେ ଭାଗକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାରେ ବ୍ୟସ୍ତ। ସମ୍ପ୍ରତି ସମଗ୍ର ଦେଶରେ ଏକ ସ୍ପର୍ଶକାତର ତଥା ରୋମାଞ୍ଚକର ସ୍ଥିତି ଜାଗ୍ରତ ହୋଇଛି, ତାହା ହେଉଛି ଜନନାୟକ ବା ମହାପୁରୁଷ ମାନଙ୍କୁ ଭାଗ କରିବା। ବର୍ତ୍ତମାନ ପ୍ରତିଷ୍ଠା, ସମର୍ଥନ, ସହାନୁଭୂତି ଆଦି ପାଇଁ ଦେଶ ବା ରାଜ୍ୟର ବିଶିଷ୍ଟ ମହାପୁରୁଷଙ୍କୁ ନେଇ ଭାଗକରିବା ଏକ ପରିତାପର ବିଷୟ। ଗୋଟିଏ ରାଜନୈତିକ ଦଳ ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଯଦି ଜଣେ ସୁନାମଧନ୍ୟ ମହାପୁରୁଷଙ୍କ ଜନ୍ମବାର୍ଷିକୀ ବା ମହାପ୍ରୟାଣକୁ ମାନ୍ୟତା ଦେଇ କିଛି ସାମାଜିକ କାର୍ଯ୍ୟକ୍ରମ କରେ ତେବେ ଅନ୍ୟ ଏକ ରାଜନୈତିକ ଦଳ ବା ସାମାଜିକ ଗୋଷ୍ଠୀ ଅନ୍ୟ ଏକ ମହାପୁରୁଷଙ୍କ ଜନ୍ମ ବା ମହାପ୍ରୟାଣ ଦିନକୁ ଭିନ୍ନ ଶୈଳୀରେ ପାଳନ କରିଥାନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ମହାପୁରୁଷଙ୍କ ନାମରେ ଅନେକ ଯୋଜନା କାର୍ଯ୍ୟକାରୀ ହୁଏ ଓ ସମୟକ୍ରମେ ତାହା ବନ୍ଦ ହୋଇ ପୁଣି ଅନ୍ୟ ଜଣେ ମହାପୁରୁଷଙ୍କ ନାମରେ ନାମିତ ହୋଇଯାଏ। ମହାପୁରୁଷମାନଙ୍କୁ ମଧ ଏ ସମାଜ ଭାଗ କରିଚାଲିଛି। ଅନେକ ସମୟରେ କେତେଜଣ ବ୍ୟକ୍ତି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅପମାନକରି ଭାଙ୍ଗି ଦେଇଥାନ୍ତି, ଯାହା ଏ ସମାଜ ପାଇଁ ଏକ ନିନ୍ଦନୀୟ ଘଟଣା ହୋଇଥାଏ। ଅତଏବ ଏହା ଏକ ସୁସ୍ଥ ମାନସିକତା ଓ ବ୍ୟବସ୍ଥା ହୋଇ ନ ପାରେ, ଯେଉଁଥିରେ ଉକ୍ତ ଜାତିର ଏବଂ ସମାଜର ସଂସ୍କାର ଓ ସଂସ୍କୃତି ଭୂଲୁଣ୍ଠିତ ହୋଇଥାଏ। ଏ ସମାଜ ଏଭଳି ଭାଗ ମନୋବୃତ୍ତି ଓ ଚିନ୍ତାଧାରାରୁ କ୍ଷାନ୍ତ ହେବା ଏକାନ୍ତ ଆବଶ୍ୟକ। ଅନ୍ୟଥା ମଣିଷ ଭାଗ କରିକରି ଚାଲିଥିବ ଓ ଯେତେବେଳେ ଭାଜ୍ୟ, ଭାଜକ ଓ ଭାଗଫଳ ଉପଯୁକ୍ତ ସ୍ଥାନରେ ଅବସ୍ଥିତ ହୋଇଯିବେ ସେତେବେଳେ ମଣିଷ ନିକଟରେ ଭାଗଫଳ ଥିବ କେବଳ ଶୂନ। ଅତଏବ ଏ ଭାଗ ସରିବ ତ ?

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମଧୁସୂଦନନଗର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

## ଚିରନ୍ତନୀ

ଶତ ଯୁଦ୍ଧେ ଜୟା ଯେହୁ
ବୃଷ୍ଟି ବିନ୍ଦୁସମ
ଗଡ଼ାଇଛି ନରମୁଣ୍ଡ ଗଣି ନାହିଁ ଭୟ ଅବା ଶ୍ରମ।
ଲୌହର କପାଟ ସମ ଅଭେଦ୍ୟ ଅଟଳ
ହୃଦୟ ବଳ, ଏହି ଦୃଷ୍ଟି ତଳେ ସବୁ
ପଡ଼ିଛି ତରଳି
ତୁଟିଅଛି ଲୁହାର ଶିକୁଳି !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀ ସଂଯୋଗୀକରଣ ହେଉ

ମହାଶୟ,

ବନ୍ୟାରୁ ଦେଶକୁ ସୁରକ୍ଷିତ ରଖିବା ପାଇଁ ଚିରସ୍ରୋତା ନଦୀଗୁଡ଼ିକର ପରସ୍ପର ସଂଯୋଗୀକରଣ ଏବଂ ନଦୀବନ୍ଧ ସହ ଆନିକଟ ନିର୍ମାଣ କରାଯାଉ। ଏହା ହେଲେ ନଦୀଗୁଡ଼ିକରେ ବନ୍ୟାଜଳ ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ବନ୍ୟାଜଳ ସମସ୍ତ ନଦୀକୁ ସମପ୍ରବାହିତ ହେବ ଏବଂ ଜଳ ବିପଦ ସଙ୍କେତ ସ୍ତରରେ ରହିପାରିବ । ଦ୍ୱିତୀୟତଃ, ଜଳ ସମ୍ପଦର ଠିକ୍ ବିନିଯୋଗ ହେବ। ସମୁଦ୍ରକୁ ବହିଯାଉଥିବା ନଦୀ ଜଳକୁ ରୋକାଯାଇପାରିବ। ଏହାଦ୍ୱାରା ଜଳ ସଙ୍କଟ ଦୂରହେବା ସହିତ କୃଷି ଓ ଜଳବିଦ୍ୟୁତ୍ ଉତ୍ପାଦନର କ୍ଷମତା ବୃଦ୍ଧିହେବ ଏବଂ ଦେଶ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବ। ଏଥିପାଇଁ କେବଳ ଲୋଡ଼ା ପ୍ରଶାସନିକ ଦକ୍ଷତା ଓ ବଜେଟରେ ଅର୍ଥ ଆବଣ୍ଟନ । ପ୍ରତିବର୍ଷ ବନ୍ୟା ବିଭୀଷିକାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ଓ ଟିଭିରେ ଦୃଷ୍ଟିଗୋଚର ହୁଏ। ଏତଦ୍ ବ୍ୟତୀତ, ଗ୍ରୀଷ୍ମଦିନେ ବହୁ ସ୍ଥାନରେ ଲୋକମାନେ ପାଣି ପାଇଁ ମାଠିଆ ଗରା ବାଲ୍ଟି ଧରି ପ୍ରାୟ ଦୀର୍ଘପଥ ଚାଲି ଚାଲି ଯିବାର ଦେଖିବାକୁ ମିଳିଥାଏ । ଯଦି ନଦୀ ସଂଯୋଗୀକରଣ କରାଯାଇ ଡ୍ୟାମ ଓ ଆନିକଟ ନିର୍ମାଣ କରାଯାଏ ତେବେ ଭାରତରୁ ଜଳ ସଙ୍କଟ ଦୂର ହେବ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# 'ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି ସିଇସି'

## ଜ୍ଞାନେଶ କୁମାରଙ୍କ ବିରୋଧରେ ରାହୁଲ ଆଣିଲେ ସାଂଘାତିକ ଅଭିଯୋଗ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଭୋଟ ଚୋରିରେ ସମ୍ପୃକ୍ତ ତଥା ଗଣତନ୍ତ୍ରର ବିଧ୍ୱଂସକମାନଙ୍କୁ ସିଇସି ସୁରକ୍ଷା ଦେଉଛନ୍ତି ବୋଲି ରାହୁଲ ସମାଲୋଚନା କରିବା ସହ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ସମ୍ବଳିତ ପ୍ରମାଣ ଉପସ୍ଥାପନ କରିଛନ୍ତି। କର୍ନାଟକ ବିଧାନସଭାର ଏକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂଗ୍ରେସ ମତଦାତାଙ୍କ ଭୋଟକୁ କିପରି ଉଦ୍ଦେଶ୍ୟମୂଳକ ଭାବେ ବ୍ୟବସ୍ଥିତ ରୂପେ ହଟାଇ ଦିଆଯାଇଥିଲା, ରାହୁଲ ତାହା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ କମିଶନ (ଇସି) ଏହାକୁ ତ୍ରୁଟିପୂର୍ଣ୍ଣ ଓ ଭିତ୍ତିହୀନ ଅଭିଯୋଗ କହି ଖଣ୍ଡନ କରିଛନ୍ତି। ଏଥିସହ ପ୍ରଭାବିତ ବ୍ୟକ୍ତିଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ନ ଦେଇ ତାଙ୍କୁ ଭୋଟର ତାଲିକାରୁ ହଟାଇବା ସମ୍ଭବ ନୁହେଁ ବୋଲି କମିଶନ କହିଛନ୍ତି। ସେହିପରି ଭାରତୀୟ ଗଣତନ୍ତ୍ର ଉପରେ ରାହୁଲଙ୍କ ଆସ୍ଥା ନ ଥିବାରୁ ସେ ଭାରତରେ ନେପାଳ ଓ ବାଂଲାଦେଶ ଭଳି ସ୍ଥିତି ଉପୁଜାଇବାକୁ ଚାହୁଁଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି।

ନୂଆଦିଲ୍ଲୀ,୧୮।୯(ପି.ଟି.)

ନିର୍ବାଚନ କମିଶନଙ୍କୁ ଲଗାତର ଟାର୍ଗେଟ କରିଆସୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ସିଇସି ଜ୍ଞାନେଶ କୁମାରଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଏଆଇସିସି ମୁଖ୍ୟାଳୟ ଇନ୍ଦିରା ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ସିଇସି ଭୋଟ ଚୋରିକୁ ରୋକିବା ଜରୁରୀ। ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଇବା ନେଇ କର୍ନାଟକ ଅପରାଧ ତଦନ୍ତ ବିଭାଗ (ସିଆଇଡି) ପକ୍ଷରୁ ମଗାଯାଇଥିବା ତଥ୍ୟ ସିଇସି ସପ୍ତାହେ ମଧ୍ୟରେ ପ୍ରଦାନ କରନ୍ତୁ। ସିଇସି ଏହି ତଥ୍ୟ ପ୍ରଦାନ ନ କଲେ ସମ୍ବିଧାନ ହତ୍ୟାକାରୀଙ୍କ ସହଯୋଗୀ ରୂପେ ଧରାଯିବେ। ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯାଉନାହିଁ। ତେଣୁ ନ୍ୟାୟପାଳିକାର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ରାହୁଲ ଆହୁରି କହିଛନ୍ତି, ଏହି ଅଭିଯୋଗ ସେ ପୂର୍ବରୁ କହିଥିବା 'ହାଇଡ୍ରୋଜେନ୍ ବୋମା' ନୁହେଁ। ଆଗକୁ ସେ ଏନେଇ ବିସ୍ତୃତ ବିବରଣୀ ପ୍ରଘଟ କରିବେ।

ଗତ ୧୦-୧୫ ବର୍ଷ ଧରି ଭାରତରେ ଏପରି ଚାଲିଛି। ଦେଶର ଗଣତନ୍ତ୍ରକୁ ହାଇଜାକ୍ କରାଯାଇଛି। ଗଣତନ୍ତ୍ରକୁ କେବଳ ଦେଶବାସୀ ହିଁ ରକ୍ଷା କରିପାରିବେ। ଗଣତନ୍ତ୍ର ଓ ସମ୍ବିଧାନ ଚୋରି ହୋଇଯାଇଥିବା ବିଷୟ ଯେଉଁଦିନ ଲୋକେ ବୁଝିଯିବେ, ସେହିଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏହି ଅବସରରେ ରାହୁଲ କର୍ନାଟକ ଆଳନ୍ଦ ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ କହିଛନ୍ତି, ୨୦୨୩ ବିଧାନସଭା ନିର୍ବାଚନ ବେଳେ ୬,୦୧୮ ଭୋଟ ଚୋରି ହୋଇଥିଲା। କଂଗ୍ରେସର ସ୍ଥିତି ସୁଦୃଢ଼ ଥିବା ବୁଥ୍‌ଗୁଡ଼ିକୁ ଜାଣିଶୁଣି ଟାର୍ଗେଟ କରାଯାଇଥିଲା। ମହାରାଷ୍ଟ୍ର ରଜୁରା ନିର୍ବାଚନମଣ୍ଡଳୀରେ ୬,୮୫୦ ମତଦାତାଙ୍କୁ ଜାଲ୍ ଦର୍ଶାଇ ଅଟୋମେଟେଡ୍ ସଫ୍ଟୱେର ଜରିଆରେ ସେମାନଙ୍କୁ ହଟାଇ ଦିଆଯାଇଥିଲା। କର୍ନାଟକ, ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ ଓ ବିହାରରେ ସମାନ ପନ୍ଥା ଆପଣାଯାଉଛି ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ଜ୍ଞାନେଶ କୁମାର ନିଜ କାମ କରନ୍ତୁ। ସିଇସି ରୂପେ ସେ ଶପଥ ନେଇଛନ୍ତି। କର୍ନାଟକ ସିଆଇଡିକୁ ସେ ସପ୍ତାହେ ମଧ୍ୟରେ ମଗାଯାଇଥିବା ତଥ୍ୟ ପ୍ରଦାନ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

## ଅଭିଯୋଗକୁ ଖଣ୍ଡନ କଲେ ଇସି

ନୂଆଦିଲ୍ଲୀ,୧୮।୯(ପି.ଟି.)




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନିର୍ବାଚନ କମିଶନ (ଇସି) ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ମତ ରଖିବା ପାଇଁ ସୁଯୋଗ ନ ଦେଇ ତାଙ୍କ ନାମ ଭୋଟର ତାଲିକାରୁ ହଟାଯାଇପାରିବ ନାହିଁ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଛି। ଇସି ଏକ ବିବୃତି ଜାରି କରି କହିଛନ୍ତି, ଅନ୍‌ଲାଇନ୍‌ରେ ଭୋଟ ଡିଲିଟ୍ କରାଯାଇପାରିବ ନାହିଁ। ୨୦୨୩ରେ ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ନାମ ହଟାଇବା ପାଇଁ କେତେକ ନିର୍ଦ୍ଦିଷ୍ଟ ବିଫଳ ଉଦ୍ୟମ ହୋଇଥିଲା। ଇସିଙ୍କ ଅଧିକାରୀମାନେ ଏନେଇ ଏଫ୍‌ଆଇଆର୍ କରିବା ସହ ତଦନ୍ତ ମଧ୍ୟ କରିଥିଲେ। ରେକର୍ଡ ଅନୁସାରେ ୨୦୧୮ ନିର୍ବାଚନରେ ଆଳନ୍ଦରେ ଭାଜପାର ସୁଭାଧ ଗୁଟ୍ଟେଦର ବିଜୟୀ ହୋଇଥିବାବେଳେ ୨୦୨୩ରେ କଂଗ୍ରେସ ପ୍ରାର୍ଥୀ ବି.ଆର୍. ପାଟିଲ ଜିତିଥିଲେ।

# ସବୁ ଇପିଏଫ୍‌ଓ ସେବା ଗୋଟିଏ ଲଗ୍‌ଇନ୍‌ରେ ଉପଲବ୍ଧ ହେବ: ମାଣ୍ଡବ୍ୟ

ନୂଆଦିଲ୍ଲୀ,୧୮।୯(ପି.ଟି.)

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୭ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଏଣିକି ସେମାନଙ୍କ ପୋର୍ଟାଲରେ ଗୋଟିଏ ଲଗ୍‌ଇନ୍ କରି ସମସ୍ତ ପ୍ରମୁଖ ସେବା ପାଇବା ସହ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ତଥ୍ୟ ପାଇପାରିବେ। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କୁ ପ୍ରଭାବଶାଳୀ, ସ୍ୱଚ୍ଛ ଏବଂ ୟୁଜର ଫ୍ରେଣ୍ଡଲି ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଆଣିଥିବା ପ୍ରମୁଖ ସଂସ୍କାର ସମ୍ପର୍କରେ ମାଣ୍ଡବ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମ୍ପ୍ରତି ସଦସ୍ୟମାନେ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଅଂଶଦାନ, ଅଗ୍ରିମ କିମ୍ବା ଟଙ୍କା ଉଠାଣ ସହ ସମ୍ପୃକ୍ତ କାରବାର ଜାଣିବା ପାଇଁ ଇପିଏଫ୍‌ଓରେ ପାସ୍‌ବୁକ୍ ପୋର୍ଟାଲକୁ ଲଗ୍‌ଇନ୍ କରୁଥିଲେ। ଇପିଏଫ୍‌ଓ ଏବେ 'ପାସ୍‌ବୁକ୍ ଲାଇଟ୍' ନାମରେ ନୂଆ ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ପାସ୍‌ବୁକ୍ ପୋର୍ଟାଲକୁ ନ ଯାଇ 'ମେମ୍ବର ପୋର୍ଟାଲ' ଜରିଆରେ ଏହାର ସଦସ୍ୟମାନେ ସହଜରେ ସେମାନଙ୍କ ପାସ୍‌ବୁକ୍ ଯାଞ୍ଚ କରିପାରିବା ସହ ସହଜ ଓ ସୁବିଧାଜନକ ଫର୍ମାଟରେ ସେମାନଙ୍କ ଅଂଶଦାନ, ଉଠାଣ ଓ ବାଲାନ୍ସ ଦେଖିପାରିବେ। ଗୋଟିଏ ଲଗ୍‌ଇନ୍‌ରେ ପାସ୍‌ବୁକ୍ ସମେତ ସମସ୍ତ ପ୍ରମୁଖ ସେବା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଗ୍ରାଫିକାଲ ଡିସ୍‌ପ୍ଲେ ସମେତ ପାସ୍‌ବୁକ୍‌ର ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଦେଖିବା ପାଇଁ ସଦସ୍ୟମାନଙ୍କୁ ପାସ୍‌ବୁକ୍ ପୋର୍ଟାଲକୁ ଯିବାକୁ ପଡ଼ିବ।

# ଉତ୍ତରାଖଣ୍ଡରେ ଭୂସ୍ଖଳନ: ଜଣେ ମୃତ, ୧୧ ନିଖୋଜ

ଗୋପେଶ୍ୱର,୧୮।୯(ପି.ଟି.)

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ଜଣେ ଲୋକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୧ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ୨୦ ଜଣ ଆହତ ହେବା ସହ ଜିଲାର ୪ଟି ଗ୍ରାମରେ ୩୩ ଘର କ୍ଷତିଗ୍ରସ୍ତ ହୋଇଛି। କୁଣ୍ଟାରି ଲାଗାଫଲି ଗ୍ରାମରେ ମାଟି ଅତଡ଼ା ତଳୁ ଜଣଙ୍କ ମୃତଦେହ ବାହାରିଥିବାବେଳେ ୨ ମହିଳା ଓ ଜଣେ ପିଲାଙ୍କୁ ଉଦ୍ଧାର କରାଯାଇଥିବା ରାଜ୍ୟର ଏମର୍ଜେନ୍ସି ଅପରେଶନ ସେଣ୍ଟର ପକ୍ଷରୁ କୁହାଯାଇଛି। ନିଖୋଜ ୧୧ ଜଣଙ୍କ ମଧ୍ୟରୁ କୁଣ୍ଟାରି ଲାଗାଫଲି ଗ୍ରାମରୁ ୭ ଜଣ ହୋଇଥିବାବେଳେ କୁଣ୍ଟାରି ଲାଗାସରପାନି ଓ ଧୁର୍ମାରୁ ୨ ଜଣ ଲେଖାଏ ଅଛନ୍ତି।

ଡେରାଡୁନ୍‌ଠାରୁ ୨୬୦ କି.ମି. ଏବଂ ଗୋପେଶ୍ୱରଠାରୁ ୫୦ କି.ମି. ଦୂରରେ ଥିବା ନନ୍ଦନଗର ଅଞ୍ଚଳ ଅନ୍ତର୍ଗତ ୪ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବର୍ଷାଜନିତ ଘଟଣାରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। କୁଣ୍ଟାରି ଲାଗାଫଲି ଗ୍ରାମରୁ ୧୫୦ରୁ ୨୦୦ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି।

# ହିଣ୍ଡେନ୍‌ବର୍ଗ ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍‌କୁ ସେବିର କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୧୮।୯(ପି.ଟି.)


ଗୌତମ ଆଦାନୀ

ଆମେରିକାର ଶର୍ଟ-ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀଙ୍କ ଗ୍ରୁପ୍ କମ୍ପାନୀ ବିରୋଧରେ ଆଣିଥିବା ଷ୍ଟକ୍ ଜାଲିଆତି ଅଭିଯୋଗ ଉପରେ ବଜାର ନିୟନ୍ତ୍ରକ ସେବି ଗୁରୁବାର କ୍ଲିନ୍‌ଚିଟ୍ ଦେଇଛି। ଆଦାନୀ ଗ୍ରୁପ୍ ଏହାର ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ପାଣ୍ଠି ସ୍ଥାନାନ୍ତର ଲାଗି ସମ୍ପର୍କିତ ସଂସ୍ଥାଗୁଡ଼ିକୁ ବ୍ୟବହାର କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୨ଟି ଅଲଗା ନିର୍ଦ୍ଦେଶନାମାରେ କହିଛି। ଇନ୍‌ସାଇଡର ଟ୍ରେଡିଂ, ଷ୍ଟକ୍ ଜାଲିଆତି ଏବଂ ସର୍ବସାଧାରଣ ଶେୟାରହୋଲ୍ଡିଂ ନିୟମାବଳୀ ଉଲ୍ଲଂଘନ ଅଭିଯୋଗ ଅମୂଳକ ବୋଲି ସବିଶେଷ ତଦନ୍ତରୁ ଜଣାପଡ଼ିଛି।

ଆଦାନୀ ଗ୍ରୁପ୍ ଏହାର କମ୍ପାନୀଗୁଡ଼ିକ ମଧ୍ୟରେ ଅର୍ଥ ସ୍ଥାନାନ୍ତର ଲାଗି ଆଡିକର୍ପ ଏଣ୍ଟରପ୍ରାଇଜେସ୍, ମାଇଲଷ୍ଟୋନ୍ ଟ୍ରେଡ୍‌ଲିଙ୍କ୍‌ସ ଏବଂ ରେହଭାର ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ବ୍ୟବହାର କରୁଥିବା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୨୦୨୩ ଜାନୁଆରୀରେ ଅଭିଯୋଗ ଆଣିଥିଲା। ତେବେ ଉପରୋକ୍ତ କମ୍ପାନୀଗୁଡ଼ିକ ଜରିଆରେ କାରବାରରେ ସେବି ପ୍ରକଟୀକରଣ ମାନଦଣ୍ଡରେ ଉଲ୍ଲଂଘନ ହୋଇନାହିଁ ବୋଲି ଏହାର ବୋର୍ଡ ସଦସ୍ୟ କମଲେଶ ସି. ବର୍ଷ୍ଣୀ ୨ଟି ରାୟରେ କହିଛନ୍ତି। ପ୍ରତିଭୂତିଗୁଡ଼ିକର ପର୍ଯ୍ୟାପ୍ତ ଅଧିଗ୍ରହଣ କିମ୍ବା ନିୟନ୍ତ୍ରଣରେ ମଧ୍ୟ କୌଣସି ଉଲ୍ଲଂଘନ ହୋଇନାହିଁ, ଯାହା ନିବେଶକମାନଙ୍କୁ ବିଭ୍ରାନ୍ତ କରିପାରିଥାନ୍ତା। ତେଣୁ ଆଦାନୀ କମ୍ପାନୀ କିମ୍ବା ଏହାର କାର୍ଯ୍ୟନିର୍ବାହୀମାନଙ୍କୁ ଦାୟୀ କରିବା ଅଥବା ଦଣ୍ଡିତ କରିବାର କୌଣସି କାରଣ ନାହିଁ ବୋଲି ସେବି କହିଛି। ଯେଉଁମାନେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ଭିତ୍ତିହୀନ ଓ କପଟତାପୂର୍ଣ୍ଣ ରିପୋର୍ଟକୁ ବ୍ୟବହାର କରି ମିଥ୍ୟା ପ୍ରଚାର ଚଳାଇଥିଲେ, ସେମାନେ ଦେଶକୁ କ୍ଷମା ମାଗନ୍ତୁ ବୋଲି ସେବିର କ୍ଲିନ୍‌ଚିଟ୍ ପରେ ଗୌତମ ଆଦାନୀ କହିଛନ୍ତି।

# 'ଆଦାନୀ କଣ୍ଟେଣ୍ଟ' ହଟାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୯

**ଉଦ୍‌ବେଗ ପ୍ରକାଶ କଲା ଏଡିଟର୍ସ ଗିଲ୍ଡ**

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ(ଏଇଏଲ୍) ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ସମ୍ମାନହାନିକାରକ ବିଷୟବସ୍ତୁ ହଟାଇଦେବାକୁ ୟୁଟ୍ୟୁବ୍ ଏବଂ ସରକାରଙ୍କଠାରୁ ନୋଟିସ୍ ପାଇଥିବା କେତେଜଣ ଖବରଦାତା ଏବଂ କଣ୍ଟେଣ୍ଟ କ୍ରିଏଟର କହିଛନ୍ତି। ଦିଲ୍ଲୀ କୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏଇଏଲ୍ ସମ୍ପର୍କିତ ଯାଞ୍ଚ ହୋଇ ନ ଥିବା ମାନହାନିକାରକ ରିପୋର୍ଟରୁ ଦୂରେଇ ରହିବାକୁ ୯ ଜଣ ଖବରଦାତା, ଆକ୍ଟିଭିଷ୍ଟ ଓ ସଂସ୍ଥାଙ୍କୁ ଦିଲ୍ଲୀର ଏକ ସିଭିଲ୍ କୋର୍ଟ କହିବା ସହ ୫ ଦିନ ମଧ୍ୟରେ ଉକ୍ତ କଣ୍ଟେଣ୍ଟଗୁଡ଼ିକୁ ହଟାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି କଣ୍ଟେଣ୍ଟ ମଧ୍ୟବର୍ତ୍ତୀ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ପ୍ରତି ମାନହାନିକାରକ ବୋଲି ଯଦି ବିଚାର କରାଯାଉଥାଏ, ତେବେ ତାହାର ୟୁଆର୍‌ଏଲ୍ ଏବଂ ଲିଙ୍କ୍ ପଠାଇବାକୁ ଅଦାଲତ କର୍ପୋରେଟ୍ ସଂସ୍ଥାକୁ କ୍ଷମତା ଦେବା ସହ ଏଭଳି କଣ୍ଟେଣ୍ଟ ପୋଷ୍ଟ କରିଥିବା ବ୍ୟକ୍ତି ୩୬ ଘଣ୍ଟା ମଧ୍ୟରେ ହଟାଇବାକୁ ନିର୍ଦ୍ଦେଶରେ କୁହାଯାଇଥିବାରୁ ଏହା ଆହୁରି ଚିନ୍ତାଜନକ ବୋଲି ଗିଲ୍ଡ କହିଛି।

ସିଭିଲ୍ କୋର୍ଟଙ୍କ ଏହି ରାୟକୁ ୪ ଜଣ ଖବରଦାତା ଜିଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଖବରଦାତା ରବି ନାୟାର, ଅବିର ଦାସଗୁପ୍ତା, ଅୟସକାନ୍ତ ଦାସ ଏବଂ ଆୟୁଷ ଜୋଷୀଙ୍କ ଆବେଦନର ଶୁଣାଣି କରି ଜିଲା ଜଜ୍ ଆଶିଷ ଅଗ୍ରୱାଲ କହିଛନ୍ତି, ସିଭିଲ୍ ପ୍ରୋସିଜିଓର କୋଡ୍‌ର ବ୍ୟବସ୍ଥା ଅନୁଯାୟୀ ସିଭିଲ୍ ଜଜ୍ ରାୟ ଦେବା ପୂର୍ବରୁ ପ୍ରତିବାଦୀଙ୍କ ଯୁକ୍ତି ଶୁଣିବା ପାଇଁ ସୁଯୋଗ ଦେବା ଆବଶ୍ୟକ ଥିଲା। ଜିଲା କୋର୍ଟ ଉକ୍ତ ବିବାଦୀୟ ରାୟକୁ ଖାରଜ କରିଦେଇଛନ୍ତି।

# ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ରବର୍ଟ ରେଡ୍‌ଫୋର୍ଡଙ୍କ ପରଲୋକ

ୱାଶିଂଟନ୍, ୧୮।୯



ପ୍ରସିଦ୍ଧ ହଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ରବର୍ଟ ରେଡ୍‌ଫର୍ଡଙ୍କ ମଙ୍ଗଳବାର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ହଲିଉଡ୍‌ରେ ସେ ଗୋଲ୍ଡେନ ବୟ ନାମରେ ପରିଚିତ ଥିଲେ। ରବର୍ଟ ୧୯୬୦ରେ ହଲିଉଡ୍‌ରେ ପ୍ରବେଶ କରିଥିଲେ। 'ବୁଚ୍ କାସିଡି ଆଣ୍ଡ ଦି ସଣ୍ଡାସ୍ କିଡ୍ (୧୯୬୯)', 'ଅଲ୍ ଦି ପ୍ରେସିଡେଣ୍ଟସ୍ ମେନ୍ (୧୯୭୬)', 'ଦି ଷ୍ଟିଙ୍ଗ୍ (୧୯୭୩)', 'ଆଉଟ୍ ଅଫ୍ ଆଫ୍ରିକା (୧୯୮୫)' ପରି ସୁପରହିଟ୍ ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ରବର୍ଟ ସଫଳତା ପାଇଛନ୍ତି। ୧୯୮୦ରେ 'ଅର୍ଡିନାରୀ ପିପୁଲ' ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ଜିତିଥିଲେ। ଆମେରିକା ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ୬ ଦଶନ୍ଧିର କ୍ୟାରିୟରରେ ସେ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଭାବେ ସେ ଅନେକ ସଫଳତା ପାଇଛନ୍ତି।

**ଫୁର୍‌ସତ**

# ନୁଡୁଲ୍ସ ବିକି ଦିନକୁ ଲକ୍ଷେ ଟଙ୍କା ରୋଜଗାର

**ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି ପିଏଚ୍.ଡି. ଗ୍ରାଜୁଏଟ୍**




**ବ୍ରସେଲ୍ସ:** ବେଲଜିୟମରେ ଚାଇନାର ଏକ ଦମ୍ପତି ମସଲାଦାର ନୁଡୁଲ୍ସ ବିକ୍ରି କରି ଦୈନିକ ୧ ହଜାର ୟୁରୋ (ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ତାଙ୍କର ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚାଇନାର ଜିଆଙ୍ଗସୁ ପ୍ରଦେଶ ଚୋଙ୍ଗକିଙ୍ଗ୍ ନିବାସୀ ଡିଙ୍ଗ୍ (୩୭) ଦେଶରେ ପିଏଚ୍.ଡି. ଡିଗ୍ରୀ ହାସଲ କରିବା ପରେ ମୃତ୍ତିକା ପରିଚାଳନା ଏବଂ ଫସଲ ଉତ୍ପାଦନ ଉପରେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ପାଇଁ ବେଲଜିୟମ ଯାଇଥିଲେ। ସେ ନିଜ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚ ଅନ୍ତର୍ଗତ ପ୍ରାୟ ୩୦ଟି ଏକାଡେମିକ ପେପରକୁ ପ୍ରକାଶିତ କରିଛନ୍ତି। ଡିଙ୍ଗ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ୱାଙ୍ଗ୍ ନାମ୍ନୀ ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ଦୁହେଁ ପ୍ରେମ ବିବାହ କରିଥିଲେ। ୨୦୧୫ରେ ଏହି ଦମ୍ପତି ବେଲଜିୟମକୁ ଆସି ସେଠାରେ ସ୍ଥାୟୀ ଭାବେ ବସବାସ କରିଥିଲେ। ତେବେ ଗବେଷଣା ବ୍ୟତୀତ ଅନ୍ୟ ସ୍ଥାୟୀ କାମ ମିଳୁ ନ ଥିବାରୁ ଗତ ମେ'ରୁ ଡିଙ୍ଗ୍ ସ୍ତ୍ରୀ ୱାଙ୍ଗଙ୍କ ସହ ବେଲଜିୟମରେ ଏକ ନୁଡୁଲ୍ସ ଷ୍ଟଲ୍ ଆରମ୍ଭ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେମାନଙ୍କୁ ଏହି ନୁଡୁଲ୍ସ ଷ୍ଟଲ୍ ଖୋଲିବାକୁ ପଡ଼ିଥିବା ଡିଙ୍ଗ୍ କହିଛନ୍ତି। ସେମାନେ ସ୍ଥାନୀୟ ବଜାରରେ ମସଲାଯୁକ୍ତ ଗ୍ରୀନ୍ ମଟର ନୁଡୁଲ୍ସ ବିକ୍ରି କରିବା ଆରମ୍ଭ କରିଥିଲେ। ୱାଙ୍ଗଙ୍କ ଜନ୍ମସ୍ଥାନ ଚୋଙ୍ଗକିଙ୍ଗ୍‌ରେ ଗ୍ରୀନ ମଟର ନୁଡୁଲ୍ସ ଏକ ଲୋକପ୍ରିୟ ଷ୍ଟ୍ରିଟ୍ ଫୁଡ୍ ଭାବେ ପରିଚିତ। ତେଣୁ ସେ ଏହାକୁ ବେଲଜିୟମବାସୀଙ୍କ ନିକଟରେ ପରିଚିତ କରାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଡିଙ୍ଗ୍ କହିଛନ୍ତି। ଏହି ଦମ୍ପତି ସପ୍ତାହକୁ ୨ ଥର ନିଜର ଏହି ଷ୍ଟଲ୍‌କୁ ଖୋଲିଥାନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୁଡୁଲ୍ସର ମୂଲ୍ୟ ପ୍ରତି ବାଉଲ ପିଛା ୭ରୁ ୯ ୟୁରୋ ରହିଛି। ସେହିପରି ସ୍ଥାନୀୟ ଲୋକଙ୍କ ସ୍ୱାଦ ଅନୁଯାୟୀ, ସେ ଏହି ଗ୍ରୀନ୍ ମଟର ନୁଡୁଲ୍ସରେ ମସଲାର ମାତ୍ରାକୁ ସାମାନ୍ୟ କମ୍ କରିଥିବା ଡିଙ୍ଗ୍ କହିଛନ୍ତି। ଏହି ମସଲାଦାର ଗ୍ରୀନ୍ ମଟର ନୁଡୁଲ୍ସକୁ ବିକ୍ରି କରି ଡିଙ୍ଗ୍ ଏବଂ ୱାଙ୍ଗ୍ ଦୈନିକ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ରୋଜଗାର କରୁଛନ୍ତି।

# 'କଳ୍କୀ ୨'ରୁ ହଟିଲେ ଦୀପିକା



**ହାଇଦ୍ରାବାଦ:** ୨୦୨୪ରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ 'କଳ୍କୀ ୨୮୯୮ ଏଡି'ରେ ଅଭିନେତା ପ୍ରଭାସ, ଅମିତାଭ ବଚ୍ଚନଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନଜରକୁ ଆସିଥିଲେ। ବକ୍ସ ଅଫିସରେ ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଫିଲ୍ମର ସିକ୍ୱେଲ ଖୁବ୍‌ଶୀଘ୍ର ଆସିବ ବୋଲି ଫିଲ୍ମ ନିର୍ମାତା କମ୍ପାନୀ ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ ବୋଲି ବୈଜୟନ୍ତୀ ମୁଭିଜ୍ ପକ୍ଷରୁ ସାମାଜିକ ଗଣମାଧ୍ୟମ 'X'ରେ ଏକ ପୋଷ୍ଟ କରି ସୂଚନା ଦିଆଯାଇଛି। ପୋଷ୍ଟରେ ଲେଖାଯାଇଛି, 'କଳ୍କୀ ୨୮୯୮ ଏଡି'ର ସିକ୍ୱେଲରେ ଦୀପିକାଙ୍କୁ ଦେଖିବାକୁ ମିଳିବ ନାହିଁ। ଅନେକ ବିଚାର ବିମର୍ଶ ପରେ ଦୀପିକାଙ୍କଠାରୁ ଅଲଗା ହେବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। 'କଳ୍କୀ ୨୮୯୮ ଏଡି' ଫିଲ୍ମର ସିକ୍ୱେଲ ପାଇଁ ଅଧିକ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଦୀପିକାଙ୍କଠାରୁ ଏହାର ଆଶ୍ୱାସନା ମିଳି ନ ଥିଲା। ବୈଜୟନ୍ତୀ ମୁଭିଜ୍‌ର ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୀପିକାଙ୍କ ଅନେକ ପ୍ରଶଂସକ ଉକ୍ତ ପୋଷ୍ଟର କମେଣ୍ଟରେ ଫିଲ୍ମ ନିର୍ମାଣକାରୀ କମ୍ପାନୀକୁ ସମାଲୋଚନା କରିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, 'କଳ୍କୀ ୨' ଫିଲ୍ମ ପାଇଁ ଦୀପିକା ତାଙ୍କ ପାରିଶ୍ରମିକକୁ ୨୫% ବଢ଼ାଇବାକୁ ଫିଲ୍ମ ନିର୍ମାତାଙ୍କଠାରୁ ଦାବି କରିଥିଲେ। ଦୀପିକାଙ୍କ ଏହି ଦାବିରେ ଫିଲ୍ମ ନିର୍ମାତା ସହମତି ପ୍ରକାଶ କରି ନ ଥିଲେ।

## ଘର ଭାଙ୍ଗି ଧାନ, ଚାଉଳ ଖାଇଲେ ହାତୀ

ଲାଞ୍ଜିଗଡ଼,୧୮।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ମୂଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାପୋଖରୀ ଗାଁରେ ଧନୁର୍ଜୟ ହରିଜନ ପରିବାର ସହ ରହି ଆସୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ୨୨ଟିକିଆ ହାତୀପଲ ଝିମିରି ଜଙ୍ଗଲରୁ ଗାଁ ମୁହାଁହୋଇ ଗାଁ ନିକଟରେ ଭୀଷଣ ଗର୍ଜନ କରିଥିଲେ। ଗର୍ଜନ ଶୁଣି ଧନୁର୍ଜୟ ସପରିବାର ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ଘୋ ଗାଁର ପଡ଼ୋଶୀ ଘରକୁ ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ହେଲେ ସକାଳୁ ଗାଁକୁ ଆସିବା ବେଳକୁ ହାତୀ ଘର ଭାଙ୍ଗି ଧାନ, ଚାଉଳ, ମାଣ୍ଡିଆ, ବିରି ଖାଇବା ସହ ଆସବାବପତ୍ର ନଷ୍ଟ କରିଥିବା ଦେଖିବାକୁ ପାଇଥିଲେ। ବର୍ତ୍ତମାନ ହାତୀପଲ ଗାଁ ନିକଟରେ ଥିବା ଝିମିରି ଜଙ୍ଗଲରେ ରହିଥିବା ବେଳେ ଲୋକେ ଲାଞ୍ଜିଗଡ଼ଠାରୁ ବେନଗାଁ ଦେଇ ସେହି ରାସ୍ତାରେ ଯାତାୟାତ ପାଇଁ ଭୟ କରୁଛନ୍ତି। ଏ ନେଇ ବୁଧବାର ସକାଳେ ଖବର ପାଇ ମୂଷାନାଲ ସେକ୍ସନ ବନପାଳ ଚିନ୍ତାମଣି ମାଝୀ ଏବଂ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି । ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ଧନୁର୍ଜୟ ପରିବାର ନିବେଦନ କରିଛନ୍ତି ।

# ଦେଶୀ, ବିଦେଶୀ ମଦ ବିକ୍ରିକୁ ବିରୋଧ

ନୂଆପଡ଼ା,୧୮।୯ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା ବୁଢ଼ିପାଲି ପଞ୍ଚାୟତ ଜେଞ୍ଚରା ଗାଁରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରିକୁ ବିରୋଧ କରି ଗୁରୁବାର ଗ୍ରାମବାସୀ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ବହୁଶୀଘ୍ର ମଦ ବନ୍ଦ ପାଇଁ ଅବକାରୀ ଓ ପୋଲିସ ପ୍ରଶାସନକୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସେମାନେ ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜେଞ୍ଚରା ଓ ଜାଙ୍ଗୁଲା ଗାଁ ମଝିରେ ଦୀର୍ଘଦିନରୁ ଦେଶୀ ଓ ବିଦେଶୀ ମଦ ବିକ୍ରୟ ଚାଲିଛି । ଏଥିଯୋଗୁ ଅନେକ ଅପ୍ରୀତିକର ଘଟଣା ଘଟୁଛି। ନିଶା ସେବନକାରୀ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଗାଁରେ ଅନେକ ଥର ସଭା କରି ମଦ ବିକ୍ରୟ ବନ୍ଦ କରିବା ପାଇଁ କୁହାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବରଂ ଓଲଟା ଗ୍ରାମବାସୀଙ୍କୁ ମଦ ବ୍ୟବସାୟୀ ଧମକ ଦେଉଛନ୍ତି। ଖରିଆର ରୋଡ ଜୋଙ୍କ ଥାନା


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଓ ନୂଆପଡା ଅବକାରୀ ବିଭାଗକୁ ଲିଖିତ ଭାବରେ ଜଣାଇଥିଲେ ସୁଦ୍ଧା କିଛି ଫରକ ପଡୁନାହିଁ। ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । କୌଣସି ଅପ୍ରୀତିକର ଘଟଣା ଘଟିଲେ ଜିଲା ଓ ପୋଲିସ ପ୍ରଶାସନ ଦାୟୀ ରହିବେ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି । ନିଶା ମୁକ୍ତ ଗାଁ ଗଠନ କରିବା ପାଇଁ ଜିଲା ପ୍ରଶାସନ ଆମକୁ ସଚେତନ କରିବା କଥା। ହେଲେ ଆମେ ଜିଲା ପ୍ରଶାସନକୁ ସଚେତନ କରିବା ପାଇଁ ଆସୁଛୁ ବୋଲି ଜଣେ ମହିଳା ପ୍ରକାଶ କରିଥିଲେ। ନିଶା, ପ୍ଲାଷ୍ଟିକ ଓ ଦାଦନ ମୁକ୍ତ ଜିଲା ଗଠନ କରିବା ପାଇଁ ଜିଲା ପ୍ରଶାସନ ଡିଣ୍ଡିମ ପିଟୁଛନ୍ତି। ହେଲେ ଏହା ପ୍ରହସନ ପାଲଟିଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ଆଗାମୀ ୭ ଦିନ ମଧ୍ୟରେ ଗାଁରେ ମଦ ବିକ୍ରି ବନ୍ଦ ନ ହେଲେ ସମସ୍ତ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ, ବାସଭବନ ଓ ରାଜରାସ୍ତାରେ ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ସମାବେଶରେ କୁନ୍ତି ବାଇ ସାହୁ, ରେଖରାମ ସାହୁ, ଖୁବି ପଟେଲ, ରାଜ ପଟେଲ, ରାଜାରାମ ସାହୁ, ଦିନେଶ କୁମାର ପଟେଲ, ମନେଘରାଜ ସାହୁ, ରାଜ କୁମାର, ହର୍ଦେ କେଉଟ, ଗାନ୍ଧୀ ସାହୁ, ସନ୍ତୋଷ ରାଉତ, ମୋହିତ କେଉଟ ପ୍ରମୁଖ ସାମିଲ ଥିଲେ ।

## ଉପ ମୁଖ୍ୟମନ୍ତ୍ରୀଙ୍କୁ ମିଳିତ କୃଷକ ସଂଘର୍ଷ ସମିତିର ୩ ଦଫା ଦାବିପତ୍ର

ଲୋଇସିଂହା,୧୮।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ୧୧ଟି ପଞ୍ଚାୟତକୁ ଲୋୟର ସୁକତେଲ ପ୍ରକଳ୍ପରୁ ସ୍ଥାୟୀ ଜଳସେଚନ ସୁବିଧା, ରୁଗୁଡିଖାଲରେ ପରିବା ମାର୍କେଟ ୟାର୍ଡ ଓ ଶୀତଳ ଭଣ୍ଡାର ସ୍ଥାପନ ଦାବି ନେଇ ବୁଧବାର ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମତି ପକ୍ଷରୁ ଏକ ଦାବିପତ୍ର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ପ୍ରଦାନ କରାଯାଇଛି । ରାମପୁରଠାରେ ଆଗଲପୁର ସବ୍ ଗ୍ରୀଡ ଉଦ୍‌ଘାଟନ ଉତ୍ସବ ଅବସରରେ ସମିତିର ସଦସ୍ୟ ଶ୍ୟାମସୁନ୍ଦର ବିଶ୍ୱାଳ, କୃଷ୍ଣଚନ୍ଦ୍ର ନାଏକ, କଳାରସିଂ ବାଗ, ସୁବାଷ ବହିଦାର ପ୍ରମୁଖ ଭେଟି ଏହି ଦାବିପତ୍ର ଦେଇଥିଲେ। ପ୍ରକାଶ ଯେ, ଲୋଇସିଂହା ବ୍ଲକର ବୁର୍ଡା, ବୁଢ଼ୀପଦର, ବାଦିବାହାଲ, ଯୋଗୀସର୍ଡା, ହୀରାପୁର, ଲୋଇସିଂହା ପଞ୍ଚାୟତ ଏବଂ ଆଗଲପୁର ବ୍ଲକର ନଅଗାଁ(ଖି), ବେନ୍ଦ୍ରା, ବଡଟୀକା, ଝରଣୀପାଲି ଓ ନୁନିଆଁପାଲି ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇବାରୁ ବଞ୍ଚିତ ହୋଇଛି । ଲୋଇସିଂହା ବ୍ଲକର ୬ଟି ପଞ୍ଚାୟତ ଓ ଆଗଲପୁର ବ୍ଲକର ୫ଟି ପଞ୍ଚାୟତ ମରୁଡି ପ୍ରବଣ ଅଞ୍ଚଳ। ଉଭୟ ବ୍ଲକର ଏହି ୧୧ଟି ପଞ୍ଚାୟତ ଅଧୀନ ଗ୍ରାମଗୁଡିକରେ ସ୍ଥାୟୀ ସମାଧାନ ନିମନ୍ତେ ଲୋୟର ସୁକତେଲ ଡ୍ୟାମରୁ ଜଳସେଚନ ପାଇଁ ମିଳିତ କୃଷକ ସଂଘର୍ଷ ସମିତି ଓ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ଅନୁଷ୍ଠିତ ସଭା ସମିତିରେ ସ୍ଥାନୀୟ ବିଧାୟକ ରାଜ୍ୟରେ ଭାଜପା ସରକାର ଆସିଲେ ଡିପିଆର ସଂଶୋଧନ କରି ଜଳସେଚନ ସୁବିଧା କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏପରି କି ବିଧାୟକ ଭାବେ ବିଜୟୀ ହେବା ପରେ ଓ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ପରେ ମିଳିତ କୃଷକ ସଂଘର୍ଷ ସମିତି ଆନୁକୂଲ୍ୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଖୁବଶୀଘ୍ର ଏକ ସ୍ୱତନ୍ତ୍ର ଏକ୍ସପର୍ଟ ଟିମ୍ ଡ୍ୟାମ୍ ଏବଂ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନିଆଯିବ । ଇତିମଧ୍ୟରେ ଦେଢବର୍ଷ ବିତି ଯାଇଥିଲେ ସୁଦ୍ଧା ପଦକ୍ଷେପ ନିଆଯାଇ ନ ଥିବା ଉକ୍ତ ପ୍ରତିନିଧି ମଣ୍ଡଳୀ କହିଛନ୍ତି।

## କ୍ଷତିପୂରଣ ଦାବି ତେଜିଲା, ଧାରଣାରେ ଚାଷୀ


ଧାରଣାରେ ସାମିଲ ଚାଷୀ ନେତାଙ୍କ ସହ ଚାଷୀମାନେ।

ନୂଆପଡ଼ା,୧୮।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଧରମପୁର ଓ ହାତିସରା ଗାଁ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ଓ ସେତୁ ନିର୍ମାଣ ହୋଇଛି । ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ କ୍ଷତିପୂରଣ ରାଶି ମିଳି ନ ଥିବାରୁ ଗୁରୁବାର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳ ଏହାର ଆପୋସ ସମାଧାନ ପାଇଁ ଧାରଣାକାରୀଙ୍କୁ ନିଜ ଚାମ୍ବରକୁ ଡକାଇ ଆଲୋଚନା କରି ମାସେ ଭିତରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ହେଲେ ମାସେ ଭିତରେ ଦାବି ପୂରଣ ନ ହେଲେ ପୁଣି ଧାରଣାରେ ବସିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ଧରମପୁରଠାରୁ ହାତିସରା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ସହ ସୁନ୍ଦର ନଦୀରେ ସେତୁ ନିର୍ମାଣ ହୋଇଛି। ଏହି ରାସ୍ତା ନିର୍ମାଣରେ ଧରମପୁର, ହାତିସରା ଓ ଠୋଙ୍ଗରମାଲା ଗାଁର ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ଯାଇଛି । ଜମିର ଉଭୟ ପାର୍ଶ୍ୱରେ ମାଟି ପୋତି ହୋଇଥିବାରୁ ଚାଷ କାର୍ଯ୍ୟରେ ବାଧା ଉପୁଜୁଛି। ଏହାକୁ ନେଇ ଚାଷୀମାନେ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଆଭିଯୋଗ କରିଛନ୍ତି । ଏହାର ପ୍ରତିବାଦ କରି ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାକୁ ସମର୍ଥନ କରି ଯୁବକଂଗ୍ରେସ ଜିଲା ସଭାପତି ଅମିତ କୁମାର ଅହିର ଧାରଣାରେ ବସିଥିଲେ। ଏହି ସମୟରେ ଭକ୍ତବନ୍ଧୁ ଧରୁଆ, ରଘୁ ବନଛୋର, ଗୋବର୍ଦ୍ଧନ ମାଝିଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

# ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ସୋନପୁର,୧୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ମହାବିଦ୍ୟାଳୟରେ ସ୍ଥାନୀୟ ଭୂତଳ ଜଳ ସମ୍ବନ୍ଧୀୟ ସମସ୍ୟା ଏବଂ ଭୂତଳ ଜଳ ପରିଚାଳନାରେ ସହଭାଗିତା ବିଷୟରେ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଜଳ ପରିଷଦ ଦକ୍ଷିଣ ପୂର୍ବ କ୍ଷେତ୍ର ଭୁବନେଶର ଓ ରାଜୀବ ଗାନ୍ଧୀ ଜାତୀୟ ଭୂତଳ ଜଳ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ନାଏକ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ହରିଶଙ୍କର ମିଶ୍ର, ଉମାକାନ୍ତ ନାଗ,

### ଭୂତଳ ଜଳ ସମସ୍ୟା, ଭୂତଳ ଜଳ ପରିଚାଳନା ନେଇ ଆଲୋଚନା

ସୌରଭ ରଞ୍ଜନ ଖମାରୀ, ଆଶିଷ ଅଗ୍ରୱାଲ, ମାନସ ରଞ୍ଜନ ନାଏକ, ଚନ୍ଦ୍ରକାନ୍ତି ବିଶ୍ୱାଳ, ପୂଜା ସାହୁ, ନିରୋଦ ଗୁରୁ, ଡ ଇତିଶ୍ରୀ ଦାସ, ବିଥିକା ଦେହୁରୀ, ସଂଘମିତ୍ରା ନାଗ, ବାହାତାରାହାନୀ କିସ୍କୁ ଓ ଭୁବନେଶର ସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ପରିଷଦର ବରିଷ୍ଠ ବୈଜ୍ଞାନିକ ସନ୍ଧ୍ୟା ମହାପାତ୍ର, ରାଜୀବ କୁମାର ତ୍ରିପାଠୀ, ସୁଧାଂଶୁ କୁମାର ମହାନ୍ତି, ଆଶୁତୋଷ ଚୌଧୁରୀ ଓ ରସାୟନବିତ୍ ବିରଞ୍ଚି ନାରାୟଣ ଦେହୁରୀ ଉପସ୍ଥିତ ଥିଲେ। ଭବିଷ୍ୟତରେ ଭୂତଳ ଜଳର ଚାହିଦା ପୂରଣ କରିବା ପାଇଁ ଏହାର ସ୍ତରକୁ ବୃଦ୍ଧି କରିବା ପାଇଁ ଅତିଥିମାନେ ଜଳ ସଂରକ୍ଷଣ ଏବଂ କୃତ୍ରିମ ରିଚାର୍ଜର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ବୈଜ୍ଞାନିକମାନେ ଭୂତଳ ତତ୍ତ୍ୱର ମୌଳିକ ଧାରଣା, ଭୂତଳ ଜଳର ସମସ୍ୟା, ପରିଚାଳନା ଏବଂ ଗୁଣାତ୍ମକ ମାନ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ୧୨୫ ଛାତ୍ରୀଛାତ୍ର ଉପରୋକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ କୁଇଜ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ବୈଜ୍ଞାନିକ ସୁଧାଂଶୁ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ବୈଜ୍ଞାନିକ ଓ ଅଧ୍ୟାପକମାନେ।

# ବଲାଙ୍ଗୀର କୃଷି ଭବନ ଉଦ୍‌ଘାଟିତ


ବଲାଙ୍ଗୀର କୃଷି ଭବନକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୧୮।୯(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବଲାଙ୍ଗୀର ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତଥା କୃଷି ଭବନକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟ କୋଠାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପାଦନ ହେବା ପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଲୋକ ସଭା ଏମପି ସଙ୍ଗୀତା କୁମାର ସିଂଦେଓ, ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର, କୃଷି ବିଭାଗ ମୁଖ୍ୟଯନ୍ତ୍ରୀ ଇଂ ବିଷ୍ଣୁପ୍ରସାଦ ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ଇଂ ନରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲା କୃଷି ଅଧିକାରୀ ଧୀରେନ ସିଂ ବରିହା, ନିର୍ବାହୀ ଯନ୍ତ୍ରୀ, ଇଂ ଲାସା ମୁର୍ମୁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସିଂଦେଓ ତାଙ୍କ ଅଭିଭାଷଣରେ ଉଦ୍‌ଘାଟିତ ହୋଇଥିବା ଏହି କୃଷି ଭବନ ରାଜ୍ୟର ଚତୁର୍ଥ କୃଷି ଭବନ ଏବଂ ୩୦ଟି ଜିଲାରେ ଏଭଳି କୃଷି ଭବନ ନିର୍ମାଣ କାର୍ଯ୍ୟ ଚାଲିଥିବା ସେ ସୂଚନା ଦେଇଥିଲେ। କୃଷକମାନେ ଏଠାରୁ ନୂତନ ବୈଷୟିକ ଜ୍ଞାନକୌଶଳ ଆହରଣ କରିବା ସହ ଉନ୍ନତମାନର ସେବା ପାଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି କାର୍ଯ୍ୟାଳୟର ସୂର୍ଯ୍ୟ ଦାଶ, ସୁଧାକର ନନ୍ଦ, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠାରୁ ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପାଦନ ହୋଇଥିବା ସୂଚନା ଦିଆଯାଇଥିଲା।

### ୪୦ ଲକ୍ଷ ଟଙ୍କାରେ ହୋଇଛି ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର କାର୍ଯ୍ୟ

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବୀରମହାରାଜପୁର,୧୮।୯(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଷଣ୍ଢା ଗ୍ରାମର ଜଣେ ଯୁବକ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ପୋଲିସକୁ ନଜଣାଇ ସତ୍କାର ଉଦ୍ୟମବେଳେ ଶ୍ମଶାନରୁ ଶବ ଜବତ କରିଛି ବୀରମହାରାଜପୁର ପୋଲିସ। ମୃତକ ସୂର୍ଯ୍ୟ କୁମାର ବାଗ(୨୮) । ସୂଚନା ଅନୁସାରେ ସୂର୍ଯ୍ୟ ବୁଧବାର ରାତିରେ ଭୋଜନ ସାରି ଶୋଇଥିଲେ। ଗୁରୁବାର ସକାଳେ ପରିବାର ଲୋକେ ତାଙ୍କୁ ଘର ପାଖ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ପୋଲିସକୁ ଖବର ନଦେଇ ଘର ଲୋକେ ନିକଟସ୍ଥ ଜୋର କୂଳ ଶ୍ମଶାନକୁ ସତ୍କାର ପାଇଁ ନେଇଥିଲେ। ଏନେଇ ମୃତକ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୪/୨୫) ରୁଜୁ କରି ଏସଆଇ ଅବିନାଶ ପଧାନ ଅଧିକ ଘଟଣାର ତଦନ୍ତ ଚଳାଇଛନ୍ତି। ମୃତ ସୂର୍ଯ୍ୟ କୁମାର ବାଗ ୬ମାସ ପୂର୍ବରୁ ବିବାହ କରିଥିଲେ। ବ୍ୟବଚ୍ଛେଦ ପରେ ଅପରାହ୍ନରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ୟୁରିଆ ସାର ପାଇଁ ଚାଷୀଙ୍କ ରାସ୍ତା ଅବରୋଧ

ଖପ୍ରାଖୋଲ,୧୮।୯(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପାକ୍ସରେ ୟୁରିଆ ସାର ମିଳୁ ନ ଥିବା ପ୍ରତିବାଦରେ ଚାଷୀମାନେ ଗୁରୁବାର ମଧ୍ୟାହ୍ନରେ ଧଣ୍ଡାମୁଣ୍ଡା ଗାଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଖପ୍ରାଖୋଲ-ପଦ୍ମପୁର ରାସ୍ତାରେ ଗାଡି ଚଳାଚଳ ୨ ଘଣ୍ଟା ଧରି ବ୍ୟାହତ ହୋଇଥିଲା। ପରେ ପାକ୍ସ ସଭାପତି କଲ୍ୟାଣ ପଟେଲ ପାକ୍ସରେ ୪୫୦ ପ୍ୟାକେଟ ୟୁରିଆ ସାର ଗଚ୍ଛିତ ଅଛି । ଶାନ୍ତିଶୃଙ୍ଖଳା ରକ୍ଷା କରି

### ପାକ୍ସ ସଭାପତିଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଚାଷୀମାନେ ନେବାକୁ ଅନୁରୋଧ କଲା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ୟୁରିଆ ସାର ଯୋଗାଣ ଦାବିରେ କେତେଜଣ ଚାଷୀ ପାକ୍ସରେ କର୍ମଚାରୀ ଥିବା ବେଳେ ତାଲା ପକାଇ ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ପାକ୍ସରୁ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।



ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

# ପୁଣି ୩ ସମିତି ସଭ୍ୟ ଭାଜପାରେ ମିଶିଲେ

ସୋନପୁର,୧୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ବିଜେଡି ଗଡ ଭୁଶୁଡିବାରେ ଲାଗିଛି। ସୋମବାର ଏହି ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦ରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ୩ଜଣ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସଭାପତି ଭାଜପାରେ ସାମିଲ ହୋଇଥିଲେ। ପ୍ରାକ୍ତନ ଜିଲା ପରିଷଦ ଉପସଭାପତି, ବିଜେଡିର ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ, ପ୍ରାକ୍ତନ ସରପଞ୍ଚ, ସମିତି ସଭ୍ୟ ଓ ଛାମୁଆ ନେତାମାନେ ମଧ୍ୟ ଭାଜପାରେ ମିଶିଥିଲେ। ଗୁରୁବାର ପୁଣି ତରଭା ବ୍ଲକର ବିଜେଡି ସମର୍ଥିତ ୩ ସମିତି ସଭ୍ୟ ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ହେଲେ ମରାଡୁଗୋଚ୍ଛା ପଞ୍ଚାୟତର ସମିତି ସଭ୍ୟ ମାର୍କଣ୍ଡ ନାଗ, ଦୁବୁଲା ପଞ୍ଚାୟତର ସମିତି ସଭ୍ୟ ସୁବାସ ସୁନା ଓ ସରଗଜ ପଞ୍ଚାୟତର ସମିତି ସଭ୍ୟ ବେଦମତୀ ସୁନା। ସୋନପୁର ସର୍କିଟ୍ ହାଉସଠାରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଉପସ୍ଥିତିରେ ସେମାନେ ଗୈରିକ ଦଳରେ ସାମିଲ ହୋଇଛନ୍ତି। ତରଭା ବ୍ଲକରେ ୨୧ ପଞ୍ଚାୟତ ରହିଛି। ଦୀର୍ଘ ବର୍ଷ ଧରି ଏହା ସୋନପୁର


ସମିତି ସଭ୍ୟ ଏମ୍‌ପି ସଙ୍ଗୀତା ସିଂଦେଓଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି।

### ତରଭା ବ୍ଲକରେ ଭୁଶୁଡୁଛି ବିଜେଡି ଗଡ଼

ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଗଡ ଥିଲା। କିଛି ଅଞ୍ଚଳରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ସରୋଜ କମ୍ପଙ୍କ ବେଶ ପ୍ରଭାବ ଥିଲା। ୨ ରୁ ୩ଟି ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ବାଦ୍ ଦେଲେ ଅନ୍ୟ ବିଜୟୀ ସରପଞ୍ଚ ଓ ସମିତି ସଭ୍ୟ ବିଜେଡି ସମର୍ଥିତ। ଗତ ବିଧାନସଭା ନିର୍ବାଚନରେ ବିଧାୟକ ପୂଜାରୀଙ୍କ ବିଜୟ ପଛରେ ଏହି ଅଞ୍ଚଳର ଦଳୀୟ ସଙ୍ଗଠନର ବଡ ଭୂମିକା ଥିଲା। ତେବେ ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହି ବ୍ଲକର ରାଜନୈତିକ ସମୀକରଣ ଧିରେ ଧିରେ ବଦଳିବାରେ ଲାଗିଛି। ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଓ ଛାମୁଆ ନେତା ଶଙ୍ଖ ଛାଡି ପଦ୍ମ ଧରୁଛନ୍ତି। ଭାଜପାର ଯୁବ ନେତା ସାନନ୍ଦ ମେହେରଙ୍କ ଗୋଟି ଚାଳନାରେ ବିଜେଡି ଦୁର୍ବଳ ହେଉଥିବା ଆଲୋଚନା ହେଉଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ଜନକଲ୍ୟାଣକାରୀ ଯୋଜନା ତଥା ଦୃଢ ନେତୃତ୍ୱକୁ ସମର୍ଥନ କରି ଲୋକ ପ୍ରତିନିଧିମାନେ ଭାଜପାରେ ସାମିଲ ହୋଇଥିବା ଏମ୍‌ପି ସିଂଦେଓ କହିଛନ୍ତି।

**ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ**

ସମ୍ବଲପୁର,(ବି.ଶଙ୍କର):ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏ ଚାରାରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବାହାରେ ଥିବା ଡ୍ରପଆଉଟ ପିଲାଙ୍କୁ ପୁଣିଥରେ ଶିକ୍ଷା ମୁଖ୍ୟସ୍ରୋତରେ ସାମିଲ କରି ଶିକ୍ଷା ଗ୍ରହଣ ପାଇଁ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ପଦଯାତ୍ରା କରି ସମାଜକୁ ସଚେତନତାର ବାର୍ତ୍ତା ଦେଇଥିଲେ।

# ସମ୍ବଲପୁରବାସୀ ୨୪ଘଣ୍ଟା ପାଇବେ ବିଶୁଦ୍ଧ ପାନୀୟ ଜଳ

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗରବାସୀଙ୍କ ଦୂର ହେବ ଦୀର୍ଘଦିନରୁ ଲାଗି ରହିଥିବା ଶୁଦ୍ଧ ପାନୀୟ ଜଳ ସମସ୍ୟା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପ୍ରାୟ ୫୬୯୭୦ ଗୃହକୁ ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସହରରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପକୁ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ ୪୫୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଇତି ମଧ୍ୟରେ ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ୧୨ ଜଣ ବିଡର ଭାଗ ନେଇଥିବା ବେଳେ ସର୍ବନିମ୍ନ ବିଡରଭାବେ ମହାରାଷ୍ଟ୍ରର ଇଗଲ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ ସଂସ୍ଥା ଏହି କାର୍ଯ୍ୟହାତକୁ ନେଇଥିବା ଜଣା ପଡ଼ିଛି।

ସମ୍ବଲପୁର ୱାଟ୍‌କୋ ଡିଭିଜନ ମୁଖ୍ୟ ପ୍ରବନ୍ଧକ ଇଂ.ବ୍ରହ୍ମେଶ୍ୱର ଦାସ କହିଛନ୍ତି, ୨୦୨୫ରେ ସମ୍ବଲପୁର ମହାନଗର ଅଞ୍ଚଳର ଜନସଂଖ୍ୟା ୪.୭୫ ଲକ୍ଷ ରହିଛି। ଆସନ୍ତା ୨୦୪୩ ମସିହା ସୁଦ୍ଧା ୭.୧୦ ଲକ୍ଷ ଓ ୨୦୫୮ ସୁଦ୍ଧା ୮.୭୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମହାନଗରକୁ ଦୃଷ୍ଟିରେ ରଖି ଏହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବର୍ତ୍ତମାନ ମହାନଗରରେ ଦୈନିକ ୧୧୦ ନିୟୁତ ଲିଟର(ଏମ୍‌ଏଲ୍‌ଡି) ଶୁଦ୍ଧ ପାନୀୟ ଜଳର ଆବଶ୍ୟକତା ରହିଥିବା ବେଳେ ଆସନ୍ତା ୨୦୪୩ ସୁଦ୍ଧା ଏହି ଆବଶ୍ୟକତା ବୃଦ୍ଧି ପାଇ ୧୭୦ ଏମ୍‌ଏଲ୍‌ଡିରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହରକୁ ମିଶାଇ ଗଠିତ ସମ୍ବଲପୁର ମହାନଗର ବାସୀଙ୍କୁ ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ଏହି ମେଗା ପ୍ରକଳ୍ପ ନିର୍ମାଣର ଯୋଜନା ରହିଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମହାନଗର ଅଞ୍ଚଳରେ କେବଳ ପ୍ରତ୍ୟେକ ପରିବାରଙ୍କୁ ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ସୀମିତ ରହିବ ନାହିଁ, ବରଂ ସହରରେ ୨୧ ମିଟର ଉଚ୍ଚ ୪ତାଲା କୋଠା ଉପରେ ରହୁଥିବା ପରିବାର ମଧ୍ୟ ବିନା ପମ୍ପରେ ୱାଟ୍‌କୋ ପକ୍ଷରୁ ଯୋଗାଣ ହେଉଥିବା ବିଶୁଦ୍ଧ ପାନୀୟ ଜଳ ଯେପରି ପାଇ ପାରିବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ସହରରେ ୪ ତାଲା କାଠା ଉପରକୁ ପାନୀୟ ଜଳ ପହଞ୍ଚିଛି କି ନାହିଁ ତାର ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ବିଶେଷଜ୍ଞଙ୍କ ଦଳ ନିୟୋଜିତ ହେବେ ବୋଲି କହିଛନ୍ତି ଇଂ. ଦାସ। ମହାନଗର ନିଗମବାସୀଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ ପାଇଁ ହୀରାକୁଦ ଜଳଭଣ୍ଡାରରେ ୧୧୦ ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ଏକ ଇନ୍‌ଟେକ୍ ୱେଲ ଓ ପମ୍ପ ହାଉସ୍ ସ୍ଥାପନ କରାଯିବ। ସେହିପରି ଜଳକୁ ବିଶୋଧନ ପାଇଁ ହୀରାକୁଦର ଟିପୁପଡ଼ାରେ ୬୫ ଏମ୍‌ଏଲ୍‌ଡି ଓ ବୁର୍ଲା ଜ୍ୟୋତିବିହାର ନିକଟରେ ୩୫ ଏମ୍‌ଏଲ୍‌ଡି ମିଶି ମୋଟ ଶହେ ଏମ୍‌ଏଲ୍‌ଡିର ଦୁଇଟି ଜଳ ବିଶୋଧନାଗାର(ଡବ୍ଲ୍ୟୁଟିପି) ସ୍ଥାପନ କରାଯିବାର ଯୋଜନା ରହିଛି। ତେବେ ସମଗ୍ର ମହାନଗର ଅଞ୍ଚଳକୁ ୮୦ଟି ଜୋନରେ ବିଭକ୍ତ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସହରରେ ବିଭିନ୍ନ ଉତ୍ସରୁ ସଂଗୃହୀତ ଓ ବିଶୋଧିତ ଜଳ ସଂରକ୍ଷଣ ପାଇଁ ୧୪ଟି ଟାଙ୍କି ନିର୍ମାଣ କରାଯିବ। ପ୍ରାଥମିକ ସ୍ତରରେ ମହାନଗର ଅନ୍ତର୍ଗତ ୧୮ ହଜାର ଗୃହ ପାଇଁ ୨୩୦ ମିଲୋମିଟର ଦୈର୍ଘ୍ୟର ପୁରୁଣା ପାଇପ୍ ବଦଳରେ ନୂତନ ପାଇପ୍ ଜଳ ବିଛାଇବା ସହିତ ୫୬ କିଲୋମିଟରର ସମ୍ପୂର୍ଣ୍ଣ ନୂତନ ପାଇପ୍ ବିଛାଯିବ। ଇତିମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୨୦୨୭ ଅଗଷ୍ଟ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ୱାଟ୍‌କୋ ମୁଖ୍ୟ ପ୍ରବନ୍ଧକ ଇଂ. ଦାସ କହିଛନ୍ତି।


ମେଗା ପାନୀୟ ଜଳ ପ୍ରକଳ୍ପ ଅନ୍ତର୍ଗତ ପାଣିଟାଙ୍କି ।

- ମେଗା ପାନୀୟ ଜଳ ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟା ଶେଷ
- ୪୫୪ କୋଟି ଟଙ୍କା ବ୍ୟୟ ଅଟକଳ

# ଓଏସ୍‌ଓୟୁ ମୁଖ୍ୟାଳୟରେ ଚାରା ରୋପଣ ଅଭିଯାନ


ଓଏସ୍‌ଓୟୁ ମୁଖ୍ୟାଳୟରେ ଚାରାରୋପଣ ଅଭିଯାନରେ ଅତିଥି ଓ ଅଧିକାରୀମାନେ ।

ସମ୍ବଲପୁର,୧୮।୯(ବି.ଶଙ୍କର)

ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ମୁଖ୍ୟାଳୟ ପରସରରେ ଚାରାରୋପଣ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିବେଶଗତ ସ୍ଥିରତା ଏବଂ ସମାଜ କଲ୍ୟାଣ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଦୃଷ୍ଟି ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ କାର୍ଯ୍ୟକ୍ରମ ହୋଇଥିଲା। ବୃକ୍ଷରୋପଣ ଅଭିଯାନରେ ଓଏସ୍‌ଓୟୁର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, ରେଜିଷ୍ଟ୍ରାର ଡ. ଚିତ୍ତରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ ଏବଂ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକା, କର୍ମଚାରୀମାନେ ଯୋଗଦେଇ ୧ଶହଟି ବାହାଡା ଗଛ ରୋପଣ କରିଥିଲେ। ଏହା ପୂର୍ବରୁ ଓଏସଓୟୁର ଇକୋ କ୍ୟାସ ଫରେଷ୍ଟ ପଦକ୍ଷେପ ଅନ୍ତର୍ଗତ ୧ଶହଟି ନଡିଆ ଗଛ, ୧ଶହଟି ଆମ୍ବ ଗଛ, ୫୦ଟି ପିଜୁଳି ଗଛ, ୫୦ଟି ଅଁଳା ଗଛ ଏବଂ ୩୦ଟି ହରିଡ଼ା ଗଛ ଲଗାଯାଇଛି। ଏହି ଅବସରରେ ଓଏସ୍‌ଓୟୁ ୫ଦିନ, ୫ କାର୍ଯ୍ୟକ୍ରମ, ୫ ଗ୍ରାମାଞ୍ଚଳ ଶୀର୍ଷକ ଏକ ଅନନ୍ୟ ପଦକ୍ଷେପ ଘୋଷଣା କରିଛି । ୨୦୨୫ ସେପ୍ଟେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହାର ପାଞ୍ଚଟି ପୋଷ୍ୟ ଗ୍ରାମ ଚାଉଁରପୁର, ବଡ଼ସିଂହାରି, ସାନସିଂହାରି, କର୍ଡୋଲା ଏବଂ ସହଜବାହାଲରେ ପାଳନ କରାଯିବ । ଏହି ଅଭିଯାନ ମାଧ୍ୟମରେ ଓଏସ୍‌ଓୟୁ ପାଞ୍ଚଟି ପ୍ରମୁଖ ନିରନ୍ତର ବିକାଶ ଲକ୍ଷ୍ୟ ସହିତ ସଂଯୁକ୍ତ ବିଷୟବସ୍ତୁ ଉପରେ ସମଗ୍ର ଓଡ଼ିଶାରେ ଏହାର ଆଞ୍ଚଳିକ କେନ୍ଦ୍ର ଏବଂ ଅଧ୍ୟୟନ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି । ଏହିକ୍ରମରେ ସବୁଜ ଶକ୍ତି, ଡିଜିଟାଲ ସଶକ୍ତିକରଣ, ଆମ୍ ସ୍ୱାସ୍ଥ୍ୟସେବା ଏବଂ ସୁସ୍ଥତା ଗ୍ରାମୀଣ ସୁଯୋଗ, ସମସ୍ତଙ୍କ ପାଇଁ ଶିକ୍ଷା (ଆନୁଷ୍ଠାନିକ ଏବଂ ଅନୌପଚାରିକ) ରହିଛି ବୋଲି ଓଏସ୍‌ଓୟୁର କୁଳପତି ପ୍ରଫେସର ପଟ୍ଟନାୟକ ଆଲୋକପାତ କରିଥିଲେ ।

# ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୧୮।୯(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋଲକୁଣ୍ଡାର ଅଟଳ ଛକ ନିକଟରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅସ୍ଥିଶଲ୍ୟ ଡାକ୍ତର ଦେବାନନ୍ଦ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଫିଜିଓଥେରାପିଷ୍ଟ ଡାକ୍ତର ଶ୍ୟାମ ବିଶି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଭାଜପା ବୁର୍ଲା ମଣ୍ଡଳ ସଭାପତି ଆକାଶ ଆଚାର୍ଯ୍ୟ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ଆଇନଜୀବୀ ପ୍ରସନ୍ନ କୁମାର ସାହୁ, ବରିଷ୍ଠ ଭାଜପା ନେତା ତରଣୀସେନ ଚାନ୍ଦ, ପ୍ୟାରୀମୋହନ ପୂଜାହାରୀ ସମ୍ମାନିତ ଅତିଥି ଥିଲେ । ବାଳିକା ଏବଂ ସମସ୍ତ ବର୍ଗର ମହିଳାମାନଙ୍କର ସ୍ୱାସ୍ଥ୍ୟଯାଞ୍ଚ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ପ୍ରାୟ ୧୪ ଦିନ ଧରି ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ସମସ୍ତ ଗ୍ରାମାଞ୍ଚଳରେ ପାଳନ କରାଯିବ ବୋଲି ଡାକ୍ତର ଭୋଇ ପ୍ରକାଶ କରିଛନ୍ତି। ସକାଳ ୮ ରୁ ପୂର୍ବାହ୍ନ୧୧ଟା, ପୁନଶ୍ଚ ଅପରାହ୍ନ ୪ଟାରୁ ରାତି ୮ ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ନିଃଶୁଳ୍କ ସେବା ପ୍ରଦାନ ସହ ମାଗଣା ଔଷଧ, ବିଭିନ୍ନ ପରୀକ୍ଷା ଉପଲବ୍ଧି ହୋଇପାରିବ। ଉଦ୍‌ଘାଟନୀ ସମାରୋହରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସମେତ ଭାଜପା ବୁର୍ଲା ମଣ୍ଡଳର ସଞ୍ଜୀବ ବର୍ମା, ଯଶବିନ୍ଦର ସିଂ କୌର ଏବଂ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଉମେଶ ବଳ ଧନ୍ୟବାଦ ଅର୍ପଣ କରିଥିଲେ ।



ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

# ଏମ୍‌ସିଏଲ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ


ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା-୨୫ ଅଭିଯାନ ରଥକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର,୧୮।୯(ବି.ଶଙ୍କର)

ଏମ୍‌ସିଏଲ ପକ୍ଷରୁ ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ ଶୁଭାରମ୍ଭ ହୋଇଛି। ପଡ଼ୋଶୀ ସମ୍ପ୍ରଦାୟରେ ସ୍ୱଚ୍ଛତା, ପରିଷ୍କାର, ପରିଚ୍ଛନ୍ନତା ଏବଂ ସ୍ଥାୟୀ ପରିବେଶଗତ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଛି। କମ୍ପାନୀ ମୁଖ୍ୟାଳୟରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଯୋଗଦେଇ ସମସ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଏମ୍‌ସିଏଲ ନିର୍ଦ୍ଦେଶକ (ମାନବ ସମ୍ପଦ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ.ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ ଏବଂ ପିଆଣ୍ଡପି) ସଞ୍ଜୟ ଝା ସମ୍ମାନୀତ ଅତିଥି ଥିଲେ। କମ୍ପାନୀ ଅଧ୍ୟକ୍ଷ କାଓଲେ କହିଥିଲେ, ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ ବରଂ ଏକ ନିରନ୍ତର ଦାୟିତ୍ୱ । ତେଣୁ ପ୍ରତ୍ୟେକ କର୍ମଚାରୀ ଏବଂ ଜନସାଧାରଣ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ । ଏହି ଅଭିଯାନର ଅଂଶ ସ୍ୱରୂପ ସିଏମଡି ଏବଂ କାର୍ଯ୍ୟକ୍ଷମ ନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଏକ ସ୍ୱଚ୍ଛତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ମୋବାଇଲ ୟୁନିଟ୍ ପରିସରଭୁକ୍ତ ଅଞ୍ଚଳ ଏବଂ ସହର ଦେଇ ପରିଭ୍ରମଣ କରି ବାସିନ୍ଦାଙ୍କ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନତା, ପରିଷ୍କାର ଅଭ୍ୟାସ ଏବଂ ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ସେହିପରି ସାର୍ବଜନୀନ କ୍ଷେତ୍ରର ମହିଳା, ଏମ୍‌ସିଏଲ ସଦସ୍ୟମାନେ ମଧ୍ୟ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ସଚେତନତା ପ୍ରସାର କରିବା ପାଇଁ ସ୍ୱଚ୍ଛତା କି ରଙ୍ଗୋଲି କରାଯାଇଛି । କମ୍ପାନୀ ଦ୍ୱାରା ଏହାର ମୁଖ୍ୟାଳୟ ସମେତ ତାଳଚେର ଏବଂ ଇବଭ୍ୟାଲି କୋଇଲା କ୍ଷେତ୍ର ଅଧୀନରେ କାର୍ଯ୍ୟକ୍ଷମ ଅଞ୍ଚଳରେ ମଧ୍ୟ ସ୍ୱଚ୍ଛତା ସଚେତନତା କାର୍ଯ୍ୟ କରାଯାଇଛି ।

# ରେଳ ମଣ୍ଡଳ ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଶିବିର

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ରେଳ ମଣ୍ଡଳ ପକ୍ଷରୁ ଗୁରୁବାର ଏକ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସଫେଇ ମିତ୍ର ସୁରକ୍ଷା ଶିବିରରେ ସଫେଇ କର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ରେଳ ପରିସର, କଲୋନୀ ସହିତ ବିଭିନ୍ନ ଷ୍ଟେଶନଗୁଡ଼ିକରେ ନିୟୋଜିତ ସଫେଇ କର୍ମୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ କଲ୍ୟାଣ ଲକ୍ଷରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ରେଳବାଇ ଡାକ୍ତର ଓ ପାରା-ମେଡିକାଲ୍ କର୍ମଚାରୀଙ୍କ ଦ୍ୱାରା ସମସ୍ତ ସଫେଇ କର୍ମୀଙ୍କ ରକ୍ତଚାପ, ରକ୍ତ ନାମୁନା ଯାଞ୍ଚ ପୂର୍ବକ ରକ୍ତ ଶର୍କରା ଓ ହିମୋଗ୍ଲୋବିନ୍, ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସେହପରି ଉପସ୍ଥିତ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱଚ୍ଛତା ସହିତ ସୁରକ୍ଷିତ ପରିବେଶ ଜନିତ ପ୍ରତିରୋଧକ ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଳିଆ, ଆବର୍ଜନା ସଫେଇ ସମୟରେ ପରିଛତା ବଜାୟ ରଖି ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ପାଇଁ ସମସ୍ତ ସଫେଇ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା।


ସ୍ୱାସ୍ଥ୍ୟ ଶିବିରରେ ସଫେଇ କର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ବୁର୍ଲା ଏନ୍‌ଏସି କଲେଜରେ ନାକ୍ ପରାମର୍ଶ କମିଟି ବୈଠକ



ବୁର୍ଲା ଏନ୍‌ଏସି କଲେଜରେ ନାକ୍ ପରାମର୍ଶ କମିଟି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଏନ୍‌ଏସି କଲେଜରେ ଗୁରୁବାର ଜାତୀୟ ମୂଲ୍ୟାୟନ ଓ ମାନ୍ୟତା ପରିଷଦ(ନାକ୍) ସଂକ୍ରାନ୍ତିୟ ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ସମ୍ବଲପୁର ସଦର ଉପଜିଲାପାଳ ତଥା ପରିଚାଳନା କମିଟି ସଭାପତି ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ୭ଟି କଲେଜ୍‌ର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ସେ ଅଞ୍ଚଳର ସମସ୍ତ କଲେଜ ନାକ୍ ମାନ୍ୟତା ଯୋଗ୍ୟତ ହାସଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରଫେସର ଜୟନ୍ତ ପରିଡ଼ା, ପ୍ରଫେସର ପି.କେ.ପ୍ରଧାନ ଓ ପ୍ରଫେସର ମହେଶ୍ୱର ସାହୁଙ୍କୁ ନେଇ ଗଠିତ ଉଚ୍ଚଶିକ୍ଷା ବିଭାଗ ଏକ ତିନିଜଣିଆ ପରାମର୍ଶ କମିଟି ଯୋଗଦେଇ ନାକ ମାନ୍ୟତା ପାଇଁ ଭିନ୍ନ ଗ୍ରେଡ୍ ଓ ଯୋଗ୍ୟତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବୁର୍ଲା ଏନ୍‌ଏସି କଲେଜ ଅଧ୍ୟକ୍ଷା ସୁବନ୍ଦିତା ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ କର୍ମଶାଳାର ସଂଯୋଜକ ଡ. ଜ୍ୟୋତିରଞ୍ଜନ ସାମଲ ଓ ଡ. ସିଦ୍ଧାନ୍ତ ମହାନ୍ତି ପରିଚାଳନା କରିଥିଲେ। ଏଥିରେ ରେଢ଼ାଖୋଲ କଲେଜ ଅଧ୍ୟକ୍ଷ ଡ. ଅରୁଣ ଶାସନୀ, କୁଚିଣ୍ଡା କଲେଜ ଅଧ୍ୟକ୍ଷ ମନୋଜ ପଣ୍ଡା, ହୀରାକୁଦ ଏନ୍‌ଏସି କଲେଜ ଅଧ୍ୟକ୍ଷା ସୁମିତ୍ରା ପଣ୍ଡା, ପରମାଣପୁର କଲେଜ ଅଧ୍ୟକ୍ଷା ପ୍ରଜ୍ଞା ପଣ୍ଡା, ଲଇଡ଼ା କଲେଜ ଅଧ୍ୟକ୍ଷା ମଧୁସ୍ମିତା ମିଶ୍ର, ବାମରା କଲେଜର ନାକ ଅଧିକାରୀ ଓ ଆକ୍ୟୁଏସି ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଏ.କେ. ସୂତାର, ଡ. ସ୍ମିତଶିକ୍ଷା ଗୁରୁ, ସୁଧାଂଶୁ ମହାପାତ୍ର, ଡ. ଅପରାଜିତା ପଣ୍ଡା, ଡ. ଦାଶରଥୀ ବିଶ୍ୱାଳ, ଡ. ହିମାଦ୍ରି ଦାସ, ଦୀପିକା ଲାକ୍ରା, ଡ. ଘନଶ୍ୟାମ ଦୀପ୍, ଡ. ବ୍ୟୋମକେଶ ଭୋଇ, ଫରହାନ ହାଇଦର, ସସ୍ମିତା ପାଣିଗ୍ରାହୀ, ସଙ୍ଗୀତା ବେହେରା, ନବୀନ ମେହେର, ମନୋଜ ହରିପାଲ, ନିରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ।

# ସହରର ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ

ସମ୍ବଲପୁର,୧୮।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅଞ୍ଚଳର ସ୍ୱଚ୍ଛତାକୁ ନେଇ ବାରମ୍ବାର ପ୍ରଶ୍ନ ଉଠି ଆସିଛି। ସଫେଇ ସରିବା ପରେ ବି ରାସ୍ତା ଉପରେ ପଡିଥିବା ପଥର ଉଠିପାରୁନାହିଁ। ରାସ୍ତାକଡରେ ଆବର୍ଜନା ପଡିରହୁଛି। ଯାହାକୁ ଦେଖି ବିରକ୍ତ ହୋଇଛନ୍ତି ଏସ୍‌ଏମ୍‌ସି କମିଶନର ରେହାନ ଖତ୍ରୀ। ଗୁରୁବାର ସକାଳେ ମହାନଗର ଅଞ୍ଚଳ ପରିଦର୍ଶନ ସମୟରେ ମହିଳା ଥାନା ନିକଟ ପାଚେରିକୁ ଲାଗି ଆବର୍ଜନା ପଡିରହିଥିବା ଦେଖି ନିଜେ ଫାଉଡା ଧରି ଆବର୍ଜନା ସଫେଇ କରିଥିଲେ ଯୁବ ଆଇଏଏସ ତଥା କମିଶନର ଖତ୍ରୀ। ସକାଳୁ ଏଭଳି ଦୃଶ୍ୟ ଦେଖି ସଫେଇ କର୍ମଚାରୀମାନେ ଚକିତ ହୋଇଯାଇଥିଲେ। ତେବେ କମିଶନରଙ୍କ ସାଙ୍ଗରେ ସ୍ୱଚ୍ଛତା କର୍ମଚାରୀମାନେ ମଧ୍ୟ ସଫେଇ କାର୍ଯ୍ୟରେ ଲାଗିପଡିଥିଲେ। ଏହାପରେ ଖୁବ୍‌କମ ସମୟରେ ଅଞ୍ଚଳ ସଫେଇ ହୋଇଯାଇଥିଲା। ତେବେ ମହାନଗର ନିଗମ ଅଞ୍ଚଳକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ ବୋଲି ସଚେତନ ନାଗରିକମାନେ ମତ ଦେଉଛନ୍ତି। ସଫେଇ ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରିତ କରିବା ନିହାତି ଜରୁରୀ। ଏହା ଅଭାବରୁ ଏସ୍‌ଏମ୍‌ସି ଦେଶର ସ୍ୱଚ୍ଛତା ସୂଚକାଙ୍କରେ ୧୧୪ତମ ସ୍ଥାନରେ ରହିଛି। ସେଥିପାଇଁ ପୁଣିଥରେ ସମ୍ବଲପୁର ମହାନଗର ଅଞ୍ଚଳରେ ଜନଭାଗିଦାରୀ ବୃଦ୍ଧି କରିବା ପାଇଁ ଚେଷ୍ଟା କରାଯାଉଛି।

ଗୁରୁବାର କମିଶନରଙ୍କ ନେତୃତ୍ୱରେ ସହରର ବିଭିନ୍ନ ଅଞ୍ଚଳ ବୁଲି ଉଠା ଦୋକାନୀମାନଙ୍କୁ ବ୍ୟବସ୍ଥିତ କରିବାକୁ ଚେଷ୍ଟା କରାଯାଇଥିଲା। ସକାଳେ ଲକ୍ଷ୍ମୀ ଟକିଜ ଅଞ୍ଚଳ ଏବଂ ସମେଲେଇ ମନ୍ଦିର ଅଞ୍ଚଳରେ ସଚେତନତା କରାଯାଇଥିବା ବେଳେ ସନ୍ଧ୍ୟାରେ ଜେଲଛକରେ ସ୍ୱଚ୍ଛତା ସ୍ଥିତି ପରିଦର୍ଶନ କରାଯାଇଛି। ଦୋକାନୀମାନେ ଡ୍ରେନ ଭିତରେ ଆବର୍ଜନା ପକାଉଛନ୍ତି। ଏଥିଯୋଗୁ ଡ୍ରେନ ଭର୍ତ୍ତି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଡଷ୍ଟବିନର ବ୍ୟବହାର ନିଜ ପାରିପାର୍ଶ୍ୱିକ ଅଞ୍ଚଳର ସଫେଇ ପ୍ରତି ଦୃଷ୍ଟି ଦେବାକୁ ମହାନଗର ପକ୍ଷରୁ ଏହି ଅବସରରେ ତାଗିଦ୍ କରାଯାଇଥିଲା। ସ୍ଥାନୀୟ ଦୋକାନୀମାନେ ପାନୀୟ ଜଳ ସୁବିଧା, ରାସ୍ତା କଡରେ ସେମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ସହରର ବୁଢାରଜା, ଫାଟକଲ, ମହାନ୍ତିପଡା, ପ୍ରଫେସର କଲୋନୀ ଅଞ୍ଚଳରେ ରାସ୍ତା କଡରେ ଆବର୍ଜନା ପଡିରହିଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ପାର୍ବଣ ଋତୁରେ ସହରର ସ୍ୱଚ୍ଛତା ପ୍ରତି ପଦକ୍ଷେପ ନିଆଯାଉ ନ ଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏସ୍‌ଏମ୍‌ସି ପକ୍ଷରୁ ପ୍ରବର୍ତ୍ତନ, ସ୍ୱଚ୍ଛତା ବିଭାଗର କର୍ମଚାରୀମାନେ ସ୍ଥାନୀୟ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ସହ ମିଶି ନିୟମିତ ସଫେଇ ଅଭିଯାନ କରିବେ। ଶୁକ୍ରବାର ବୁଢାରଜା ପାହାଡରେ ସଫେଇ ଅଭିଯାନ କରାଯିବ ବୋଲି କମିଶନର ଖତ୍ରୀ ସୂଚନା ଦେଇଛନ୍ତି।


ମହାନଗର ନିଗମ କମିଶନର ରେହାନ ଖତ୍ରୀ ହାତରେ ଫାଉଡା ଧରି ସଫେଇ କରୁଛନ୍ତି ।

**ଏସ୍‌ଏମ୍‌ସି କମିଶନର ଫାଉଡା ଧରି କଲେ ସଫେଇ**

# ବୁଲା ଗୋରୁ ପାଇଁ ଦୁର୍ଘଟଣା, ୩ବର୍ଷରେ ୧୬୦୧ଜଣଙ୍କ ମୃତ୍ୟୁ



ବୈଠକରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର,୧୮।୯ (ବନ୍ଦନା ସେଠୀ)

ରାଜ୍ୟରେ ବୁଲୁଥିବା ଗୋରୁ ପାଇଁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ଦୁର୍ଘଟଣା ଓ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ରାଜ୍ୟରେ ଗୋରୁଙ୍କ ବିଚରଣ କାରଣରୁ ଦୁର୍ଘଟଣା ଘଟି ୩ବର୍ଷରେ ୧୬୦୧ଜଣଙ୍କ ଜୀବନ ଯାଇଛି। ୨୦୨୨ରେ ୯୫୨ ଦୁର୍ଘଟଣାରେ ୫୦୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୩ରେ ୧,୧୬୮ ଦୁର୍ଘଟଣା ଘଟି ୬୭୩ ମୃତ୍ୟୁ ଏବଂ ୨୦୨୪ରେ ୯୦୩ଟି ଦୁର୍ଘଟଣାରେ ୪୨୭ ଜଣଙ୍କ ମୃତ୍ୟୁ ହୋଇଥିବା ଓଡ଼ିଶା ସଡ଼କ ଦୁର୍ଘଟଣା ତଥ୍ୟରୁ ଜଣାଯାଇଛି। ସେହିପରି ୨୦୨୨ରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଯାନବାହନ ଧକ୍କାରେ ୩୩୧ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଏହି ପରିସଂଖ୍ୟାନ ସମନ୍ୱିତ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ନିରାପଦ ଯାତ୍ରା ସହିତ ରାସ୍ତାଘାଟରେ ବୁଲୁଥିବା ଗୋରୁ ପାଇଁ ଦୁର୍ଘଟଣାଜନିତ ସମସ୍ୟାର ସମାଧାନ ପାଇଁ ଗୁରୁବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି ସହିତ ଉଭୟ ମଣିଷ ଏବଂ ପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଥିଲେ। ପ୍ରଥମତଃ ଏକ ସମନ୍ୱିତ ମଡେଲରେ ପ୍ରାଣୀମାନଙ୍କ ପାଇଁ ବାଡ଼ ଦେବା, ସହରରେ ରାସ୍ତାପାର ପାଇଁ ବ୍ୟବସ୍ଥା କରିବା, ଜରିମାନା ଏବଂ ଦଣ୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହାୟତା, ରାସ୍ତାକଡ଼ର ଲୋକମାନଙ୍କୁ ସଚେତନ କରିବା ଏବଂ ଓଡ଼ିଶାର ରାସ୍ତାଗୁଡ଼ିକୁ ସମସ୍ତଙ୍କ ପାଇଁ ସୁରକ୍ଷିତ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପ୍ରାଣୀପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚିହ୍ନଟ ହୋଇଥିବା ଜାତୀୟ ରାଜପଥର ଷ୍ଟ୍ରେଚ୍‌ଗୁଡ଼ିକୁ ନିକଟବର୍ତ୍ତୀ ପୌରାଞ୍ଚଳ ସହିତ ସଂଯୋଗ କରିବା ପାଇଁ ଏକ ମିଶନ୍ ମୋଡ୍‌ରେ ରଣନୀତି ଉପରେ ଧ୍ୟାନ ଦିଆଯାଇଥିଲା। ଏହାଦ୍ୱାରା ବର୍ତ୍ତମାନ ରାଜ୍ୟରେ ଥିବା ତଥା ନୂତନ ଗୋଶାଳା ମାଧ୍ୟମରେ ଗୋ-ନିୟନ୍ତ୍ରଣ ଏବଂ ଆଶ୍ରୟସ୍ଥଳ ସୁନିଶ୍ଚିତ କରାଯାଇପାରିବ। ଆଲୋଚନାରେ ବୁଲା ପଶୁଙ୍କ ଉପସ୍ଥିତି ସହିତ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା, ଗୋଶାଳାଗୁଡ଼ିକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ସହାୟତାରେ ଏନ୍‌ଜିଓଗୁଡ଼ିକ ସହିତ ସେବାମୁଖୀ ସହଭାଗିତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

**ମୁକାବିଲା ଲାଗି ପ୍ରସ୍ତୁତ ହେବ ସମନ୍ୱିତ କାର୍ଯ୍ୟ ଯୋଜନା**

# ରେଭେନ୍ସାରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ

କଟକ,୧୮।୯ (କାର୍ତ୍ତିକ ସାହୁ)

ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୪ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ନାଶନାଲ କାଉନସିଲ ଫର୍ ଟିଚର ଏଜୁକେସନ (ଏନ୍‌ସିଟିଇ)ରୁ ସ୍ୱୀକୃତି ମିଳିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ଏନେଇ ସୂଚନା ପ୍ରଦାନ କରାଯାଇଛି। ସୂଚନା ଯେ, ରେଭେନ୍ସା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଗତବର୍ଷ ଆବେଦନ କରାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତାରେ ଗ୍ରେଡ୍ ଏ ପ୍ଲସ ପ୍ଲସ ଥିବାରୁ ସର୍ବୋଚ୍ଚ ପଏଣ୍ଟ ହାସଲ କରିଥିଲା। ଏହାପରେ ଏନ୍‌ସିଟିଇ ପକ୍ଷରୁ ଆଭାସି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଷ୍ଟାଫ ତାଲିକା ପ୍ରଦାନ କରାଯିବା ପରେ ଏନ୍‌ସିଟିଇ ଏହାକୁ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛି। ଏହି ସ୍ୱୀକୃତି ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍, ବିଏସ୍‌ସି ବିଏଡ୍ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷ ୨୦୨୬-୨୭ରେ ନୂତନ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏ-ବିଏଡ, ବିଏସ୍‌ସି-ବିଏଡ୍) ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ନାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କରାଯାଉଥିବା ନାଶନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ୪ ବର୍ଷିଆ ପାଠ୍ୟକ୍ରମ ସରିବା ପରେ ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ।

**ଏନ୍‌ସିଟିଇ ପକ୍ଷରୁ ମିଳିଲା ସ୍ୱୀକୃତି**

# ସାର ସଙ୍କଟ: ୨୩ରେ କିଷାନ କଂଗ୍ରେସର ବିଧାନସଭା ଘେରାଉ

ଭୁବନେଶ୍ୱର,୧୮।୯ (ରବିନାରାୟଣ ଜେନା)

ସାରା ରାଜ୍ୟର ସାର ଅଭାବ ନେଇ କିଷାନ କଂଗ୍ରେସ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୩ରେ ବିଧାନସଭା ଘେରାଉ କରାଯିବ ବୋଲି ପିସିସି କିଷାନ ସେଲର ଅଧ୍ୟକ୍ଷ ଅଭୟ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୩ ତାରିଖ ମଙ୍ଗଳବାର ସକାଳ ୯ଟାରେ କଟକସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଓଡ଼ିଶା କିଷାନ କଂଗ୍ରେସର ଏକ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥରେ ରସୁଲଗଡ଼, ବାଣୀବିହାର ଦେଇ ମାଷ୍ଟରକ୍ୟାଣ୍ଟିନସ୍ଥିତ କଂଗ୍ରେସ ଭବନରେ ପହଞ୍ଚିବ। ସେଠାରେ ଚାଷୀ ସଭା କରାଯିବା ପରେ ଚାଷୀକୁଳର ନେତା ଓ କର୍ମୀମାନେ ବିଧାନସଭା ଘେରାଉ କରିବେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାବାସୀ ବହୁ ସଂଖ୍ୟାରେ ଭାଗ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ କରିଥିବା ସାହୁ ଜଣାଇଛନ୍ତି।

# ପ୍ରଧାନଶିକ୍ଷକଙ୍କ ସହ ୩ ଶିକ୍ଷକ ନିଲମ୍ବିତ

ପାରଳାଖେମୁଣ୍ଡି,୧୮।୯ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋସାଣି ବ୍ଲକ ମାଛମରା ସ୍କୁଲର ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପ୍ରଧାନଶିକ୍ଷକଙ୍କ ସମେତ ୩ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଏବଂ ହିନ୍ଦୀ ଶିକ୍ଷକଙ୍କୁ ଆକ୍ରମଣ କରିଥିବାରୁ ଦୁଇ ସହକାରୀ ଶିକ୍ଷକ ବି.ରାଜଶେଖରମ ଓ ଏସ. ଜୟ ରାଓ ନିଲମ୍ବିତ ହୋଇଛନ୍ତି। ସେହିପରି ପରିଚାଳନାଗତ ତ୍ରୁଟି ଓ ସରକାରୀ ସ୍ତରରେ ଆସିଥିବା ଟିଭି, ପିଲାଙ୍କ ପାଇଁ ଆସିଥିବା ସାମଗ୍ରୀଗୁଡିକର ଅପବ୍ୟବହାର କରିଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରଥଙ୍କୁ ନିଲମ୍ବିତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବିତ ଏହି ୩ ଜଣ ଶିକ୍ଷକ ଗୋଷାଣୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ସୂଚନାଯୋଗ୍ୟ, ମାଛମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାର ସାମାନ୍ୟ ବଚସାକୁ ନେଇ ଦୁଇ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା। ଶିକ୍ଷକଙ୍କ ଗଣ୍ଡଗୋଳରେ ଜଣେ ଛାତ୍ର ମଧ୍ୟ ଆହତ ହୋଇଥିଲେ। ଆହତ ଛାତ୍ରଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ଅଭିଭାବକମାନଙ୍କ ସହ ଗ୍ରାମବାସୀ ବୁଧବାର ସ୍କୁଲକୁ ଆସି ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯାହାଫଳରେ ଉକ୍ତ ସ୍କୁଲରେ ସେଦିନ 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ମଧ୍ୟ ହୋଇପାରି ନ ଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ଉକ୍ତ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୁଧବାର ରାତିରେ ପ୍ରଧାନଶିକ୍ଷକ ଓ ୨ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।

**ସ୍କୁଲରେ ଶିକ୍ଷକ ଗଣ୍ଡଗୋଳ ଘଟଣା**

# ୬୦ ବର୍ଷ ଛୁଇଁଥିବା ହିତାଧିକାରୀ ସୁଭଦ୍ରାରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର, ୧୮।୯ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ଏଥିରୁ ମିଳୁଥିବା ସୁବିଧା ପାଇବାରୁ ବାଦ୍ ପଡ଼ିବେ। ଏହା ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ ବୋଲି ବିଜେଡି କହିଛି। ଦଳ ତରଫରୁ ଜାରି କରାଯାଇଥିବା ଏକ ବିବୃତିରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ଭାଜପା ତା'ର ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଭାଜପା କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ମହିଳାଙ୍କୁ ନ ଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ସୁଭଦ୍ରା ଯୋଜନାରୁ ବାଦ୍ ପଡିବେ ବୋଲି ସ୍ପଷ୍ଟ ହୋଇଛି। ଏମାନେ ଏବେ ସୁଦ୍ଧା ମାତ୍ର ୨ଟି କିସ୍ତି ପାଇଛନ୍ତି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସରକାର ଦାବି କରୁଥିବା ବେଳେ ବାଦ୍ ପଡ଼ିବାକୁ ଯାଉଥିବା ମହିଳାମାନେ କ'ଣ ଲାଭ ଦେଲେ କୁହନ୍ତୁ। ଏହାଛଡା ବାଦ୍ ପଡ଼ିଥିବା ମହିଳାମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନ କରିପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। କାରଣ, ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ଆବେଦନକରି ଅପେକ୍ଷାରେ ଅଛନ୍ତି ବୋଲି ଲେନିନ୍ କହିଛନ୍ତି।

# କୋଇଲା ଖଣିରେ ମୃତକଙ୍କ ପରିବାରକୁ ମିଳିବ ୨୫ ଲକ୍ଷ ଅନୁକମ୍ପା ରାଶି

ତାଳଚେର,୧୮।୯ (ମନୋଜ ନନ୍ଦ)

କୋଇଲା ଖଣିରେ କାର୍ଯ୍ୟରତ କୌଣସି ଠିକା ଶ୍ରମିକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୫ ଲକ୍ଷ ପରିବର୍ତ୍ତେ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରେ ଏ ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାକୁ ନେଇ ତାଳଚେର କୋଇଲା ଖଣିର ସମସ୍ତ ଠିକା ଶ୍ରମିକ ଖୁସି ପ୍ରକଟ କରିଛନ୍ତି। ଏହି ବିଜ୍ଞପ୍ତି ପ୍ରକାଶ ପରେ ଭାଜପା ଓ ଶ୍ରମିକମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କୋଇଲା ମନ୍ତ୍ରୀ ଜି. କିସାନ ରେଡ୍ଡୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କୁ ଧନ୍ୟବାଦ ଜଣାଯାଇଛି। ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ସମସ୍ତ ମଣ୍ଡଳ ସଭାପତି ଅଜୟ ସାହୁ, ସୁଶାନ୍ତ ସାମଲ, ରାଜେଶ ଦଳେଇ, ଦୀପକ ଦାସ, ମାନସ ସାହୁ ଓ ସନ୍ତୋଷ ମହାନ୍ତିଙ୍କ ସମେତ ସମସ୍ତ ପଦାଧିକାରୀ ଓ ଶ୍ରମିକ ନେତା ଧନ୍ୟବାଦ ଜଣାଇଛନ୍ତି।

# ଜିଏସ୍‌ଟି ସୁଧାର ଦେଶବାସୀଙ୍କୁ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦେବ: ଚୁଗ୍




ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ଜିଏସ୍‌ଟି ସୁଧାର ଦ୍ୱାରା କେବଳ ଜିଏସ୍‌ଟି ହାର ବା ଟିକସରେ କମ୍ ହେବ ନାହିଁ ବରଂ ଏହା ସାଧାରଣ ଜନତାଙ୍କର ଜୀବନଯାପନରେ ଏକ ବ୍ୟାପକ ପରିବର୍ତ୍ତନକାରୀ ଐତିହାସିକ ପଦକ୍ଷେପ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇ ଚୁଗ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ୧୧ବର୍ଷ ଶାସନ ମଧ୍ୟରେ ଆର୍ଥିକ ଶୃଙ୍ଖଳା ଓ ଦୂରଦର୍ଶୀ ନୀତି ପାଇଁ ଭାରତ ବିଶ୍ୱର ସବୁଠାରୁ ଦୃଢ଼ ଓ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତି ହୋଇପାରିଛି। ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ଦେଶବାସୀଙ୍କୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ମିଳିବ। ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜଭୁତ ଶକ୍ତି ଏବଂ ଗତି ପ୍ରଦାନ କରିବ। ମୋଦି ସରକାରଙ୍କର ଜିଏସ୍‌ଟି ୨.୦ ସୁଧାର ଦ୍ୱାରା ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ନୂତନ ଗତି ମିଳିବ। ୧୨% ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯% ସାମଗ୍ରୀକୁ ୫% ହାରକୁ ଅଣାଯାଇଛି ଏବଂ ୨୮% ହାରରେ ଥିବା ପ୍ରାୟ ୯୦% ସାମଗ୍ରୀକୁ ୧୮% ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଞ୍ଚୟ ବଢ଼ିବ, ଆବଶ୍ୟକ ସାମଗ୍ରୀର ଦାମ କମିବ ଓ ଦେଶୀୟ ଚାହିଦା ମଜଭୁତ ହେବ। ରାଜ୍ୟ ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକଙ୍କ ପୌରୋହିତ୍ୟରେ ଏହି ଆଲୋଚନାଚକ୍ରରେ ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।


I, Raziya Khatun, W/o Mohammad Pirbaksh Imam of Mohantipara, PS-Town, Dist-Sundargarh, Pin-770001, hereby declare that I am the co-recorded tenant of Khata No. 237/961, Plot No. 206/2393, Mouza Nuaamlipali, Sundargarh, Odisha.I have lost the original sale deed No. 11701601009 of 2016 issued by the DSR, Sundargarh, Certificate No. IN-OD05336312678984V, Unique Doc. Reference: SUBIN-ODODSHCIL0107387271046090V, while shifting between rental houses. The loss has been reported to Town PS, Sundargarh vide SD No. 010 dated 17.08.2025.I confirm that the said land/property is not mortgaged with any financial institution or bank. I intend to mortgage the same with Odisha Grameen Bank, Sundargarh Branch, Any person having claim or interest in this property may contact Odisha Grameen Bank, Sundargarh within 15 days from the date of this notice.

**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗୀର**
ମୁଖ୍ୟ କାର୍ଯ୍ୟାଳୟ, ରୁଗୁଡ଼ିପଡା, ବଲାଙ୍ଗୀର-୭୬୭୦୦୧
ବ୍ୟାଙ୍କର ଗ୍ରାହକବନ୍ଧୁମାନଙ୍କ ପୁନଃ କେ.ୱାଇ.ସି. ପୂର୍ତ୍ତି କରିବା ସକାଶେ

**ବିଶେଷ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବ୍ୟାଙ୍କର ଗ୍ରାହକମାନଙ୍କ (ଯେଉଁମାନେ ପୁନଃ କେ.ୱାଇ.ସି. କରିନାହାନ୍ତି) ସମସ୍ତ ବିଭିନ୍ନ ବର୍ଗର ଏକାଉଣ୍ଟ ପୁନଃ କେ.ୱାଇ.ସି. ପୂର୍ତ୍ତି କରିବାପାଇଁ ଏବଂ ଏକାଉଣ୍ଟ ପୁନଃ ପରିଚାଳିତ କରିବା ପାଇଁ ଯଥା ପରିଚୟ ପ୍ରମାଣପତ୍ର, ଠିକଣା ପ୍ରମାଣପତ୍ର ପୂର୍ତ୍ତି ସଂକ୍ରାନ୍ତୀୟ କାଗଜପତ୍ର ସହିତ ଫଟୋ ନିତାନ୍ତ ଜରୁରୀ ଅଟେ, ଏଣୁ ଗ୍ରାହକ ଯେବେଠାରୁ ବ୍ୟାଙ୍କିଙ୍ଗ କାରବାର କରୁଥାନ୍ତୁ ନା କାହିଁକି ।
"ଯଦି, ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣପତ୍ର ଓ ସାମ୍ପ୍ରତିକ ଠିକଣା ପୂର୍ତ୍ତି କରୁଥିବା କାଗଜ ସହ ଏବେକାର ଦୁଇଗୋଟି ପାସପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକଙ୍କୁ ଜଣାଇ ଦିଆଯାଉଛି ଯେ, ତା.୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ସଂପୃକ୍ତ ଶାଖା ବ୍ୟାଙ୍କ ସହ ଯୋଗାଯୋଗ କରି ନିଶ୍ଚିତ ଭାବେ ଦାଖଲ କରିବାପାଇଁ ଅନୁରୋଧ ।"
ସୂଚନାଯୋଗ୍ୟ: ଯଦି ସେଭିଂ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସ ଧରି ବ୍ୟବହୃତ ହେଉନଥିଲେ କିମ୍ବା ପୁନଃ କେ.ୱାଇ.ସି ପୂର୍ତ୍ତି ହୋଇନଥିଲେ ଜମାକାରୀ ଗ୍ରାହକଙ୍କୁ କୌଣସି ସୂଚନା ନଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ ଏବଂ ସେଥିପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ।

ସ୍ୱା./-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବଲାଙ୍ଗୀର

**PARADIP PORT AUTHORITY**
Tender No.ENG/CE/1523/ NDC3/2024/290 Dt.12.09.2025
DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS
INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date & time of submission of RFQ Applications is 12.11.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/43/2025-2026 dtd. 18.09.2025

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. MCSW-BOBRN-REHAB-25-26-17
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BOBRN ୱାଗନଗୁଡ଼ିକର ପୁନର୍ବାସ ।
ବିଜ୍ଞାପିତ ମୂଲ୍ୟ : ₹ 30,50,22,156.00, EMD : ₹ 16,75,100/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.09.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2025ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-609/Q/25-26

**GOVERNMENT OF ODISHA**
**WORKS DEPARTMENT**
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA**
TELEPHONE & Fax : 06846-243242, E-mail : eepwd.balliguda@gmail.com
e-procurement notice
**Bid Identification No. S.E. BLG-10/2025-26**
No.B-517 **Dated : 10.09.2025**

| Sl. No. | Name of the Work | Buildings & Road Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs.45.58 lakh to 99.16 lakh |
| 2 | No. of Works | 7 (Seven) Only |
| 3 | Period & time of completion | 06 (Six) & 08 (Eight) Months |
| 4 | Date & time of availability of the bid document in the portal | 20.09.2025 to 07.10.2025 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.10.2025 |
| 6 | Date & Time of bid opening | 11.30 hours on Dated 08.10.2025 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist : Kandhamal, Pin-762103 |

Others can be seen from Detailed Notice inviting Tenders, available in website www.tendersodisha.gov.in.
Corrigendum if any, shall only be published in the above website.
Sd./- Superintending Engineer
Balliguda (R&B) Division
OIPR-34162/11/0003/2526

**ଦ.ପୂ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଡି), ଚକ୍ରଧରପୁର ତଳେ ଦର୍ଶାଯାଇଥିବା ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ:** **୧. ସିକେପି-ଡି-୬୮୪-ଏଟିଏନ୍‌ଏକ୍ସଏନ୍-ବିଜିକେଏ** । ଚକ୍ରଧରପୁର ମଣ୍ଡଳର ଅପ୍ ଓ ଡାଉନ୍ ଦିଗରେ ଉଭୟ ଜଏଣ୍ଟ ଲାଇନ୍ ଉପରେ ନୂଆଗାଁ ଓ ବାଙ୍ଗୁରକେଲା ମଧ୍ୟରେ ଆଇବିଏସ୍‌ଏସ୍ ସଂକ୍ରାନ୍ତରେ ଅକ୍‌ଜିଲାରୀ ଟ୍ରାନ୍ସଫର୍ମର୍ସର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ: ₹୭,୯୩,୮୦୦.୯୫। ଇଏମ୍‌ଡି: ₹୧୫,୯୦୦/-।** **୨. ସିକେପି-ଡି-୬୩୯-ସିଟିଆର୍-ଡିପିଏସ୍** । ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ଡିପିଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍‌ଆର(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆରଆର(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆରଆର(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚ୍‌ଇ) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ: ₹୬୯,୯୨,୪୧୨.୬୫। ଇଏମ୍‌ଡି: ₹୧,୩୯,୯୦୦/-।** **୩. ସିକେପି-ଡି-୬୩୯-ସିଟିଆର୍-ବିଏନ୍‌ଡିଏମ୍** । ଚକ୍ରଧରପୁର ମଣ୍ଡଳରେ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ରିନ୍ୟୁଆଲ (ପ୍ରାଇମେରୀ) ଟିଏସ୍‌ଆର(ପି), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ସେକେଣ୍ଡାରୀ ସିଟିଆର୍ (ଏସ୍), ଥ୍ରୁ ରେଲ୍ ରିନ୍ୟୁଆଲ ପ୍ରାଇମେରୀ ଟିଆରଆର(ପି), ଥ୍ରୁ ରେଲ୍ ରିନ୍ୟୁଆଲ ସେକେଣ୍ଡାରୀ ଟିଆରଆର(ଏସ୍), କମ୍ପ୍ଲିଟ୍ ଟ୍ରାକ୍ ରିନ୍ୟୁଆଲ ପ୍ରାଇମେରୀ ସିଟିଆର(ପି) ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ୍ (ଟିଆରଡି-ଓଏଚ୍‌ଇ) କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୨୩,୨୮,୯୬୮.୪୦ । ଇଏମ୍‌ଡି: ₹୪୬,୬୦୦/- ।** **୪. ସିକେପି-ଡି-୬୩୨-ଏସ୍‌ସିଏଡିଏ-ଏଏମ୍‌ସି-।** । ତିନି (୩) ବର୍ଷ ପାଇଁ ଟିଇଏମ୍‌ଏସ୍ ଓ ଟିଡିଏମ୍‌ଏସ୍ ସମ୍ବନ୍ଧିତ ଗତିବିଧି ସମେତ ଚକ୍ରଧରପୁର ମଣ୍ଡଳର ସାଲଗାଝରି-ଝାରସୁଗୁଡ଼ା ଏବଂ ରାଜଖରସୁଆଁ-ଡାଙ୍ଗୋଆପୋଷି ସେକ୍ସନର ୩୫ ଗୋଟି ଆରଟିୟୁ ସହିତ ଏସ୍‌ସିଏଡିଏ-। ସିଷ୍ଟମ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ଏଏମ୍‌ସି) । **ଟେଣ୍ଡର ମୂଲ୍ୟ: ₹୧,୦୩,୮୩,୭୧୨/- । ଇଏମ୍‌ଡି: ₹୨,୦୧,୯୦୦/-।** **୫. ସିକେପି-ଡି-୬୪୧-ଭିଏଚ୍-ଏଡିଇଇ-ବିଏନ୍‌ଡିଏମ୍।** ଦୁଇବର୍ଷ ପାଇଁ ଏଡିଇଇ/ଟିଆରଡି/ବିଏନ୍‌ଡିଏମ୍ ନିମନ୍ତେ ଏକ ଗୋଟି ଡିଜେଲ ଚାଳିତ ଅଣ-ଏସି ଚାରିଚକିଆ ସଡ଼କ ବାହନ (ମହିନ୍ଦ୍ରା ସ୍କର୍ପିଓ କିମ୍ବା ସମାନ ଧରଣର) ଭଡ଼ାସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ: ₹୧୧,୯୮,୦୦୫.୩୬ । ଇଏମ୍‌ଡି: ₹୨୪,୦୦୦/- ।** **ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୦୯ ମାସ, କ୍ର.ସଂ. ୨ ଓ ୩ ପାଇଁ ପ୍ରତ୍ୟେକ ୧୨ ମାସ, କ୍ର.ସଂ. ୪ ପାଇଁ ୩୬ ମାସ ଏବଂ କ୍ର.ସଂ. ୫ ପାଇଁ ୨୪ ମାସ । ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୮।୧୦।୨୦୨୫ରିଖ ୧୫.୩୦ ଘଟିକା ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । (PR-642)

**ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
କଚେରୀ ରୋଡ, ପୁରୀ-୭୫୨୦୦୧, ଓଡ଼ିଶା
Regd No-32, Pu Dt.28.11.1956, RBI License No-RPCD/Bhubaneswar 10/11 Dt.21.03.2012
Kacheri Road, Puri-752001, Ph:224553, Odisha, email:ho@upnccb.com
ନୋଟିସ ସଂଖ୍ୟା 951, ତା.18.09.25 ରିଖ

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୨୬.୦୯.୨୦୨୫ ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସଂସ୍କୃତି ଭବନ ପୁରୀଠାରେ ଅନୁଷ୍ଠିତ ହେବ, ଉକ୍ତ ସାଧାରଣ ସଭାରେ ସମିତିର ସଭାପତି / କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ ।

**ବିଶେଷ ଦ୍ରଷ୍ଟବ୍ୟ:** ସାଧାରଣ ସଭାରେ ଯୋଗଦାନ ନିମନ୍ତେ ସମିତିର ସଭାପତି କିମ୍ବା ପ୍ରଶାସକଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଧାରଣର ଅବିକଳ ନକଲ ନିଜ ସାଙ୍ଗରେ ଆଣିବାକୁ ଅନୁରୋଧ ଏବଂ ଦିନ ସକାଳ ୦୯.୩୦ ଘଟିକାଠାରୁ ସଂସ୍କୃତି ଭବନ ପୁରୀଠାରେ ପଞ୍ଜୀକରଣ କରାଯିବ ।

**କାର୍ଯ୍ୟସୂଚୀ:**
୧. ତା.୦୬.୧୨.୨୦୨୪ ରିଖରେ ଅନୁଷ୍ଠିତ ୫୯ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ ।
୨. ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଦୃଢ଼ୀକରଣ ।
୩. ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ପଠନ ଓ ଗ୍ରହଣ ।
୪. ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଆୟ ବ୍ୟୟ ଅଟକଳ (ବଜେଟ) ଅନୁମୋଦନ ଓ ଶୀର୍ଷ ବ୍ୟାଙ୍କକୁ ପ୍ରେରଣ ।
୫. ୨୦୨୪-୨୫ ଆର୍ଥିକ ବର୍ଷର ନେଟ ଲାଭର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ଗ୍ରହଣ ।
୬. ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ବ୍ୟବସାୟିକ ଉନ୍ନୟନ ଯୋଜନା ଅନୁମୋଦନ ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
Sd./- (ଶ୍ରୀଯୁକ୍ତ ସାରଥୀ ଶତପଥୀ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**इंडियन बैंक Indian Bank** इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ),
ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବରମୁଣ୍ଡା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ବାସୁଦେବ ଏଜେନ୍ସି, ୨) **ଶ୍ରୀମତୀ ଯଶୋରିକା ମହାନ୍ତି,** ମେସର୍ସ ବାସୁଦେବ ଏଜେନ୍ସିର ସ୍ୱତ୍ୱାଧିକାରୀ, ସ୍ୱାମୀ: ପ୍ରଭଞ୍ଜନ ମହାନ୍ତି / **ଜାମିନ୍‌ଦାର: ଶ୍ରୀ ପ୍ରଭଞ୍ଜନ ମହାନ୍ତି,** ପିତା: ନିରଞ୍ଜନ ମହାନ୍ତି, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୧୬୨, ଧର୍ମ ବିହାର, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ଟ.୩୨,୬୬,୦୪୪.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୧.୦୭.୨୦୨୩ / ୧୭.୦୯.୨୦୨୫ | ଜମି ଯାହାର କ୍ଷେତ୍ର: ଏକର୦.୬୯ ଡିସିମିଲି (୩୦୦୫ ବର୍ଗଫୁଟ), ଆର୍‌ଏସ୍‌ଡ଼ି ନଂ.: ୧୧୦୮୧୧୨୬୩୭୯, ଭଲ୍ୟୁମ ନଂ.: ୫୩୧, ତା.୨୨.୧୦.୨୦୧୧, ଖାତା ନଂ.: ୫୪୦/୧୨୯୭, ପ୍ଲଟ୍ ନଂ.: ୫୯/୨୬୫୮/୩୬୭୦, ମୌଜା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ ନଂ.-୨୬, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚଉହଦି: ପୂର୍ବ: ଶ୍ରୀମତୀ ପୁବାଲୀ ରଣା (ବିକ୍ରେତା)ଙ୍କ ପ୍ଲଟ୍, ପଶ୍ଚିମ: ପ୍ଲଟ୍ ନଂ. ୨୬୫, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୩୯ |
| **ଶଙ୍ଖେଶ୍ୱରହାଟ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ସନ୍ତୋଷ କୁମାର ସାହୁ /** ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) **ଶ୍ରୀ ଧୁନ ଚନ୍ଦ୍ର ସାହୁ** ଏବଂ ୨) **ଶ୍ରୀ ଜୟଦେବ ସାହୁ,** ସମସ୍ତଙ୍କ ଠିକଣା- ସା: ଶଙ୍ଖେଶ୍ୱରହାଟ, ପୋ: ଶଙ୍ଖେଶ୍ୱର, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୩୭ (ଓଡ଼ିଶା) | ଟ.୪,୪୬,୬୮୧.୦୦ + ସେବାବଦ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଏବଂ ଖର୍ଚ୍ଚ | ୧୮.୦୬.୨୦୨୫ / ୧୮.୦୯.୨୦୨୫ | **ଶ୍ରୀ ସନ୍ତୋଷ କୁମାର ସାହୁ, ଶ୍ରୀ ଜୟଦେବ ସାହୁ ଏବଂ ଶ୍ରୀ ଧୁନ ଚନ୍ଦ୍ର ସାହୁଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହର ଖାତା ନଂ.: ୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭, କ୍ଷେତ୍ର: ଏକର୦.୧୯ଡିସିମିଲି ଏବଂ ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩, କ୍ଷେତ୍ର: ଏକର୦.୧୯ଡିସିମିଲି, ମୌଜା: କୋଲଟା, ଥାନା: ତିର୍ତ୍ତୋଲ, ତହସିଲ: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଚୌହଦୀ: **୧) ଖାତା ନଂ.:** |

**୭୦୪/୧୯୦, ପ୍ଲଟ୍ ନଂ.: ୧୬୪୭**ର ଚଉହଦି- ଉତ୍ତର: ଧୁନ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, **୨) ଖାତା ନଂ.: ୭୦୪/୩, ପ୍ଲଟ୍ ନଂ.: ୧୬୪୭/୨୩୫୩**ର ଚଉହଦି- ଉତ୍ତର: ଧୁନ ସାହୁଙ୍କ ପ୍ଲଟ୍, ଦକ୍ଷିଣ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପୂର୍ବ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍, ପଶ୍ଚିମ: ପୁନ ଏବଂ ଧୁନ ସାହୁଙ୍କ ପ୍ଲଟ୍,

ତାରିଖ: ୧୮.୦୯.୨୦୨୫
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



ନିର୍ମଳ କୁମାର ମିଶ୍ର

ଓଡ଼ିଶା ପ୍ରୋ ଟି୨୦

# ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତୀକ୍ଷିତ ଲିଗ୍ ରାଜ୍ୟର ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆଣିବାକୁ ଯାଉଛି। ଏଥିରେ ଭଲ ପ୍ରଦର୍ଶନ କଲେ ଓଡ଼ିଶା ଖେଳାଳିମାନେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ...**

ଓଡ଼ିଶା କ୍ରିକେଟ ପାଇଁ ଭଲ ଖବର। ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଆରମ୍ଭ କରିଛି ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)। ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ପାନ୍ଥର୍ସ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌କୁ ନେଇ ଯୁବ ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି। ଦୀର୍ଘ ୧୨ବର୍ଷ ପରେ ଓସିଏର ଏପରି ପ୍ରୟାସ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ୨୦୧୨ ଓ ୨୦୧୩ ସିଜନ୍‌ରେ ଓସିଏ ଓଡ଼ିଶା ପ୍ରିମିୟର ଲିଗ ଆରମ୍ଭ କରିଥିଲା। ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍ କୌଣସି କାରଣ ଯୋଗୁଁ ବନ୍ଦ ହୋଇଯିବାରୁ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ଏହି ଲିଗ୍ ମାଧ୍ୟମରେ ଅନେକ ଯୁବ କ୍ରିକେଟର ଲୋକଲୋଚନକୁ ଆସିବା ସହିତ ଓଡ଼ିଶାର କ୍ଲବ କ୍ରିକେଟ ବେଶ୍ ଶକ୍ତିଶାଳୀ ହୋଇପାରିଥିଲା। ଓଡ଼ିଶା ମଧ୍ୟ ଜାତୀୟ ସ୍ତରର ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଅନେକ ଶକ୍ତିଶାଳୀଦଳକୁ ହରାଇବାକୁ ସକ୍ଷମ ହୋଇଥିଲା। ଯଦିଓ ପ୍ରଦର୍ଶନରେ ଅସ୍ଥିରତା ରହିବା ଯୋଗୁ ବିଶେଷ ସଫଳତା ମିଳି ନ ଥିଲା ତେବେ ଅନେକ ଯୁବ ଖେଳାଳି ସୃଷ୍ଟି ହୋଇଥିଲେ। ଏହାର ଶୁଭାରମ୍ଭ ପୁନର୍ବାର ନୂଆ ରୂପରେ କରିଛି ଓସିଏ। ସେପ୍ଟେମ୍ବର ୧୫ରେ କାର୍ଯ୍ୟସୂଚୀ ପ୍ରକାଶ ପାଇଥିବାବେଳେ ୧୬ରେ ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୭ରୁ ୧୩ ମଧ୍ୟରେ ଫ୍ରାଞ୍ଚାଇଜ ମାନଙ୍କୁ ସେମାନଙ୍କର ବିଡିଂ ଏବଂ ସହଯୋଗ ମାଧ୍ୟମରେ ଏହି ମେଗା ଟୁର୍ନାମେଣ୍ଟକୁ ସଫଳ କରିବାକୁ ପ୍ରୟାସ କରିଛି। ଆଗକୁ ଅକ୍ଟୋବର ମାସରୁ ବିଭିନ୍ନ ବର୍ଗର ଘରୋଇ ଟୁର୍ନାମେଣ୍ଟ ବିସିସିଆଇ ଆରମ୍ଭ କରିବାକୁ ଯାଉଥିବାରୁ ପ୍ରୋ ଲିଗ୍‌ର କାର୍ଯ୍ୟସୂଚୀକୁ ସଂକ୍ଷିପ୍ତ କରିବାକୁ ଚାହିଁଥିଲା ଓସିଏ। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ ଟି୨୦ ଭିତ୍ତିକ କ୍ରିକେଟ ଟୁର୍ନାମେଣ୍ଟ ଅତି ସଫଳତାର ସହିତ ଆୟୋଜିତ ହେଉଥିବାର ଦେଖିବାକୁ ମିଳୁଛି। ଏଥି ମଧ୍ୟରେ ଦିଲ୍ଲୀ, ବେଙ୍ଗଲ, ତାମିଲନାଡୁ, କେରଳ, ୟୁପି, ମହାରାଷ୍ଟ୍ର, କର୍ନାଟକ ପ୍ରିମିୟର ଲିଗ ଅନ୍ୟତମ। ଜାତୀୟ ଦଳର ଅନେକ ନାମୀଦାମୀ ଖେଳାଳୀ ଏହି ପ୍ରତିଯୋଗିତା ଗୁଡିକରେ ଭାଗ ନେଉଥିବାର ଦେଖିବାକୁ ମିଳୁଛି। ଏଥିରୁ ମଧ୍ୟ ଆଇପିଏଲ ପାଇଁ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଚୟନ ହୋଇ ଲୋକଲୋଚନକୁ ଆସିବା କ୍ରିକେଟ ପାଇଁ ଶୁଭଖବର। ଏପରି ଲିଗ ଗୁଡିକରୁ ଓସିଏ ଅନୁପ୍ରାଣୀତ ହୋଇ ଏକ ଭଲ ପଦକ୍ଷେପ ନେଇଛି।

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଓ ପୂର୍ବତନ ଭାରତୀୟ ଅଲ୍ ରାଉଣ୍ଡର ଇରଫାନ ପଠାନ ଓଡ଼ିଶା ପ୍ରୋ ଟି୨୦ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ସମସ୍ତ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଓ ଫାଇନାଲକୁ ଛାଡ଼ିଦେଲେ ପ୍ରତିଦିନ ୨ଟି ଲେଖାଏ ମ୍ୟାଚର କାର୍ଯ୍ୟସୂଚୀ ରହିଛି। ମୋଟ ୧୮ଟି ମ୍ୟାଚ ହେବା ସହିତ ସମୟର ସ୍ୱଳ୍ପତା ଦୃଷ୍ଟି କୋଣରୁ ପ୍ରତ୍ୟେକ ଟିମ ଗ୍ରୁପ ପର୍ଯ୍ୟାୟରେ ପରସ୍ପର ସହିତ ଗୋଟିଏ ଥର ଖେଳିବେ। ଅନେକ ମ୍ୟାଚ ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ଆକର୍ଷିତ କରିବା ସମ୍ଭାବନା ରହିଛି। ଦର୍ଶକଙ୍କ ପାଇଁ ଷ୍ଟାଡିୟମର ୧, ୩ ଓ ୫ ନମ୍ବର ଗ୍ୟାଲେରୀ ମାଗଣାରେ ଉନ୍ମୁକ୍ତ ରହିଛି। ତେବେ ଦର୍ଶକଙ୍କୁ ଏଥିପାଇଁ ଟିକେଟ ଜେନି ମାଧ୍ୟମରେ ମୋବାଇଲରେ ଟିକେଟ ଦେଖାଇବାକୁ ପଡ଼ିବ।

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରାଯିବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ଏହି ଦଳ ଗୁଡ଼ିକ ହେଲେ ଭୁବନେଶ୍ୱର ଟାଇଗର୍ସ, କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟନ୍ସ, ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ। ଓଡ଼ିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ୬ଟି ଦଳର ଅଧିନାୟକ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ରଣଜୀ ଖେଳାଳିମାନଙ୍କୁ ବିଭିନ୍ନ ଦଳର ମୁଖ୍ୟ କୋଚ ଓ ସପୋର୍ଟ ଷ୍ଟାଫ ଭାବେ ନିଆଯାଇଛି। ଆରିଭା ସ୍ପୋର୍ଟ୍ସ ଏହି ଟୁର୍ନାମେଣ୍ଟର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଅନ୍ୟ ପ୍ରାୟୋଜକମାନେ ମଧ୍ୟ ସହାୟତାର ହାତ ବଢାଇଛନ୍ତି।

 କ୍ରିକେଟ ସମ୍ପାଦକ ସଞ୍ଜୟ ବେହେରା ଏହି ଲିଗ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି। ବର୍ତ୍ତମାନ ଓଡ଼ିଶା କ୍ରିକେଟରେ ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ପ୍ରଧାନ, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ରାଜେଶ ମହାନ୍ତି, ରାଜେଶ ଧୂପର, କାର୍ତ୍ତିକ ବିଶ୍ୱାଳ, ଅନୀଲ ପରିଡା, ସୁନୀଲ ରାଉଳ, ଦେବବ୍ରତ ପ୍ରଧାନ, ତାରଣୀ ଶ’, ହର୍ଷିତ ରାଠୋର, ସୁମୀତ ଶର୍ମାଙ୍କ ପରି ଦକ୍ଷ ଓ ଅନୁଭବ ସମ୍ପନ୍ନ ଖେଳାଳି ରହିଛନ୍ତି। ଅନେକ ଯୁବ ଖେଳାଳି ମଧ୍ୟ ମୁଖ୍ୟ ଦଳରେ ସାମିଲ ହେବା ପାଇଁ ଅପେକ୍ଷାରତ। ଶୁଭ୍ରାଂଶୁ ସେନାପତି ୫୭ଟି ପ୍ରଥମ ଶ୍ରେଣୀ ମ୍ୟାଚରୁ ୩୨୧୮ ରନ୍ (୮ ଶତକ, ସର୍ବାଧିକ ରନ ୨୭୭), ସନ୍ଦୀପ ପଟ୍ଟନାୟକ ୩୪ ମ୍ୟାଚରୁ ୧୭୩୫ ରନ୍ (୫ ଶତକ, ସର୍ବାଧିକ ସ୍କୋର ୧୫୦), ସୂର୍ଯ୍ୟକାନ୍ତ ପ୍ରଧାନ ୬୨ ମ୍ୟାଚରୁ ୧୯୭ ଉଇକେଟ (୫ରୁ ଅଧିକ ଉଇକେଟ ୮ଥର) ନେଇଛନ୍ତି। ସେହିପରି ବିପ୍ଳବ ସାମନ୍ତରାୟ ୯୧ଟି ପ୍ରଥମ ଶ୍ରେଣୀ ମ୍ୟାଚର ଅଭିଜ୍ଞତା ରଖି ୭ ଶତକ ଓ ୨୪ ଅର୍ଦ୍ଧଶତକ ସହ ୪୨୩୩ ରନ୍ କରିଛନ୍ତି। ତେଣୁ ଯୁବ ଖେଳାଳିମାନେ ଏପରି ଅଭିଜ୍ଞ ଖେଳାଳିଙ୍କଠାରୁ ଲିଗ୍ ମାଧ୍ୟମରେ ବହୁତ କିଛି ଶିଖିବାର ଆଶା ରଖିଛନ୍ତି। ଏହା ନିଶ୍ଚିତ ଯେ ଓଡ଼ିଶା ପ୍ରୋ ଲିଗ୍ ଘରୋଇ କ୍ରିକେଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଏହା ଯୁବ ଖେଳାଳିଙ୍କ ପାଇଁ ଯେ ବେଶ୍ ଉପାଦେୟ ହେବ ଏଥିରେ ସନ୍ଦେହ ନାହିଁ।

### ୬ ଦଳ ଓ ଅଧିନାୟକ

| | |
|---|---|
| ଭୁବନେଶ୍ୱର ଟାଇଗର୍ସ: | ସୂର୍ଯ୍ୟକାନ୍ତ ପ୍ରଧାନ |
| କଟକ ପାନ୍ଥର୍ସ: | ସ୍ୱସ୍ତିକ ସାମଲ |
| କେନ୍ଦୁଝର ମାଇନର୍ସ: | ଗୋବିନ୍ଦ ପୋଦ୍ଦାର |
| ପୁରୀ ଟାଇଟନ୍ସ: | ସନ୍ଦୀପ ପଟ୍ଟନାୟକ |
| ରାଉରକେଲା ଷ୍ଟିଲର୍ସ: | ଆଶୀର୍ବାଦ ସ୍ୱାଇଁ |
| ସମ୍ବଲପୁର ୱାରିୟର୍ସ: | ଶୁଭ୍ରାଂଶୁ ସେନାପତି |




ଟ୍ରଫି ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ଲିଗ୍ ଉଦ୍‌ଘାଟନ ଅବସରରେ ସେଲିବ୍ରିଟିଙ୍କ ସେଲ୍‌ଫି

# ଗ୍ରାଣ୍ଡ୍ ସୁଇସ୍ ବିଜୟିନୀ ବୈଶାଳୀ

ଉଜ୍‌ବେକିସ୍ତାନର ସମରକନ୍ଦରେ ସେପ୍ଟେମ୍ବର ୧୫ରେ ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି। ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ। ଏଥିରେ ଦେଶମୁଖ ଚାମ୍ପିୟନ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟର ବିଜେତା ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଜୁ ୱେନଜୁନଙ୍କ ଚ୍ୟାଲେଞ୍ଜର ହେବାପାଇଁ ଯୋଗ୍ୟ ବିବେଚିତ ହେବେ।

୨୦୦୧ ଜୁନ ୨୧ରେ ଜନ୍ମିତ ବୈଶାଳୀ ପୂର୍ବରୁ ୨୦୨୩ରେ ମଧ୍ୟ ଫିଡେମହିଳା ଗ୍ରାଣ୍ଡ ସୁଇସ ଟୁର୍ନାମେଣ୍ଟ ଜିତିଥିଲେ। ଅର୍ଥାତ୍ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ମଧ୍ୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ବ୍ୟତୀତ ସେ ୨୦୨୪ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୈଶାଳୀ ହେଉଛନ୍ତି ଭାରତୀୟ ଚେସ୍‌ର ବିସ୍ମୟ ବାଳକ ତଥା ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦଙ୍କ ବଡ଼ ଭଉଣୀ। ତାଙ୍କ ବାପା ରମେଶବାବୁ ଟିଏନ୍ଏସ୍‌ସି ବ୍ୟାଙ୍କର ମ୍ୟାନେଜର ଏବଂ ମା’ ନାଗାଲକ୍ଷ୍ମୀ ଜଣେ ଗୃହିଣୀ। ତୁଳସୀ ଦୁଇ ପତ୍ରରୁ ବାସିବାପରି ବୈଶାଳୀ ବାଳିକା ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତି ଚର୍ଚ୍ଚାକୁ ଆସିଥିଲେ। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେ ୨୦୧୬ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୩ରେ ଭାରତର ତୃତୀୟ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ। ଭାରତର ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ। ୨୦୨୪ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




# ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଉଦିତା

ନିକଟରେ ଶେଷ ହୋଇଥିବା ଏସିଆ କପ୍ ମହିଳା ହକିରେ ଭାରତର ଅଭିଜ୍ଞ ଡିଫେଣ୍ଡର ଉଦିତା ଦୁହାନ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଟୁର୍ନାମେଣ୍ଟ ଫାଇନାଲରେ ଭାରତ ୧-୪ ଗୋଲରେ ଚାଇନାଠାରୁ ପରାସ୍ତ ହୋଇ ରନରଅପ୍ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ନିୟମିତ ଡ୍ରାଗ ଫ୍ଲିକର ଦୀପିକାଙ୍କ ଅନୁପସ୍ଥିତିରେ ଉଦିତା ଅତିରିକ୍ତ ଦାୟିତ୍ୱ ନେଇଥିଲେ। ଦୀପିକା ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଉଦିତା ପେନାଲ୍ଟି କର୍ନର ଦାୟିତ୍ୱ ନେଇ ସଫଳତାର ସହ ୩ ଗୋଲ କନଭର୍ଟ ମଧ୍ୟ କରିଥିଲେ।

ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ସମ୍ପର୍କରେ ସେ କହିଛନ୍ତି ଯେ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେବା ମୋ ପାଇଁ ସମ୍ମାନର ବିଷୟ। ଏହି ସ୍ୱୀକୃତି ଖୁବ ସ୍ୱତନ୍ତ୍ର। କାରଣ ମୁଁ ଚଳିତ ବର୍ଷ ୟୁରୋପରେ ଖେଳାଯାଇଥିବା ପ୍ରୋ ଲିଗ୍ ମ୍ୟାଚ୍ ମିସ କରିଥିଲି। ଏଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିବା ମୋ ଟାର୍ଗେଟ ଥିଲା। ମୋ ଉପରେ ଭରସା କରିବା ପାଇଁ ମୁଁ ମୋ ସାଥି ଖେଳାଳି ଓ କୋଚିଂ ଷ୍ଟାଫଙ୍କ ନିକଟରେ କୃତଜ୍ଞ। ଦଳୀୟ ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମେ ଏକ ଦଳ ଭାବେ ଖୁବ ଭଲ ହକି ଖେଳିଲୁ। କଷ୍ଟକର ମ୍ୟାଚ୍‌ରେ ଆମେ ନିଜ ଦକ୍ଷତା ପ୍ରଦର୍ଶିତ କରିଥିଲୁ। କୋରିଆ ଓ ଜାପାନ ଭଳି ଦଳ ବିପକ୍ଷରେ ମିଳିଥିବା ବିଜୟ ଆମକୁ ଆତ୍ମବିଶ୍ୱାସ ଦେବ। ଦୁର୍ଭାଗ୍ୟବଶତଃ, ଫାଇନାଲରେ ଆମକୁ ଆଶାନୁଯାୟୀ ଫଳାଫଳ ମିଳିଲା ନାହିଁ। କିନ୍ତୁ ଆମେ ଏହି ରୌପ୍ୟ ପଦକ ସହ ଆଗକୁ ବଢ଼ିବୁ ଏବଂ ଏହା ଆଗକୁ ଆମକୁ ଆହୁରି ବଡ଼ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଯୋଗାଇବ। ଉଦିତା ତାଙ୍କର ପୁରସ୍କାରକୁ ଦଳର ମିଳିତ ଉଦ୍ୟମକୁ ଉତ୍ସର୍ଗ କରି କହିଛନ୍ତି, ବ୍ୟକ୍ତିଗତ ପୁରସ୍କାର ସର୍ବଦା ସ୍ୱତନ୍ତ୍ର। କିନ୍ତୁ ମୋ ପାଇଁ ଏହା ଆମ ପୂରା ଦଳର ଉଦ୍ୟମକୁ ଦର୍ଶାଉଛି। ଏଥିରେ ପ୍ରତ୍ୟେକ ଖେଳାଳିଙ୍କ ଅବଦାନ ରହିଛି ଏବଂ ଏଭଳି କଠିନ ପରିଶ୍ରମୀ ଦଳର ପ୍ରତିନିଧିତ୍ୱ କରୁଥିବାରୁ ମୁଁ ସମ୍ମାନିତ ଅନୁଭବ କରୁଛି। ଆମେ ଏହି ଅନୁଭୂତିରୁ ଶିକ୍ଷା ନେବୁ ଓ ଅଧିକ ଶକ୍ତିଶାଳୀ ହୋଇ ଫେରିବୁ।

**ଏସିଆ କପ୍ ମହିଳା ହକିର ଉଭୟ ଡିଫେନ୍ସିଭ ଓ ଆଟାକିଂ ବିଭାଗରେ ଉଦିତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଫଳରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ..**



# ଶୁଭମିତ୍ରା ହତ୍ୟାକାରୀ ଦୀପକଙ୍କ ଗୁମର ଫିଟୁଛି

## ପୋଲିସ ମୁଖା ତଳେ ଛପିଥିଲା ସଇତାନ ଚେହେରା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ)

ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସିବାରେ ଲାଗିଛି। ଶୁଭମିତ୍ରାଙ୍କ ହତ୍ୟାକାରୀ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତ ଅତି ଚତୁରତାର ସହ ଏହି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ସେ ଛନ୍ଦି ହୋଇଛନ୍ତି। ବୀମା ଟଙ୍କା ହଡ଼ପ କରିବାକୁ ଦୀପକ ଚକ୍ରାନ୍ତ କରି ପ୍ରଥମ ସ୍ତ୍ରୀ ଏବଂ ପରେ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୁଖା ତଳେ କିଭଳି ଏକ ସଇତାନ ଚେହେରା ଛପି ରହିଥିଲା, ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି।

### ଜେଲ ଗଲେ ଦୀପକଙ୍କ ସମେତ ୩ ଅଭିଯୁକ୍ତ

▶▶ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭମିତ୍ରାଙ୍କୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ସମେତ ୩ଜଣ ଗୁରୁବାର ଜେଲ ଯାଇଛନ୍ତି। ଦୀପକଙ୍କ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ ପପୁ (୩୯) ଓ ତାଙ୍କ ସାଙ୍ଗ ଶମ୍ଭୁନାଥ ମହନ୍ତ ଓରଫ ଜଟ (୨୩)ଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରାଯାଇଛି। ଉଭୟଙ୍କ ଘର ଘଟଗାଁ ଥାନା କୁସୁନପୁର ରାଜାବନ୍ଧ ସାହିରେ। କ୍ୟାପିଟାଲ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜଟଙ୍କ ଘର ପଛପାର୍ଶ୍ୱ ଖାଲି ସ୍ଥାନରେ ଶୁଭମିତ୍ରାଙ୍କ ମୃତଦେହ ପୋତାଯାଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ନିଜ ପୋଲିସ ସହକର୍ମୀଙ୍କୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ଦୀପକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି।

### ପ୍ରଥମ ସ୍ତ୍ରୀ ଅପର୍ଣ୍ଣାଙ୍କୁ ମାରି ଦୁର୍ଘଟଣା ରୂପ ଦେଇଥିଲେ

▶▶ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ଘଟଣାକୁ ନେଇ ବଡ଼ ଗୁମର ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ ଅପର୍ଣ୍ଣା କାମ କରୁଥିଲେ। ସାଢ଼େ ୩ବର୍ଷ ତଳେ ଅପର୍ଣ୍ଣାଙ୍କୁ ଦୀପକ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ସାନ ଭଉଣୀ ରୋଜାଲିନ ରାଉତ ପୋଲିସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାଟ୍ରିମୋନିଆଲ୍ ସାଇଟ୍‌ରେ ଅପର୍ଣ୍ଣାଙ୍କ ବିବାହ ପାଇଁ ଦୀପକଙ୍କ ସହ ଯୋଗାଯୋଗ ହୋଇଥିଲା। ୨୦୧୮ ଏପ୍ରିଲ ୨୫ରେ ଅପର୍ଣ୍ଣାଙ୍କୁ ଦୀପକ ବିବାହ କରିଥିଲେ। ୨ରୁ ୩ ମାସ ପରଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ଏହି ଘଟଣାକୁ ଅପର୍ଣ୍ଣା ତତ୍କାଳୀନ ପୋଲିସ କମିଶନରଙ୍କୁ ମଧ୍ୟ ଜଣାଇଥିଲେ। ଦୀପକ ସବୁବେଳେ ଅପର୍ଣ୍ଣାଙ୍କୁ ମାନସିକ ନିର୍ଯାତନା ଦେବା ସହ ତାଙ୍କ ନାଁରେ ଋଣ ଆଣିଥିଲେ। ସେହି ପରିସ୍ଥିତିରେ ଅପର୍ଣ୍ଣାଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଥିଲା। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ କଲ୍ କରି ଜଣାଇଥିଲେ। ରୋଜାଲିନ୍ ଏହା ପରେ ତାଙ୍କ ସ୍ୱାମୀଙ୍କ ସହ ଢେଙ୍କାନାଳରୁ କଟକ ଅଭିମୁଖେ ବାହାରିଥିଲେ। ଦୀପକ ପ୍ରଥମେ ଅପର୍ଣ୍ଣାଙ୍କୁ ଏସ୍‌ସିବି ନେଉଥିବା କହି ପରେ ଅଶ୍ୱିନୀ ହସ୍ପିଟାଲରେ ଅପର୍ଣ୍ଣା ଥିବା କହିଥିଲେ। ଉକ୍ତ ହସ୍ପିଟାଲରେ ପହଞ୍ଚିବା ପରେ ସେମାନେ ଅପର୍ଣ୍ଣାଙ୍କ ମୃତଦେହ ଦେଖିଥିଲେ। ବାପା ଜଣେ ସରଳ ଚାଷୀ ଲୋକ ହୋଇଥିବାରୁ ଦୀପକ ଅଭିନୟ କରି ଘଟଣାକୁ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ରୋଜାଲିନ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଦୀପକ ଏତଲାରେ ଦର୍ଶାଇଥିଲେ ଯେ, ଅପର୍ଣ୍ଣାଙ୍କ ସହ କାର୍‌ରେ ଭୁବନେଶ୍ୱରରୁ ଢେଙ୍କାନାଳ ଯିବାବେଳେ ଖୁଣ୍ଟୁଣୀ ରାସ୍ତାରେ ଚକା ଲିକ୍ ହୋଇଥିଲା। ଅପର୍ଣ୍ଣା ଠିଆ ହୋଇଥିବାବେଳେ ଏକ ଟ୍ରକ ଚକରୁ ପଥର ଛିଟିକି ଅପର୍ଣ୍ଣାଙ୍କ ମୁଣ୍ଡରେ ବାଜିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ହେଲେ ଏହି ଘଟଣାରେ ଦୀପକ ସେତେବେଳେ ପରିବାର ଠାରୁ ପୋଲିସ ସମସ୍ତଙ୍କୁ ଭୁଆଁ ବୁଲାଇଥିଲେ ବୋଲି ଅଭିଯୋଗ ହୋଇଛି।


ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ସହ ଦୀପକ

### ସିପି ଅଫିସ ପାର୍କିଂରେ କାର୍ ଭିତରେ ରଖିଥିଲେ ମୃତଦେହ

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ଏକ ଚାଞ୍ଚଲ୍ୟକର ଗୁମର ପଦାକୁ ଆସିଛି। ଭୁବନେଶ୍ୱର ପୋଲିସ କମିଶନରେଟ୍ ମୁଖ୍ୟାଳୟର ପାର୍କିଂ ସ୍ଥଳରେ ନିଜ କାର୍ ଭିତରେ ଶୁଭମିତ୍ରାଙ୍କ ମୃତଦେହ ରଖି ଦୀପକ ଡ୍ୟୁଟି କରିଥିଲେ ବୋଲି ଶୁଣିବାକୁ ମିଳୁଛି। କାର୍‌ରେ ମୃତଦେହ ରଖି ଅପରାହ୍ନ ୩ଟାରୁ ୪ଟା ୧୫ ପର୍ଯ୍ୟନ୍ତ ଦୀପକ ଡ୍ୟୁଟି କରିଥିଲେ। ପରେ ସେ କାର୍‌ରେ ମୃତଦେହ ନେଇ ଘଟଗାଁ ଚାଲିଯାଇଥିଲେ। ତେବେ ପାର୍କିଂରେ ମୃତଦେହ ଭର୍ତ୍ତି କାର୍ ଥିବାନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।


ଶୁଭମିତ୍ରା

### ନ୍ୟାୟ ନ ପାଇଲେ ଆତ୍ମହତ୍ୟା: ଶୁଭମିତ୍ରାଙ୍କ ବାପା

▶▶ଶୁଭମିତ୍ରାଙ୍କ ହତ୍ୟା ଘଟଣାକୁ ନେଇ ବାପା ଦୁର୍ଯ୍ୟୋଧନ ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ପଛରେ କେବଳ ଦୀପକ ନୁହେଁ, ତାଙ୍କ ଭାଇ ମାଷ୍ଟରମାଇଣ୍ଡ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୀପକଙ୍କ ମଉସା, ମାଉସୀ, ମାଉସୀ ପୁଅ ଓ ଡାକ୍ତର ଭଣଜା ମଧ୍ୟ ସମ୍ପୃକ୍ତ ଅଛନ୍ତି। ଠିକ୍ ତଦନ୍ତ କରାଗଲେ ହତ୍ୟା ଘଟଣା ଉପରୁ ପରଦା ହଟିବ। ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣା ରୂପ ଦେଇ ୧.୫ କୋଟି ବୀମା ପାଇଥିଲେ। ଝିଅ ଶୁଭମିତ୍ରାଙ୍କୁ ଏକତରଫା ବିବାହ କରି ୧.୨୫ କୋଟି ଟଙ୍କା ବୀମା କରିଥିଲେ। ଦୀପକଙ୍କୁ ଫାଶୀ ହେବା ଦରକାର। ଉପର କୋର୍ଟକୁ ଯିବାକୁ ସେ ଅସମର୍ଥ ଥିବା ବେଳେ ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବି ବୋଲି ଦୁର୍ଯ୍ୟୋଧନ ଚେତାବନୀ ଦେଇଛନ୍ତି।

### ପୁନଃ ତଦନ୍ତ ଦାବି କଲେ ଅପର୍ଣ୍ଣାଙ୍କ ମା'ବାପା

ଢେଙ୍କାନାଳ,୧୮।୯(ରତନ ନାୟାର)



ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ହତ୍ୟା କରି ତାଙ୍କ ନାମରେ ଥିବା ୧ କୋଟି ଟଙ୍କାର ବୀମାକୁ ଯୋଜନାବଦ୍ଧ ଭାବେ ସେ ହଡ଼ପ କରିଥିବା ଢେଙ୍କାନାଳରେ ରହୁଥିବା ପରିବାର ଲୋକ ଗଣମାଧ୍ୟମ ଆଗରେ କହିଛନ୍ତି। ବାପା ବିରଞ୍ଚି ରାଉତ, ମା' ଅହଲ୍ୟା ରାଉତ ଓ ଅନ୍ୟତମ ଭଉଣୀ ରୁପାଲି ରାଉତ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁନଃ ତଦନ୍ତ ଦାବି କରି ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏହି ମାମଲା ତଦନ୍ତର ଅଗ୍ରଗତି ନେଇ କଟକ ଗ୍ରାମାଞ୍ଚଳ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

# ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗିଦେଲେ

## କୋଷ୍ଟକେନାଲରୁ ଗଳିତ ମୃତଦେହ ଜବତ


ଘଟଣାସ୍ଥଳରେ ଏସ୍‌ପି ଓ ଅନ୍ୟମାନେ।


ନାବାଳିକାଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଉପରକୁ ଆଣୁଛନ୍ତି।

### ୫ ଦିନ ତଳେ ଘର ନିକଟରୁ ଅପହରଣ ହୋଇଥିଲେ

ବାସୁଦେବପୁର,୧୮।୯ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରୁ ଗତ ୫ ଦିନ ତଳେ ଅପହରଣ ହୋଇଥିବା ୮ବର୍ଷୀୟା ନାବାଳିକାଙ୍କ ଗଳିତ ମୃତଦେହ ଗୁରୁବାର ଗାଁଠାରୁ ୫୦୦ ମିଟର ଦୂର କୋଷ୍ଟକେନାଲରୁ ଜବତ କରାଯାଇଛି। ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇ କେନାଲର ଅନାବନା ଘାସ ଓ ଦଳ ଥିବା ସ୍ଥାନରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଚୂଡ଼ାମଣି ସାମୁଦ୍ରିକ ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଥିବାବେଳେ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ଅନ୍ୟ ଅପରାଧୀମାନଙ୍କୁ ଧରାଯିବ ବୋଲି ଏସ୍‌ପି ମନୋଜ କୁମାର ରାଉତ କହିଛନ୍ତି।

ପ୍ରକାଶ ଥାଉକି, ଉକ୍ତ ଗ୍ରାମର ସଦାନନ୍ଦ ମଳିକଙ୍କ ଝିଅ ସୁଭଦ୍ରାଙ୍କୁ ଗତ ଶନିବାର ରାତିରେ ୨ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଘର ଆଗରୁ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରାର ଫୁଟେଜ ଯାଞ୍ଚ, ଲୋକଙ୍କୁ ପଚରାଉଚରା କରିବା ଓ ନାକାବନ୍ଦୀ କରି ଛାନ୍‌ଭିନ୍ ଚଳାଇଥିଲା। ବୁଧବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗ୍ରାମ ନିକଟସ୍ଥ ପୋଖରୀ ଓ ଗାଡ଼ିଆରେ ଖୋଜାଖୋଜି କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପୀନାକ ମିଶ୍ର, ଏସ୍‌ପି ରାଉତ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ନିକଟସ୍ଥ କେନାଲରେ ଖୋଜାଖୋଜି କରିବା ପାଇଁ ଡିଆଇଜି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସକାଳେ ଅଗ୍ନିଶମବାହିନୀ ଗ୍ରାମ ପଛପଟେ ଥିବା କୋଷ୍ଟ କେନାଲରେ ଖୋଜାଖୋଜି ଆରମ୍ଭ କରିଥିଲେ। କେନାଲରେ ଖୋଜିବା ବେଳେ ଦୁର୍ଗନ୍ଧ ହୋଇଥିଲା। ସେହି ସ୍ଥାନରେ ଅଧିକ ଖୋଜାଖୋଜି ପରେ ସୁଭଦ୍ରାଙ୍କ ଗଳିତ ମୃତଦେହ ଘାସତଳୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ନାୟକାଣିଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ଚୂଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରୁ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଖବର ପ୍ରଚାରିତ ହେବା ପରେ ବହୁ ଲୋକ ସେଠାରେ ଭିଡ଼ ଜମାଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଭୟରେ ବାତାବରଣ ସୃଷ୍ଟି ହୋଇଥିଲା। ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ପରିବାର ଲୋକ ଦାବି କରିଛନ୍ତି।

# ସ୍ତ୍ରୀଙ୍କ ବେକ କାଟିଦେଲେ ସ୍ୱାମୀ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି, ସ୍ୱାମୀ ଗିରଫ

ବାଲେଶ୍ୱର, ୧୮।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ସ୍ତ୍ରୀଙ୍କ ବେକକୁ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଗାଁ ଲୋକେ ସ୍ୱାମୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ କଟକ ବକ୍ସିବଜାର ମସ୍ତାନରୋଡ୍ ଅଞ୍ଚଳର ମହମ୍ମଦ ଅମଜାଦ (୫୨)ଙ୍କୁ


ଗିରଫ ଅଭିଯୁକ୍ତ।

ଗିରଫ କରି ତଦନ୍ତ ଜାରି ରଖିଛି।

ଅମ୍‌ଜାଦ ଟାଉନ ଥାନା ଅଧୀନ ପଠାଣମହଲା ଗ୍ରାମର ପିଙ୍କି ଖାତୁନଙ୍କୁ ବିବାହ କରିଥିଲେ। ପିଙ୍କି ପଠାଣମହଲାରେ ରହୁଥିବାବେଳେ ଅମ୍‌ଜାଦ କଟକରେ ରହୁଛନ୍ତି। ଗୁରୁବାର ଅମ୍‌ଜାଦ ଶ୍ୱଶୁର ଘରକୁ ଆସି ସ୍ତ୍ରୀଙ୍କୁ ଏକ ନିଛାଟିଆ ଜାଗାକୁ ଡାକି କଥା ହେଉଥିଲେ। ଅମ୍‌ଜାଦଙ୍କ କୌଣସି ଏକ କଥାରେ ପିଙ୍କି ରାଜି ହୋଇ ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ପକେଟ୍‌ରୁ ଏକ ଛୁରି ବାହାର କରି ପିଙ୍କିଙ୍କ ବେକକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅମଜାଦ୍ ଦୌଡ଼ି ପଳାଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଅମଜାଦ୍‌ଙ୍କୁ ଗିରଫ କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ନାଏବ ସରପଞ୍ଚଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣେ ନାଏବ ସରପଞ୍ଚଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ବିଜାପୁର ଜିଲା ଜାଙ୍ଗଲା ଥାନା ଅନ୍ତର୍ଗତ ବେଚରମ ଗ୍ରାମର ନାଏବ ସରପଞ୍ଚ ଦସରୁ ଓୟାମ। ମାଓବାଦୀ ସଂଗଠନର ସ୍ମାଲ ଆକ୍ସନ ଟିମ୍‌ର ପ୍ରାୟ ୫ ଜଣ ମାଓବାଦୀ ଦସରୁଙ୍କ ଘରକୁ ଯାଇ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ିଯାଇଛନ୍ତି। ନାଏବ ସରପଞ୍ଚ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଜାଙ୍ଗଲା ଥାନା ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବିଜାପୁର ଏସ୍‌ପି ଚନ୍ଦ୍ରକାନ୍ତ ଗବର୍ତ୍ତା କହିଛନ୍ତି।

# ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୧୮ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳା ମାଓବାଦୀ ରହିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନେ ଏରିଆ କମିଟି ସଦସ୍ୟ, ଏଲ୍‌ଓଏସ୍‌ସିଏନ୍‌ଏମ୍ ସଦସ୍ୟ, ପିପିସିଏମ୍ ସଦସ୍ୟ, ମିଲିଟ୍ରି ପ୍ଲାଟୁନ୍ ଓ ଜନତାନା ସରକାରର ବିଭିନ୍ନ ପଦବୀରେ ରହିଥିବା ଜଣାପଡ଼ିଛି। ଏବେ ଛତିଶଗଡ଼ରେ ଲଗାତର ମାଓବାଦୀ ଅପରେଶନ ଚାଲିଥିବା ବେଳେ ମାଓବାଦୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଏପରି ପରିସ୍ଥିତିରେ ମାଓବାଦୀମାନେ ଆତ୍ମସମର୍ପଣ କରିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ନାରାୟଣପୁର ପୋଲିସ ଅଧୀକ୍ଷକ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାଓବାଦୀଙ୍କ ଗୁଳିରେ ଯବାନ ଗୁରୁତର

## କନ୍ଧମାଳ-ଗଞ୍ଜାମ ସୀମାନ୍ତରେ କୋମ୍ବିଂ ଜୋର୍‌ଦାର

ଫୁଲବାଣୀ/ରାଇକିଆ/ଭଞ୍ଜନଗର, ୧୮।୯(ରାକେଶ କୁମାର ରାଉତ/ପ୍ରଦୀପ କୁମାର ବେହେରା/ବାବୁଲା ପ୍ରଧାନ)

ଦୀର୍ଘଦିନର ନିରବତା ପରେ ମାଓବାଦୀମାନେ ସେମାନଙ୍କ କରିଡର ବଦଳାଇ ବହୁ ବର୍ଷ ପୂର୍ବରୁ ଥିବା ସ୍ଥାନରେ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି। କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ତଥା ଗଞ୍ଜାମ ଜିଲା ଭଞ୍ଜନଗର ସୀମାନ୍ତରେ ଯବାନ- ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ଯବାନଙ୍କ ଦେହରେ ଗୁଳି ବାଜିଛି। ସେ ହେଲେ ପ୍ରେମ ସିଂ ମାଝି। ତାଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ମେଡିକାଲରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଜଙ୍ଗଲ ମଧ୍ୟରେ ସେମାନେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଯବାନ ପ୍ରେମ ସିଂଙ୍କ ଦେହରେ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ଇନ୍ଦ୍ରଗଡ଼ ମେଡିକାଲରେ ଛାଡି ପୁଣି କୋମ୍ବିଂକୁ ଚାଲି ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ପ୍ରେମ ସିଂଙ୍କୁ ରାଇକିଆ ପୋଲିସ ଭଞ୍ଜନଗର ମେଡିକାଲକୁ ନେଇଥିଲା। ଭଞ୍ଜନଗର ମେଡିକାଲରେ ସର୍ଜରୀ ବିଶେଷଜ୍ଞ ନ ଥିବା ଯୋଗୁ ବ୍ରହ୍ମପୁର ଏବଂ ଆସିକାରୁ ୨ ଜଣ ଡାକ୍ତରଙ୍କୁ ଡକାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ପ୍ରେମ ସିଂଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଘଟଣାସ୍ଥଳରେ ରକ୍ତ ପଡିଥିବାରୁ କେତେଜଣ ମାଓବାଦୀ ମଧ୍ୟ ଆହତ ହୋଇଥିବା ଅନୁମାନ କରାଯାଉଛି । ଏ ନେଇ କନ୍ଧମାଳ ଏସ୍‌ପି ହରିଶ ବିସିଙ୍କୁ ପଚାରିବାରୁ ସେ କହିଛନ୍ତି, ଗୁଳି ବିନିମୟ ବେଳେ ଜଣେ ଯବାନ ଆହତ ହୋଇଛନ୍ତି। ମେଡିକାଲରେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଏବେ କୋମ୍ବିଂ ଜୋରଦାର ଚାଲିଛି। ସର୍ଚ୍ଚ ଅପରେଶନ ପରେ ସବିଶେଷ ଜଣାପଡିବ ବୋଲି କହିଛନ୍ତି।


**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN-761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

Letter No : 1646/NAC Dated : 16.09.2025

**QUOTATION CALL NOTICE FOR HIRING OF VEHICLE FOR NAC, PURUSHOTTAMPUR FOR 2025-26**

**No.C-1102** : Sealed quotations/tenders are hereby invited from interested persons / Registered Firms / Travel Agencies / Trusts having valid GST Registration Certificates for providing a commercial light vehicle having sitting capacity not more than 08 including driver i.e.(BOLERO NEO or any SUV of equal category) bearing commercial registration number, along with a driver, for deployment under NAC, Purushottampur for official use on a monthly rental basis, strictly conforming to the terms and conditions specified in the bid document/agreement.

- Period of Receipt of Bids: **From 18/09/2025, 10:00 A.M. to 25/09/2025, 2:00 P.M.**
- Date & Time of **Opening of Bids: 25/09/2025 at 04:00 P.M.** in the NAC Conference Hall.
- Cost of Quotation Paper: **Rs. 1000/- (Rupees One Thousand only)**, payable at the office of the undersigned or may submitted in shape of demand draft for downloaded bid form.
- The Quotation Form will be available at the office of the undersigned during office hours from 18/09/2025 to 25/09/2025 **upto 1.00 P.M.** and can also be downloaded from the website: https://nacpurushottampur.in/tender.

The undersigned reserves the right to **reject any or all quotations/tenders** without assigning any reason thereof.

Sd./- Executive Officer
NAC, Purushottampur

OIPR-13187/11/0014/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST : KORAPUT**
**e-Procurement Notice**
**Bid Identification No. SEUKID-02/2025-26 Dated : 16.09.2025**

**No.A-628** : Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 24 Nos
3. Estimated Cost : Rs.6.77 Lakhs to Rs.13.14 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of **20.09.2025** Up to 17.00 hours of **03.10.2025**
6. Last date & time for receipt of bids in portal : **03.10.2025** up to 17.00 hours
7. Bids received online shall be opened on : 11.00 hours of **04.10.2025**
8. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

**Further details can be seen from the www.tendersodisha.gov.in.** Addendum/corrigendum/cancellation required, if any will be published in Govt. Website only.

Sd./- Superintending Engineer,
Upper Kolab Irrigation Division,
Borigumma (K)

OIPR-32482/11/0013/2526



**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone No. : / Fax No. : 0680-2233683, Email : eernb1_ganjam@yahoo.com
**GOVERNMENT OF ODISHA Quotation Notices**
No.B-534 **Short Auction sale Notice No. 12 of 2025-26**
Ltr. No. 11038/ Dated : 16.09.2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price : i) Rs. 9,36,921/- ii) Rs. 68,821/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 17,200/-
4. Period of Completion : 1 (One) Calendar Month
5. Receipty of Quotation : From 20.09.2025 to 25.09.2025 up to 5.00 P.M.
6. Date & Time of Opening of Quotation : 11 A.M. of 26.09.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

Sd./- Superintending Engineer
Ganjam (R&B) Division No.I

OIPR-34109/11/0044/2526



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୯୫ ତା:୯।୯।୨୫

**ବିଜ୍ଞାପନ**

No. CAD-1796: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଲେଭ, ଆଇଗିଣିଆ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଗୃହ ନଂ. ଏଚ.ଆଇ.ଜି.–୧–୩୪ (HIG-1-34), ଗୃହଟିକୁ ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: ଚିତ୍ତରଞ୍ଜନ ପ୍ରଧାନ, ସା/ପୋ./ଥାନା/ଜିଲ୍ଲା: ଦେଓଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ପ୍ରଧାନ ଉକ୍ତ ଗୃହଟିକୁ ତାଙ୍କ ସାଧାରଣ କ୍ଷମତା ପ୍ରାପ୍ତ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ସାହୁ, ପିତା: ଦୟାନିଧି ସାହୁ, ସା/ପୋ/ଥାନା/ଜିଲ୍ଲା: ଦେଓଗଡ଼ଙ୍କ ଜରିଆରେ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଅନନ୍ୟା ସାହୁ, ସ୍ୱାମୀ: ନମିତ୍ ବହ୍ଲ, ସା: କ୍ରାଷ୍ଟା ନଗର, ପୋ: ଲକ୍ଷ୍ମୀ ନଗର, ଥାନା/ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନା ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0859/2526



**GOVERNMENT OF ODISHA** E-mail: sebalangir@gmail.com
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**
**"e-Procurement Notice"**
No. A-629 **BID Identification No. ACE, BOIC-03/2025-26**
**Procurement Details**

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)- (in INR) | Cost of tender document- (Online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Improvement to service Road of RMC in between RD 16200 M to RD 18516 M under SIP | Rs.167.71 Lakh (excluding G.S.T.) | 'A' & 'B' Class | Rs.1,67,800/- | Rs.10,000/- | 12 (Twelve) Calendar Months |
| 2 | Improvement to service road of left side service road from RD 0.63 Km to RD 1.710 Km under SIP | Rs.250.22 Lakh (excluding G.S.T.) | 'A' & 'B' Class | Rs.2,50,300/- | Rs.10,000/- | 12 (Twelve) Calendar Months |
| 3 | Improvement to service Road of LMC in between RD 8.00 Km to 8.80 Km, RD 11.00 Km to 12.10 Km and Sagada Hatapada to Bagh barrage under BIP | Rs.251.67 Lakh (excluding G.S.T.) | 'A' & 'B' Class | Rs.2,51,700/- | Rs.10,000/- | 12 (Twelve) Calendar Months |
| 4 | Improvement to service road of LMC within RD 8450 M to 13000 M under SIP | Rs.249.62 Lakh (excluding G.S.T.) | 'A' & 'B' Class | Rs.2,49,700/- | Rs.10,000/- | 12 (Twelve) Calendar Months |
| 5 | Improvement to service Road of RMC in between RD 00 Km to RD 6.4 Km under BIP | Rs.251.44 Lakh (excluding G.S.T.) | 'A' & 'B' Class | Rs.2,51,500/- | Rs.10,000/- | 12 (Twelve) Calendar Months |
| 6 | Improvement to service road of RMC in between RD 18750 M to RD 22500 M under SIP | Rs.209.66 Lakh (excluding G.S.T.) | 'A' & 'B' Class | Rs.2,09,700/- | Rs.10,000/- | 12 (Twelve) Calendar Months |
| 7 | Flood protection work to the Right Bank of River Tel at Village: Manikpur under Ghantapada G.P. of Kantamal Block (working RD 50.530 Km to 50.930 Km) | Rs.184.90.00 Lakh (excluding G.S.T.) | 'A' & 'B' Class | Rs.1,84,900/- | Rs.10,000/- | 12 (Twelve) Calendar Months |
| 8 | Flood Protection work to the Right Bank of River Mahanadi near Village: Dianghat of Harabhanga G.P. of Harabhanga Block working RD 82.30 Km to 82.44 Km) | Rs.180.63 Lakh (excluding G.S.T.) | 'A' & 'B' Class | Rs.1,80,700/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-03/2025-26 | Dt.23.09.2025 At 10.00 hours | Dt.17.10.2025 upto 17.30 hours | Dt.23.09.2025 to Dt.06.10.2025 at Office during office hours (In working days) | Dt.18.10.2025 at 11.00 hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal **"https://www.tendersodisha.gov.in"**.

OIPR-32347/11/0004/2526 Sd./- Additional Chief Engineer, Balangir Irrigation Circle, Balangir



ଓଡ଼ିଶା ସରକାର
**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
**POWER HOUSE SQUARE, UNIT-V, BHUBANESWAR**
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

Advt. No.Tech-EC-1188/ 6033 / Date 15th Sept 2025.

**No.AA-27** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 25.09.2025, 05:00 PM.

For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.

**"Go Electric Go Green"**

Sd./-
EIC(E)-cum-PCEI & SDA (O)

OIPR-04066/11/0034/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଓମ୍‌ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ୧୪ତମ ଜନ୍ମ ବାର୍ଷିକୀ ଶୁଭେଚ୍ଛା



ଓମ୍‌ସାଇ ବିଶ୍ୱାଳ
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା

ଜନ୍ମଦିନେ ବୁଦ୍ଧି, ବିଦ୍ୟା, ଆଶିଷ
ଦେଇଥାଅ ପ୍ରଭୁ ଓମ୍‌ସାଇ ଡାକୁଥିବ ସଦା
ତୁମକୁ ଦୁଃଖ ଆସିଲେବି ଭାଗ୍ୟଫଳ ଭାବି
ବୁଝାଇ ଦେବି ମୋ ମନକୁ।

ଶୁଭେଚ୍ଛାସହ:
ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁ ମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୧୯



SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214


## PhD ଡିଗ୍ରୀରେ ସମ୍ମାନିତ



ପାରାଦ୍ୱୀପର ଡଃ ସୁବ୍ରତ କୁମାର ବରାଳ PhD (Mechanical Engineering) ଡିଗ୍ରୀ ପାଇଛନ୍ତି। ସେ VNIT, ନାଗପୁର, ମହାରାଷ୍ଟ୍ରରେ ଡଃ ରବି କୁମାର ଦମ୍ପଲାଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଶ୍ରୀ ଶରତ କୁମାର ବରାଳ, P.A., PDA ଏବଂ ଶ୍ରୀମତୀ ତୁଳସୀ ବରାଳ, ଲେଖିକା ଏବଂ ସମାଜସେବୀଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ଏହି କୃତିତ୍ୱ ପାଇଁ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ପାରାଦ୍ୱୀପର କିଛି ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଧ-୨୦୨୦


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ନାରାୟଣୀ ମୋଟର୍ସରେ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍‌ର ଅନାବରଣ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)



ମାରୁତି ସୁଜୁକି ଅଧିକୃତ ବିକ୍ରେତା ନାରାୟଣୀ ମୋଟର୍ସ ପକ୍ଷରୁ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍ ଗୁରୁବାର ଅନାବରଣ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାର୍‌ର ଅନାବରଣ ଅବସରରେ ୟୁନିୟନ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ନିରଞ୍ଜନ ବାରିକ, ଡେପୁଟି ଜୋନାଲ ମ୍ୟାନେଜର ହରିନ୍ଦର ସିଂ ସାନ୍ଧୁ, ନାରାୟଣୀ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ପୁରୁଷୋତ୍ତମ ବୁଦ୍ଧରାଜ, ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ ପ୍ରମୁଖ ଯୋଗଦେଇଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲିମ୍ୟାଟିକ୍ସ ରହିଛି। ଏହା ଏଏକ୍ସଆଇ, ଭିଏକ୍ସଆଇ, ଜେଡ୍ଏକ୍ସଆଇ, ଜେଡ୍ଏକ୍ସଆଇ ଅପ୍‌ସନାଲ, ଜେଡ୍ଏକ୍ସଆଇ ପ୍ଲସ୍ ଓ ଜେଡ୍ଏକ୍ସଆଇ ପ୍ଲସ୍ ଅପ୍‌ସନାଲ ଭଳି ୬ଟି ଭାରିଆଣ୍ଟରେ ଉପଲବ୍ଧ। ୧୦.୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧୯.୨୦ ଲକ୍ଷ ଟଙ୍କାରେ ଏହିସବୁ ଭାରିଆଣ୍ଟ ଉପଲବ୍ଧ ହୋଇଛି। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ୍ ସନ୍‌ରୁଫ୍ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ସହ ଅନ୍ୟାନ୍ୟ ସେଫ୍‌ଟି ଫିଚର୍ସ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି। ଏହା ୧୦ ଟି ରଙ୍ଗରେ ଉପଲବ୍ଧ। ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ୍-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍‌ସନ ସହ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଟ୍ୱିନ-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ ସହ ଅଧିକ ବୁଟ୍ ସ୍ପେସ୍ ଦେଉଛି। ଲିଟର ପ୍ରତି ୨୭ରୁ ୨୮ କିଲୋମିଟର ମାଇଲେଜ ରହିଛି। ଉନ୍ମୋଚନ ଅବସରରେ ନାରାୟଣୀ ମୋଟର୍ସ ନିର୍ଦ୍ଦେଶକ ପ୍ରଣୟ ବୁଦ୍ଧରାଜ କହିଛନ୍ତି, ପାର୍ବଣଋତୁରେ ଏହାର ଲଞ୍ଚ କରାଯାଇଥିବାରୁ ବ୍ୟବସାୟ ଲାଭଦାୟକ ହେବ ବୋଲି ଆଶା ରହିଛି। ଆସନ୍ତା ୨୨ ତାରିଖରୁ ଲାଗୁ ହେବାକୁ ଥିବା ନୂଆ ଜିଏସ୍‌ଟି ହ୍ରାସର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯିବ। ଏହାସହ ସ୍ୱତନ୍ତ୍ର ଫେଷ୍ଟିଭ୍ ଡିସ୍‌କାଉଣ୍ଟ ପ୍ରଦାନ ପାଇଁ ମଧ୍ୟ ଯୋଜନା ରହିଛି।

# ରାଜ୍ୟରେ ଉତ୍ପାଦନ ହେଉଛି ୩୦ ନିୟୁତ ମେଟ୍ରିକ୍ ଟନ୍ ଇସ୍ପାତ

ଭୁବନେଶ୍ୱର,୧୮।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୫୪ଟି ଛୋଟ ବଡ଼ ଇସ୍ପାତ କାରଖାନାରୁ ବାର୍ଷିକ ପାଖପାଖି ୩୦ ନିୟୁତ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଏଥିରୁ ୧ ନିୟୁତ ଟନ୍ ଇସ୍ପାତ ବିଦେଶକୁ ରପ୍ତାନି ହେଉଛି । ରାଜ୍ୟ ଭିତରେ ୫.୭୩ ନିୟୁତ ଟନ୍ ଇସ୍ପାତ ବ୍ୟବହାର ହେଉଥିବାବେଳେ ରାଜ୍ୟ ବାହାରକୁ ୧୭ ନିୟୁତ ଟନ୍‌ରୁ ଅଧିକ ଇସ୍ପାତ ଯାଉଛି । ରାଜ୍ୟରେ ଇସ୍ପାତ ଉତ୍ପାଦନ ସମ୍ପର୍କରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଏହିସବୁ କାରଖାନାରୁ ୨୦୨୨-୨୩ରେ ୨୫.୧୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ରେ ତାହା ୨୭.୩୧ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା ଏବଂ ୨୦୨୪-୨୫ରେ ଏହା ପ୍ରାୟ ୩୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୪୯ଟି କମ୍ପାନୀ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏଥିମଧ୍ୟରୁ ୨୩ ଇସ୍ପାତ କମ୍ପାନୀ କାର୍ଯ୍ୟକ୍ଷମ ଥିବାବେଳେ ଗୋଟିଏ ଫେରୋଆଲଏଜ୍, ଗୋଟିଏ ପେଲେଟ୍ ଓ ୫ଟି ସ୍ପଞ୍ଜ ଲୁହା କାରଖାନା ଚାଲିଛି। ଅସ୍ଥାୟୀ ଭାବେ ୪ଟି କାରଖାନା କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ୧୨ଟି ଇସ୍ପାତ କାରଖାନାର କାର୍ଯ୍ୟ ଆରମ୍ଭ ହୋଇନାହିଁ । ଚାରିଟି ଇସ୍ପାତ କମ୍ପାନୀ ଓଡ଼ିଶା ଛାଡ଼ିଛନ୍ତି। ଏହି ୪ଟି କମ୍ପାନୀ ମଧ୍ୟରେ ପୋସ୍କୋ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ରହିଛି ।

# କ୍ୱାଲିଟି କନ୍‌ସେପ୍ଟରେ ଟିପିସିଓଡିଏଲ୍‌କୁ ୧୫ ପୁରସ୍କାର

ଭୁବନେଶ୍ୱର,୧୮।୯



ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନ୍‌ଟିପିସି, ଓ ଖଣି ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନଶନ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ପାତ୍ର ଇଲେକ୍ଟ୍ରୋନିକ୍ସର ପ୍ରି ବୁକିଂ ବିଗ୍ ଫେଷ୍ଟିଭାଲ ସେଲ୍

ଭୁବନେଶ୍ୱର,୧୮।୯

PATRA ELECTRONICS
BIG FESTIVAL SALE

ଦେଶର ନୂଆ ଜିଏସଟି ସଂଶୋଧନ ବ୍ୟବସ୍ଥାରେ ସେପ୍ଟେମ୍ବର ୨୨ ତାରିଖ ପରେ କେତେକ ଇଲେକ୍ଟ୍ରୋନିକ୍ସ ଜିନିଷର ହ୍ରାସ ହେବାକୁ ଯାଉଛି । ଏହି ଅବସରରେ ଓଡିଶାର ଥିବା ସମସ୍ତ ପାତ୍ର ଇଲେକ୍ଟ୍ରୋନିକ୍ସ ବ୍ରାଞ୍ଚରେ ପ୍ରି ବୁକିଂ ସେଲସ ଆରମ୍ଭ ହୋଇଛି। ଏହି ଅବସରରେ ପାତ୍ର ଇଲେକ୍ଟ୍ରୋନିକ୍ସ ତରଫରୁ ଜିଏସଟି ବେନିଫିଟ ସହିତ କଷ୍ଟ୍ ଟୁ କଷ୍ଟ୍ ପ୍ରାଇସରେ ସମସ୍ତ ଜିନିଷକୁ ସହଜ କିସ୍ତିରେ ଯୋଗାଇ ଦିଆଯିବ। ଏହି ସମୟରେ କେତେକ ଜିନିଷକୁ ଜିରୋ ଡାଉନ୍ ପେମେଣ୍ଟ, ଜିରୋ ଇଣ୍ଟରେଷ୍ଟ,ଜିରୋ ପ୍ରୋସେସିଂ, ୯୯୦ ଟଙ୍କାରେ ସହଜ କିସ୍ତି, ୩୬ ମାସ ପର୍ଯ୍ୟନ୍ତ ଇଏମଆଇ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ରିପଲ କ୍ୟାସ ବ୍ୟାକ, ୨ଲକ୍ଷ ୫୦ ହଜାର ଟଙ୍କାର ଡେଲି ଲକି ଡ୍ର, ଗିଫ୍ଟ ଭାଉଚର, ମାତ୍ର ୩୯୯୦ରେ ୪ଟି ପ୍ରଡକ୍ଟ ଏଲଇଡି ଟିଭି, ୱାସିଂ ମେଶିନ, ଫ୍ରିଜ, ଏସି, ମିଳୁଛି ଓ ଦୁଇଟି ଇ.ଏମ.ଆଇ ପର୍ଯ୍ୟନ୍ତ ରିଫଣ୍ଡର ବ୍ୟବସ୍ଥା ଅଛି । ପ୍ରି ବୁକିଂ କଲେ ଜି.ଏସ.ଟି ପରିବର୍ତ୍ତିତ ମୂଲ୍ୟ ସହ ଏହି ସବୁ ସମସ୍ତ ଅଫର ଗୁଡିକର କେତେକ ଜିନିଷକୁ ୫୦% ପର୍ଯ୍ୟନ୍ତ ରିହାତି ମିଳିବାର ସୁବିଧା ଅଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର,୧୮।୯

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆର୍ସେଲରମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ ଏସ୍ ଇଣ୍ଡିଆ) ପକ୍ଷରୁ 'ଏକ ପେଡ ମା' କେ ନାମ ୨.୦' ଅଭିଯାନର ଏକ ଅଂଶ ଭାବେ ପାରାଦ୍ୱୀପ, ଡାବୁନା, ଠାକୁରାଣୀ ଏବଂ ସାଗାସାହି ନିକଟରେ ୧୨ଟି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜଗତସିଂହପୁରର ପାରାଦ୍ୱୀପସ୍ଥିତ ପେଲେଟ ପ୍ଲାଣ୍ଟ ପରିସରରେ ବୃକ୍ଷରୋପଣ ଅଭିଯାନରେ ୪୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପାରାଦ୍ୱୀପ ପେଲେଟ ପ୍ଲାଣ୍ଟର ପ୍ଲାଣ୍ଟ ମୁଖ୍ୟ ୟୁଏସଆର ରାଜୁ, ଏଚଆର ଓ ଆଇଆରର ଓଡ଼ିଶା ଆସେଟ ମୁଖ୍ୟ ସୁନୀଲା ଦାସ, କର୍ପୋରେଟ ଆଫେୟାର୍ସ ବିଭାଗ ମୁଖ୍ୟ ସୁପର୍ଣ୍ଣା ନନ୍ଦ, ସିଏସଆର ବିଭାଗ ମୁଖ୍ୟ ଡକ୍ଟର ବିକାଶ ୟାଦଭେନ୍ଦୁ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶଙ୍କ ସମେତ ଏଏମ/ଏନଏସ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଟେଲିଂ ଡ୍ୟାମ ନିକଟସ୍ଥ ଶଙ୍କାରୀ ଗ୍ରାମରେ ଡାବୁନା ଟିମ ଏକତ୍ରିତ ହୋଇ ବୃକ୍ଷରୋପଣ କରିଥିଲେ । ଏହି ଅଭିଯାନରେ ପ୍ରକଳ୍ପ ବିଭାଗର ଭାଇସ ପ୍ରେସିଡେଣ୍ଟ ଶୈଳେନ୍ଦ୍ର ଶାହା, ଡାବୁନା ବେନିଫିସିଏସନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହା, ହାଜିରାର ଆକାଉଣ୍ଟସ ବିଭାଗ ମୁଖ୍ୟ ଭବେଶ ମୋଦୀ ଏବଂ ୬୦ ଜଣ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀ ଯୋଗ ଦେଇଥିଲେ । ସୁନ୍ଦରଗଡ଼ ଏଏମ / ଏନ ଏସ ଇଣ୍ଡିଆର ଘୋରାବୁରହାନି ସାଗାସାହି ଖଣି ନିକଟରେ ସାଗାସାହି, କଳମଙ୍ଗ ଏବଂ କାନିସାହି ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ / ଏନଏସ ଇଣ୍ଡିଆର ଅପରେସନ୍ସ ବିଭାଗ ନିର୍ଦ୍ଦେଶକ ତଥା ଭାଇସ ପ୍ରେସିଡେଣ୍ଟ ୱିମ ଭାନ ଗର୍ଭେନ, ଖଣି ଏବଂ ରଣନୈତିକ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେଟ୍ଟା, ମୁଖ୍ୟ ନିରାପତ୍ତା ଅଧିକାରୀ ନାଗେଶ୍ୱର ରାଓ, ଓଡ଼ିଶା ଗ୍ରୀନଫିଲ୍ଡ ପ୍ରକଳ୍ପ ଏବଂ ବୈଷୟିକ ସହାୟତା ବିଭାଗ ମୁଖ୍ୟ ଟି ଏସ ଶାନଭୋଗ, ଓଡ଼ିଶା ଆସେଟ ର ଅପରେସନ୍ସ ବିଭାଗ ମୁଖ୍ୟ ସୁରେଶା ଜି, ବରିଷ୍ଠ ମହାପ୍ରବନ୍ଧକ ଅମିତ ଦୁବେ, ସାଗାସାହି ଖଣି ପ୍ରବନ୍ଧକ ସତ୍ୟକାମା ଦାସ, ଡାବୁନା ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟକିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# Classified Everyday

0674-2580101, 9692975378


REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2 BHK flat for sale @ 18/ 24lakh at Gudiapokhari Bhubaneswar, Call-9861642492. D-2018




Newly open Jyoti SPA positively health benefits (expert therapist). 8458067955. D-76936

ବହୁବର୍ଷ ଧରି ଭଲହେଉନଥିବା ଯେକୌଣସି ରୋଗରୁ ମୁକ୍ତି ପାଇଁ ଓ ସର୍ବଦା ସୁସ୍ଥ ନିରୋଗ ରହିବାକୁ ଚାହୁଁଥିଲେ Cellogen ଖାଆନ୍ତୁ 9439493164. D-2012

The massage felt totally professional & comfortable at all times-7978109255. D-76495

Now Matrimonial ads. only on Wednesday & Sunday Book 1 Get 1 FREE

## AFFIDAVIT

By virtue of an affidavit sworn before Executive Magistrate, Nayagarh on 25.06.2025, I Kshirod Kumar Sahoo, S/o- Gobinda Chandra Sahoo, At/P.O.- Balugaon, P.S./Dist.- Nayagarh, PIN-752070, declare that I have changed my name from Khiroda Kumar Sahoo to Kshirod Kumar Sahoo. Henceforth, I shall be known as Kshirod Kumar Sahoo for all purposes. D-2016

By this affidavit sworn before the Executive Magistrate, Jharsuguda, No.-997, date- 17.09.25, I, Amit Kumar Singh, S/o- Kameshwar Singh, R/o- Q.No.-80, Budhijam, Orient colliery, Brajrajnagar, Dist.- Jharsuguda, Odisha declare that in my all educational documents my father's name has been written as Kameswar Singh instead of Kameshwar Singh. That both the names are relates to one and same person. D-2022

I, Sandhyarani Pattanaik, D/o- Pravakar Pattanaik, At- Jadupati Bihar, Jubuli Town, P.O./P.S.- Dhenkanal Town, Dist.-Dhenkanal, Odisha-759001, declare by the affidavit before Executive Magistrate, Dhenkanal, No.- 830, dtd-18.09.2025 that now onwards my son Swastik Mathan will be known as Swastik Pattanaik for all future purposes.
Sandhyarani Pattanaik. D-2014

By virtue of an affidavit Before Notary Public, Kantabanji bearing No.- 2316 on 18.09.2025 that before marriage I known as Demati Banachhor which is mentioned in my Aadhaar Card and S.B. account of Bank of Baroda, Kantabanji but after marriage to Hemanta Nial I known as Keshari Nial, W/o Hemanta Nial of Village /P.O./P.S.- Belpada, Dist.- Balangir,Odisha and updated my Aadhaar Card whereas Demati Banachhor and Keshari Nial W/o Hemanta Nial, is same and one person. D-2015

By virtue of an Affidavit sworn before Notary Public, Bhubaneswar, dated- 18.09.2025. I, Ajaya Kumar Sahoo, Address: Kunja Patana, Lingaraj, Old town declare that I have changed my name from Ajay Kumar Sahu to Ajaya Kumar Sahoo. Henceforth, I shall be known as Ajaya Kumar Sahoo for all purposes.
Ajaya Kumar Sahoo D-2017

By virtue of an affidavit sworn before (Notary Public) Rourkela dated- 03.09.25 I, Shashikanta Ekka, Address: Kuarmunda, P.O.- Kuarmunda, P.S.- Biramitrapur Dist.- Sundargarh, declare that I have changed my Surname from Shashikant Behera to Shashikant Ekka. Henceforth, I shall be known as Shashikanta Ekka for all purposes. D-2021

I, Andavarapu Sahasra, Daughter of Andavarapu Srinivasa Rao, resident of plot No.- 2989, 1st floor, Nageswar Tangi, Bhubaneswar 751 oo2, hereby infrom that in my class 10th Pass Certificate and Mark sheet, my name is Incorrectly mentioned as A. Sahasra. The correct name is Andavarapu Sahasra, which has been affirmed before the Executive Magistrate, Bhubaneswar vide affidivit No. CF No.- 17/13.09.2025. this notice is being published for official and public record purposes. D- 2010

I, Tripti Ray W/o- Bholanath Ray, Village- Jyotinagar, Gondiaguda, P.O./P.S./Dist.- Malkangiri presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Tripti Barai and after my marriage my surname is changed as Tripti Ray. That, in Aadhaar Card my name is mentioned as Tripti Barai and I want to change my name in Aadhaar Card as Tripti Ray. That, Tripti Barai and Tripti Ray is one and same i.e. myself. That, I swear this affidavit in order to produce before the concerned authority to change my name in Aadhaar Card as Tripti Ray. D-2025

By virtue of an affidavit sworn before Executive Magistrate, Bhubaneswar, dated- 18th September 2025. I, Mirza Zayed Baig, Address: At.-Haridaspur, P.O.- Naharkanta, P.S.- Balianta, Dist.- Khordha PIN- 752101 Odisha declare that I have changed my name from Mirja Jayad Beg to Mirza Zayed Baig. Henceforth, I shall be known as Mirza Zayed Baig for all purposes.
Mirza Zayed Baig D-2011

By virtue of an affidavit sworn before the Executive Magistrate, Harabhanga, No.149 date 01.08.25, I, Sadananda Behera, R/o- Village- Khalisahi, P.O.- Talagaon, P.S.- Harabhanga, Dist.- Boudh, Odisha, PIN-762012 declare that I have changed my son's name from Aryana Behera to Yariyan Behera. Henceforth he shall be known as Yariyan Behera for all purposes.
Sadananda Behera D-2025

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀ
ଆବିର୍ଭାବ: ୨୧।୦୩।୧୯୬୨
ତିରୋଧାନ: ୧୫।୦୯।୨୦୨୦

ତରଭା ନିବାସୀ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଷଡ଼ଙ୍ଗୀଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ୧୯।୦୯।୨୦୨୫ ତ୍ରୟୋଦଶୀ ତିଥିରେ ପାଳନ ଅବସରରେ ସ୍ୱାମୀ ଦୁର୍ଯ୍ୟୋଧନ ରାଉତ, ପୁତ୍ର ସୂର୍ଯ୍ୟ ପ୍ରତାପ ରାଉତ, ପୁତ୍ରବଧୂ ପିଙ୍କି ସାମଲ, ନାତି, ନାତୁଣୀ-ଏଞ୍ଜେଲ, ଆରବ, ଅଂଶ, ଆୟୁଷ ଓ ସମସ୍ତ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁବର୍ଗ। ଦିବଂଗତ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ଜଗତ ଜନନୀ ମା, ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଧ-୨୦୨୩

### ପ୍ରଥମ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆଶା ବାଗ
ତିରୋଧାନ: ୧୯।୦୯।୨୦୨୪
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ମା, ସନ୍ତୋଷିନୀ, ବାପା ଉଦୟ, ଭଉଣୀ ଶୀତଳ, ନିଶା, ମମୁନ,ଓ ବନ୍ଧୁବର୍ଗ। ଧ-୨୦୨୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଉପଡାକଘର ସ୍ଥାନାନ୍ତରକୁ ବିରୋଧ

ଖଡ଼ିଆଳ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନ୍ଏସି ୱାର୍ଡ ନଂ. ୮ ପଟ୍ଟନାୟକପଡ଼ାସ୍ଥିତ ଉପଡାକଘର ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ସହରବାସୀ। ଏହା ବିରୋଧରେ ସହରର ବୁଦ୍ଧିଜୀବୀମାନେ ଉପଡାକଘର ସାମ୍ନାରେ ବସି ନାରାବାଜି କରିଥିଲେ। ପରେ ଉପଡାକଘର ସ୍ଥାନାନ୍ତର ନ କରିବାକୁ ସ୍ଥାନୀୟ ସାଂସଦ ମାଳବିକା ଦେବୀ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ପୋଷ୍ଟ ଅଫିସର ଜୋନାଲ ହେଡ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବିଜୟ କୁମାର ବାବୁ, ମହେଶ ଗୁପ୍ତା, ଶିବ ପ୍ରସାଦ ଝା, ମୁରଲୀ ରଏତି, ଅଶୋକ ଭାଇ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

**ପଲମ, ୧୮।୯ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଉଲିକୁପା ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଆକାଂକ୍ଷା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ଜୋନ୍ ୨ ଜିଲା ପରିଷଦ ସମସ୍ୟ ହରିଶଙ୍କର ମାଝୀ ମୁଖ୍ୟ ଅତିଥି ଓ ନର୍ଲା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଅଧିକାରୀ ଡା. ଅଶୁତୋଷ ପ୍ରଧାନ, ଫାର୍ମାସିଷ୍ଟ ଧୀରେନ୍ଦ୍ର ରାଉତ, ନର୍ସ କଳ୍ପନା ରାଉତ, ରାଜେଶ୍ୱରୀ ଆଚାର୍ଯ୍ୟ, ସାମାଜିକ କର୍ମୀ ଚିତ୍ରସେନ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନ ଉପରେ ଆଲୋଚନା କରିଥିଲେ।

### ବିଶ୍ୱକର୍ମା ପୂଜା ପାଇଁ ଗାଁଠୁ ସହର ଉତ୍ସବମୁଖର

**ଥୁଆମୂଳ ରାମପୁର, ୧୮।୯ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସହରଠାରୁ ଗ୍ରାମ ଉତ୍ସବମୁଖର ହୋଇପଡିଥିଲା। ବୈଷୟିକ ଶିକ୍ଷାନୁଷ୍ଠାନ, ନିର୍ମାଣ ସାମଗ୍ରୀ ପ୍ରସ୍ତୁତ ଅନୁଷ୍ଠାନ, ମୋଟର ଗ୍ୟାରେଜ ସମେତ ଅନ୍ୟାନ୍ୟ ଅନୁଷ୍ଠାନରେ ପ୍ରଭୁ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୁରୁଣା ବିଦେଶୀ ମଦ ଦୋକାନ ପାଖରେ ରାଜମିସ୍ତ୍ରି ସଂଘ ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଗୋବିନ୍ଦ ନାଏକ, ଅଭିମନ୍ୟୁ ଖର୍ସେଲ, କୋଷାଧ୍ୟକ୍ଷ ଘାସିରାମ ନାଏକ ପ୍ରମୁଖ ପୂଜା ଆୟୋଜନ କରାଯାଇଥିବା ବେଳେ କର୍ତ୍ତା ଭାବରେ ଯୁବରାଜ ରାଉତ ଦାୟିତ୍ୱ ତୁଲାଇଥିଲେ।

### ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ଜୁନାଗଡ଼, ୧୮।୯ (ସୁନୀଲ କୁମାର ସିଂହ):** ମା' ପାଇଁ ଗଛଟିଏ ଅଭିଯାନରେ ଜୁନାଗଡ଼ ରାମସ୍ୱାମୀ ମନ୍ଦିର ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ନଗର ସଭାପତି ବିକ୍ରାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେଥିରେ ଜିଲା ଉପସଭାପତି ମୁକେଶ ଅଗ୍ରୱାଲ, ଆଇନଜୀବୀ ଶିଶିର ପଟ୍ଟନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟନାରାୟଣ ପଣ୍ଡା, କୁବଳେଶ୍ୱର ପାଣିଗ୍ରାହୀ, କାଳିନ୍ଦ୍ରୀ ପାଣିଗ୍ରାହୀ, ଜିଲା ମଣ୍ଡଳ ପ୍ରତିନିଧି ଶିବରାମ ରାଉତ, ରଞ୍ଜନ ଜାଲ, ହାଇସ୍କୁଲର ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇ ଚାରା ରୋପଣ କରିଥିଲେ।

### ଭାଜପାର ସେବା ସପ୍ତାହରେ ରକ୍ତଦାନ ଶିବିର

**କୋକସରା, ୧୮।୯ (ଦୁଷ୍ମନ୍ତ କୁମାର ପାଙ୍ଗୋଷୀ):** ଗୁରୁବାର କୋକସରା ସିଏଚ୍‌ସିରେ ଭାଜପାର ସେବା ସପ୍ତାହ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ଭାଜପା ସଭାପତି ଯୁଗଳ କିଶୋର ପୋଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ଆର୍ଥିକ ଶକ୍ତିକୁ ଆହୁରି ଦୃଢ଼ କରିବାରେ ଜିଏସ୍‌ଟି ହ୍ରାସ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀରର ଯୁବ ମୋର୍ଚ୍ଚା ପ୍ରଭାରୀ ହିମାଂଶୁ ପଣ୍ଡା, ଧର୍ମଗଡ ବିଧାୟକଙ୍କ ବ୍ଲକ ପ୍ରତିନିଧି ତ୍ରିନାଥ ଶବର, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ମୋଟେର ମଣ୍ଡଳ ସଭାପତି ଧର୍ମାନନ୍ଦ ପଣ୍ଡା, ଜିଲା ପ୍ରତିନିଧି ଅର୍ଜୁନ ଭାଟି ପ୍ରମୁଖ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଧର୍ମଗଡ ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମକୁ ସନ୍ତୋଷ ମାଝୀ, ତୁଲାରାମ ନାଏକ, ଦ୍ରୋଣାଚାର୍ଯ୍ୟ ପୂଜାରୀ, ଶାରଳା ପ୍ରସାଦ ପ୍ରଧାନୀ, ଯୁବମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା ସହଯୋଗ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**କର୍ଲାମୁଣ୍ଡା, ୧୮।୯ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ସାମାଜିକ କର୍ମୀ ତଥା ବ୍ୟବସାୟୀ ଭୁବନ ବିହାରୀ ସିଂଙ୍କ ୬୮ ବର୍ଷ ବୟସରେ ଗୁରୁବାର ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସେ ବ୍ଲକ୍‌ର ବିଭିନ୍ନ ଅନୁଷ୍ଠାନ ସହ ସାମିଲ ହୋଇ ସାମାଜିକ କାର୍ଯ୍ୟ କରିଆସୁଥିଲେ।



ସ୍କୁଲରେ ନାମ ଲେଖାଇଥିବା ପିଲାଙ୍କ ସହ ସେମାନଙ୍କ ଅଭିଭାବକ ଓ ଅନ୍ୟମାନେ।

# ୩୬ ଆଦିବାସୀ ପିଲା ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ

**ଆସ ସ୍କୁଲ ଯିବା ଅଭିଯାନରେ ବିଦ୍ୟାଳୟରେ ନାମ ଲେଖାଇଲା ଶିକ୍ଷା ବିଭାଗ**

**ଲାଞ୍ଜିଗଡ଼, ୧୮।୯ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରି ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କର୍କାମସ୍କା ଗାଁରେ ସ୍କୁଲ ନ ଥିବା ଯୋଗୁ ୩୬ ଆଦିବାସୀ ପିଲା ପାଠପଢ଼ାରୁ ବଞ୍ଚିତ ଥିବାବେଳେ ବ୍ଲକ୍ ଶିକ୍ଷା ବିଭାଗ ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିଛି। ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶିତ ହେବା ପରେ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଇଓ ରୁଷିଆ ମେହେର, ଏବିଇଓ ବିଭୂତି ଭୂଷଣ ସାହୁ, ବନ୍ଧପାରି ସିଆର୍‌ସିସି ଗତ ୧୯ ତାରିଖରେ ଉକ୍ତ ଗାଁକୁ ଗସ୍ତକରି ଲୋକଙ୍କ ସହ ଆଲୋଚନାକରି ପାଠ ଛାଡ଼ିଥିବା ପିଲାଙ୍କୁ ସ୍କୁଲରେ ନାମ ଲେଖାଇବା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଦିବାସୀ ପିଲାଙ୍କୁ ବ୍ଲକ ଶିକ୍ଷା ବିଭାଗ ରାଜ୍ୟ ସରକାରଙ୍କ ଆସ ସ୍କୁଲ ଯିବା ଅଭିଯାନରେ ସାମିଲ କରିଛି। ଏହି ୩୬ ଜଣ ପିଲାଙ୍କ ମଧ୍ୟରୁ ୩୦ ଜଣଙ୍କୁ ବାଲିସରା ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯାଇଥିବା ବେଳେ ୬ ଜଣଙ୍କୁ ବନ୍ଧପାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯିବା ଯୋଜନା ହୋଇଛି। ଏହି ପଦକ୍ଷେପ ଗ୍ରାମର ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏହି ସଫଳତାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ଏବିଇଓ ଭାରତ ଭୂଷଣ ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ, ଗୁଣମଣି ଭୋଇ, ବିନୋଦ ମହାରଣା ଓ ସାମାଜିକ କର୍ମୀ ଗୌରାଙ୍ଗ ମାଝିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେମାନେ ଘରକୁ ଘର ଯାଇ ଅଭିଭାବକଙ୍କ ସହ ଆଲୋଚନାକରି ଶିଶୁମାନେ ପୁଣି ଥରେ ବିଦ୍ୟାଳୟରେ ଯୋଗଦେବାରେ ସାହାଯ୍ୟ କରିଛନ୍ତି। ଏହି ପଦକ୍ଷେପ ଅନ୍ୟାନ୍ୟ ଦୁର୍ଗମ ଅଞ୍ଚଳ ପାଇଁ ପ୍ରେରଣା ସାଜିଛି।

## ଜାତୀୟ ପୋଷଣ ମାସ ପାଳିତ

**କେସିଙ୍ଗା, ୧୮।୯ (ତୁମେଶ୍ୱର ସାହୁ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜାତୀୟ ପୋଷଣ ମାସ-୨୦୨୫ ଓ ମା' ପାଇଁ ଗଛଟିଏ ୨.୦ ବିଷୟବସ୍ତୁ ଉପରେ ଏକ କର୍ମଶାଳା କେସିଙ୍ଗା ବ୍ଲକ୍ ସଭାଗୃହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଜନ୍ମେଜୟ ସ୍ୱାଇଁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଷମା କୁମାରୀ ମିଶ୍ର, ନୂଆପଡ଼ାର ପୂର୍ବତନ ସହକାରୀ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ପଟେଲ, ଅବସରପ୍ରାପ୍ତ କ୍ଷେତ୍ର ଅଧିକାରୀ ବିଷ୍ଣୁ ଚରଣ ସାହୁ, କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. କୁଞ୍ଜବିହାରୀ ସାହୁ, କାଉନସିଲର ସରିତା ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଶିଶୁ, ବାଳିକା, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ କିପରି କୁପୋଷଣରୁ ଦୂରେଇହେବ ତା' ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହାସହ ଧରିତ୍ରୀ ମା'ର ସୁରକ୍ଷା ପାଇଁ ମା'ଙ୍କ ନାମରେ ଗଛଟିଏ ଲଗାଇବା ଦରକାର ବୋଲି ଉପସ୍ଥିତ ମହିଳାଙ୍କୁ ବୁଝାଇଥିଲେ। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ ମହିଳା, କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ, ଆଶା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗଦେଇଥିଲେ। ମହିଳା ଓ ଯୁବତୀଙ୍କ ମଧ୍ୟରେ କୁଇଜ୍, ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ, ରଙ୍ଗୋଲି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୋଷଣ ମାସ ପରିବର୍ତ୍ତେ ବର୍ଷ ସାରା ଏହି ନୀତିକୁ ପାଳନକଲେ ସ୍ୱାସ୍ଥ୍ୟ ପକ୍ଷେ ହିତକର ହେବ ବୋଲି ଅତିଥିମାନେ ମତ ରଖିଥିଲେ। ପୁଷ୍ଟିକର ଖାଦ୍ୟର ୮ଟି ଥିମ୍ ଉପରେ ସିଡିପିଓ ଆଲୋଚନା କରିଥିଲେ।

### ସୁଭଦ୍ରାର ବର୍ଷ ପୂର୍ତ୍ତି ସମାରୋହ

**ଥୁଆମୂଳ ରାମପୁର, ୧୮।୯ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ ସୁଭଦ୍ରାର ବର୍ଷ ପୂର୍ତ୍ତି ସମାରୋହ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମଧୁବାଳା ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩ୟ କିସ୍ତି ପାଇଥିବା ମହିଳା ହିତାଧିକାରୀ କେକ୍ କାଟି ଉତ୍ସବ ପାଳନ କରିଛନ୍ତି। ହିତାଧିକାରୀମାନେ ସୁଭଦ୍ରା ଟଙ୍କା ପାଇ ନିଜେ ସ୍ୱାବଲମ୍ବୀ ହେବା ସହିତ ନିଜ ପରିବାର ପ୍ରତିପୋଷଣ କରିବାରେ ସହାୟକ ହେଉଥିବା ପ୍ରକାଶ କରିଥିଲେ। ସୁଭଦ୍ରା ସହାୟକ ରଞ୍ଜିତ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହିଳା ପରିଦର୍ଶିକା ସତ୍ୟା ମାଝୀ ଓ ସ୍ମିତା ମାଝୀ ସହଯୋଗ କରିଥିଲେ। ଯେଉଁମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଯାଇଛନ୍ତି ସେମାନେ ଆଗାମୀ ଦିନରେ ସାମିଲ ହୋଇପାରିବେ ବୋଲି ସିଡିପିଓ ବାଗ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା, ୧୮।୯ (ପ୍ରଦୀପ କୁମାର ସାହୁ)**



ଶିବିରରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଭାଗୃହରେ ଗୁରୁବାର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ବିଡିଓ ଦେବେନ୍ଦ୍ର ସାମଲ, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, କର୍ଲାମୁଣ୍ଡା ଖ ଜୋନ୍ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, କ ଜୋନ୍ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ ପ୍ରମୁଖ ଯୋଗଦେଇ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସ୍ୱଚ୍ଛତା ଆଣିବା ସହ କିଭଳି ଅଧିକରୁ ଅଧିକ ଲୋକ ସୁବିଧା ପାଇପାରିବେ ତା' ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ବିଭାଗର କର୍ମଚାରୀ, ଜବ୍ କାର୍ଡଧାରୀ ଉପସ୍ଥିତ ଥିଲେ। ଏହା ମୁଖ୍ୟତଃ ଏମ୍‌ଜିଏନ୍‌ଆରଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୨୦୨୪-୨୫ ଆର୍ଥିକବର୍ଷର ଜନଶୁଣାଣି କାର୍ଯ୍ୟକ୍ରମ ରହିଥିଲା। ବିଏସ୍ଏ ଉତ୍ତମ କୁମାର ସାହୁ ସଂଯୋଜନା କରିଥିବା ବେଳେ ଏପିଡି ବିକାଶ ନାୟକ, ଏପିଓ ଲିଜା ବରିହାଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ।

### ଗଞ୍ଜେଇ ଜବତ, ବୃଦ୍ଧା ଗିରଫ

**ଜୟପାଟଣା, ୧୮।୯ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡିଜିଲା ଜୟପାଟଣା ବନ୍ଧପଡାର ଏକ ଘରେ ଗଞ୍ଜେଇ ବେପାର ଚାଲିଥିବା ଖବର ପାଇ ଗୁରୁବାର ଜୟପାଟଣା ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ୫କେ.ଜି. ଗଞ୍ଜେଇ ଜବତ କରି କର୍ମଚାରୀମାନେ ଜଣେ ୬୮ ବର୍ଷୀୟ ବୃଦ୍ଧା କାଞ୍ଚନ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁଯାୟୀ ଜୟପାଟଣା ବନ୍ଧପଡାରେ ଚୋରା ଗଞ୍ଜେଇ ବେପାର ଚାଲିଥିବା ନେଇ ଅଭିଯୋଗ ହେଉଥିଲା। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଧର୍ମଗଡ଼ ରେଞ୍ଜ ଇନ୍ସପେକ୍ଟର ସୁଧାଂଶୁ ମୁଣ୍ଡାଙ୍କ ନେତୃତ୍ୱରେ ଜୟପାଟଣା ଅବକାରୀ ଅଧିକାରୀ ନରେନ୍ଦ୍ର ମିଞ୍ଜ ଓ ଟିମ୍ ପୂର୍ବାହ୍ନରେ କାଞ୍ଚନଙ୍କ ଘରେ ଚଢ଼ାଉ କରିଥିଲା।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ'

**ଭବାନୀପାଟଣା, ୧୮।୯ (ଉତ୍ତମ କୁମାର ଦାଶ)**




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଗୁରୁବାର ଅପରାହ୍ନରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ' ତଥା ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହା ଆୟୋଜନ ହୋଇଥିଲା। ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ସଞ୍ଜୟ କୁମାର, ଭାରତ ଭୂଷଣ ପଣ୍ଡା, ବସନ୍ତ କୁମାରୀ ପଟ୍ଟନାୟକ ଓ ଅଶୋକ ରଞ୍ଜନ ଚୌଧୁରୀ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ସର୍ଣ୍ଣଲତା ମହାନ୍ତି, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂହ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲ ଗୋପାଳ ସେବା ନିକେତନର ମୁଖ୍ୟ ହେମନ୍ତ ମୁଣ୍ଡ ଓ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବାଳିକା ଓ ବାଳକ ବର୍ଗରେ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ୨ଶହ ମିଟର ଓ ଶହେ ମିଟର ଦୌଡ଼, ଫୁଟବଲ, କ୍ୟାରମ, ଚେସ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀ ତଥା ଦଳ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଚୟନ ହୋଇଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ

**ଥୁଆମୂଳ ରାମପୁର, ୧୮।୯ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହ ଠାରେ ଗୁରୁବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଆଦି କର୍ମଯୋଗୀ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦାନ ସଂସ୍ଥାର ଜିଲା ସଂଯୋଜକ ବ୍ରଜକିଶୋର ଦାସ, ଏଇଇ ସାଲୋକ ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା, ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମଧୁମାଳା ବାଗ, ଭାଜପା ନେତା ବିପିନ ବିହାରୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ମୁଦୁଲି ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀମାନଙ୍କୁ ଦୁର୍ଗମ ଅଞ୍ଚଳରେ ସମସ୍ତଙ୍କ ସହଯୋଗରେ ଉନ୍ନୟନମୂଳକ କାର୍ଯ୍ୟ କରିବା ଉପରେ ଆଲୋଚନା କରିଥିଲେ। ପ୍ରଦାନ ସଂସ୍ଥାର ଜିଲା ସଂଯୋଜକ ଦାସ ଅଭିଯାନ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଡବ୍ଲୁଇଓ ଶୁଭଜିତ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ବ୍ଲକ୍ ଯୋଗାଣ ଅଧିକାରୀ ବିଭୁରଞ୍ଜନ ସାହୁ, ଅତିରିକ୍ତ ଗ୍ରାମପଞ୍ଚାୟତ ଅଧିକାରୀ ତ୍ରିଲୋଚନ ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ ସହଯୋଗ କରିଥିଲେ।

## ବିଶ୍ୱକର୍ମା ପୂଜା ଅବସରରେ ୨ ଶିଳ୍ପୀ ସମ୍ବର୍ଦ୍ଧିତ



ସ୍ମରଣିକା ଉନ୍ମୋଚନ କରିବା ଅବସରରେ ଅତିଥିମାନେ।

**ଖଡ଼ିଆଳ, ୧୮।୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ଦେବଶିଳ୍ପୀଙ୍କ ପୂଜା ଅବସରରେ ୨ଜଣ ଶିଳ୍ପୀ ଯୁବ ଉଦ୍ୟୋଗୀ ଅର୍ଜୁନ ସିଂ ଦଳପତି ଓ କାଠ କାରିଗର ଦଇତାରି ଛତ୍ରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ଉପସଭାପତି ଲବନେଶ୍ୱର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ମୁଖ୍ୟବକ୍ତା ଭାବେ ପଲ୍ଲୀପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଙ୍କାପୁରର ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଶିଳ୍ପ ପ୍ରକଳ୍ପ ଅଧିକାରୀ ଆନନ୍ଦ ବେହେରା, ଉଦ୍ୟୋଗପତି ରଶ୍ମିରଞ୍ଜନ ଚଲାନ, ଟ୍ରଷ୍ଟ ପ୍ରତିଷ୍ଠାତା ଶ୍ରୀବତ୍ସ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଶ୍ରୀବତ୍ସ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଅଶୋକ କୁମାର ବାରିକ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ସୁଜ୍ଞାନ ସିଂ ବାରିକ ଧନ୍ୟବାଦ ଦେଇଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା ଲୋକାର୍ପିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା।

## ଶିବିରରେ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଭବାନୀପାଟଣା/ଜୁନାଗଡ଼, ୧୮।୯ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)**

କଳାହାଣ୍ଡି ଭାଜପା ପକ୍ଷରୁ ସେବା ପକ୍ଷ ଉପଲକ୍ଷେ ଶୁକ୍ରବାର ଭବାନୀପାଟଣା ଓ ଜୁନାଗଡ଼ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ରକ୍ତ ଭଣ୍ଡାରଠାରେ ଆୟୋଜିତ ଶିବିରରେ ୮୫ ୟୁନିଟ୍ ଓ ଜୁନାଗଡ଼ରେ ଅନୁଷ୍ଠିତ ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭବାନୀପାଟଣାରେ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଯୁଗଳ କିଶୋର ପୋଡ଼, ଜିଲା ଉପସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଜିଲା ମିଡିଆସେଲ ସଂଯୋଜକ ନରହରି ପଟ୍ଟନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ପୂର୍ବତନ ବିଧାୟକ ଅନାମ ନାଏକ, ନାରିନେତ୍ରୀ ଶର୍ମିଷ୍ଠା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୁନାଗଡ଼ରେ ଜିଲା ଉପସଭାପତି ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଜିଲା ସଭାପତି ପୋଡ଼ଙ୍କ ସମେତ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ନଗର ସଭାପତି ବିକ୍ରାନ୍ତ ପଟ୍ଟନାୟକ, କାଳିନ୍ଦ୍ରୀ ପାଣିଗ୍ରାହୀ, ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଦାସିଗାଁ ମଣ୍ଡଳ ସଭାପତି ଅଂଶୁମାନ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ରକ୍ତଦାତାଙ୍କୁ ଭାଜପା ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।



ଜୁନାଗଡ଼ଠାରେ ଅନୁଷ୍ଠିତ ଶିବିରରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

**ଖଡ଼ିଆଳ, ୧୮।୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ ହୋଇଛି। ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ଉଚ୍ଚ ରକ୍ତଚାପ, ମଧୁମେହ, ଉଚ୍ଚତା, ଓଜନ ଆଦି ପରୀକ୍ଷା ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣି ସୁସ୍ଥ ରହି ନିଜ ପରିବାରକୁ ସଶକ୍ତ କରିବାକୁ ଆହ୍ୱାନ ଦିଆଯାଇଛି। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ୧୬ ନଂ. କୋଠରିରେ ମହିଳାଙ୍କ ସ୍ୱତନ୍ତ୍ର ଚିକିତ୍ସା ହେଉଥିବା ବେଳେ ରକ୍ତହୀନତା ଓ ପୁଷ୍ଟିହୀନତାରୁ ଦୂରେଇରଖିବା ପାଇଁ ଏହି କାର୍ଯ୍ୟକ୍ରମ ଅନେକ ସହାୟକ ହେବ। ଏହି ଅଭିଯାନ ବିଭିନ୍ନ ବ୍ଲକ ଓ ପିଏଚ୍‌ସିରେ ଅନୁଷ୍ଠିତ ହେବ ବୋଲି ଡା. ମହେନ୍ଦ୍ର ମାଝୀ ପ୍ରକାଶ କରିଛନ୍ତି।

## ହିନ୍ଦୀ ଦିବସ ପାଳିତ

**ଖଡ଼ିଆଳ, ୧୮।୯ (ସୁଜିତ କୁମାର ପ୍ରଧାନ)-** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ପି ହଲ୍‌ରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ରଣବୀର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଭାଷା, ରାଜଭାଷା ଉପରେ ନିଜ ମତ ରଖିଥିଲେ। ହିନ୍ଦୀ ବିଭାଗ ଅଧ୍ୟାପିକା ସନ୍ତୋଷୀ ଶର୍ମା ହିନ୍ଦୀର ବିକାଶ କିପରି ହେବ ତା'ଉପରେ ଉଦ୍‌ବୋଧନ ଦେଇଥିଲେ। ବିଭାଗର ମୁଖ୍ୟ ଡ. ବିଷ୍ଣୁଦେବ ସିଂହ ମଲ୍ଲିକ ହିନ୍ଦୀର ବିକାଶରେ ଅଣହିନ୍ଦୀର କିପରି ଭୂମିକା ରହିଛି ତାହା ଆଲୋଚନା କରିଥିଲେ। କେ. ଭି. ମହାବିଦ୍ୟାଳୟ, କଣ୍ଟାବାଞ୍ଜିର ହିନ୍ଦୀ ଅଧ୍ୟାପକ ଜତିନ ଦୁଆରୀ ମୁଖ୍ୟବକ୍ତା ଭାବରେ ହିନ୍ଦୀ ଭାଷାର ସମୃଦ୍ଧି, ଏହାର ଜାତୀୟ ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ଜବାହର ରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅଧାରେ ଅଟକିଲା ପରିବାର କଲ୍ୟାଣ ଅସ୍ତ୍ରୋପଚାର

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)


ଅସ୍ତ୍ରୋପଚାର ପୂର୍ବରୁ ନିଶ୍ଚେତକ ଇଞ୍ଜେକଶନ ଦିଆଯାଇଥିବାରୁ ଶଯ୍ୟାରେ ଶୋଇଥିବା ମହିଳାମାନେ। ପାଖରେ ସମ୍ପର୍କୀୟ ମହିଳା ବସିଛନ୍ତି।

- ବରଗଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା
- ଅଚଳ ହେଲା ଅସ୍ତ୍ରୋପଚାର ମେଶିନ

ବରଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାର ଡାକ୍ତରଖାନାଗୁଡ଼ିକରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ସାଧାରଣରେ ପରିଣତ ହୋଇଥିବାବେଳେ ଜିଲା ମୁଖ୍ୟ ଡାକ୍ତରଖାନାରେ ହାଡ଼ଭଙ୍ଗା ରୋଗୀଙ୍କୁ କାର୍ଡବୋର୍ଡ ଚିକିତ୍ସା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ଡାକ୍ତର ନ ଥିବାରୁ ଗତ କିଛିଦିନ ହେଲା ବରଗଡ଼ କ୍ୟାନ୍ସର ହସ୍ପିଟାଲରେ ତାଲା ଝୁଲୁଥିବାବେଳେ ଗୁରୁବାର ଜିଲା ମୁଖ୍ୟ ଡାକ୍ତରଖାନାରେ ଆଉ ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ରହିଥିବା ଜନନୀ ଓ ଶିଶୁ ଚିକିତ୍ସାଳୟରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ଚାଲିଥିବା ସମୟରେ ଅଧାରୁ ଅସ୍ତ୍ରୋପଚାର ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି (ମେଶିନ୍) ଅଚଳ ହୋଇପଡ଼ିଛି। ଫଳରେ ଅଧାରୁ ଅସ୍ତ୍ରୋପଚାର ଅଟକି ରହିଥିବା ଏବଂ ଅସ୍ତ୍ରୋପଚାର ପୂର୍ବରୁ ଆବଶ୍ୟକ ନିଶ୍ଚେତକ ଅନେକ ମହିଳାଙ୍କୁ ଦିଆଯାଇଥିବାରୁ ସେମାନେ ଶଯ୍ୟାରେ ପଡ଼ିରହିବା ଘଟଣା ଜିଲାରେ ଚାଲିଥିବା ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥାକୁ ପଦାରେ ପକାଇଦେଇଛି। ତେବେ ଖୋଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବରଗଡ଼ ଜିଲା ପ୍ରଭାରୀ ରହିଥିବାବେଳେ ଏହି ଜିଲାର ସ୍ୱାସ୍ଥ୍ୟସେବାରେ ବାରମ୍ବାର ଏଭଳି ବିକଳ ଚିତ୍ର ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅବ୍ୟବସ୍ଥାକୁ ନେଇ ସମ୍ପୃକ୍ତା ମହିଳାଙ୍କ ସହିତ ଆସିଥିବା ସେମାନଙ୍କ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. କୁବେର ମହନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ସାମୟିକଭାବେ ମେଶିନ୍ ଖରାପ ଥିଲା। ତାହା ସଜଡ଼ା ଯିବା ପରେ ଅସ୍ତ୍ରୋପଚାର ପାଇଁ ଆସିଥିବା ସମସ୍ତ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ରହିଥିବା ଜନନୀ ଓ ଶିଶୁ ଚିକିତ୍ସାଳୟରେ ପରିବାର କଲ୍ୟାଣ ଯୋଜନାରେ ୩୦ ମହିଳାଙ୍କ ଅସ୍ତ୍ରୋପଚାର କରାଯିବା କାର୍ଯ୍ୟକ୍ରମ ରହିଥିଲା। ଏଥିରେ ବରଗଡ଼ ଜିଲାର ବରଗଡ଼, ଭଟଲି, ବରପାଲି ଆଦି ବ୍ଲକର ବିଭିନ୍ନ ଗ୍ରାମରୁ ୨୮ ମହିଳା ସେମାନଙ୍କ ପରିବାର ସଦସ୍ୟମାନଙ୍କ ସହିତ ଉକ୍ତ ଚିକିତ୍ସାଳୟକୁ ଆସିଥିଲେ। ସାଙ୍ଗରେ ଆଶା କର୍ମୀମାନେ ମଧ୍ୟ ଆସିଥିଲେ। ତେବେ ସମସ୍ତ ମହିଳାଙ୍କୁ ଅସ୍ତ୍ରୋପଚାର ପୂର୍ବରୁ ସମ୍ପୃକ୍ତ ଡାକ୍ତର ଉଦ୍ଦିଷ୍ଟ ନିଶ୍ଚେତକ ଇଞ୍ଜେକ୍‌ଶନ ଦେଇଥିଲେ ଏବଂ ସେମାନଙ୍କୁ ଚିକିତ୍ସାଳୟ ପରିସରରେ ଶଯ୍ୟାରେ ରଖାଯାଇଥିଲା। ଜଣେ ପରେ ଜଣେ ମହିଳାଙ୍କୁ ଅସ୍ତ୍ରୋପଚାର କକ୍ଷକୁ ନିଆଯାଇଥିଲା। କ୍ରମାନ୍ୱୟରେ ଅସ୍ତ୍ରୋପଚାର ମଧ୍ୟ ଚାଲିଥିଲା। ତେବେ ଚତୁର୍ଥ ମହିଳାଙ୍କ ଅସ୍ତ୍ରୋପଚାର ଚାଲିଥିବା ସମୟରେ ଉଦ୍ଦିଷ୍ଟ ମେଶିନଟି ଅଚଳ ହୋଇପଡ଼ିଥିଲା। ଫଳରେ ଅଧାରୁ ବରପାଲି ବ୍ଲକ କାଇଁଶିର ଗ୍ରାମର ମହିଳାଙ୍କ ଅସ୍ତ୍ରୋପଚାର ରହିଯାଇଥିଲା ଏବଂ ଡାକ୍ତର ସିଲେଇ କରି ଅସ୍ତ୍ରୋପଚାର କକ୍ଷରୁ ବାହାରି ଆସିଥିଲେ ଏବଂ ମେଶିନ୍ ଅଚଳ ଯୋଗୁ ଆଉ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ଡାକ୍ତର କହିଥିଲେ।

ବରପାଲି ବ୍ଲକ କାଇଁଶିର ଗ୍ରାମରୁ ସମ୍ପର୍କୀୟଙ୍କୁ ଧରି ଅସ୍ତ୍ରୋପଚାର ପାଇଁ ଆସିଥିବା ସସ୍ମିତା କୁଅଁର କହିଛନ୍ତି, ମେଶିନ ଖରାପ ହୋଇଗଲା, ଆଉ ଅପରେଶନ ହେବ ନାହିଁ, କପଡାଲତା ଏଣିକି ପିନ୍ଧାଇଦିଅ ଏବଂ ନେଇଯାଅ ବୋଲି ଡାକ୍ତର କହିଲେ। ହେଲେ ସମସ୍ତଙ୍କୁ ନିଶା ଇଞ୍ଜେକଶନ ଦିଆହୋଇଛି। ବେଡ୍‌ରେ ପଡିଛନ୍ତି। ଆମେ କିଭଳି ନେବୁ। ଅପରେଶନ କରିବେ ବୋଲି ଦୀର୍ଘ ସମୟ ଧରି ଅଟକି ରହିଛୁ। ଏତେ ବଡ଼ ହସ୍ପିଟାଲରେ କେବଳ ଗୋଟିଏ ଅପରେଶନ ମେଶିନ ରଖିବା ଦୁର୍ଭାଗ୍ୟଜନକ। ଅତିକମ୍‌ରେ ସେଭଳି ୨ଟି ମେଶିନ ରଖାଯିବା କଥା ବୋଲି ସସ୍ମିତା କହିଥିଲେ। ସେହିପରି ବନିତା ଭୋଇ ନାମ୍ନୀ ଅନ୍ୟଜଣେ ମହିଳା କହିଛନ୍ତି, ଦେଢ଼ଶାଶୁଙ୍କ ଅପରେଶନ ପାଇଁ ସେ ତାଙ୍କୁ ଆଣିଛନ୍ତି। ସାଙ୍ଗରେ ଦେଢ଼ଶାଶୁଙ୍କ ୮ମାସର ଶିଶୁ ମଧ୍ୟ ଅଛି। ଆମ ଛୁଆମାନଙ୍କୁ ଘରେ ଛାଡ଼ିଆସିଛୁ। ଏବେ ମେଶିନ ଅଚଳ ହୋଇଗଲା କହୁଛନ୍ତି। ନିଶା ଇଞ୍ଜେକଶନ ଦିଆଯାଇଥିବା ଯୋଗୁ ଦେଢଶାଶୁ ବେଡରେ ପଡିଛନ୍ତି ବୋଲି ସେ କହିଛନ୍ତି। ଆଗରୁ ମଧ୍ୟ ଏଠାରେ ଅନେକ ମହିଳା ଅପରେଶନ ହୋଇଛନ୍ତି। କିନ୍ତୁ ଏଭଳି ସ୍ଥିତି ଉପୁଜି ନଥିଲା ବୋଲି ସେ କହିଛନ୍ତି।

## ଯୌନ ନିର୍ଯାତନାମୁକ୍ତ ପାଇଁ ସଚେତନ କାର୍ଯ୍ୟକ୍ରମ


ସାରସମାଲରେ ସଚେତନତା କାର୍ଯ୍ୟକ୍ରମ।

ପଦ୍ମପୁର,୧୮।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସାରସମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଶୀ ବିହନ ସୁରକ୍ଷା ମଞ୍ଚ, ଓଡ଼ିଶା ଓ ଏକ୍ସନଏଡ୍ ମିଳିତ ପ୍ରୟାସରେ ଗୁରୁବାର ଯୌନ ନିର୍ଯାତନାମୁକ୍ତ କାର୍ଯ୍ୟସ୍ଥଳୀ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଯୌନ ନିର୍ଯାତନାମୁକ୍ତ କାର୍ଯ୍ୟସ୍ଥଳୀ ପାଇଁ ସଚେତନତା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସୁଖଦେବ ସ୍ୱାଇଁ ଅତିଥି ପରିଚୟ ଦେଇ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ମାନବ ଅଧିକାର କର୍ମୀ ଦାଶରଥୀ ବେହେରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସିଆର୍‌ସିସି ପରମେଶ୍ୱର ବିଶି, ସହକାରୀ ଶିକ୍ଷକ ନାରାୟଣ ସାହୁ, ସ୍କୁଲ ଚେୟାରମ୍ୟାନ ଜଗନ୍ନାଥ ତନସନା, ଶିକ୍ଷୟିତ୍ରୀ ତପସ୍ୱିନୀ ବରିହା, ସୈରେନ୍ଦ୍ରୀ ସେଠ, କମଳିନୀ ସାହୁ ନିଜ ନିଜ ଅନୁଭବରୁ ବକ୍ତବ୍ୟ ରଖିଥିଲେ। ତା’ ପରେ ସାରସମାଲ ଗାଁକୁ ଯାଇ ସ୍ଲୋଗାନ ମାଧ୍ୟମରେ ସମସ୍ତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ପଦ୍ମପୁର,୧୮।୯(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପରିସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ସ୍କୁଲ ପରିସରରେ ୧୬ଟି ଚାରା ଛାତ୍ରୀଛାତ୍ର, ଅଭିଭାବକ ଅଭିଭାବିକା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ରୋପଣଙ୍କ କରାଯାଇଥିଲା। ଗଛ ଲଗାଇ ତା’ର ଯତ୍ନ ନେବା ଦ୍ୱାରା ମିଳୁଥିବା ଉପକାର ସମ୍ବନ୍ଧରେ ପ୍ରଧାନଶିକ୍ଷକ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ପରିଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଶିକ୍ଷକ ଅକ୍ଷୟ କୁମାର ବେହେରା, ବିଜ୍ଞାନ ଶିକ୍ଷୟିତ୍ରୀ ଚଞ୍ଚଳା କୁମାରୀ ସାହୁ, ଇଂଲିଶ ଶିକ୍ଷକ ଯତୀନ୍ଦ୍ର ଦୀପ ଓ ଖେଳଶିକ୍ଷକ ବୁଲୁ ମଲ୍ଲିକ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସୁରେଶ ପଟେଲ ସହଯୋଗ କରିଥିଲେ।

## ଜଗବନ୍ଧୁ ଦାଶ ବିଦ୍ୟାଳୟରେ ଭ୍ରାମ୍ୟମାଣ ପାଠାଗାର

ବରପାଲି,୧୮।୯(ଚିତ୍ତରଞ୍ଜନ ସାହୁ)


ଶିକ୍ଷକଙ୍କ ଗହଣରେ ପୁରସ୍କୃତ ଛାତ୍ରୀମାନେ।

ବରପାଲି ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ‘ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର’ର ୧୯୧ତମ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରୀ’ର ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରଦୀପ କୁମାର ମେହେର, ସମ୍ମାନିତ ଅତିଥି ଭାବେ ଲେଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ମୁଖ୍ୟ ବକ୍ତା ଭାବେ ଇଂଲିଶ ବିଭାଗର ଶିକ୍ଷକ ତଥା ସାହିତ୍ୟିକ ସରୋଜ କୁମାର ଦାଶ ଯୋଗଦେଇ ପୁସ୍ତକର ଗୁରୁତ୍ୱ ଓ ମହତ୍ତ୍ୱ କଥା ବର୍ଣ୍ଣନା ପୂର୍ବକ ପୁସ୍ତକ ମନ ଓ ଚରିତ୍ରକୁ ନିର୍ମଳ କରିବା ସହ ଚିନ୍ତା ଓ ଚେତନାକୁ ପ୍ରସାରିତ କରି ମଣିଷକୁ ସମାଜର ଉଚ୍ଚ ସ୍ତରରେ ପହଞ୍ଚାଇ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ପୁସ୍ତକ ପ୍ରଦର୍ଶନୀରୁ ପସନ୍ଦ ମୁତାବକ ପୁସ୍ତକ ଚୟନ କରି ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ପ୍ରୀତିମୟୀ ଦାଶ– ପ୍ରଥମ, ପ୍ରିୟଙ୍କା ସାହୁ–ଦ୍ୱିତୀୟ, ଚିତ୍ରରେଖା ବେହେରା ଓ ରାଖୀ ପ୍ରଧାନ– ତୃତୀୟ ସ୍ଥାନ ହାସଲ କରି ପ୍ରମାଣ ପତ୍ର ଓ ପୁସ୍ତକ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଆବାହକ ଡ. ରବିନାରାୟଣ ସାହୁ ପରିଚାଳନା କରିଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

ବାଉଁଶୁଣୀ,୧୮।୯(ଦେବାଶିଷ ନେପାକ): କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଉଁଶୁଣୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବାଉଁଶୁଣୀ ବାରଗୋଛିୟାରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ପେଡ ମା’ କେ ନାମ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ପ୍ରାଚୀ ପରିମିତା ସାବତ, କନିଷ୍ଠ ଯନ୍ତ୍ରୀ ମନୋଜ ବେହେରା, ସରପଞ୍ଚ ଅଇଁଠୁ ମହାଲିକ, ଜିଆର୍‌ଏସ୍ ପଦ୍ମିନୀ ତରିଆ, ସମାଜସେବୀ ସରୋଜ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୱାର୍ଡ ସଭ୍ୟାସଭ୍ୟ, ସିଆର୍‌ପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜନସାଧାରଣ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।


ବିଧାୟକ ଚାରାରୋପଣ କରୁଛନ୍ତି।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ବର୍ଷିୟାନ ଚାଷୀ ସମ୍ବର୍ଦ୍ଧିତ

ପାଇକମାଲ, ୧୮।୯(ବଡ଼ ଶତପଥୀ)

ସଂଯୁକ୍ତ କୃଷକ ସଂଗଠନ ତରଫରୁ ପଶ୍ଚିମ ଓଡ଼ିଶା ପବିତ୍ର ପୀଠ ନୃସିଂହନାଥ ରାମଚଣ୍ଡୀ ମନ୍ଦିରଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ପ୍ରଗତିଶୀଳ ୧୭ ଗୋଟି କୃଷକ ସଙ୍ଗଠନର ୪୦୦ ପ୍ରତିନିଧି ଯୋଗଦେଇଥିଲେ। ସଭାରେ ପ୍ରଥମେ ମା’ ରାମଚଣ୍ଡୀ ଏବଂ ସମଲେଶ୍ୱରୀ ଦେବୀଙ୍କୁ ପୂଜାର୍ଚ୍ଚନା କରି ସଭା ଆରମ୍ଭ କରାଯାଇ ୧୦୯ ବର୍ଷିୟାନ ଶ୍ରୀପତି ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଧାନ ପଞ୍ଜୀକରଣଙ୍କୁ ତୁରନ୍ତ ଆରମ୍ଭ କରାଯାଉ, ସୁଲଭ ମୂଲ୍ୟରେ ରାସାୟନିକ ସାର ଯୋଗାଇ ଦିଆଯାଉ, ମାଣ୍ଡିଆଢ଼ିପାଠାରେ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ଆଡ଼ିବନ୍ଧଙ୍କୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ, ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ ଆମେ ସମସ୍ତେ ପ୍ରାକୃତିକ ବା ଜୈବିକ ଚାଷ କରିବା ନିଷ୍ପତ୍ତି ନିଆଯାଇଛି ଏବଂ ବରଗଡ଼ ଜିଲାକୁ କୃଷି ଜିଲା ଘୋଷଣା କରାଯାଉ, ପରେ ବକ୍ତାମାନେ ଚାଷୀମାନଙ୍କୁ ସଂଗଠିତ କରି ହକ୍ ଅଧିକାର ସଚେତନତା ପାଇଁ ଗାଁ ଗାଁରେ ସର୍ବସମ୍ମତ କ୍ରମେ ସଭାସମିତି କରିବା ପ୍ରସ୍ତାବ ପାରିତ କରାଗଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ରମେଶ ମହାପାତ୍ର, ଅଶୋକ ସାହୁ, ଅଜିତ ଶତପଥୀ, ଉତ୍ପନ୍ନ ଭୋଇ, ରାଜେନ୍ଦ୍ର ଦେହେରୀ, ଅଭିମନ୍ୟୁ ପଧାନ, ଥବିର ସାହୁ, ସୁବାସ ବିଶ୍ୱାଳ, ଟିକେଲାଲ ମିଶ୍ର, ସୁଦାମ ପାତ୍ର, କାରଣ ସାହୁ, ତପନ ମିଶ୍ର, ସୁବାସ ପଧାନ, ସାମନ୍ତ ସାହୁ, ମୁରଲୀ ଭୋଇ, ଅରବିନ୍ଦ ପଣ୍ଡା, ବୀରବଲ ମହାକୁଡ଼, ବୈଲୋଚନ ଭୋଇ, ବିଚିତ୍ରାନନ୍ଦ ପାତ୍ର, ରୋହିତ ପଧାନ ବକ୍ତବ୍ୟ ରଖିଥିବାବେଳେ ଭୋଜନ ବ୍ୟବସ୍ଥାରେ ଚିତ୍ତରଞ୍ଜନ ପଧାନ, ମନୋଜ ବାରିକ, ଦୀନବନ୍ଧୁ ବାରିକ, ଲିଙ୍ଗରାଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ହରଭଙ୍ଗା,୧୮।୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଙ୍କିତା ମାହାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା ମୁଖ୍ୟ ଅତିଥି ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ବ୍ଲକର ୫୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସଂସ୍କୃତ ଶିକ୍ଷକ ଗିରିଜା ଶଙ୍କର ବାଘ ସ୍ୱାଗତ ଭାଷଣ ଏବଂ ଦେବବ୍ରତ ଦାସ ଓ ସଞ୍ଜୟ କୁମାର ନାୟକ ବିଚାରକ କାର୍ଯ୍ୟ ତୁଲାଇଥିଲେ। ବିଜ୍ଞାନ ଶିକ୍ଷକ ସୁନିତା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାମଗଡ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ବବିତ ଦେହୁରୀ ପ୍ରଥମ, ସାଧୁ ଚରଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବୀରନରସିଂହପୁରର ରୋଜାଲିନ ମିଶ୍ର, ଦ୍ୱିତୀୟ ଏବଂ ଛାତ୍ର ବଳରାମ ସାହୁ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ।

## ବିଧାୟକଙ୍କ ବିୟୋଗରେ ଶୋକସଭା

ଗୋଡ଼ଭଗା,୧୮।୯(ସୁରେଶ ଦାଶ): ନୂଆଁପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ଅତାବିରା ବ୍ଲକ ଗୋଡ଼ଭଗା ଜୁବୁଲି ବାଳିକା ହାଇସ୍କୁଲଠାରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ଛାତ୍ରୀ ଏବଂ ନାଗରୀକ କମିଟୀର ସଭାପତି ସୁରେଶ ଦାଶ, ମଧୁସୁଦନ ଶର୍ମା, କେ.ୱାରେ ପ୍ରସାଦଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଧାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସାମାଜିକ କର୍ମୀ ମଧୁସୁଦନ ଶର୍ମା ବିଧାୟକ ଢୋଲକିଆ ଆମ ବାଳିକା ସ୍କୁଲ ସରକାରୀ ଅନୁଦାନ ପାଇବା ପାଇଁ ତାଙ୍କ ଅବଦାନ କଣ ରହିଥିଲା ସେ ବିଷୟ ଉପସ୍ଥାପନ କରିଥିଲେ । ସ୍କୁଲର ସଂସ୍କୃତ ଶିକ୍ଷକ ଶର୍ମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁପ୍ରିୟା ସ୍ମାରକୀ ଫୁଟବଲ : ସିମେଣ୍ଟ ନଗର, ପାତିକାରପାଲି ବିଜୟୀ

ବରଗଡ଼,୧୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲା ଆନ୍ତଃ କ୍ଲବ ନକ ଆଉଟ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ ସିମେଣ୍ଟ ନଗର ଦଳ ଓ ପାତିକାରପାଲି ଦଳ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ବି ଆର୍ ଆମ୍ବେଦକର କ୍ଲବ, ସିମେଣ୍ଟ ନଗର ଦଳ ଓ ଜେୱାଇକେ, ଜମୂର୍ଡା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସିମେଣ୍ଟ ନଗର ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ କିରଣ ସିଂ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚକୁ ଶ୍ରୀନିବାସ ରାଓ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଶଙ୍କର୍ଷଣ ପ୍ରଧାନ, ସଚିନ ଭୁଏ, ସହଯୋଗ କରିଥିଲେ। ରଞ୍ଜୁ ଛତ୍ରିଆ ଚତୁର୍ଥ ରେଫରୀ ଥିଲେ। ଦ୍ୱିତୀୟ ମ୍ୟାଚଟି ଜେଜେଏସି, ବାଗବାଡ଼ି ଓ ପାତିକାରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାତିକାରପାଲି ଦଳ ୨–୦ ଗୋଲରେ ମ୍ୟାଚକୁ ଜିତିଥିଲା। ପାତିକାରପାଲି ଦଳ ପକ୍ଷରୁ ଭିକୁ ନାୟକ ଓ ରଞ୍ଜିତ ଗଡ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଖେଳକୁ ଗୋପାଳ ନାୟକ ପରିଚାଳନା କରିଥିବା ବେଳେ, ସନ୍ତୋଷ ପ୍ରଧାନ, ସୁଦାମ ବାରିକ ଲାଇନରେ ସହଯୋଗ କରିଥିଲେ। ପଞ୍ଚାନନ ପାତ୍ର ଚତୁର୍ଥ ରେଫରୀ ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱରେ ଅଛନ୍ତି। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପାତିକାରପାଲି ଦଳର ରଞ୍ଜିତ ଗଡ଼ଙ୍କୁ ଜିଲା କ୍ରୀଡ଼ା ସଂସଦର କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ ଓ ପ୍ରାକ୍ତନ ଫୁଟବଲ ଖେଳାଳି ଗଙ୍ଗା ମଲ୍ଲିକ ପୁରସ୍କୃତ କରିଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ ଜେଜେଏଫ୍‌ଏ, ଅମଡ଼ୁଲା ଓ ଜେଜେ ଏଫସି, ଘନାମାଲ ଏବଂ ଦ୍ୱିତୀୟ ମ୍ୟାଚ ବିକାଶ ସ୍କୁଲ, ବରଗଡ଼ ଓ ବି. ଆର ଆମ୍ବେଦକର କ୍ଲବ, ବିଶିପଡ଼ା ମଧ୍ୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କାର୍ଯ୍ୟକ୍ରମ

ବୀରମହାରାଜପୁର, ୧୮।୯
( ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ୨୦୨୪–୨୦୨୫ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ବିଡ଼ିଓ ରାଜୀବ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଅଧୀନରେ ଚାଲିଥିବା ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ଉଦ୍ୟାନ ବିଭାଗ, ବନବିଭାଗ, ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀମାନେ ବିବରଣୀ ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟକାରୀ ଅଧିକାରୀ ହୃଷୀକେଶ ମହାକୁର, ବୀରମହାରାଜପୁର ବ୍ଲକ ପବ୍ଲିକ ହିୟରିଙ୍ଗ କମିଟି ସଦସ୍ୟ କିଶୋର ହୋତା, ପ୍ରଭଞ୍ଜନ କର୍ମୀ ମଞ୍ଚାସୀନ ହୋଇ ପ୍ରତ୍ୟେକ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ ଚୈତନ୍ୟ ମଲ୍ଲିକ ବିଗତ ବୈଠକର ବିବରଣୀ ପଠନ କରିବା ସହିତ ଚଳିତ ବୈଠକର ଭିଆରପିମାନଙ୍କ କାର୍ଯ୍ୟ ତଦାରଖ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବଳୟା ଏସସିଏଫ ଅବିନାଶ ବେରିହା, ଉଦ୍ୟାନ ବିଭାଗର ପ୍ରିୟଦର୍ଶିନୀ ଝାଙ୍କର, ପରମେଶ୍ୱର ବିଶି, ଭିଆରବି, ପିଇଓ ଏଡ଼ିଡ଼ବ୍ଲୁଓଙ୍କ ସମେତ ହିତାଧିକାରୀମାନେ ଯୋଗ ଦେଇଥିଲେ। ଏପିଓ ଅମୃତାଂଶୁ ପାତ୍ର ସଭା ସଞ୍ଚାଳନ କରିଥିଲେ ।

## ୧୫ ବାଳିକା, ୧୫ ବାଳକ ଖେଳାଳି ମନୋନୀତ

ପାଇକମାଲ,୧୮।୯(ବଡ଼ ଶତପଥୀ)

**ପାଇକମାଲ ବ୍ଲକସ୍ତରୀୟ ଫୁଟ୍‌ବଲ ଚୟନ**

ପାଇକମାଲ ବ୍ଲକସ୍ତରୀୟ ଫୁଟବଲ ଚୟନ ଶିବିର ଛେତଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ପ୍ରଧାନ ଶିକ୍ଷକ ରାଜକୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ପାଇକମାଲ ବିଇଓ ଅଦନ ସୁନା ଓ ସମ୍ମାନିତ ଅତିଥି ପାଇକମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାଦଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦର୍ଶନ ମହାକୁରଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ଥିବା ୧୨୦ ଖେଳାଳିଙ୍କ ମଧ୍ୟରୁ ୧୫ ବାଳକ ଓ ୧୫ ବାଳିକା ଖେଳାଳିଙ୍କୁ ମନୋନୀତ କରାଯାଇଥିଲା। ଚୟନ ହୋଇଥିବା ଖେଳାଳି ବରପାଲି ବ୍ଲକଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲା ସ୍ତରୀୟ ଫୁଟବଲ ଚୟନ ଶିବିରରେ ଖେଳ ପ୍ରଦର୍ଶନ କରିବେ। ଖେଳ ଶିକ୍ଷକ ଲୋକନାଥ ସାହୁ, ଅମିତ ସାହୁ, ନାରାୟଣ ସାହୁ, ରଜତ କୁମାର ମିଶ୍ର, କରୁଣାକର ପ୍ରଧାନ, ପ୍ରୀତମ କୁମାର ପଣ୍ଡା, ଶିବାନୀ କର୍ଣ୍ଣାଲ, ଗଣେଶ ସାହୁ, ଅକ୍ଷୟ କୁମାର ସାହୁ, କଳାନିଧି ଝାଙ୍କର, ନମିତା ସାହୁ, ହେମ ସାଗର ସାହୁ ପରିଚାଳନା କରିଥିଲେ। ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ଚୟନ ହୋଇଥିବା ଫୁଟବଲ ଖେଳାଳି।

## ପୁଣି ପଢ଼ିବେ ଅଧାରୁ ପାଠ ଛାଡ଼ିଥିବା ୨୬ ଛାତ୍ରୀଛାତ୍ର

ବରଗଡ,୧୮।୯(ପ୍ରେମାନନ୍ଦ ଖମାରୀ)


ଆସ ସ୍କୁଲ ଯିବା ଅଭିଯାନରେ ଶିକ୍ଷୟିତ୍ରୀ, ଶିକ୍ଷକ।

**‘ଆସ ସ୍କୁଲ ଯିବା’ ଅଭିଯାନ**

ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ‘ଆସ ସ୍କୁଲ ଯିବା’ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବରଗଡ଼ ବ୍ଲକରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏଥିପାଇଁ ଓଡ଼ିଆ ବାଳକ ବିଦ୍ୟାଳୟ କ୍ଲଷ୍ଟରର ସିଆର୍‌ସିସି ଅର୍ଚ୍ଚିତା ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ସୁଦ୍ଧା କ୍ଲଷ୍ଟରର ଅଧାରୁ ପାଠପଢ଼ା ଛାଡ଼ିଥିବା ୨୬ ଛାତ୍ରୀଛାତ୍ର ‘ଆସ ସ୍କୁଲ ଯିବା ଅଭିଯାନ’ରେ ସାମିଲ ହୋଇଛନ୍ତି। ଏହି ୨୬ଜଣଙ୍କ ମଧ୍ୟରେ ୩ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଟନ୍ତି। ଶ୍ରିୟା ସିଂହଙ୍କୁ ତାଙ୍କ ଅଭିଭାବକ ବିଦ୍ୟାଳୟରେ ନାମ ଲେଖାଇବାକୁ ମନା କରୁଥିବା ସତ୍ତ୍ୱେ ସିଆର୍‌ସିସି ଅର୍ଚ୍ଚିତା ପାଣିଗ୍ରାହୀ ବାରମ୍ବାର ତାଙ୍କ ଘରକୁ ଯାଇ ସୈରେନ୍ଦ୍ରୀ ଆଚାର୍ଯ୍ୟଙ୍କ (ଓଡ଼ିଆ ବାଳକ ଉଚ୍ଚ ବିଦ୍ୟାଳୟ) ସହିତ ଅଭିଭାବକଙ୍କୁ ବୁଝାଇ ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲରେ ଆଡମିଶନ କରାଇଥିଲେ। ଅମ୍ବାପାଲି ଅଞ୍ଚଳର ଡ୍ରପ ଆଉଟ ଛାତ୍ରୀଛାତ୍ରମାନଙ୍କୁ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ନାମ ଲେଖା ଯାଇଥିଲା। ସେଥିପାଇଁ ଭୁରସୁଂଘ ବନ୍ଧ, ବର୍ଚ୍ଚିକେରା ଆଦି ଅଞ୍ଚଳରୁ ମଧ୍ୟ ପାଠଛଡ଼ା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଚୁନା ରଣା, ବିକାଶ ବେହେରା, ଅରବାଜ ଖାନ, ରାଜତ ବେହେରା, ରୁକ୍ମିଣୀ ନାୟକ, ଗୁଣମଣି ଆଣ୍ଡିଲ, ଅମନ ସନ୍ଧା, ନିରନ ପତ୍ର, ଅନିତା ଆଣ୍ଡିଲ, ଲଳିତା ରାୟନ୍ତିଆ ପ୍ରମୁଖ ଅଛନ୍ତି। ଏହି ସଫଳତାର ପଛରେ ବହୁତ ଶିକ୍ଷକଙ୍କ ସହଯୋଗ ରହିଛି। ସୁଦୀପ୍ତ ପାଣିଗ୍ରାହୀ (ଆମ୍ବେଦକର ନଗର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁଦୀପ୍ତ ପାଣିଗ୍ରାହୀ,ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ ଦାଶ , ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ ସତପଥୀ ତେଜରାଜ ହୋତା, ରଜନୀ ପାତ୍ର , ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦୀପ ରଥ, ଶିକ୍ଷୟିତ୍ରୀ ସୁନିତା ମିଶ୍ରଙ୍କ ସହିତ ଅନ୍ୟାନ୍ୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସକ୍ରିୟ ସହଯୋଗ ଦେଇଛନ୍ତି। ୨୬ ଜଣ ପିଲା ପୁଣିଥରେ ଶିକ୍ଷାରେ ଯୋଗ ଦେବାରୁ ଅଭିଭାବକମାନେ ଖୁସି ପ୍ରକାଶ କରିଛନ୍ତି ଓ ସରକାରଙ୍କ ‘ଆସ ସ୍କୁଲ ଯିବା’ ଯୋଜନାକୁ ସ୍ୱାଗତ କରିଛନ୍ତି।

# ଝଲସିବ କୁଇନ୍ ଏଲିଜାବେଥ୍ ପ୍ୟାଲେସ୍


କୁଇନ ଏଲିଜାବେଥ୍ ପ୍ୟାଲେସ ପ୍ରତିକୃତି।




ରାଉରକେଲା,୧୮।୯(ସଙ୍ଗୀତା ଜେନା)

ଆଗକୁ ଆସୁଛି ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ଇସ୍ପାତ ସହର ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ମଣ୍ଡପରେ ନୂତନ ଥିମ୍‌ରେ ମା'ଙ୍କ ଭବ୍ୟ ମୂର୍ତ୍ତି ଓ ମଣ୍ଡପ ନିର୍ମାଣ କରାଯାଉଛି। କେନ୍ଦ୍ରୀୟ ପୂଜା କମିଟି (ସିପିସି) ତତ୍ତ୍ୱାବଧାନରେ ଇସ୍ପାତ ସହରରେ ଚଳିତ ଥର ୧୦୭ଟି ମଣ୍ଡପରେ ପୂଜା ହେବାକୁ ଯାଉଥିବା ବେଳେ ୯୮ଟି ପୂଜା ମଣ୍ଡପକୁ ସିପିସି ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଛି। ସେଥିମଧ୍ୟରୁ ପ୍ରତିବର୍ଷ ନୂତନ ଥିମ୍‌ରେ ମଣ୍ଡପ ନିର୍ମାଣ କରୁଥିବା ସେକ୍ଟର-୧ (ପୁରୁଣା) ଦୁର୍ଗାପୂଜା କମିଟି ପକ୍ଷରୁ ଲଣ୍ଡନର କୁଇନ୍ ଏଲିଜାବେଥ୍ ବିଗ୍ ବେନ୍ ପ୍ୟାଲେସ୍‌ର କଳାକୃତି ଶୋଭାପାଇବାକୁ ଯାଉଛି। ୬୨ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜାରେ ୧୫ ଲକ୍ଷ ଟଙ୍କା ବଜେଟ୍‌ରେ ବ୍ୟାପକ ଆୟୋଜନ ହେଉଛି। ୯୦ ଫୁଟ୍ ଉଚ୍ଚତା ଏବଂ ୨୩୦ ଫୁଟ୍ ଚଉଡାର ମଣ୍ଡପ ନିର୍ମାଣ କରାଯାଉଛି। ଏଥିରେ ପ୍ରାୟ ୫ ହଜାର ଖଣ୍ଡ ବାଉଁଶ ଓ ୨ ହଜାର ୫ଶହ ବସ୍ତା ବ୍ୟବହୃତ ହେଉଛି। ଉକ୍ତ ଭବ୍ୟ ମଣ୍ଡପରେ ମା'ଙ୍କ ୧୮ଫୁଟ୍‌ର କ୍ଲାସିକାଲ୍ ମୂର୍ତ୍ତି ଶୋଭାପାଇବ। କଳାକାର ବାପି ବିଶ୍ୱାସୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ସେହିପରି ପୂଜାର ଗାରିମା ବଜାୟ ରଖିବା ପାଇଁ ଶାନ୍ତିଶୃଙ୍ଖଳା ଏବଂ ସ୍ୱଚ୍ଛତା ଅବଲମ୍ବନ କରାଯିବ। ଅପରାଧ ନିୟନ୍ତ୍ରଣ କରିବା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଉଛି। ସେହିପରି ମଣ୍ଡପଠାରୁ ପ୍ରାୟ ଅଧ କିଲୋମିଟର ରାସ୍ତା ଆଲୋକମାଳାରେ ସଜ୍ଜିତ କରାଯାଉଛି। ଉପଦେଷ୍ଟା ଆଇନଜୀବୀ କୈଳାସ ପ୍ରଧାନ, ଚନ୍ଦ୍ରମଣି ଜେନା, ମଧୁସୂଦନ ମହାପାତ୍ର, ପ୍ରହଲାଦ ନାୟକ, ମୀନକେତନ ରାଉତଙ୍କ ସମେତ ଶତାଧିକ କର୍ମୀ ପୂଜା ପରିଚାଳନା ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି।

ଇସ୍ପାତ ସହର ସେକ୍ଟର-୧(ପୁରୁଣା) ଦୁର୍ଗାପୂଜା

### ଏମାନେ ଯାହା କୁହନ୍ତି...



"ଏହି ଦୁର୍ଗାପୂଜା କମିଟି ପକ୍ଷରୁ ସବୁବେଳେ କିଛି ନିଆରା ପାଇଁ ପ୍ରୟାସ କରାଯାଇଥାଏ। ଲୋକଙ୍କ ଉତ୍ସାହ ଉଦ୍ଦୀପନାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଣୀ ଏଲିଜାବେଥ୍‌ଙ୍କ ପ୍ୟାଲେସ ତିଆରି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେକ୍ଟର-୧ର ଏ, ବି, ସି, ଡି ବ୍ଲକର ପ୍ରାୟ ଏକ ହଜାର ଲୋକଙ୍କ ସହାୟତାରେ ଏହି ପୂଜା କରାଯାଇଆସୁଛି। ପ୍ରତ୍ୟେକ ବର୍ଷ ସହରବାସୀଙ୍କ ପାଇଁ କିଛି ନୂଆ ଥିମ୍ ତିଆରି କରାଯାଉଛି। ୨୭ ତାରିଖରୁ ପୂଜା ଆରମ୍ଭ ହେବ। ପାଗ ଭଲ ରହିଲେ ୩ ତାରିଖରେ ଭସାଣି କରାଯିବ। ନଚେତ୍ ଭସାଣିକୁ ଆଗକୁ ବଢ଼ାଇ ଦିଆଯିବ।

-ବନୋଜ ପରିଡ଼ା, ସଭାପତି



"ପୂଜା ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଫାଟକ କରାଯାଇଛି। ସୁସଜ୍ଜିତ ଆଲୋକମାଳା ସହ ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା କରାଯାଉଛି। ପୂଜାର ଗୁରୁତ୍ୱ ଦୃଷ୍ଟିକୁ ପୂଜାର ୭ ଜଣ ପଣ୍ଡିତ ସମସ୍ତ ପୂଜାବିଧି, ଚଣ୍ଡୀପାଠ ସମ୍ପାଦନ କରିବେ। ଲୋକଙ୍କ ମନୋରଞ୍ଜନ ପାଇଁ ରାମବୋଲି, ଝୁଲା, ମୀନା ବଜାର ବ୍ୟବସ୍ଥା ହେଉଛି। ଲୋକେ ଏହାକୁ ନିଶ୍ଚିତ ଭାବେ ଉପଭୋଗ କରିବେ।

-ମୁକ୍ତିକାନ୍ତ ବେହେରା, ସାଧାରଣ ସମ୍ପାଦକ

## ରାସ୍ତାରେ ଗର୍ତ୍ତ, ଗମନାଗମନରେ ସମସ୍ୟା

ରାଉରକେଲା,୧୮।୯(ଦିନେଶ ମିଶ୍ର)

ଆସନ୍ତା ଦୁର୍ଗାପୂଜା ପାଇଁ ରାଉରକେଲା ସହର ଚଳଚଞ୍ଚଳ ହୋଇପଡିଛି। ଏଥିପାଇଁ ବିଭିନ୍ନ ସ୍ତରରେ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇସାରିଛି। ତେବେ ସହରର ବିଭିନ୍ନ ସେକ୍ଟର ଓ ରାଉରକେଲାକୁ ସଂଯୋଗ କରୁଥିବା ମୁଖ୍ୟ ରିଂରୋଡ୍ ବର୍ତ୍ତମାନ ଖାଲଖମାରେ ଭର୍ତ୍ତି ହୋଇ ହୋଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ରାଉରକେଲାର ଲାଇଫ୍ ଲାଇନ୍ ରିଂରୋଡ୍। ରିଂରୋଡ୍‌ର ପ୍ଲାଣ୍ଟସାଇଡ୍ ଛକ, ହନୁମାନ ବାଟିକା ଛକ, ଡିଭିଭି ଛକ, ବିଶ୍ରା ଛକ, ସେକ୍ଟର-୯ ନମ୍ବର ଛକ, ଗ୍ରାଫିକ୍ ଗେଟ୍ ଛକ, ବିଶ୍ରା-ବଣ୍ଡମୁଣ୍ଡା ବାଇପାସ୍ ଛକ ସ୍ଥାନରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହୋଇଛି। ରିଂରୋଡ୍ ଉପରେ ଥିବା ପ୍ଲାଣ୍ଟସାଇଡ୍ ସହରର ପ୍ରମୁଖ ଛକ ହୋଇଥିବାବେଳେ ଏଠାରେ ବଡ ବଡ ଗର୍ତ୍ତ ହୋଇଛି। ଗୋଟିଏ ପଟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ସାମାନ୍ୟ ବର୍ଷାହେଲେ ଗର୍ତ୍ତରେ ପାଣି ଜମି ରହୁଥିବାରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ସେହିଭଳି ଡିଭିଭି ଛକ ରିଂରୋଡ୍‌ର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇଛି। ଫଳରେ ଗାଡିଗୁଡିକ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବଣ୍ଡମୁଣ୍ଡା-ବିଶ୍ରା ବାଇପାସ୍ ଛକ ମୁଖ୍ୟ ରାସ୍ତାରେ ଏକାଧିକ ଗର୍ତ୍ତ ଥିବାରୁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏଥିପ୍ରତି ଆର୍‌ଏସ୍‌ପି ସହରସେବା ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏସ୍‌ପି ସହରସେବା ସିଜିଏମ୍ ବି. କେ. ଜୋଜୋଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ରିଂରୋଡ୍‌ର ଅବସ୍ଥାକୁ ନେଇ ଆମ ପାଖରେ ଅଭିଯୋଗ ରହିଛି। ଆସନ୍ତା ୭ ଦିନ ଭିତରେ ଏହି ରାସ୍ତା ସମ୍ପୂର୍ଣ୍ଣ ମରାମତି ହୋଇଯିବ ବୋଲି ଜୋଜୋ କହିଥିଲେ।

## ଗୃହସ୍ଥୀ ଉଦ୍ୟୋଗରେ ବିଶ୍ୱକର୍ମା ପୂଜା

ରାଉରକେଲା,୧୮।୯(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ଗୃହସ୍ଥୀ ଉଦ୍ୟୋଗ ପରିସରରେ ବିଶ୍ୱକର୍ମା ପୂଜା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଥମେ ଗୋମାତା ପୂଜା, ଗୁରୁମାତା ପୂଜା ଓ ପିତୃ ପୂଜନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା କମ୍ପାନୀର ସିଇଓ ଅମିତ ଅଗ୍ରୱାଲଙ୍କ ଉପସ୍ଥିତିରେ କରାଯାଇଥିଲା। କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗଣେଶ ପ୍ରସାଦ ବାଗେରିଆ ଓ ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେରିଆ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସେହିପରି କମ୍ପାନୀର କର୍ମକର୍ତ୍ତା କେକ୍ କାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ପାଳନ କରିଥିଲେ।

## ୨୦ରେ କୁଡ଼ମୀ ଜନଜାତି ପରିଷଦ ପକ୍ଷରୁ ରେଳରୋକୋ

ରାଉରକେଲା,୧୮।୯(ସଙ୍ଗୀତା ଜେନା) :

ଆସନ୍ତା ୨୦ତାରିଖରେ ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗର ଛୋଟାନାଗପୁର କୁଡ଼ମୀ ଜନଜାତି ପରିଷଦ ସାନ୍ତାଳ ପ୍ରଗଣା ପକ୍ଷରୁ ଶହେରୁ ଊର୍ଦ୍ଧ୍ୱ ସ୍ଥାନରେ ରେଳରୋକୋ ହେବାକୁ ଯାଉଛି। ଏହାଦ୍ୱାରା ଓଡ଼ିଶା ସମେତ ଅନ୍ୟଠାରେ ରେଳସେବା ପ୍ରଭାବିତ ହେବ। ଏ ନେଇ ଗୁରୁବାର ଝାଡ଼ଖଣ୍ଡ ସମେତ ଅନ୍ୟ ସ୍ଥାନରେ ରେଳରୋକୋକୁ ପ୍ରଭାବହୀନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷତଃ ମୁମ୍ବାଇ ହାୱଡ଼ା ରେଳମାର୍ଗକୁ ପରିଚାଳନା କରିବା ପାଇଁ ଓଡ଼ିଶା ସଂଲଗ୍ନ ଝାଡଖଣ୍ଡରେ ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଛି। ଅପରପକ୍ଷେ ଏହି ୩ ରାଜ୍ୟରେ ରେଳସେବାରେ ବାଧା ସୃଷ୍ଟି କରିବା ପାଇଁ ପରିଷଦ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି। ସୂଚନାଯୋଗ୍ୟ, ପ୍ରତିଦିନ ଝାଡ଼ଖଣ୍ଡ ଏବଂ ଅନ୍ୟ ରାଜ୍ୟ ଦେଇ ଓଡ଼ିଶାକୁ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ଏବଂ ମାଲବାହୀ ଟ୍ରେନ ଚଳାଚଳ ହୋଇଥାଏ। ଓଡ଼ିଶା ସୀମାନ୍ତ ଭାଲୁଲତା ଏବଂ ଜରେଇକେଲାରେ ପରିଷଦ ପକ୍ଷରୁ ଏହି ରେଳରୋକୋ ପାଇଁ ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିଛି।



ଆର୍‌ଏସ୍‌ପିର ବଲାଣି ଲୌହଖଣିକୁ ପୁରସ୍କୃତ କରାଯାଉଛି।

## ବଲାଣି ଲୌହ ଖଣିକୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର

ରାଉରକେଲା,୧୮।୯(ବିପ୍ଲବ ରଞ୍ଜନ ଦାଶ)

ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍)ର ବଲାଣି ଲୌହ ଖଣି (ବିଓଏମ୍), ସିଏମ୍‌ଏଲ୍‌ଓକୁ ୨୦୨୪-୨୫ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ପରିବେଶଗତ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ଏହାର ୪୨ତମ ପ୍ରତିଷ୍ଠା ଦିବସରେ ରାଜ୍ୟ ପ୍ରଦୂଷଣ ବୋର୍ଡ (ଓଏସ୍‌ପିସିବି) ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି ଏବଂ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କଠାରୁ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ସିଏମ୍‌ଏଲ୍‌ଓ ବଲାଣି ଇ ଏଣ୍ଡ ଏଲ ବିଭାଗର ଏଜିଏମ୍ ତାପସ ରଞ୍ଜନ ସାହୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ବଲାଣି ଲୌହ ଖଣିର ପରିବେଶ ଓ ଲିଜ୍ ବିଭାଗ ଦ୍ୱାରା ବ୍ୟାପକ ପରିବେଶଗତ ପରିଚାଳନା ରଣନୀତି ଏବଂ ବୈଧାନିକ ଅନୁପାଳନର ସଫଳତା ଉପରେ ଆଲୋକପାତ କରି ଏକ ବିସ୍ତୃତ ବୈଷୟିକ ଉପସ୍ଥାପନା କରାଯାଇଥିଲା। ପରେ ଓଏସ୍‌ପିସିବିକୁ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗ୍ରାଫ ଏବଂ ଭିଡିଓ ପ୍ରମାଣ ସମେତ ପରିପୂରକ ଡକ୍ୟୁମେଣ୍ଟେଶନ ଦାଖଲ କରାଯାଇଥିଲା। ଓଏସ୍‌ପିସିବିର ଆଞ୍ଚଳିକ ଅଧିକାରୀମାନଙ୍କ ଦ୍ୱାରା ବାସ୍ତବ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ ଯାଞ୍ଚ କରିବା ପାଇଁ ଏକ ସାଇଟ ପରିଦର୍ଶନ ମଧ୍ୟ କରାଯାଇଥିଲା। ଏହି ଆନୁଷ୍ଠାନିକ ମୂଲ୍ୟାଙ୍କନ ପ୍ରକ୍ରିୟା ସମାପ୍ତ ହେବା ପରେ ବିଓଏମ୍‌କୁ ଓଡିଶାରେ ବହୁ ସଂଖ୍ୟକ କାର୍ଯ୍ୟକ୍ଷମ ଖଣି ମଧ୍ୟରୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର-୨୦୨୫ ବିଜେତା ଭାବେ ମନୋନୀତ କରାଯାଇଥିଲା। ଆର୍ଥିକ ବର୍ଷ ୨୦୨୪-୨୫ରେ ଖଣି ଅନେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଥିଲା, ଯେଉଁଥିରେ ବର୍ଜ୍ୟଜଳ ପୁନଃଚକ୍ରଣ ପାଇଁ ଦୁଇଟି ଏଫ୍‌ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବା, ପ୍ରଦୂଷଣ ଦମନ ପାଇଁ ୬ଟି ଫଗ୍ କାନନ୍ ଓ ଜଳ ସିଞ୍ଚନକାରୀ ମେଶିନ ସ୍ଥାପନ କରିବା ଏବଂ ଲୋଡିଂ ପ୍ଲାଣ୍ଟରେ ଅପରିଶୋଧିତ ଏଫ୍‌ଲୁଏଣ୍ଟର ଶୂନ୍ୟ ନିର୍ଗମନ ହାସଲ କରିବା ଅନ୍ତର୍ଭୁକ୍ତ। ୨୫ହଜାରରୁ ଅଧିକ ଦେଶୀୟ ଗଛ ସହ ବୃହତ୍ ଧରଣର ବନୀକରଣ, ପୁନରୁଦ୍ଧାର କରାଯାଇଥିବା ଅଞ୍ଚଳରେ ଜୈବ ବିବିଧତା ବୃଦ୍ଧି ଓ ଶୂନ୍ୟ ବନାଗ୍ନିକୁ ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିଲା। କୟର ମ୍ୟାଟିଂ ଏବଂ ଗ୍ରାସ୍ ମାଧ୍ୟମରେ ଓଭରବର୍ଡେନ ଡମ୍ପଗୁଡିକୁ ସ୍ଥିର କରାଯାଇ ଥିବାବେଳେ ଧାନବାଦ ସ୍ଥିତ ଆଇଆଇଟି (ଆଇଏସ୍‌ଏମ୍) ସହ ବୈଜ୍ଞାନିକ ସହଯୋଗରେ ସ୍ଲୋପ୍ ସ୍ଥିରୀକରଣ ଏବଂ ଖଣି ଜଳ ପରିଚାଳନାକୁ ସହଜ କରାଯାଇଥିଲା। ଆଇଏସ୍‌ଓ ପ୍ରମାଣପତ୍ର, ବୈଧାନିକ ନିୟମର ଅନୁପାଳନ, ନିୟମିତ ସଚେତନତା କାର୍ଯ୍ୟକ୍ରମ ଏବଂ ଶହେ ପ୍ରତିଶତ ଅଭିଯୋଗ ସମାଧାନ ଦ୍ୱାରା ସମର୍ଥିତ ବିଓଏମ୍ ସ୍ଥାୟୀ ଏବଂ ପରିବେଶଗତ ଭାବେ ଦାୟିତ୍ୱପୂର୍ଣ୍ଣ ଖଣି କ୍ଷେତ୍ରରେ ଉଚ୍ଚ ମାନଦଣ୍ଡ ସ୍ଥାପନ କରୁଛି।

## ଘର ବିକିବା ଆଳରେ ଠକେଇ, ୨ ଗିରଫ

ରାଉରକେଲା,୧୮।୯(ସଙ୍ଗୀତା ଜେନା):

ଘର ବିକିବା ଆଳରେ ଛେଣ୍ଡ ଥାନା ଅଧୀନ ଫେଜ୍-୧ରେ ଜଣେ ମହିଳାଙ୍କୁ ଠକେଇ କରାଯାଇଛି। ଅଭିଯୋଗକାରିଣୀ ୨୦୨୦ରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ଏଥିରେ ସମ୍ପୃକ୍ତି ନେଇ ଗୁରୁବାର ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ଅଞ୍ଚଳ ଅଲଣାହାଟ ଗ୍ରାମ ତଥା ରାଉରକେଲା ଚିନ୍ମୟ ସ୍କୁଲ ନିକଟରେ ରହୁଥିବା ଅଜୟ ମହାନ୍ତି (୫୮) ଓ ଛେଣ୍ଡ ଫେଜ୍-୧ର ତେଜ୍ ଫ୍ରାନସିସ୍ (୫୮)। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୭/୨୫) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସୁଦେଷ୍ଣା ପାଢ଼ୀ (୬୬) ଫେଜ୍-୧ରେ ଥିବା ଏକ ଘର କିଣିବା ପାଇଁ ଏହି ଦୁଇ ଅଭିଯୁକ୍ତଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଘର ବାବଦକୁ ୩୮ ଲକ୍ଷ ୭୧ ହଜାର ଟଙ୍କା ପାଇଁ ଚୂଡାନ୍ତ ହୋଇଥିଲା। ପାଢୀ ପ୍ରଥମ କିସ୍ତିରେ ୧୦ ଲକ୍ଷ ଟଙ୍କା ପଇଠ କରିବା ପରେ ୨୦୨୧ରେ ଘର ମାଲିକାଣୀ ଇନ୍ଦୁମତି ମହାନ୍ତିଙ୍କ ସହ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ବଳକା ଟଙ୍କାକୁ ଅଜୟ ଚେକ୍, ୟୁପିଆଇ ମାଧ୍ୟମରେ ନେଇଥିଲେ। ପରେ ପାଢୀ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସେ ଉକ୍ତ ଦୁଇଜଣଙ୍କୁ ଭେଟିବାକୁ ଚାହିଁଥିଲେ ମଧ୍ୟ ସେମାନେ ଧରାଛୁଆଁ ଦେଇ ନ ଥିଲେ। ଫଳରେ ପାଢୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ପୋଲିସ ମାମଲାର ତଦନ୍ତ କରିଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜୁଛି।

## ସାଇକ୍ଲିଷ୍ଟ ସୁଶୀଲ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୧୮।୯(ଦିନେଶ ମିଶ୍ର)


ସାଇକ୍ଲିଷ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବାସନ୍ତୀ କଲୋନି ସଂଘ ପରିସରରେ ଓଡ଼ିଶା ସାଇକ୍ଲିଂ ସଂଘ ଉପସଭାପତି ନରସିଂହ ସାହୁଙ୍କ ନେତୃତ୍ୱରେ ସାଇକ୍ଲିଷ୍ଟ ସୁଶିଲ ଦାସଙ୍କ ବିୟୋଗରେ ଗୁରୁବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓଡ଼ିଶା ସାଇକ୍ଲିଂ ସଂଘ, ସୁନ୍ଦରଗଡ ସାଇକ୍ଲିଂ ସଂଘ ଓ ରାଉରକେଲା ସାଇକ୍ଲିଂ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ଗୋପୀନାଥ ପଣ୍ଡା, ଆରତୀ ଚୌଧୁରୀ, ପ୍ରମୋଦ ବେହେରା, ସୁଶାନ୍ତ ବେହେରା, ଗୀତା ବାନାର୍ଜୀ, ବର୍ଷା ବାନାର୍ଜୀ, ଶିବାନୀ ସାହା, ରୀୟା କୁମାରୀ, ଅଙ୍କିତ ବଡିଆ, ଜୟ ପାଲ ପ୍ରମୁଖ ଉପସ୍ଥିତ ରହି ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସୁଶିଲ ଜଣେ ଭଲ କୋଚ୍ ସହ ଓଡ଼ିଶା ସାଇକ୍ଲିଂ ସଂଘର ଯୁଗ୍ମ ସମ୍ପାଦକ ଥିଲେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରି ସମୟରେ ନିଜର ପ୍ରଶିକ୍ଷଣ ଦ୍ୱାରା ଦିନେଶ କୁମାର ସିଂ ଓ ସ୍ୱସ୍ତି ସିଂଙ୍କ ଭଳି ଆନ୍ତର୍ଜାତୀୟ ସାଇକ୍ଲିଷ୍ଟ ସୃଷ୍ଟି କରିଥିଲେ। ସ୍ୱର୍ଗତ ସୁଶିଲ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ଥିଲେ ବୋଲି ମତପ୍ରକାଶ ପାଇଥିଲା।

## ସୁଶୀଳାବତୀ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ


କଲେଜ ପରିସରରେ ବୃକ୍ଷରୋପଣ କରାଯାଉଛି।

ରାଉରକେଲା,୧୮।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରେଡ୍‌କ୍ରସ୍ ଏବଂ ରୋଭର ରେଞ୍ଜର୍‌ର ମିଳିତ ସୌଜନ୍ୟରେ ବୁଧବାର ଏକ ପେଡ୍ ମାଁ କେ ନାମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଇପ୍‌ସିବା ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ସାରା ଭାରତ ବର୍ଷରେ ଏହି ଅଭିଯାନ କରାଯାଉଛି। ଏହା ଦେଶରେ ସବୁଜ କ୍ରାନ୍ତି ସୃଷ୍ଟି କରିବ ବୋଲି ସେ କହିଥିଲେ। ପରେ କଲେଜ ପରିସରରେ ଆମ୍ୱ, ନିମ୍ବ ଏବଂ ପିଜୁଳି ଆଦି ବୃକ୍ଷ ଚାରାରୋପଣ ହୋଇଥିଲା। କାର୍ଯ୍ୟକ୍ରମରେ ସେକ୍ଟର-୩ ଥାନାଧିକାରିଣୀ ଲିଲି କୁମାରି ମୁର୍ମୁ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ସାଇକ୍ଲିଷ୍ଟଙ୍କ ପରଲୋକ

ରାଉରକେଲା,୧୮।୯(ସଙ୍ଗୀତା ଜେନା):



ରାଉରକେଲା ଇସ୍ପାତ କାରଖାନା, ରାଜ୍ୟ ତଥା ଅନ୍ତର୍ଜାତୀୟ ସ୍ତରରେ ସାଇକ୍ଲିଷ୍ଟ ଭାବେ ଖ୍ୟାତି ଲାଭ କରିଥିବା ରୋଡ୍ କିଙ୍ଗ୍ ସୁଶୀଲ ଦାସଙ୍କ (୬୦) ଗୁରୁବାର ପୂର୍ବାହ୍ନ ୧୧ଟାରେ ପରଲୋକ ହୋଇଛି। ସେ କଟକ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରଲୋକରେ କ୍ରୀଡ଼ାପ୍ରେମୀ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଦାସ ତାଙ୍କ ଖେଳ ଜୀବନରେ, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ରେକର୍ଡ ହାସଲ କରିବାରେ ସକ୍ଷମ ହୋଇଥିଲେ। ୧୯୮୫ରେ ଇଜିପ୍ଟରେ ରୋଡ୍ ରେସ୍‌ରେ ସେ ଅଂଶଗ୍ରହଣ କରିଥିଲେ। ସେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସ୍ୱାତୀ ସିଂହ ଏବଂ ଦିନେଶ କୁମାରଙ୍କୁ ତାଲିମ ପ୍ରଦାନ କରି ଖେଳ ରତ୍ନ ଭାବେ ଗଢ଼ିତୋଳିଥିଲେ। ସେ ରାଉରକେଲା ସେକ୍ଟର-୧୪ ସ୍ଥିତ ବାସଭବନରେ ପତ୍ନୀ ଓ ୨ ସନ୍ତାନଙ୍କ ସହ ରହୁଥିଲେ। ପ୍ରାୟ ୨ ମାସ ତଳେ ସେ ବୃକକ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ସାଇକ୍ଲିଷ୍ଟ ସୌମେନ୍ଦ୍ର ସିଂହ, ସୁବାସ ଚନ୍ଦ୍ର ଦାଶ, ଶରତ ଚନ୍ଦ୍ର ଦାସ, ସୁଧୀର ଚନ୍ଦ୍ର ଦାସ, ନୃସିଂହ ସାହୁ, ସୂର୍ଯ୍ୟ ପାଢ଼ୀ, ଆରତୀ ପତି, ନିହାର ଜେନା, ପ୍ରଦୀପ ଦାସ, ଦେବାଶିଷ ଜେନା, ଦେବଯାନୀ ଜେନା, ପଞ୍ଚାନନ ଗନ୍ତାୟତ, ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନର ଦେବଦତ୍ତ ଜେନାଙ୍କ ସମେତ ବରିଷ୍ଠ ଖେଳାଳି ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ରୟାଲ ଏନ୍‌ଫିଲ୍ଡ ମେଟିଅର ୨୫୦ ଉନ୍ମୋଚିତ

ରାଉରକେଲା,୧୮।୯(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ରୟାଲ ଏନ୍‌ଫିଲ୍ଡ ଶୋ'ରୁମ୍ ପରିସରରେ ଓଡିଶା ବଜାରକୁ ଆସିଥିବା ନୂଆ ମେଟିଅର ୨୫୦ ବୁଧବାର ଉନ୍ମୋଚିତ ହୋଇଛି। ଏହି ବାଇକ୍ ସୁପରନାଭା, ଷ୍ଟେଲର, ଫାୟାରବଲ୍ ଓ ଅରୋରା ଭଳି ଭାରିଆଣ୍ଟ ଶୋ'ରୁମ୍‌ରେ ଉପଲବ୍ଧ ରହିଛି। ଏହି ବାଇକ୍‌ରେ ସ୍ୱତନ୍ତ୍ର ଏଲ୍‌ଇଡି ହେଡ୍‌ଲାଇଟ୍, ଏଲ୍‌ଇଡି ଇଣ୍ଡିକେଟର, ଟ୍ରିପର ପନ୍, ଷ୍ଟାଣ୍ଡାର୍ଡ ଫିଟ୍‌ମେଣ୍ଟ ଅଛି। ସେହିଭଳି ବାଇକ୍‌ରେ ଫାଷ୍ଟ ଚାର୍ଜିଂ ଲାଗି ଏଥିରେ ଟାଇପ୍ ସି ପୋର୍ଟ ମଧ୍ୟ ମିଳିବ। ସିଷ୍ଟ ଓ ଆସିଷ୍ଟକ୍ଲଚ ଯୋଗୁ ଏହା ବ୍ୟବହାର ଲାଗି ଅଧିକ ସହଜ ହେବ। ମେଟିଅର ୩୫୦ ମଡେଲଟି ଗ୍ରାହକଙ୍କ ମଧ୍ୟରେ ଏହାକୁ ଲୁକ୍‌କୁ ନେଇ ଲୋକପ୍ରିୟତା ହାସଲ କରିଛି। ଏହି ବାଇକ୍‌ର ୫ ଲକ୍ଷ ଗ୍ରାହକ ରହିଛନ୍ତି। ଆସନ୍ତା ୨୨ ତାରିଖରୁ ପ୍ରତ୍ୟେକ ଗାଡ଼ି ଉପରେ ଜିଏସ୍‌ଟି ଛାଡ ଯୋଗୁ ଗ୍ରାହକ ପ୍ରାୟ ୧୫ରୁ ୩୦ ହଜାର ଟଙ୍କା ଭିତରେ ରିହାତି ପାଇପାରିବେ ବୋଲି ଡିଷ୍ଟ୍ରିବ୍ୟୁଟର୍ସ ମାଲିକ ନବକିଶୋର ଶତପଥୀ କହିଛନ୍ତି। ତେଣୁ ଦୁର୍ଗାପୂଜା ବଜାରରେ ଏହାର ଭରପୁର ଫାଇଦା ନେବା ପାଇଁ ଶୋ'ରୁମ୍ ମାଲିକଙ୍କ ପକ୍ଷରୁ ନିବେଦନ କରାଯାଇଛି। ବାଇକ୍ ଉନ୍ମୋଚନ ସମୟରେ ରୟାଲ ଏନ୍‌ଫିଲ୍ଡର ଡିଷ୍ଟ୍ରିବ୍ୟୁଟର୍ସ ଶତପଥୀଙ୍କ ସମେତ ଶୁଭ୍ରାଂଶୁ ଶତପଥୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଶୋ'ରୁମ୍‌ରେ ବାଇକ୍‌କୁ ଉନ୍ମୋଚନ କରାଯାଉଛି।

## ସ୍ଥିରତା, ଅଭିବୃଦ୍ଧି ପାଇଁ ରଣନୈତିକ ରୋଡ୍‌ମ୍ୟାପ୍‌କୁ ଗୁରୁତ୍ୱ


ବୈଠକରେ ମଞ୍ଚାସୀନ ଅତିଥି।

ରାଉରକେଲା,୧୮।୯(ବିପ୍ଲବ ରଞ୍ଜନ ଦାଶ)

ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ୍) ପକ୍ଷରୁ ନୂଆଦିଲ୍ଲୀର ଚିନ୍ମୟ ମିଶନରେ ଏହାର ୫୩ତମ ବାର୍ଷିକ ସାଧାରଣ ବୈଠକ ଆୟୋଜନ ହୋଇଥିଲା। ବୈଠକରେ ସେଲ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ଏକ ଆଭାସୀ ପ୍ଲାଟଫର୍ମ ମାଧ୍ୟମରେ ଅଂଶଧାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କମ୍ପାନୀର ସ୍ଥିରତା ପ୍ରଦର୍ଶନ ଏବଂ ଭବିଷ୍ୟତ ଅଭିବୃଦ୍ଧି ପାଇଁ ଏହାର ରଣନୈତିକ ରୋଡ୍‌ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ସେଲ୍ ଅଧ୍ୟକ୍ଷ କହିଥିଲେ, ଦୃଢତା, ସ୍ଥିରତା ଏବଂ ସ୍ଥାୟୀ ଗୁଣାବଳୀ ପାଇଁ ଇସ୍ପାତକୁ ପ୍ରାୟତଃ ଆଧୁନିକ ସଭ୍ୟତାର ମେରୁଦଣ୍ଡ ବୋଲି କୁହାଯାଏ। ଇସ୍ପାତ ସଦୃଶ ଆମର କମ୍ପାନୀ ମଧ୍ୟ ଅଗ୍ନି ଦ୍ୱାରା ପରୀକ୍ଷିତ ଆହ୍ୱାନ ଦ୍ୱାରା ଆକୃତିପ୍ରାପ୍ତ ଏବଂ ଅଭିଜ୍ଞତା ଦ୍ୱାରା ସଶକ୍ତ ହୋଇଛି। ୨୦୪୭ ସୁଦ୍ଧା ସେଲ୍ ବିକଶିତ ଭାରତର ବିକାଶ ଯାତ୍ରାରେ ସାକ୍ଷୀ ହେବା ସହିତ ପ୍ରମୁଖ ଅଂଶୀଦାର ଭାବେ ଦୃଢତାର ସହ ଠିଆ ହେବ। ଦେଶ ନିର୍ମାଣରେ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୋହରାଇବା ସହିତ ଏହାର ଭିତ୍ତିଭୂମି, ରେଳବାଇ, ପ୍ରତିରକ୍ଷା, ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ସେଲ୍ ଇସ୍ପାତ ଯୋଗାଇ ଦେଇଛି ବୋଲି ସେ ଉଲ୍ଲେଖ କରିଥିଲେ। ସେଲ ନିର୍ମିତ ଇସ୍ପାତ ସାରା ଭାରତର ଅଭିବୃଦ୍ଧି କାହାଣୀର କେନ୍ଦ୍ର ବିନ୍ଦୁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ଜାତୀୟ ଇସ୍ପାତ ନୀତି ଦ୍ୱାରା ପରିଚାଳିତ କମ୍ପାନୀ ନିଜ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଛି, ଯେଉଁଠାରେ ଆଗାମୀ ପ୍ରକଳ୍ପ ଗୁଡିକ ଆରମ୍ଭରୁ ସବୁଜ ପ୍ରଯୁକ୍ତିବିଦ୍ୟା, ଦକ୍ଷ ଲଜିଷ୍ଟିକ୍ସ ଏବଂ ଗ୍ରାହକ କୈନ୍ଦ୍ରିକ ସମାଧାନ ଗୁଡିକୁ ଏକୀକୃତ କରିବ। ଏହି ଯାତ୍ରା ପ୍ରଯୁକ୍ତିବିଦ୍ୟା, ଡିଜିଟାଲାଇଜେଶନ, ସ୍ଥାୟିତ୍ୱ ଏବଂ ସର୍ବୋପରି ଲୋକଙ୍କ ଉପରେ ଆଧାରିତ ହେବ। କମ୍ପାନୀର ସ୍ଥାୟିତ୍ୱ ପ୍ରତି ଥିବା ପ୍ରତିବଦ୍ଧତା ଉପରେ ଆଲୋକପାତ କରି ପ୍ରକାଶ କହିଥିଲେ, ସେଲ୍ ହାଇଡ୍ରୋଜେନ ଆଧାରିତ ଇସ୍ପାତ ନିର୍ମାଣ ପରୀକ୍ଷଣ, କାର୍ବନ କ୍ୟାପ୍‌ଚର, ବ୍ୟବହାର ଏବଂ ସଂରକ୍ଷଣ (ସିସିଇଉଏସ), ବୟୋଚାର ଇଞ୍ଜେକ୍ସନ ଏବଂ ନବୀକରଣୀୟ ଶକ୍ତି ପଦକ୍ଷେପ ମାଧ୍ୟମରେ ତାର ସବୁଜ ଇସ୍ପାତ ଯାତ୍ରାକୁ ଆଗକୁ ନେଇଛି। ଜଳବାୟୁ ପରିବର୍ତ୍ତନ ଆମ ଶିଳ୍ପ ପାଇଁ ଏକ ନିର୍ଣ୍ଣାୟକ ଆହ୍ୱାନ। ସମଗ୍ର ବିଶ୍ୱ ଏକ ସବୁଜ ପରିବର୍ତ୍ତନ ମଧ୍ୟସ୍ଥାନରେ ଅବସ୍ଥିତ ଏବଂ ସେଲ୍ ଏହି ପରିବର୍ତ୍ତନର ସର୍ବାଗ୍ରେ ରହିବାକୁ ପ୍ରତିଶ୍ରୁତିବଦ୍ଧ। ଭବିଷ୍ୟତ ପାଇଁ ପ୍ରସ୍ତୁତ ସଙ୍ଗଠନ ନିମନ୍ତେ ଦୁଇଟି ପରିବର୍ତ୍ତନକାରୀ କାର୍ଯ୍ୟକ୍ରମ-ଡିଜିଟାଲ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତନମ୍ ଏବଂ ମାନବ ସମ୍ବଳ ପରିବର୍ତ୍ତନ ପାଇଁ ସେଲ୍ ଦର୍ପଣ ଆରମ୍ଭ କରାଯାଇଛି। ଯାହାର ଲକ୍ଷ୍ୟ କମ୍ପାନୀର କାରଖାନା ଏବଂ ଖଣି ଗୁଡିକରେ ଏକ ସ୍ଥିର ଏବଂ ଆତ୍ମନିରନ୍ତର ଇକୋସିଷ୍ଟମ ସୃଷ୍ଟି କରିବା। ସେଲ୍ ଆସନ୍ତାକାଲି ପାଇଁ ପ୍ରସ୍ତୁତ। ମୁଁ ନିଶ୍ଚିତ ଯେ ସେଲ୍ ଆହୁରି ଶକ୍ତିଶାଳୀ ହୋଇ ଉତ୍କର୍ଷତା ହାସଲ କରିବା ପାଇଁ ସ୍ଥିରତା, କ୍ଷମତା ଏବଂ ଦୃଷ୍ଟିକୋଣ ବହନ କରୁଛି ବୋଲି ସେ କହିଥିଲେ।

## ଚୋରି ଅଭିଯୋଗରେ ୪ ଗିରଫ

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ)- ଝାରସୁଗୁଡ଼ା ଜିଲା ବଡ଼ମାଲ ଅଞ୍ଚଳରୁ ସେଣ୍ଟ୍ରିଂ ପ୍ଲେଟ୍ ଚୋରି କରିବା ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ବିମାନ ବନ୍ଦର ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଅର୍ଜୁନ ଓରାମ, କୁନୁ ଓରାମ, କୁମର ଓରାମ, ବିଜୟ ନାୟକ। ସେମାନଙ୍କ ନିକଟରୁ ଏକ ଅଟୋ ଓ ୧୦ଟି ସେଣ୍ଟ୍ରିଂ ପ୍ଲେଟ୍ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

# ବାରକୋଟ ବ୍ଲକ କାର୍ଯ୍ୟାଳୟ ଘେରାଉ

### ସିଏଲ୍ଏଫ୍, ଜିପିଏଲ୍ଏଫ୍ ପୁନର୍ଗଠନକୁ ବିରୋଧ

ଦେବଗଡ଼,୧୮।୯(ଶଶାଙ୍କ ଶେଖର ଝାଙ୍କର)

ସିଏଲ୍ଏଫ୍ ଏବଂ ଜିପିଏଲ୍ଏଫ୍ ପୁନର୍ଗଠନ ପାଇଁ ସରକାର ନିର୍ଦ୍ଦେଶ ଜାରୀ କରିଛନ୍ତି। ଫଳରେ ଇସିମାନଙ୍କ ମଧ୍ୟରେ ଭାଳେଣୀ ପଡିବାସହ ଏହାକୁ ସେମାନେ ବିରୋଧ କରିଛନ୍ତି। ଗୁରୁବାର ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ୨୪ଟି ଗ୍ରାମପଞ୍ଚାୟତର ସିଏଲ୍ଏଫ୍ ଏବଂ ଜିପିଏଲ୍ଏଫ୍ର ଇସିମାନେ ଏହାକୁ ବିରୋଧକରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ମର୍ମରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାରକୋଟ ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଇସିଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ସରକାର ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ସହଜ କିସ୍ତି ଋଣରେ ସ୍କୁଟି ପ୍ରଦାନର ବ୍ୟବସ୍ଥା କରିଥିଲେ। ଇତିମଧ୍ୟରେ ନୂତନ ସରକାର ପୁନର୍ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ସେମାନେ ୪ ବର୍ଷିଆ କିସ୍ତିରେ ସ୍କୁଟି ନେଇଥିବାରୁ ଆହୁରି ୨ ବର୍ଷର ଋଣ କିସ୍ତି ବାକି ରହିଛି। ଅନ୍ୟପକ୍ଷରେ ସେମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଋଣ ପରିଶୋଧ କରିବା ପାଇଁ ସେମାନେ ଚିନ୍ତିତ ହୋଇପଡିଛନ୍ତି। ଏଣୁ ଏହାକୁ ବିଚାରକୁ ନେଇ ସରକାର ତୁରନ୍ତ ପୁନର୍ଗଠନ ନ କରି ସେମାନଙ୍କ କାର୍ଯ୍ୟକାଳକୁ ଆଉ ଅନୁନ୍ୟ ୨ବର୍ଷ ବୃଦ୍ଧି କରିବା ଉଚିତ୍ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।


ବାରକୋଟ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ବ୍ରଜରାଜନଗର, ୧୮।୯ (ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଜୱାହର ନଗର କଲୋନୀରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କମିଟିର ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ପୂଜାକୁ ସରସ ସୁନ୍ଦର କରାଯିବା ଉପରେ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ପୂଜା ପେଣ୍ଡାଲ ସାଜସଜ୍ଜା ପାଇଁ ୪ ଲକ୍ଷ ୫୦ ହଜାର, ଆଲୋକ ସଜ୍ଜା ପାଇଁ ୧ ଲକ୍ଷ ୩୦ ହଜାର, ୫ ଦିନ ଧରି ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ୨ ଲକ୍ଷ ୫୦ ହଜାର, ମୂର୍ତ୍ତି ପାଇଁ ୫୦ ହଜାର, ଫୁଲସଜ୍ଜା ବାବଦକୁ ୫୦ ହଜାର, ଭସାଣି ପାଇଁ ୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ବୈଠକରେ କମିଟି ସମ୍ପାଦକ ପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ରାଜୀବ କୁମାର ସିଂହ, ସୁରେନ୍ଦ୍ର ଚୌଧୁରୀ, ସଞ୍ଜୀବ ପ୍ରଧାନ, ସୁରଜ ଶର୍ମା, ପ୍ରସନ୍ନ ଚୌଧୁରୀ, ଚାନ୍ଦୁରାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବ୍ରଜରାଜନଗର ପୌରାଞ୍ଚଳରେ ଦୁର୍ଗାପୂଜା ପରେ ଏକମାତ୍ର ଗଜଲକ୍ଷ୍ମୀ ପୂଜା ହୋଇଥାଏ। ତେଣୁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ସେମାନଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ପୂଜା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ଆଇଏଏସ୍ ଅଧିକାରୀ ପ୍ରଜ୍ଞାନନ୍ଦ ଗିରି ଝାରସୁଗୁଡ଼ା ପୌର ପରିଷଦର ନୂତନ ଇଓ



ଝାରସୁଗୁଡ଼ା, ୧୮।୯(ଆଶିଷ ରଞ୍ଜନ ଦାଶ)– ଝାରସୁଗୁଡ଼ା ପୌର ପରିଷଦର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଭାବେ ଆଇଏଏସ୍ ଅଧିକାରୀ (ପ୍ରୋବେଶନର) ପ୍ରଜ୍ଞାନନ୍ଦ ଗିରି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପ୍ରାୟ ୬ ମାସ ହେବ ଝାରସୁଗୁଡ଼ାରେ ଟ୍ରେନିଂ କରୁଛନ୍ତି। ତାଙ୍କର ଅଭିଜ୍ଞତା ବୃଦ୍ଧି ପାଇଁ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଏହି ଇଓ ଭାବରେ ଅବସ୍ଥାପିତ କରାଯାଇଛି। ସେ ଏହି ପଦବୀରେ ପ୍ରାୟ ୨୧ ଦିନ ରହିବେ। ଝାରସୁଗୁଡ଼ା ପୌର ପରିଷଦର ଇଓ ମାନସ ରଞ୍ଜନ ମଲ୍ଲିକ ଅତିରିକ୍ତ ଇଓ ଭାବେ କାର୍ଯ୍ୟ ତୁଲାଇବେ।

# ଏଲ୍.ଏନ୍. କଲେଜରେ ବିଶ୍ୱ ଓଜୋନ୍ ଦିବସ

ଝାରସୁଗୁଡ଼ା, ୧୮।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ (ଏଲ୍.ଏନ୍.) କଲେଜରେ ସାଇନ୍ସ ସୋସାଇଟି ପକ୍ଷରୁ ବିଶ୍ୱ ଓଜୋନ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର, ମୁଖ୍ୟବକ୍ତା ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସରୋଜ କୁଅଁର, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ନୀରଜ କୁମାର ପଟେଲ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୩୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ପାୟଲ ସା ପ୍ରଥମ, ପ୍ରଣୟ କୁମାର ଦ୍ୱିତୀୟ, ପୂଜା ସଉରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଛାତ୍ର ପ୍ରଣୟ କୁମାର, ଟୁକେଶ ପତ୍ର, ସ୍ନେହାରାଣୀ ପାଢ଼ୀ, ଟି. ସଞ୍ଜୀବନୀ ପିପିଟି ମାଧ୍ୟମରେ ଓଜୋନ୍ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇ ପରିବେଶ ପ୍ରଦୂଷଣ ମୁକ୍ତ ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଡ. ଗୀତାରାଣୀ ଦୀକ୍ଷିତ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ପୂର୍ଣ୍ଣିମାମୟୀ ଦାଶ, ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ସୋନମ ଗାନେରିୱାଲ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଭାରତ ଭବେଶ ପତି ଧନ୍ୟବାଦ ଦେଇଥିଲେ।


ପରିବେଶ ପ୍ରଦୂଷଣମୁକ୍ତ ପାଇଁ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଶପଥ ନେଉଛନ୍ତି।

## ସୋସିଆଲ ମିଡିଆରେ ହୀରାକୁଦ ବନ୍ଧର ଭିଡିଓ ଭାଇରାଲ

ସମ୍ବଲପୁର, ୧୮।୯(ଭବାନୀ ଶଙ୍କର ଭୋଇ)– ହୀରାକୁଦ ବନ୍ଧରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ସମୟରେ ଖବରଦାତାମାନଙ୍କୁ ବନ୍ଧ ପରିସରକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା। ହେଲେ ଗତ ବିଶ୍ୱକର୍ମା ପୂଜା ସମୟରେ ପୂଜା ଦେଖିବା ବାହାନାରେ ଲୋକଙ୍କୁ ଭିତରକୁ ଛଡ଼ାଯାଇଥିଲା। ଏବେ ସୋସିଆଲ ମିଡିଆରେ ହୀରାକୁଦ ବନ୍ଧ ଭିତରର ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି। ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ କଟକଣା ଜାରି କରାଯାଉଥିବାବେଳେ ଲୋକେ ହୀରାକୁଦ ବନ୍ଧର ଭିଡିଓ ଉତ୍ତୋଳନ କରି ତାହାକୁ ଭାଇରାଲ କରିବାକୁ କେମିତି ଅନୁମତି ଦିଆଯାଇଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ସମୟରେ ଗୁଗୁଲ ଜରିଆରେ ଯେ କୌଣସି ସ୍ଥାନର ଫଟୋ, ଭିଡିଓ ମିଳିବାରେ କୌଣସି ସମସ୍ୟା ନାହିଁ। ହୀରାକୁଦକୁ ନେଇ ସରକାରଙ୍କ ପକ୍ଷରୁ ରାଜ୍ୟର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ ହୀରାକୁଦ ବନ୍ଧ ନିକଟରେ ମୋବାଇଲରେ ଫଟୋ, ଭିଡିଓ ଉତ୍ତୋଳନ ଉପରେ କଟକଣା ଜାରି କରାଯାଇଛି। ଯାହାକୁ ନେଇ ଦ୍ୱନ୍ଦ ପ୍ରକାଶ ପାଇଛି। ସରକାର ଏବଂ ପ୍ରଶାସନ ପକ୍ଷରୁ ଏନେଇ ସ୍ୱଷ୍ଟ ନୀତି ତିଆରି କରାଯିବା ଜରୁରୀ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏନେଇ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ସୁଶିଲ କୁମାର ବେହେରାଙ୍କୁ ଫୋନ୍‌ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଏହାର ଉତ୍ତର ଦେଇ ନ ଥିଲେ ।


ହୀରାକୁଦ ବନ୍ଧ ଭିତରର ଭାଇରାଲ ହୋଇଥିବା ଦୃଶ୍ୟ।

# ଆସୁଛି ପାର୍ବଣ: ସ୍ଥିତି ସମୀକ୍ଷା କଲେ ଏସ୍‌ପି

ବେଲପାହାଡ଼,୧୮।୯ (ସୁବାସ ପ୍ରଧାନ)

ଆସନ୍ତା ପାର୍ବଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବାଇକ୍‌ରେ ବେଲପାହାଡ଼ ସହରର ଅପରାଧ ପ୍ରବଣ ଅଞ୍ଚଳ, ଷ୍ଟେଶନ ନିକଟ ଦୁର୍ଗାମଣ୍ଡପ, ଗୁମାଡେରା, ଟିଆର୍ଏଲ୍ ଦୁର୍ଗା ମଣ୍ଡପ, ବିଭିନ୍ନ ବଜାର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ପିପିଲିମାଲରେ ନିର୍ମିତ ନୂତନ ଥାନା ପରିଦର୍ଶନ କରିଛନ୍ତି। ଏହି ଅବସରରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ରହିଥିଲେ। ପାର୍ବଣ ପୂର୍ବରୁ ଏସ୍‌ପି ବାଇକ୍‌ରେ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ଘଟଣା ସହରରେ ଅପରାଧ ନିୟନ୍ତ୍ରଣ ଦିଗରେ ଅନେକ ସଫଳତା ମିଳିବ ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି।

# ଆଲୋକିତ ହେଲା ଜିଲା ମୁଖ୍ୟ ଡାକ୍ତରଖାନା ରାସ୍ତା


ଏସ୍‌ପି ଅଫିସ ଛକରୁ ମୁଖ୍ୟ ଡାକ୍ତରଖାନା ପର୍ଯ୍ୟନ୍ତ ରାସ୍ତାରେ ଜଳୁଥିବା ଲାଇଟ୍।

ଝାରସୁଗୁଡ଼ା,୧୮।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଏସ୍‌ପି ଅଫିସ୍ ଛକରୁ ଜିଲା ମୁଖ୍ୟ ଡାକ୍ତରଖାନା ରାସ୍ତା ଗୁରୁବାର ଆଲୋକିତ ହୋଇଛି। ଏହାଦ୍ୱାରା ରାତି ସମୟରେ ମୁଖ୍ୟ ଡାକ୍ତରଖାନାକୁ ଯାଉଥିବା ଜନସାଧାରଣଙ୍କ ସମେତ ଲଇକେରା, କିର୍ମିରା ଅଞ୍ଚଳର ଯାତ୍ରୀମାନେ ଉପକୃତ ହେବେ। ପ୍ରାୟ ୩ରୁ ୪ କିଲୋମିଟର ରାସ୍ତା ପର୍ଯ୍ୟନ୍ତ ହୋଇଥିବା ଏହି ଆଲୋକୀକରଣ ବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ରାସ୍ତା ପାର୍ଶ୍ୱରେ ଚାଲିଥିବା ଅସାମାଜିକ କାର୍ଯ୍ୟକଳାପ କମିବା ସମ୍ଭାବନା ରହିଛି।

ସୂଚନା ଅନୁଯାୟୀ, ୨୦୧୮ ଜାନୁଆରୀ ୪ରେ ବାଲିଯୋରିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ଉଦ୍‌ଘାଟିତ ହୋଇଥିଲା। ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ସୁଦ୍ଧା ଏସ୍‌ପି ଅଫିସ ଛକରୁ ଜିଲା ଡାକ୍ତରଖାନା ପର୍ଯ୍ୟନ୍ତ ଆଲୋକୀକରଣ ହୋଇପାରି ନ ଥିଲା। ଫଳରେ ରାତିବେଳା ଯାତାୟାତରେ ସମସ୍ୟା ହେବା ସହ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇଥିଲା। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ହସ୍ତକ୍ଷେପ କରିଥିଲେ। ପରେ ବିଧାୟକ ତ୍ରିପାଠୀ ଓ ପୌର ପରିଷଦର ମିଳିତ ଉଦ୍ୟମରେ ଗତ ୬ ତାରିଖରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆସି ଏସ୍‌ପି ଅଫିସ୍ ଛକରୁ ମୁଖ୍ୟ ଡାକ୍ତରଖାନା ରାସ୍ତାର ଆଲୋକୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଏହାପରେ ଉକ୍ତ ରାସ୍ତାରେ ଲାଇଟ୍ ଲାଗି ଆଲୋକୀକରଣ କରାଯାଇଛି। ଏନେଇ ବିଧାୟକ ତ୍ରିପାଠୀ କହିଛନ୍ତି, ଲୋକଙ୍କ ସୁବିଧା ନିମନ୍ତେ ଏହି ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଝାରସୁଗୁଡ଼ା ପାଇଁ ଆହୁରି ମାଷ୍ଟର ପ୍ଲାନ ରହିଛି, ଯାହା ଲୋକଙ୍କ ପାଇଁ ସମର୍ପିତ କରାଯିବ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ବେଲପାହାଡ଼ ୧୮।୯(ସୁବାସ ପ୍ରଧାନ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସଙ୍ଗୀତା ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଗଦାଧର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବରେ ମହିମା ମହାବିଦ୍ୟାଳୟର ସ୍ୱାଗତ ସାହୁ ଓ ସ୍ମରଣିକା ଦେବତା ଯୋଗଦେଇ ମୂଲ୍ୟାୟନ କରିଥିଲେ। ଏହି ପ୍ରତିଯୋଗିତାରେ ଲଖନପୁର ବ୍ଲକ ଅଞ୍ଚଳର ୨୭ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦାମୋଦର ଧୁରୁଆ, ହେମାନନ୍ଦ ଖଣ୍ଡା, ଘନଶ୍ୟାମ ଗଡତିଆ, ଦେବେନ୍ଦ୍ର ପ୍ରଧାନ, ସୁରଥ ବିଶ୍ୱାଳ, ସବିତା ତାଣ୍ଡିଆ, ପ୍ରଭାସିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୮୬ ବୋତଲ କଫ ସିରପ୍ ଜବତ: ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୮।୯(ପ୍ରମୋଦ ବହିଦାର)

ବୁର୍ଲା ଥାନା ଅଞ୍ଚଳରେ ବେଆଇନ ଭାବେ ବିକ୍ରି ହେଉଥିବା ବ୍ୟାପକ ପରିମାଣର ନିଶା କଫ୍ ସିରପ୍ ସହ ନିଶା ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧନୁପାଲି ଥାନା ଅନ୍ତର୍ଗତ କୁମ୍ଭାରପଡ଼ାର ମୂଳବାସିନ୍ଦା ତଥା ବର୍ତ୍ତମାନ ବୁର୍ଲା ଡାକ୍ତରୀ ହଷ୍ଟେଲ ନିକଟରେ ରହୁଥିବା ବିକାଶ କୁମାର ରାଉତ(୨୯)। ତାଙ୍କ ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୮୦ ବୋତଲ ସିଲ୍ଡ ଓ ୬ଟି ଠିପିଖୋଲା କଫ ସିରପ୍, ୩ଟି ବୋତଲ, ୩ ଷ୍ଟ୍ରିପ୍ ନିଶା ବଟିକା ସହିତ ୨୩ଟି ଦେଶୀ ମଦ ପାଉଚ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ବୁର୍ଲା ଥାନା ଅନ୍ତର୍ଗତ ହୀରାକୁଦ ରେଳ ଷ୍ଟେଶନ ନିକଟରେ ବେଆଇନ୍ ଭାବେ ଅପମିଶ୍ରିତ କଫ ସିରପ୍ ସହିତ ନିଶା ବଟିକା ଓ ଦେଶୀମଦ ବିକ୍ରି ହେଉଥିଲା। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଉକ୍ତ ସାମଗ୍ରୀ ଜବତ କରିବା ସହ ବିକାଶଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୪୧୩/୨୫) ରୁଜୁ ହୋଇଛି। ଅଭିଯୁକ୍ତ ବିକାଶଙ୍କ ନାମରେ ବୁର୍ଲା ଥାନାରେ ପୂର୍ବରୁ ୨ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।


ଗିରଫ ଅଭିଯୁକ୍ତ। ଜବତ ସାମଗ୍ରୀ।

# ସଂସ୍କୃତି କାର୍ଯ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୮।୯
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇ ଚାରାରୋପଣ କରିଥିଲେ।


ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଧିକାରୀ ଓ ଛାତ୍ରୀଛାତ୍ର।

# ସେବା, ସମର୍ପଣ, ସଂକଳ୍ପ ଅଭିଯାନ ଶୁଭାରମ୍ଭ

### ରକ୍ତଦାନ ଶିବିର, ଚାରାରୋପଣ, ୪୮ ଟିମ୍‌କୁ ଫୁଟ୍‌ବଲ ଓ ଜର୍ସି ପ୍ରଦାନ

ଦେବଗଡ଼,୧୮।୯(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ୍ କ୍ଲବ୍ ପକ୍ଷରୁ ସେବା, ସମର୍ପଣ ଓ ସଂକଳ୍ପ ଅଭିଯାନ ଦେବଗଡ଼ ଜିଲାର ବାରକୋଟ ବ୍ଲକ ସଦର ମହକୁମାରୁ ଶୁଭାରମ୍ଭ ହୋଇଛି। ଡଁରା ହାଇସ୍କୁଲ ପଡିଆରେ ଆୟୋଜିତ ଏହି ଅଭିଯାନର ଉଦ୍‌ଘାଟନୀ ଦିବସରେ କ୍ଲବ୍ ପକ୍ଷରୁ ଗୁରୁବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏଥିସହ ଡଁରା ହାଇସ୍କୁଲର ପଡିଆରେ ୭୫ଟି ଚାରାରୋପଣ କରାଯାଇଛି। ସେହିପରି ବାରକୋଟ ବ୍ଲକ ଅଧୀନ ୨୪ଟି ପଞ୍ଚାୟତର ୪୮ଟି ଫୁଟ୍‌ବଲ୍ ଟିମ୍‌କୁ ଗୋଟିଏ ଲେଖାଏ ଫୁଟ୍‌ବଲ୍ ସହିତ ସମସ୍ତ ଖେଳାଳୀଙ୍କୁ ଜର୍ସି ପ୍ରଦାନ କରାଯାଇଛି। ଦେବଗଡ଼ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ଏବଂ ଉପସଭାପତି ଭାରତ ଭୂଷଣ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ବହୁବିଧ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଜିଲା ଭାଜପା ଉପସଭାପତି ହରମୋହନ ପାଣି, ସତ୍ୟନାରାୟଣ ପାଣି, ବିରଞ୍ଚି ବେହେରା, ଫକୀର ମୋହନ ପ୍ରଧାନ, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରକୋଟ ବ୍ଲକ ଅଧୀନ ୩ଟି ମଣ୍ଡଳର ସଭାପତି ଅରୁଣ କୁମାର ମହାପାତ୍ର, ପ୍ରଭାତ କୁମାର ସାହୁ ଓ ବେଲାଳସେନ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦାରୁଆ ଓରାମ, ମଦନ ମୋହନ ପ୍ରଧାନ, ଭୋଲେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କ୍ଲବ୍‌ର ରବିଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଏବଂ ଭାଜପା କର୍ମକର୍ତ୍ତା ସହଯୋଗ କରିଥିଲେ। ଆଗାମୀ ଦିନରେ ଜିଲାର ତିଲେଇବଣି ଏବଂ ରିଆମାଳ ବ୍ଲକରେ ମଧ୍ୟ ଅନୁରୂପ ଭାବେ ଜନହିତକର କାର୍ଯ୍ୟକ୍ରମ କରାଯିବ ବୋଲି ରବିଚନ୍ଦ୍ର ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# କେନ୍ଦୁଝର ମାଇନର୍ସ ୪୫ ରନରେ ବିଜୟୀ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ କେନ୍ଦୁଝର ମାଇନର୍ସ ୪୫ ରନରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ଫଳରେ କେନ୍ଦୁଝର ଦଳ ୨ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି।

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

ଟସ୍ ଜିତି ବ୍ୟାଟିଂ ନେଇଥିବା କେନ୍ଦୁଝର ମାଇନର୍ସ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦେବବ୍ରତ ପ୍ରଧାନ ଖାତା ଖୋଲିପାରି ନ ଥିବାବେଳେ ଓମ୍ ଟି. ମୁଣ୍ଡେ ୨୨, ବିଶ୍ୱଭୂଷଣ ବିହାରୀ ୧୧ ଓ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୪ ରନ କରି ଆଉଟ ହେବାରୁ ୪୫ ରନ ମଧ୍ୟରେ ଦଳର ୪ ଉଇକେଟ ପଡ଼ି ଯାଇଥିଲା। ମିଡିଲ ଅର୍ଡରରେ ୪୮ ଓ ଅନିଲ ପରିଡ଼ା ୩୮ ରନ କରିବାରୁ କେନ୍ଦୁଝର ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ବିପକ୍ଷ ଦଳର ମହମ୍ମଦ ଡାନିସ ୩୪ ରନ ଦେଇ ସର୍ବାଧିକ ୪ ଉଇକେଟ ସଫଳତା ପାଇଥିଲେ। ଉଦୟ ଜଟ ୨ଟି ଏବଂ ରାଜେଶ ମହାନ୍ତି ଓ ଆଶୁତୋଷ ଛୁରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୬୦ ରନ ବିଜୟ ଲକ୍ଷ୍ୟରେ ପୁରୀ ଟାଇଟନ୍ସ ୧୮.୧ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୨୫ ଓ କାର୍ତ୍ତିକ ବିଶ୍ୱାଳ ୨୩ ରନ କରିଥିବାବେଳେ ଅନ୍ୟ ବ୍ୟାଟରଙ୍କ ବିଫଳତା ଦଳ ପାଇଁ ବିପର୍ଯ୍ୟୟ ଆଣିଥିଲା। ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସର୍ବେଶ୍ୱର ମହାନ୍ତି ୨.୧ ଓଭର ସ୍ପେଲ୍‌ରେ ମାତ୍ର ୧୨ ରନ ବିନିମୟରେ ୫ ଉଇକେଟ ନେଇ ପୁରୀ ଦଳକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ସୟଦ ତୁଫେଲ ଅହମଦ ୨ଟି ଏବଂ ସୌମ୍ୟ ଲେଙ୍କା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୋଲିସ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଅତିଥିଭାବେ ଯୋଗଦେଇ ସର୍ବେଶ୍ୱର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



୫ ଉଇକେଟ ନେବା ଅବସରରେ ସର୍ବେଶ୍ୱର ମହାନ୍ତି।

### ବିଜୟ ସନ୍ତୋଷଜନକ: ପୋଦ୍ଦାର

"ଚଳିତ ସିଜନରେ ଏହା ଆମର ପ୍ରଥମ ମ୍ୟାଚ ଥିଲା। ଏଥିରେ ୪୫ ରନରେ ବିଜୟୀ ହୋଇଥିବାରୁ ମୁଁ ବହୁତ ଖୁସି। ଆମ ବ୍ୟାଟିଂ ବିଭାଗର ଲୋୟର ଅର୍ଡର ଉପଯୋଗୀ ଅବଦାନ ଯୋଗୁ ଆମେ ସମ୍ମାନଜନକ ସ୍କୋର କରିଥିଲୁ। ସର୍ବେଶ୍ୱର ଅତି ଚମତ୍କାର ବୋଲିଂ କଲେ। ଆମ ବୋଲିଂ ଆକ୍ରମଣକୁ ନେଇ ମୁଁ ଆତ୍ମବିଶ୍ୱାସରେ ଥିଲି। ସର୍ବେଶ୍ୱରଙ୍କ ସହ ସୌମ୍ୟ ରଞ୍ଜନ ଲେଙ୍କା, ପପୁ ରାୟ ଓ ସୟଦ ଅହମଦ ପ୍ରମୁଖ ସମସ୍ତଙ୍କୁ ବିଜୟର ଶ୍ରେୟ ଯିବ" ବୋଲି ମ୍ୟାଚ ପରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ରକାଶ କରିଛନ୍ତି।

# ଭାରତୀୟ ଫଏଲ୍ ଟିମ୍‌କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୮।୯ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ସୋଲୋଠାରେ ଅନୁଷ୍ଠିତ ପାରା ଫେନ୍‌ସିଂ ବିଶ୍ୱକପରେ ଭାରତୀୟ ପୁରୁଷ ଫଏଲ୍ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶାର ୩ ଫେନ୍‌ସର ରାଖାଲ କୁମାର ସେଠୀ, ଭି. ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରା ଭାରତୀୟ ଦଳର ସଦସ୍ୟ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ୨୦-୧୬ରେ ଇରାକ୍‌କୁ ହରାଇଥିବାବେଳେ ସେମିଫାଇନାଲରେ ଥାଇଲାଣ୍ଡଠାରୁ ୬-୨୦ରେ ହାରି ଯାଇଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଭାରତ ୨୦-୧୮ରେ ଜର୍ମାନୀକୁ ପରାସ୍ତ କରିଥିଲା। ଭାରତୀୟ ଦଳର ସଦସ୍ୟଭାବେ ପଦକ ଜିତିଥିବାରୁ ରାଖାଲ, ରମେଶ ଓ ଓମ୍ ପ୍ରକାଶଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।

## ପାରା ଫେନ୍‌ସିଂ ବିଶ୍ୱକପ୍



ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପାରା ଫେନ୍‌ସିଂ ଦଳ।

# ନବିଙ୍କ ବିସ୍ଫୋରକ ବ୍ୟାଟିଂ

**ଆବୁଧାବି,୧୮।୯**

ଚଳିତ ଏସିଆ କପ୍‌ରେ ଗୁରୁବାର ଖେଳାଯାଉଥିବା ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଛି। ଦଳ ପାଇଁ ମହମ୍ମଦ ନବି ସର୍ବାଧିକ ୬୦ (୩ ଚୌକା, ୬ ଛକା), ଇବ୍ରାହିମ ଜଦ୍ରାନ ୨୪, ସେଦିକୁଲା ଅଟଲ ୧୮ ଓ ରହମାନୁଲା ଗୁରବାଜ ୧୪ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ନୁୱାନ ଥୁସାରା ୩ ଉଇକେଟ ନେଇଥିବା ବେଳେ ଦୁଶମନ୍ଥା ଚମିରା, ଦୁନିଥ ୱେଲାଲାଗେ ଓ ଦାସୁନ ଶନକା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଏହି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍-ବି'ରୁ କେଉଁ ଦୁଇ ଦଳ ସୁପର-୪'ରେ ପ୍ରବେଶ କରିବେ, ତାହା ସ୍ପଷ୍ଟ ହେବ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୧୬୯/୮ (ମହମ୍ମଦ ନବି-୬୦, ରଶିଦ ଖାନ-୨୪, ଇବ୍ରାହିମ ଜଦ୍ରାନ-୨୪, ନୁୱାନ ଥୁସାରା-୪/୧୮)।



**ଟୋକିଓ:** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ ଫାଇନାଲ ପରେ ସ୍ୱର୍ଣ୍ଣ ପଦକ ବିଜେତା ତ୍ରିନିଦାଦ ଟେବାଗୋର କେଶୋର୍ନ ୱାଲ୍‌କଟ (ମଝି), ରୌପ୍ୟ ବିଜେତା ଗ୍ରେନେଡାର ଆଣ୍ଡରସନ ପିଟର୍ସ (ବାମ) ଏବଂ ବ୍ରୋଞ୍ଜ ବିଜେତା ଆମେରିକାର କର୍ଟିସ ଥମ୍ପସନ।

# ବିଶ୍ୱ ଚାମ୍ପିୟନଶିପ୍‌ରେ ନୀରଜ ୮ମ

**ଟୋକିଓ, ୧୮।୯ (ପି.ଟି.)**

ଗତଥରର ଚାମ୍ପିୟନ ନୀରଜ ଚୋପ୍ରା ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍ ଫାଇନାଲରେ ପରାଜିତ ହୋଇଛନ୍ତି। ଫାଇନାଲର ୫ମ ରାଉଣ୍ଡରେ ତାଙ୍କର ଶ୍ରେଷ୍ଠ ପ୍ରୟାଶ ଥିଲା ୮୪.୦୩ ମିଟର। ଫଳରେ ସେ ଓଭରଅଲ ୮ମ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି। କେବଳ ଶ୍ରେଷ୍ଠ ୬ ଆଥଲେଟ ୬ଷ୍ଠ ଓ ଫାଇନାଲ ରାଉଣ୍ଡରେ ଭାଗ ନେଇପାରିବେ। ଅଲିମ୍ପିକ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟରୁ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟଜଣେ ଭାରତୀୟ ସଚିନ ଯାଦବ କେବଳ ଟିକ୍ଷି ରହିଥିଲେ। ସେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୬.୨୭ ମିଟର ସହ ଓଭରଅଲ ଚତୁର୍ଥ ସ୍ଥାନରେ ଥିଲେ। ଏହି ଇଭେଣ୍ଟରେ ତ୍ରିନିଦାଦ ଓ ଟବାଗୋର କେଶୋରନ ୱାଲ୍‌କଟ (୮୮.୧୬ମିଟର) ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ସହ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୭.୩୮ ମିଟର) ଓ କୁର୍ଟିଷ୍ଟ ଥମ୍ପସନ (୮୬.୬୭)। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡ ପ୍ରୟାସ ୮୬.୨୭ ମିଟର ସହ ଭାରତର ସଚିନ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

# ମହିଳା ୪୦୦ ମି.ରେ ମ୍ୟାକ୍‌ଲାଫଲିନଙ୍କ ରେକର୍ଡ

**ଟୋକିଓ,୧୮।୯(ଏପି)**

ଆମେରିକାର ସିଡ୍‌ନୀ ମ୍ୟାକ୍‌ଲାଫଲିନ-ଲେଭ୍ରୋନ ଗତ ୪୦ ବର୍ଷରେ ପ୍ରଥମ ମହିଳା ଭାବେ ଗୁରୁବାର ୪୦୦ ମିଟର ଦୌଡ଼ରେ ୪୮ ସେକେଣ୍ଡ ବାଧା ଭଙ୍ଗ କରିଛନ୍ତି। ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବର୍ଷା ପ୍ରଭାବିତ ରେସ୍‌ରେ ସେ ୪୭.୭୮ ସେ. ଟାଇମିଂ ହାସଲ କରିଛନ୍ତି। ମ୍ୟାକ୍‌ଲାଫଲିନଙ୍କ ଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ଅଲିମ୍ପିକ ଚାମ୍ପିୟନ ଡୋମିନିକାର ମାରିଲେଡି ପାଉଲିନୋ (୪୭.୯୮ ସେ.) ମଧ୍ୟ ୪୮ ସେକେଣ୍ଡ ପୂର୍ବରୁ ରେସ ଶେଷ କରିଥିଲେ। ଦୁହେଁ ମହିଳା ୪୦୦ ମି. ରେସ ଇତିହାସରେ ଯଥାକ୍ରମେ ଦ୍ରୁତତମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ରେସରେ ଜର୍ମାନୀର ମାରିଟା କୋଚ୍ ୧୯୮୫ରେ ୪୭.୬୦ ଟାଇମିଂ ହାସଲ କରିଥିଲେ, ଯାହାକି ଆଜି ବି ଅତୁଟ ରହିଛି।

# ସାଇକ୍ଲିଂ କୋଚ୍ ସୁଶୀଲ କୁମାରଙ୍କ ବିୟୋଗ

**ଭୁବନେଶ୍ୱର,୧୮।୯(ଅନାଦି କର)**

ଓଡ଼ିଶାର ସୁନାମଧନ୍ୟ ସାଇକ୍ଲିଷ୍ଟ ତଥା କୋଚ୍ ସୁଶୀଲ କୁମାର ଦାସଙ୍କର ଗୁରୁବାର ପରଲୋକ ଘଟିଛି। ସେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ବୟସ ୬୦ ବର୍ଷ ହୋଇଥିଲା। ସାଇକ୍ଲିଷ୍ଟ ଭାବେ ୧୯୮୮ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ୧୪୦୦ କିମି ବିଶିଷ୍ଟ ସାଇକ୍ଲିଂ ଏକ୍ସପେଡିଶନ ଓଡ଼ିଶା ଆବିଷ୍କାରରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଥଲେଟ୍ ଭାବେ ଅବସର ନେବା ପରେ ସେ ସ୍ୱାତି ସିଂ ଓ ଦୀନେଶ କୁମାରଙ୍କ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସାଇକ୍ଲିଷ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୨୦୧୫ଠାରୁ ସେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ଉପ ସଭାପତି ରହିଥିଲେ।


ସୁଶୀଲ କୁମାର ଦାସ

# ସିନ୍ଧୁ, ସାତ୍ତ୍ୱିକ-ଚିରାଗ କ୍ୱାର୍ଟରରେ

**ଶେନ୍‌ଝେନ୍, ୧୮।୯ (ପି.ଟି.):** ଷ୍ଟାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ପୁରୁଷ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଯୋଡ଼ି ଚାଇନା ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ଅଲିମ୍ପିକ ପଦକବିଜେତା ସିନ୍ଧୁ ମାତ୍ର ୪୧ ମିନିଟରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ନିକଟରେ ହଂକଂ ଓପନ ଫାଇନାଲିଷ୍ଟ ଚାଇନିଜ ତାଇପେ ଯୋଡ଼ି ହିଆଙ୍ଗ ଚିହ୍ ଚିଉ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୨୧-୧୨ରେ ପରାସ୍ତ କରିବା ଲାଗି ମାତ୍ର ୩୨ ମିନିଟ ସମୟ ନେଇଥିଲେ। ସିନ୍ଧୁ ଏହି ବିଜୟ ସହ ଥାଇଲାଣ୍ଡ ଖେଳାଳିଙ୍କ ବିପକ୍ଷରେ ତାଙ୍କର ହେଡ୍-ଟୁ-ହେଡ୍ ରେକର୍ଡରେ ଉନ୍ନତି ଆଣିପାରିଛନ୍ତି। ବର୍ତ୍ତମାନ ତାହା ୬-୫ରେ ପହଞ୍ଚିଛି। ସିନ୍ଧୁ କ୍ୱାର୍ଟରଫାଇନାଲରେ ଟପ୍ ସିଡ୍ କୋରିଆର ଆନ୍ ସେ ୟଙ୍ଗଙ୍କୁ ଭେଟିବେ। ଆନ୍ ସେ ୨୩-୨୧, ୨୧-୧୪ରେ ଡେନମାର୍କର ମିଆ ବ୍ଲିଚ୍‌ଫିଲ୍ଡଙ୍କୁ ୨୩-୨୧, ୨୧-୧୪ରେ ହରାଇ ଦେଇଥିଲେ।

# ଡ୍ର ଅଭିମୁଖେ ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

**ଲକ୍ଷ୍ନୌ, ୧୮।୯ (ପି.ଟି.)**

ଭାରତ 'ଏ' ଦଳର ମିଳିତ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ 'ଏ' ବିପକ୍ଷ ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ତୃତୀୟ ଦଳ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୦୩ ରନ ସଂଗ୍ରହ କରିଛି। ଉଇକେଟକିପର ବ୍ୟାଟର ଧ୍ରୁବ ଜୁରେଲ ୧୧୩ ରନ କରି ଅପରାଜିତ ରହିଛନ୍ତି। ତାଙ୍କ ଶତକୀୟ ଇନିଂସରେ ସେ ୧୩୨ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ଲଗାଇଛନ୍ତି। ଅଧିନାୟକ ଶ୍ରେୟସ ଆୟର ମାତ୍ର ୮ରନ କରିଥିଲେ। ତେବେ ଦେବଦତ୍ତ ପଡିକଲ ୮୬, ବି. ସାଇ ସୁଦର୍ଶନ ୭୩, ଏନ୍. ଜଗଦିଶନ ୬୪ ରନ କରିଥିଲେ। ପୂର୍ବରୁ ଭ୍ରମଣକାରୀ ଦଳ ୫୩୨/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶୁକ୍ରବର ମ୍ୟାଚର ୪ର୍ଥ ତଥା ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ 'ଡ୍ର' ଆଡକୁ ମୁହାଁଇଛି।

## ଜୁରେଲଙ୍କ ଅପରାଜିତ ଶତକ




**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ: ୫୩୨/୬ (ଘୋଷଣା)। ଭାରତ 'ଏ' ପ୍ରଥମ ଇନିଂସ: ୧୦୩ ଓଭରରେ ୪୦୩/୪ ( ଏନ୍. ଜଗଦିଶନ-୬୪, ବି. ସାଇ ସୁଦର୍ଶନ-୭୩, ଦେବଦତ୍ତ ପଡିକଲ-୮୬, ଧ୍ରୁବ ଜୁରେଲ-୧୧୩*; ଲିଆମ୍ ସ୍କଟ-୧/୩୧)।

# ଏସିଆ କପ୍: ଆଜି ଭାରତ-ଓମାନ ମ୍ୟାଚ୍

**ଆବୁଧାବି,୧୮।୯(ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶୁକ୍ରବାର ଚଳିତ ଏସିଆ କପ୍‌ରେ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଓମାନକୁ ଭେଟିବ। ଭାରତ ପୂର୍ବରୁ ସୁପର-୪' ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଥିବାରୁ ଶେଖ୍ ଜାୟେଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଆସନ୍ତା ରବିବାର ଭାରତୀୟ ଦଳ ସୁପର-୪'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏଣୁ ଓମାନ ବିପକ୍ଷ ମ୍ୟାଚ୍ ଜରିଆରେ ଦଳୀୟ ବ୍ୟାଟରଙ୍କୁ ଭରପୂର ସୁଯୋଗ ଦେବା ଲକ୍ଷ୍ୟରେ ରହିବ ଟିମ ମ୍ୟାନେଜମେଣ୍ଟ। ଓପନର ଅଭିଷେକ ଶର୍ମା ପ୍ରଥମ ଦୁଇ ମ୍ୟାଚ୍‌ରେ ଦଳକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିବା ବେଳେ ଉପଅଧିନାୟକ ଶୁବମନ ଗିଲ ଟିକେ ଲମ୍ବା ସମୟ ଧରି ବ୍ୟାଟିଂ କରିପାରି ନାହାନ୍ତି। ଅଧିନାୟକ ସୂର୍ଯ୍ୟକୁମାର ପାକିସ୍ତାନ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ସେ ତିଲକ ବର୍ମାଙ୍କୁ ଅଧିକ ଗେମ୍ ଟାଇମ୍ ଦେବାକୁ ପସନ୍ଦ କରିପାରନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସଞ୍ଜୁ ସାମସନ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିନାହିଁ। ଭାରତ ଯଦି ଫାଇନାଲକୁ ଯାଏ, ତେବେ ଆସନ୍ତା ୭ ଦିନ ମଧ୍ୟରେ ୪ଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ଏଣୁ ଭାରତୀୟ ମିଡିଲ ଅର୍ଡର ବ୍ୟାଟରଙ୍କୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ ପୂର୍ବରୁ ଅଧିକ ଗେମ୍ ଟାଇମର ଆବଶ୍ୟକତା ରହିଛି। କିନ୍ତୁ ଭାରତୀୟ ଦଳର ବୋଲିଂ ଲାଇନ ଅପ୍ ଏତେ ଶକ୍ତିଶାଳୀ ଯେ, ଏହା ଆଗରେ ଜତିନ୍ଦର ସିଂଙ୍କ ନେତୃତ୍ୱାଧୀନ ଓମାନ ଦଳର ଏକ ଭଲ ସ୍କୋର କରିବାର ଖୁବ କମ୍ ସମ୍ଭାବନା ରହିଛି। ପାକିସ୍ତାନ ଓ ୟୁଏଇ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ଓମାନ ଯଥାକ୍ରମେ ୬୭ ଓ ୧୩୦ ରନ କରିଥିଲା। ଉଭୟ ମ୍ୟାଚ୍‌ରେ ଦଳର କୌଣସି ବ୍ୟାଟର ୩୦ ରନ କରିପାରି ନ ଥିଲେ। ଏହି ମ୍ୟାଚ୍ ଲାଗି ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ବିଶେଷ କୌଣସି ଏକ୍ସପେରିମେଣ୍ଟ ନ କରିପାରନ୍ତି। କିନ୍ତୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ଏଭଳି ପରିସ୍ଥିତିରେ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ଏକମାତ୍ର ସ୍ପେଶାଲିଷ୍ଟ ପେସର ଭାବେ ସାମିଲ କରାଯିବ। ଏହାଛଡ଼ା ବୋଲିଂ ଲାଇନ୍ ଅପ୍‌ରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ଜଣଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। ଏହି ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇପାରେ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ